ଟ.:୨୫

# ଆମରି ସତ୍ୟ

# AMARI SATYA

RNI Regn. No. - ODIODI/2010/35051
Postal Regd. No. : PURI-33/2019-21
ଏକାଦଶ ବର୍ଷ, ସପ୍ତମ ସଂଖ୍ୟା
ମାସିକ, ଜାନୁଆରୀ-୨୦୨୧, ପୃଷ୍ଠା ସଂଖ୍ୟା ୫୨



ଶ୍ରୀଜଗନ୍ନାଥଙ୍କ କରୁଣାରୁ
୨୦୨୧ ଇଂରାଜୀ ନବବର୍ଷରେ ଆପଣ
ସୁସ୍ଥ ଓ ଶାନ୍ତିରେ ରୁହନ୍ତୁ।
ଅନେକ ଅନେକ ଶୁଭେଚ୍ଛା
ଓ ଶୁଭ କାମନା।

ଆମରିସତ୍ୟ
ପରିବାର








## ଆମରିସତ୍ୟ
## ଆଜୀବନ ସଦସ୍ୟା



ଅଧ୍ୟାପିକା ମୋନାଲିସା ସାହୁ
ମଧୁପାଟଣା, କଟକ -୧୦


# SWOSTICK MEDICINE STORE

## ଶିଶୁ ଚିକିତ୍ସା



Time - Monday, Wednesday & saturday
4.30 pm to 7.30 pm
Tuesday 7.00 pm to 11.00 pm

ଏଠାରେ ମଳ, ମୂତ୍ର, ଧାତୁ, କଫ, ମଧୁମେହ
ଓ ରକ୍ତର ସମସ୍ତ ପ୍ରକାର ପରୀକ୍ଷା କରାଯାଏ

**Near Rotary Club, Mangala Nagar**
**Khurda, Odisha - 752 055**
**Mob. : 9861040340 / 7008659898**

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସଂପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ.ରଶ୍ମୀ ରଞ୍ଜନ ନାଥ
୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯


# ଆମରି ସତ୍ୟ

## AMARI SATYA


ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଏକାଦଶ ବର୍ଷ - ସପ୍ତମ ସଂଖ୍ୟା - ଜାନୁଆରୀ ୨୦୨୧**



**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ -**
**'ଆମରିସତ୍ୟ'**
ଏମ୍ - ୧/୫,
ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଖୋର୍ଦ୍ଧା -୭୫୨୦୫୭, ଓଡ଼ିଶା
ଦୂରଭାଷ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ,ଆମରିସତ୍ୟ
ପ୍ଲଟ ନଂ-ଏମ୍ -୫/୨୩ , ଆଶ୍ଚର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩ , ଜି-ଖୋର୍ଦ୍ଧା
ଦୂରଭାଷ : ୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳି କଲୋନୀ, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ଦୂରଭାଷ : ୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | | |
|---|---|---|
| ୧. | ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. | ବାର୍ଷିକ ଦେୟ | ଟ.୨୫୦/- |
| ୩. | ଦ୍ୱିବାର୍ଷିକ ଦେୟ | ଟ.୪୫୦/- |
| ୪. | ତ୍ରୟବାର୍ଷିକ ଦେୟ | ଟ.୬୫୦/- |
| ୫. | ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

ଡ. ନାରାୟଣ ରାଓ
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଡ. ଅଭୟ କୁମାର ନାୟକ
କୁଳସଚିବ, ନାଇଜର, ଭୁବନେଶ୍ୱର

ଡ.ଶରଚ୍ଚନ୍ଦ୍ର ମହାପାତ୍ର
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ

ଡା. ଧନେଶ୍ୱର ସାହୁ
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା

ଶ୍ରୀ ଭୀମସେନ ପ୍ରଧାନ
ଶିକ୍ଷାବିତ୍, ଖୋରଧା

ଶ୍ରୀ ଅନୀଲ କୁମାର ଶତପଥୀ
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

ଡ.ବିଷ୍ଣୁ ଚରଣ ସାହୁ
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର

ଡ. ଗୌରୀ ଶଙ୍କର ପ୍ରହରାଜ
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର

ଶ୍ରୀ ଜବାହରଲାଲ ସୁବୁଦ୍ଧି
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ

ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର - ୩୧୦୩୩୯୭୪୨୨୬
**IFSC-SBIN0012027, MICR-752002151**



'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।



**AMARISATYA**
**AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.**
**Website: www.amarisatya.in Email:amarisatya@gmail.com / amarisatya@rediffmail.com**

# ସୂଚୀପତ୍ର


| କ୍ର.ସଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ସକାଳ ବନ୍ଦନା | ରମେଶ ମଙ୍ଗରାଜ | ୦୪ |
| ୨. ସମ୍ପାଦକୀୟ | | ୦୫ |
| ୩. ହିତ ବାଣୀ | | ୦୬ |
| ୪. ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୭ |
| ୫. ଇତିହାସର ଆଇନାରେ | ଶ୍ରୀ ବିଭୂତିଭୂଷଣ ସେନାପତି | ୧୦ |
| ୬. ଚାହାଁ | ଶିବ ମିଶ୍ର | ୧୧ |
| ୭. ସ୍ୱଚ୍ଛ ଭାରତ | ସୋନାଲି ସାହୁ | ୧୧ |
| ୮. ନବ ଓଡ଼ିଶାର ନିର୍ମାତା | ସତ୍ୟବାଦୀ ବଳିଆରସିଂହ | ୧୨ |
| ୯. ବିପ୍ଳବୀ ବୀର ସୁରେନ୍ଦ୍ର ଓ ସୁଭାଷ | ପଦ୍ମନାଭ ସ୍ୱାଇଁ | ୧୬ |
| ୧୦. ପ୍ରୋଟିନ | ଡା.ଧନେଶ୍ୱର ସାହୁ | ୧୮ |
| ୧୧. ପ୍ରତିକାର | ରାମଶଙ୍କର | ୨୧ |
| ୧୨. ନୂତନ ବର୍ଷ ଆସିଛି | ଲୋହିତ ନାରାୟଣ ମହାପାତ | ୨୨ |
| ୧୩. ନୂଆ ବରଷଟି ଆସିଲାଣି | ଶ୍ରୀମତୀ ଅନୀତା ଦାଶ | ୨୩ |
| ୧୪. ଜୀବନ ଆସଇ ଯେରି | ଶ୍ରୀ ବିଜୟ କୁମାର ଜେନା | ୨୩ |
| ୧୫. କୁହୁଡ଼ିଆ ସକାଳ | ସୁଦର୍ଶନ ସାହୁ | ୨୪ |
| ୧୬. ଶବ୍ଦ ପ୍ରତିଶବ୍ଦ | ଦେବଯାନୀ ରାୟ | ୨୪ |
| ୧୭. କରନାହିଁ ଭ୍ରୁଣହତ୍ୟା | ନରେନ୍ଦ୍ର ପ୍ରସାଦ ବେହେରା | ୨୫ |
| ୧୮. ନିଦ ମାଉସୀ | ସୁମତୀ ଦେଇ | ୨୫ |
| ୧୯. ବିଗ୍ରର | ଡା.ଘନଶ୍ୟାମ ଜୈନ | ୨୬ |
| ୨୦. ଭୋକର ବନସ୍ତ | ପ୍ରମୋଦ କୁମାର ମହାନ୍ତି | ୨୭ |
| ୨୧. କାଶତଣ୍ଡୀ | ନାରାୟଣ ଦାସ | ୨୭ |
| ୨୨. ଅଂଗ ଅନୁରୂପ ଅଂଗର ଦୁନିଆ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୮ |
| ୨୩. କଥା କିଛି ସଦାଚରର | ଆରତି ମଞ୍ଜରୀ ଦାଶ | ୩୦ |
| ୨୪. ଜଶ୍'ଙ୍କ ଯଶ | ଅଭିଷେକ ରାୟ | ୩୧ |
| ୨୫. ଋଷି | ଡ. ସୁକାନ୍ତି ତ୍ରିପାଠୀ | ୩୧ |
| ୨୬. ତୁମକୁ ତ ଖୋଜିବାରେ | ଡ. ଲାବଣ୍ୟଚନ୍ଦ୍ର ସାହୁ | ୩୧ |
| ୨୭. ବଡ଼ ମଣିଷଙ୍କ ଜୀବନ କଥା - ୧ | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୩୨ |
| ୨୮. ସମୟ ନୁହଁଇ କାହାରି | ଗୋବିନ୍ଦ ଚନ୍ଦ୍ର ମହାରଣା | ୩୪ |
| ୨୯. ଜଙ୍ଗଲ ସୁରକ୍ଷା | ମଧୁସ୍ମିତା ପାଣିଗ୍ରାହୀ | ୩୪ |
| ୩୦. ଆମ ସଂସ୍କୃତିର ମହକ ହଜିଯାଉଛି | ହରୀଶଚନ୍ଦ୍ର ପୃଷ୍ଟି | ୩୫ |
| ୩୧. ଅନିନ୍ଦ୍ୟ ସୃଷ୍ଟି | ସୁବର୍ଣ୍ଣା ରାଉତ | ୩୭ |
| ୩୨. ଆସ ଆସ ଆମେ ସ୍ୱାଗତ କରିବା | ଉମାକାନ୍ତ ସାହୁ | ୩୮ |
| ୩୩. ବେଙ୍ଗଫୁଲା ପରି ଚିଙ୍ଗୁଡ଼ି | ମନୋଜ କୁମାର ମହାପାତ୍ର | ୩୯ |
| ୩୪. ମାଇକେଲ କିଣ୍ଡୋ | ଆଶିଷ କୁମାର ରାୟ | ୪୦ |
| ୩୫. ସମ୍ବାଦ ବିଚିତ୍ରା | | ୪୨ |
| ୩୬. ସାଧାରଣ ଜ୍ଞାନ | | ୪୩-୫୦ |

## ॥ ସକାଳ ବନ୍ଦନା : ସଂଜ

## ପ୍ରାର୍ଥନା-୫୩


### ରମେଶ ମଙ୍ଗରାଜ

ମୋ'ମନ ମନ୍ଦିର ମୁକୁଳା ରହିଛି
ପ୍ରଭୁ ତମେ ଥରେ ଆସିବାପାଇଁ
ଆଖିରେ ମୋହର ପଲକ ପଡୁନି
ତମରି ବାଟକୁ ରହିଛି ଚାହିଁ । ॥୦॥
ତମ ପାଦଥରେ ଦୁଆରେ ପଡ଼ିଲେ
ଧନ୍ୟ ହେବ ମୋର ପାପୀ ଜୀବନ
ତମରି ଦର୍ଶନ ମିଳିଗଲେ ଥରେ
ସତ ହୋଇଯିବ ସାତ ସପନ
ନିରୋଳାରେ ବସି ନିରବେ ଭାବୁଛି
ନିରାଶ ପ୍ରଭୁ ହେ' କରିବ ନାହିଁ । ॥୧॥
ମୋ'ମନ ମନ୍ଦିର...........
ଛାତିରେ ଲେଖିଛି ପ୍ରଭୁ ତୁମ ନାମ
ହୃଦ ସିଂହାସନ ରଖିଛି ଖାଲି
ଭଜନ ଗାଉଛି ଜଣାଣ କରୁଛି
ଅନ୍ତରେ ଭକତି ଦୀପାଳୀ ଜାଳି
ଶେଷ ଇଚ୍ଛା ମୋର ରଖିବ ସାଆନ୍ତେ
ଥରଟେ ଆସିବ ଜଗତ ସାଇଁ । ॥୨॥
ମୋ'ମନ ମନ୍ଦିର...........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା
ଖୋର୍ଦ୍ଧା - ୭୫୨୦୫୪
ଦୂରଭାଷ - ୯୧୭୮୬୨୬୨୮୦

ଆମେ ବିପତ୍ତିକୁ ଯେତେ ଡରିବା ସେ ଆମକୁ ସେତିକି ବିବ୍ରତ କରିପକାଇବ।
ଭୟ, ଦୁଃଖ, ଅଜ୍ଞାନକୁ ହଟେଇ ପାରିଲେ ଆମେ ପ୍ରଭୁ କୃପା ଲାଭ କରିପାରିବା।

# ସମ୍ପାଦକୀୟ....





୨୦୧୯ ମସିହା ନିଜର ଶାସନ କ୍ଷମତା ୨୦୨୦କୁ ହସ୍ତାନ୍ତର କଲାବେଳେ ବିଶ୍ୱ ତାର ନୂତନ ଶାସକକୁ ଯେପରି ଆଗ୍ରହର ସହିତ ସ୍ୱାଗତ କରିଥିଲା, ତାହା ଖୁବ୍ କମ୍ ଦିନ ଭିତରେ ମଳିନ ପଡ଼ିଗଲା। ଖୁବ୍ କଠୋର ହୋଇପଡ଼ିଲା ୨୦୨୦! ଆରମ୍ଭରୁ ଅତ୍ୟାଚାର ଆରମ୍ଭ କରିଦେଲା। ଅତ୍ୟାଚାରର ମାତ୍ରା ଏତେ ଭୟାବହ ଓ ଉତ୍ପୀଡ଼କ ହେଲା ଯେ, ଜନଜୀବନ ଅତ୍ୟନ୍ତ ଅସମ୍ଭାଳ ଓ ଅସ୍ତବ୍ୟସ୍ତ ହୋଇପଡ଼ିଲେ। ଲୋକେ ତ୍ରାହି ତ୍ରାହି ଡାକଛାଡ଼ିଲେ। ନିଜକୁ ରକ୍ଷା କରିବାର ସମସ୍ତ ସାଧନ ଅକାମୀ ହୋଇପଡ଼ିବାରୁ ଲୋକେ ବାଧ୍ୟ ହୋଇ ଘରକୋଣରେ ନିଜକୁ ନିଜେ ବନ୍ଦୀ କରି ରଖିଲେ। କାହା ସହିତ କାହାରି ସଂପର୍କ ରହିଲା ନାହିଁ। ମଣିଷ ମଣିଷକୁ ଭୟ କଲା। କେହି କାହା ପାଖରେ ବସିବାକୁ ବା କାହାକୁ ଚାହିଁ କିଏ ହସିବାକୁ ସଙ୍କୋଚ ବୋଧ କଲେ। କେହି କାହା ସହ ମିଶିବାକୁ ମାରକ ବୋଲି ଭାବିଲେ। ସାମାଜିକ, ସାଂସ୍କୃତିକ, ଶୈକ୍ଷିକ ବାତାବରଣ ସବୁକିଛି ୨୦୨୦ର ଆତଙ୍କବାଦ ଭିତରେ ନିଜନିଜର ସ୍ଥିତି ହରେଇ ବସିଲେ। ମଣିଷ ସମାଜଛଡ଼ା, ଗୋଷ୍ଠୀଛଡ଼ା, ଧର୍ମଛଡ଼ା ହୋଇ ସମୟର ଧାରାବାହିକ ପ୍ରବାହକୁ ବି ଅନୁଭବ କରିବାକୁ ସାହସ କଲା ନାହିଁ। ଏମିତି ଏକ ଭୟଙ୍କର ବାତାବରଣ ଭିତରେ ସାରା ବିଶ୍ୱରେ ଆତଙ୍କରାଜ ଚଳେଇ ୨୦୨୦ ମସିହା ତାର ରାଜତ୍ୱର ଶେଷ ସମୟ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରଖିଲା!

ବହୁ ନିରାଶା, ହତାଶା, ଭୟ, ଆଶଙ୍କା, ଆତଙ୍କର ବର୍ଷ ଭାବେ ୨୦୨୦ ମସିହା ପୃଥିବୀରୁ ବିଦାୟ ନେଇଛି। ପୃଥିବୀର ଇତିହାସରେ ଏହା ସବୁଦିନ ପାଇଁ ଏକ କଳଙ୍କିତ କାଳିମାମୟ ଫର୍ଦ୍ଦ ଯୋଗ କରିଦେଲା। ସବୁ ସମୟ ପାଇଁ ମଣିଷ ମନରେ ଏହି ଦିନଗୁଡ଼ିକର ଦୁର୍ବିସହତା ଗଭୀରଭାବେ ରେଖାପାତ କରିବ,ଏଥିରେ ସନ୍ଦେହ ନାହିଁ।

ଅତ୍ୟାଚାରୀ ଶାସକ ସିନା ବିଦାୟ ନେଇଯାଇଛି, ମାତ୍ର ସେହି ଶାସନର ଆତଙ୍କ ଏବେ ବି ବିଶ୍ୱରେ ତାର ଛାୟା ଯୁଦ୍ଧ ଚଳେଇଛି। ଆତଙ୍କର ଆଶଙ୍କା ଏବେବି ମନରେ ଛନକା ସୃଷ୍ଟି କରୁଛି। ଏମିତି ଏକ ସମୟରେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର କରୋନା ମହାମାରୀର ବିଭୀଷିକାରୁ ଏବେବି ମୁକ୍ତ ନୁହନ୍ତି। ଏବେବି ଅନେକ ସ୍ଥାନରେ କରୋନାର ଉତ୍ପୀଡ଼ନରେ ମଣିଷ ହନ୍ତସନ୍ତ ହେଉଛି। ଏହା ଭିତରେ ଅନ୍ୟ ଏକ ବଡ଼ ଖବର ମଧ୍ୟ ସାମନାକୁ ଆସିଛି ଯେ, ବ୍ରିଟେନ୍‌ରେ ଅନ୍ୟଏକ କରୋନା ଭୂତାଣୁ ଚିହ୍ନଟ ହୋଇଛି, ଯାହା ପୂର୍ବ ଭୂତାଣୁଠାରୁ ଅଧିକ ଭୟଙ୍କର। ଭୁବନେଶ୍ୱରକୁ ଫେରିଥିବା ବ୍ରିଟେନ୍ ଫେରନ୍ତା ତିନିଜଣଙ୍କଠି ଏହି ଭୂତାଣୁ ଚିହ୍ନଟ ହୋଇଥିବା ଭଳି ଖବର ମଣିଷକୁ ଏ ପରିସ୍ଥିତିରେ ବିଚଳିତ କରିବା ସ୍ୱାଭାବିକ।

ଏଭଳି ଏକ ଘଡ଼ିସନ୍ଧି ସମୟରେ ୨୦୨୧ ମସିହାର ଧରାବତରଣ ମଣିଷ ମନରୁ ସମସ୍ତ ଉତ୍ସାହ, ଉଦ୍ଦୀପନା ଓ ତାକୁ ସ୍ୱାଗତ କରିବାର ଆଗ୍ରହ ସ୍ୱତଃ ମାରିଦେଲାଣି। ନୂଆବର୍ଷଟିଏକୁ ନୂଆ ଭାବରେ ଦେଖିବାକୁ ମଣିଷର ଯେଉଁ ଅପେକ୍ଷା ସେଥିରେ ମହଲଣ ପଡ଼ିଗଲାଣି। ନୂଆବର୍ଷକୁ ନୂଆ ବିଚାରରେ ନିଜସ୍ୱ ଢଙ୍ଗରେ ମନେଇବାକୁ ଆଉ ତାର ଆଗ୍ରହ ନାହିଁ କି ସେଥିପ୍ରତି ସେ ଆଉ ତତ୍ପର ନୁହେଁ। କେବଳ କେମିତି ଏ ଦୁର୍ଦ୍ଦିନର ଦୁଃସହ ଦୈନତାରୁ ସେ ମୁକ୍ତି ପାଇବ, ଏଇ କଥା ମଣିଷ ପ୍ରତି ମୁହୂର୍ତ୍ତରେ ଚିନ୍ତା କରୁଛି। ଭବିଷ୍ୟତ ପାଇଁ ଚିନ୍ତା ନାହିଁ କି ଅତୀତ ପାଇଁ ଅନୁଶୋଚନା ନାହିଁ---କେବଳ ଚିନ୍ତା ବର୍ତ୍ତମାନ ପାଇଁ !

ଯାହାହେଲେ ବି ସମୟ କାହାକୁ ଅପେକ୍ଷା କରିବନି। ୨୦୨୦ ମସିହା ଦୁଃସମୟର ବାର୍ତ୍ତାବହ ହୋଇପାରେ; ମାତ୍ର ୨୦୨୧ ମସିହା ଆସିବା ପାଇଁ ୨୦୨୦ କୁ ତ ଭୋଗିବାକୁ ପଡ଼ିବ ହିଁ ପଡ଼ିବ - ତାହାହିଁ ଘଟିଛି ସମୟର ଏହି ଆବର୍ତ୍ତରେ। ତେବେ, ବାହ୍ୟ ସଜବାଜରେ ନହେଲେ ନାଇଁ ମନ ଭିତରେ ଆସନ୍ତୁ ସମସ୍ତେ ୨୦୨୧ ମସିହାକୁ ସ୍ୱାଗତ କରିବା। ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା ବର୍ଷଟି ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ, ବିଶ୍ୱରେ ଶାନ୍ତି ବିରାଜମାନ କରୁ ଓ ପରିବେଶ ରୋଗମୁକ୍ତ ହେଉ !

ଜୟ ଜଗନ୍ନାଥ !!!



**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ



## ଗୀତା

କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ । ॥୨୬॥

କାମକ୍ରୋଧରହିତ, ବିଜିତ ଚିତ୍ତ ଏବଂ ପରବ୍ରହ୍ମ ପରମାତ୍ମାଙ୍କର ସାକ୍ଷାତ୍କାର କରିଥିବା ଜ୍ଞାନୀପୁରୁଷମାନଙ୍କ ପାଇଁ ସକଳ ଦିଗରେ ଶାନ୍ତ ପରବ୍ରହ୍ମ ପରମାତ୍ମା ହିଁ ପରିପୂର୍ଣ୍ଣ ହୋଇ ରହିଥାନ୍ତି ।

## ମହାତ୍ମାଗାନ୍ଧୀ


ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି
ଅଂହିସାର ଏକ ଯାଦୁକାରୀ ଶକ୍ତି।

## ଭାଗବତ ବାଣୀ

ମାତା ଭଗିନୀ କନ୍ୟା ମେଳେ। କେହେହେଁ ନଥିବ ନିରୋଳେ।।
ମନ ଯେ ଇନ୍ଦ୍ରିୟଙ୍କ ଗ୍ରାମ। ବଳେ ତାହାକୁ ନାହିଁ ସମ।।

## କୁହତ ଦେଖି

ଛୋଟ ପିଲାଙ୍କର ଏମିତି ଏକ ଖେଳନା ଯାହାକୁ ଦୁନିଆର ସବୁଠାରୁ ବଡ଼ଲୋକ ମଧ୍ୟ କିଣିପାରିବେ ନାହିଁ, ତାହା କ'ଣ ? (ଜହ୍ନମାମୁଁ)।



## ଚାଣକ୍ୟ ନୀତି

**ବିତି ଯାଇଥିବା କଥାକୁ ଭୁଲି ଯାଅ :**

**ଗତଂ ଶୋକୋ ନ କର୍ତ୍ତବ୍ୟ ଭବିଷ୍ୟତେ ନୈବ ଚିନ୍ତୟେତ୍**
**ବର୍ତ୍ତମାନେନ କାଳେନ ପ୍ରର୍ବତନ୍ତେ ବିଚକ୍ଷଣାଃ । ॥୨॥**

**ଆର୍ଯ୍ୟ ଚାଣକ୍ୟ ଏଠାରେ ଅତୀତରେ ହୋଇଯାଇଥିବା ଘଟଣାକୁ ଭୁଲି ଭବିଷ୍ୟତର ଲାଭପ୍ରଦ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ କହିଛନ୍ତି ଯେ, ବିତିଯାଇଥିବା କଥାକୁ ନେଇ ଦୁଃଖପ୍ରକାଶ କରିବା ଅନୁଚିତ୍। ଭବିଷ୍ୟତ ବିଷୟରେ ମଧ୍ୟ ଚିନ୍ତା କରିବା ଅନୁଚିତ୍। ବୁଦ୍ଧିମାନ ଲୋକେ କେବଳ ବର୍ତ୍ତମାନକୁ ଗୁରୁତ୍ୱ ପ୍ରଦାନ କରନ୍ତି। ହୋଇଯାଇଥିବା ଘଟଣା ଉପରେ ଦୁଃଖପ୍ରକାଶ କଲେ କିଛି ଲାଭ ହୋଇନଥାଏ ।**

## ଢଗଢମାଳୀ

*ଅନଳା ନଳା*
*ଧଳା ବଳଦକୁ କରୁଛି କଳା*
ସତକଥାକୁ ଓଲଟ ପାଲଟ କରି କହୁଥିବା ଲୋକପ୍ରତି ଏହା ପ୍ରଯୁଜ୍ୟ।

*ଅବାଣୀ କାଟ ଝୋଟ*
*ଠାଏ ସରୁ ଠାଏ ମୋଟା ।*
ନୂଆକରି କାମ କରୁଥିବା ଲୋକର କାମ ଠିକ୍ ହୁଏନାହିଁ ।

## ରୂଢ଼ି ପ୍ରୟୋଗ


ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା -
ସାମାନ୍ୟ କଥାକୁ ଉଖୁରେଇବା ଫଳରେ ଜଟିଳ ସମସ୍ୟା ସୃଷ୍ଟି ହେବା।

ସଂସାରର ପ୍ରକୃତ ପ୍ରେମ ନିଃସ୍ୱାର୍ଥ ଭାବ ବୋଲି ଜାଣିସୁଦ୍ଧା ସଂସାରରେ ଲିପ୍ତ ରହିବାକୁ ଆମେ ବିଶେଷ ଆଗ୍ରହୀ।
ଆସକ୍ତି ଆମ ପ୍ରାଣକୁ ମାରିଦିଏ। ଆମେ ଅଭ୍ୟାସ ଦ୍ୱାରା ତାକୁ ମାରିପାରୁନା ।


# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି




**ଆମର ଧୈର୍ଯ୍ୟକୁ ନିୟନ୍ତ୍ରଣ କରେ ସେରୋଟୋନିନ୍ :-** ଆମେ ଇପ୍ସିତ ବସ୍ତୁକୁ ପାଇବାକୁ ଅନେକ ପ୍ରଚେଷ୍ଟା କରୁ କିନ୍ତୁ ପ୍ରଚେଷ୍ଟା ବିଳମ୍ବିତ ହେଲେ ଆମ ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ହତୋତ୍ସାହିତ ହୋଇ ଭାଙ୍ଗିପଡୁ କିମ୍ବା ନିଜକୁ ଏହି ସଂଗ୍ରାମରୁ ଅପସାରିତ କରିଆଣୁ। ତେବେ ଜାପାନର ଓକିନାୱା ସାଇନ୍ସ ଆଣ୍ଡ ଟେକ୍ନୋଲୋଜୀ ଗ୍ରାଜୁଏଟ ୟୁନିଭର୍ସିଟିର ବୈଜ୍ଞାନିକ କାଟସୁଇକୋ ମିୟାଜାକୀଙ୍କ ଗବେଷଣା ସୂଚୀତ କରେ ଯେ ଆମ ଶରୀରରୁ କ୍ଷରୀତ ସେରୋଟୋନିନ୍ ନାମକ ଯୌଗିକ ଏହାକୁ ନିୟନ୍ତ୍ରିତ କରିଥାଏ। ଏହା ଏକ ନ୍ୟୁରୋମୋଡୁଲେଟର ଯାହା ଆମ ବ୍ୟବହାର,ନିଦ୍ରା ଓ ଭୋକଶୋଷକୁ ନିୟନ୍ତ୍ରଣ କରିଥାଏ। ମୂଷାମାନଙ୍କ ଉପରେ ହୋଇଥିବା ଏକ ଗବେଷଣାରୁ ଜଣାଯାଏ ଯେ ମସ୍ତିଷ୍କର ଡୋର୍ସାଲ ରାଫେ ନ୍ୟୁକ୍ଲିଅସ୍ ରୁ କ୍ଷରିତ ହୋଇ ଅନ୍ୟାଂଶରେ ଥିବା ନ୍ୟୁକ୍ଲିଅସ ଆକୁମ୍ବେନ୍ସ ଅର୍ବିଟୋଫ୍ରଂଟାଲ କର୍ଟେକ୍ସ,ଏବଂ ମେଡିଓ ପ୍ରିଫ୍ରଂଟାଲ କର୍ଟେକ୍ସ ଉପରେ ଏହା ସଂଚରିତ ହୋଇଥାଏ। ବିଶେଷକରି ମୂଷାମାନଙ୍କ ଖାଇବା ପାଇଁ ଅପେକ୍ଷା କରିବା ଧୈର୍ଯ୍ୟକୁ ଏହି ହରମୋନ୍‌ର କ୍ଷରଣ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିଥିଲା। ପୂର୍ବରୁ ଅପ୍ଟୋଜେନେଟିକ୍ସ ନାମକ କୌଶଳଦ୍ୱାରା ମସ୍ତିଷ୍କର କେତେକ ସ୍ନାୟୁକୋଷକୁ ଆଲୋକିତ କରି ତାର କାର୍ଯ୍ୟାବଳୀକୁ ସେରୋଟୋନିନ ଦ୍ୱାରା ନିୟନ୍ତ୍ରଣ କରାଯାଉଥିଲା। ଏଠାରେ ମସ୍ତିଷ୍କର ଡୋର୍ସାଲ ରାଫେ ନ୍ୟୁକ୍ଲିଅସକୁ ପ୍ରାଧାନ୍ୟ ଦିଆଯାଇଥିଲା କିନ୍ତୁ ବର୍ତ୍ତମାନର ଗବେଷଣାରେ ଦେଖାଗଲା ଯେ ଅର୍ବିଟୋଫ୍ରଂଟାଲ କର୍ଟେକ୍ସ ମଧ୍ୟ ଅପେକ୍ଷା ଭଳି କ୍ରିୟାକୁ ପ୍ରଭାବିତ କରି ପାରୁଛି। କେବଳ ସେତିକି ନୁହଁ ଭବିଷ୍ୟତର କୌଣସି ଅନିଶ୍ଚିତ କାର୍ଯ୍ୟକୁ ଅପେକ୍ଷା କରିବା ପାଇଁ ମେଡିଓ ପ୍ରିଫ୍ରଂଟାଲ କର୍ଟେକ୍ସ ମଧ୍ୟ ସମାନ ଭାବେ କାର୍ଯ୍ୟ କରୁଛି। ଯଦି ଏହା ଉପରେ ଅଧିକ ଗବେଷଣା କରି ମସ୍ତିଷ୍କର ଅନ୍ୟ ଅଂଶ ବାବଦରେ ଜାଣି ହେବ ତେବେ ମାନସିକ ଅବସାଦ ଭଳି ରୋଗର ଔଷଧ ତିଆରିରେ ଏହା ସହାୟକ ହୋଇ ପାରିବ।



**ବିଶ୍ୱ ତାପାୟନକୁ ସୂର୍ଯ୍ୟ କିରଣକୁ ଘୋଡାଇ ରଖି ହ୍ରାସ କରି ହେବ। :-** ଆଜି ସାରା ବିଶ୍ୱରେ ଦିନକୁଦିନ ତାପମାତ୍ରା ବଢି ଚାଲିଥିବାରୁ ଅନେକ ପରିବେଶଗତ ସମସ୍ୟା ସୃଷ୍ଟି ହେବା ସହିତ ମାନବ ସଭ୍ୟତା ତିଷ୍ଟି ରହିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଓଟୋ, ରିଓଡୋ ଜିନେରୋ ଓ ପ୍ୟାରିସ ସମ୍ମିଳନୀ ଆଦିରେ କିପରି ଏହାକୁ କମ୍ କରାଯାଇପାରିବ ଏବଂ କାର୍ବନ ନିର୍ଗମନ ପ୍ରକ୍ରିୟାକୁ କିପରି ନିୟନ୍ତ୍ରିତ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସତ୍ତ୍ୱେ ଫଳ ଶୂନ ହେବା ଲକ୍ଷ୍ୟ କରାଯାଉଛି ତେଣୁ ଏହାର ବିକଳ୍ପ ରୂପେ ସୌର ରଶ୍ମିର ଔଜଲ୍ୟତାକୁ କମ କରିବାକୁ ଚିନ୍ତା କରାଯାଉଛି। ପରୀକ୍ଷା ସ୍ୱରୂପ ଦକ୍ଷିଣ ଆଫ୍ରିକାର କ୍ୟାପଟାଉନ ସହରରେ ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଆଲୋକକୁ ପ୍ରତିଫଳିତ କରିପାରୁଥିବା ଏରୋସଲ କଣିକାଦ୍ୱାରା ସୌର ରଶ୍ମିକୁ ପୃଥିବୀ ଉପରେ ନ ପଡିବାକୁ ଦେଇ ଏହାର ତାପମାତ୍ରାକୁ ଯଥେଷ୍ଟ କମା ଯାଇପାରିଲା। ସେହିପରି ବେନିନ୍ ୟୁନିଭର୍ସିଟିର ଗବେଷକମାନେ ଏକ କୌଶଳ ବାହାର କରିଛନ୍ତି ଯଦ୍ୱାରା ବେଲୁନ, ବଡ ବଡ ଟ୍ୟୁବ ଓ ଏଆରକ୍ରାଫ୍ଟ ସାହାଯ୍ୟରେ ପ୍ରତିଫଳନ କ୍ଷମତା ବହନକାରୀ ଏରେସଲ କଣିକା ଗୁଡିକୁ ବାୟୁମଣ୍ଡଳର ଷ୍ଟ୍ରାଟୋସ୍ପିଅର ସ୍ତରରେ ବିଛାଇ ରଖିବାଦ୍ୱାରା ସେଠାକାର ତାପମାତ୍ରା ଓ ପରୋକ୍ଷରେ ଜଳବାୟୁକୁ ତାପାୟନ ପ୍ରଭାବରୁ ମୁକ୍ତ ରଖିହେଲା। ଏହି କୌଶଳକୁ ସୋଲାର ରେଡିଏସନ ମ୍ୟାନେଜମେଂଟ କୁହାଯାଉଛି କିନ୍ତୁ ଏହାର ଅନ୍ୟ ଏକ ପାର୍ଶ୍ୱ ପ୍ରତିକ୍ରିୟା ହେଲା ଟର୍ମିନେସନ ସକ୍ ଯାହାର ଅର୍ଥ ହେଲା ଯଦି କୌଣସି କାରଣବଶତଃ ଏହି ପ୍ରକ୍ରିୟାଟି ଫେଲ ମାରିବ ତେବେ ହଠାତ ତାପମାତ୍ରା ଏତେ ବଢିଯିବ ଯେ ତାକୁ ସହ୍ୟ ତ କରିହେବନି ତାସହିତ ବର୍ଷା ନ ହୋଇ କୃଷି କାର୍ଯ୍ୟରେ ମଧ୍ୟ ବ୍ୟଘାତ ସୃଷ୍ଟି ହେବ। ଅନୁମାନ କରାଯାଏ ଯେ, ଆଜକୁ ୬୬ ମିଲିଅନ ବର୍ଷ ତଳେ ୧୦ କିମି ବ୍ୟାସ ବିଶିଷ୍ଟ ଏକ ଏଷ୍ଟେରଏଡ ଧକ୍କା ଯୋଗୁଁ ଏତେ ମାତ୍ରାରେ ଧୂଳି ଯାଇ ବହିଃଆକାଶରେ ଜମା ହୋଇଗଲା ଯାହା ଫଳରେସମଗ୍ର ଭୂଭାଗ ଥଣ୍ଡା ପଡିଗଲା ଏବଂ ଏହାଦ୍ୱାରା ଡାଇନୋସର ପ୍ରଜାତି ଲୋପ ପାଇଗଲେ। ଠିକ ସେହିପରି ୧୯୯୧ ମସିହାରେ ଫିଲିପାଇନ୍ସର ମାଉଂଟ ପିନାଟୁବୋରେ ଏକ ପ୍ରକାର ଉଦ୍‌ଗୀରଣରେ ବହୁ ପରିମାଣର ଧୂଳିକଣା ଆକାଶକୁ ଉଠିଯାଇ ଏକ ବିରାଟ ଆସ୍ତରଣ ସୃଷ୍ଟି କଲା ଯାହା ଫଳରେ ବର୍ଷାଧିକ କାଳ ସେଠାରେ ଭୀଷଣ ଶୀତ ଅନୁଭୂତ ହୋଇଥିଲା।

**ଏକ ନୁଆ କୌଶଳଦ୍ୱାରା ଗୋଟିଏ ଭୂତାଣୁର ଉପସ୍ଥିତିକୁ ବି ଜାଣି ହେବ :-** ଜାପାନର ଓସାକା ୟୁନିଭର୍ସିଟିର କେତେଜଣ ବୈଜ୍ଞାନିକ ଏପରି ଏକ ଉପାୟ ବାହାର କରିଛନ୍ତି ଯଦ୍ୱାରା ଗୋଟିଏ ଭୂତାଣୁକୁ ଏକ ସୂକ୍ଷ୍ମ ନାନୋ ଛିଦ୍ର ମଧ୍ୟ ଦେଇ ଗତି କରାଇ ସେଥିରୁ ହେଉଥିବା ବିଦ୍ୟୁତ ସ୍ରୋତର ପରିବର୍ତ୍ତନରୁ କଣିକାଟିକୁ ଚିହ୍ନଟ କରିପାରିଛନ୍ତି । ସେମାନଙ୍କ ମତରେ ସିଲିକନ ନାଇଟ୍ରାଇଡ ନାମକ ଯୌଗିକର ଏକ ୫୦ ନାନୋମିଟର ମୋଟାର ଏକ ଆସ୍ତରଣରେ ଅନେକ କ୍ଷୁଦ୍ର ଛିଦ୍ର ସବୁ ରହିଥାଏ । ଏହାକୁ ଏକ ଭାସମାନ ଆସ୍ତରଣ ରୂପେ ଏକ ସିଲିକନ ୱାଫେର ଉପରେ ରଖାଯାଇ ଯେତେବେଳେ ଏକ ଭୋଲ୍ଟେଜ ଡିଫରେନ୍ସ ପ୍ରୟୋଗ କରାଯାଏ ତେବେ ଇଲେକ୍ଟ୍ରୋଫୋରେସିସ ନାମକ ପ୍ରକ୍ରିୟାଦ୍ୱାରା ଆୟନଗୁଡିକ ଏହି ଛିଦ୍ର ମଧ୍ୟ ଦେଇ ଗତି କରିବା ଆରମ୍ଭ କରି ଦିଅନ୍ତି । ଏହି ଆୟନମାନଙ୍କ ଗତିକୁ ସେମାନେ ଜାତ କରାଉଥିବା ବୈଦ୍ୟୁତିକ ଇମ୍ପଲ୍ସଦ୍ୱାରା ଜାଣିହୁଏ । ମନେ କରନ୍ତୁ ଏହି ନାନୋ ଛିଦ୍ରରେ ଗୋଟିଏ ଭୂତାଣୁ ପଶିଗଲା ତେବେ ଆୟନର ଗତି ବାଧା ହେବାରୁ ଜାତ ହେଉଥିବା ବୈଦ୍ୟୁତିକ ତରଙ୍ଗରେ ହ୍ରାସ ଘଟିବ ଯାହାକୁ ଇଲେକ୍ଟ୍ରିକାଲ ଡିପ୍ କୁହାଯାଏ । ଏହିପରି ପ୍ରତ୍ୟେକ ଡିପ୍ କଣିକାଟିର କେତୋଟି ଭୌତିକ ଧର୍ମ ଯଥା ଆୟତନ, ସର୍ଫେସ ଚାର୍ଜ ଏବଂ ଆକାର ଉପରେ ଧାରଣା ଦେଇଥାଏ । କୃତ୍ରିମ ବୁଦ୍ଧିମତା ପ୍ରୟୋଗରେ ଏହି ଗବେଷକମାନେ ବିଭିନ୍ନ ଭୂତାଣୁମାନଙ୍କୁ ନେଇ ଏପରି ଏକ ଆଲଗରିଦମ୍ ତିଆରି କରିଛନ୍ତି ଯଦ୍ୱାରା କୌଣସି ଭୂତାଣୁ ଏହି ଛିଦ୍ର ମଧ୍ୟରେ ପ୍ରବେଶ କଲେ ତା ବାବଦରେ ଏଥିରୁ ସୂଚନା ମିଳି ପାରିବ । ତେଣୁ ଆଜିର ମହାମାରୀ କୋଭିଡ -୧୯ ଉପଦ୍ରବ ସମୟରେ ଏହା ଆମର ସହାୟତାରେ ଲାଗି ପାରିବ ବୋଲି ଆଶା କରାଯାଏ ।


**୨୦୨୧ ପାଇଁ ନିର୍ବାଚିତ ଶ୍ରେଷ୍ଠ କୀଟ :-** କୀଟ ବିଶେଷଜ୍ଞମାନଙ୍କ ଦ୍ୱାରା ଡେନିସ ମେଫ୍ଲାଇଜ ଯାହାର ବୈଜ୍ଞାନିକ ନାମ ଏଫିମେରା ଡାନିକା ଅଟେକୁ ୨୦୨୧ ମସିହା ପାଇଁ ବର୍ଷର ଶ୍ରେଷ୍ଠ କୀଟ ରୂପେ ନିର୍ବାଚିତ କରା ଯାଇଛି । ଏହାର ବିଶେଷତ୍ୱ ହେଲା ଏହି କୀଟଟି ଭୂପୃଷ୍ଠରେ ୩୫୫ ମିଲିଅନ ବର୍ଷ ଧରି ତିଷ୍ଠି ଆସିଛି ଏବଂ ବର୍ତ୍ତମାନ ଏହାର ୧୪୦ ଟି ପ୍ରଜାତି କେନ୍ଦ୍ର ୟୁରୋପର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛନ୍ତି । ଏହି କୀଟମାନଙ୍କ ମହିଳା ପ୍ରଜାତିମାନେ ମଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଜଳ ଉତ୍ସମାନଙ୍କରେ ହଜାର ହଜାର ସଂଖ୍ୟାରେ ଅଣ୍ଡା ଦିଅନ୍ତି ଯେଉଁଗୁଡିକ ଯାହା କିଛି ଦିନ ମଧ୍ୟରେ ଜଳ ଉତ୍ସର ତଳ ଭାଗକୁ ଚାଲିଯାଏ ଏବଂ ସେଥିରୁ ଲାର୍ଭା ସବୁ ଜାତ ହୁଅନ୍ତି ଯେଉଁମାନଙ୍କ ଶରୀରରେ ଗାଲିସି ମଧ୍ୟ ଥାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ପୂର୍ଣ୍ଣାବୟବ ପାଇବା ପାଇଁ ଏମାନେ ପ୍ରାୟ ୧ ରୁ ୩ ବର୍ଷ ସମୟ ନେଇଥାନ୍ତି ।

**ମଙ୍ଗଳ ଗ୍ରହରେ ଯଦି ଜୀବନ ଥିଲା ତେବେ ତାହା ଭୂତଳରେ ହିଁ ସମ୍ଭବ :-**



ଆମେରିକାର ନ୍ୟୁ ବ୍ରନ୍ସୱିକରେ ଥିବା ରୁଟଜର୍ସ ୟୁନିଭର୍ସିଟିର ବୈଜ୍ଞାନିକ ଲୁଜେନ୍ଦ୍ର ଓଝାଙ୍କ ମତରେ ଯଦି ମଙ୍ଗଳ ଗ୍ରହରେ କେବେ କୌଣସି ଜୀବନ୍ତ ବସ୍ତୁ ଥିଲା ତେବେ ଏହା ତାର ପୃଷ୍ଠଭାଗରେ ନୁହଁ ବରଂ ବହୁ ମାଇଲ ଦୀର୍ଘ ଭୂତଳରେ । ମଙ୍ଗଳ ଗ୍ରହ ବାବଦରେ ସଂଗୃହୀତ ବିଭିନ୍ନ ଡାଟାବେସକୁ ବିଶ୍ଳେଷଣ କରି ସେ କହିଛନ୍ତି ଯେ ଆଜକୁ ପ୍ରାୟ ୩.୭ ରୁ ୪.୧ ବିଲିଅନ୍ ବର୍ଷପୂର୍ବେ ( ନୋଆଚିଆନ ଯୁଗ ) ରେ ମଙ୍ଗଳ ଗ୍ରହର ଆଭ୍ୟନ୍ତରୀଣ ଭାଗରେ ଥିବା ବିଶାଳ ବରଫ ଖଣ୍ଡଗୁଡିକ ଭୂତାପଜ ଶକ୍ତି ଦ୍ୱାରା ତରଳିଯାଇ ଏକ ବିଶାଳ ଅଂଚଳକୁ ଜଳମଗ୍ନ କରି ରଖିଥିଲା ଏବଂ ଏଠାକାର ତାପମାତ୍ରା ମଧ୍ୟ ଜୀବନ ଉପଯୋଗୀ ଥିଲା । ତେଣୁ ଏଠାରେ ଏକ ଜୀବ ଜଗତ ଥିଲା ୪ ବିଲିଅନ୍ ବର୍ଷ ପୂର୍ବେ ଚୁମ୍ବକୀୟ କ୍ଷେତ୍ର ଲୋପ ପାଇଯିବା, ବାୟୁମଣ୍ଡଳୀୟ ଚାପ ହ୍ରାସ ପାଇବା, ତାପମାତ୍ରା କମିଯିବା ଏହାର ପ୍ରମାଣ ବୋଲି ସେ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଜିଓଥର୍ମାଲ ଏକ୍ଟିଭିଟି ଓ ପାହାଡ-ଜଳ ମଧ୍ୟରେ ସଂଘଟିତ ରାସାୟନିକ କ୍ରିୟା ସେମାନଙ୍କ ବଂଚିବା ପାଇଁ ଶକ୍ତି ଯୋଗାଉଥିଲା । ତେଣୁ ହୁଏତ ଏହାହିଁ ହେଉଛି ମଙ୍ଗଳ ଗ୍ରହରେ ସର୍ବାଧିକ କାଳ ପାଇଁ ତିଷ୍ଠି ରହିଥିବା ଜୀବଜଗତ । ଏହା ପ୍ରକାଶିତ ହୋଇଛି ସାଇନ୍ସ ଆଡଭାନ୍ସେସ ପତ୍ରିକାରେ ।

**ବାର୍ଦ୍ଧକ୍ୟ ଚାପରେ ନଷ୍ଟ ହୋଇ ଯାଉଥିବା କୋଷମାନଙ୍କର ପୁନରୁଦ୍ଧାର ସମ୍ଭବ । :-** ଆମେ ଜାଣୁ ଯେ ବୟସାଧିକ୍ୟ ଅବସ୍ଥାରେ ନଷ୍ଟ ହୋଇ ଯାଉଥିବା କୋଷ କିମ୍ବା ତନ୍ତୁର ପୁନରୁଦ୍ଧାର ଅସମ୍ଭବ । କିନ୍ତୁ ହାର୍ଭାଡ ମେଡିକାଲ ସ୍କୁଲର ଜେନେଟିକ୍ସ ବିଭାଗର ବରିଷ୍ଠ ପ୍ରଫେସର ଡେଭିଡ ସିନକ୍ଲୋର ଏହାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି । ତାଙ୍କ ମତରେ ଭ୍ରୂଣ ଅବସ୍ଥାରେ କୋଷର ମରାମତି କିମ୍ବା ପୁନରୁଦ୍ଧାର ସମ୍ଭବ କିନ୍ତୁ ବୟସ ବଢିବା ସଙ୍ଗେ ସଙ୍ଗେ ଏହି ପ୍ରକ୍ରିୟା ଶିଥିଳ ହୋଇଚାଲେ । ଏମାନଙ୍କୁ ପୂର୍ବାବସ୍ଥାକୁ ଆଣିବାକୁ ହେଲେ ବ୍ଲାଙ୍କ ସ୍ଲେଟ ନାମକ



ପ୍ଲୁରିପୋଟେଂଟ ଷ୍ଟେମ ସେଲ୍‌ର ଆବଶ୍ୟକତା ପଡିଥାଏ ଯାହାକୁ ତିଆରି କରିବାକୁ ଚାରୋଟି ପ୍ରୋଟିନକୁ ଇଞ୍ଜେକ୍ସନ ଆକାରରେ ଦେବାକୁ ପଡିଥାଏ। ଏହାକୁ ପ୍ରମାଣିତ କରିବାକୁ ସେମାନେ ଅପ୍ଟିକ ନର୍ଭ ନଷ୍ଟ ହୋଇ ଯାଇ ଦୃଷ୍ଟି ଶକ୍ତି ହରାଇଥିବା କେତୋଟି ମୂଷାଙ୍କୁ ନେଇ ଏହିପରି ତିନୋଟି ପ୍ରୋଟିନ ଯୁକ୍ତ ଓଏସ୍ କେ ନାମକ ଇଞ୍ଜେକ୍ସନ ଦେଲେ। କିଛିଦିନ ମଧ୍ୟରେ ଦେଖାଗଲା ଯେ ବଂଚି ଯାଇଥିବା ରେଟିନାଲ ଗେଙ୍ଗ୍‌ଲିଅନ ସେଲ ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହେବା ସହିତ ରିଜେନେରେଟ ହେଉଥିବା ସ୍ନାୟୁକୋଷମାନଙ୍କ ଅଭିବୃଦ୍ଧି ୫ ଗୁଣିତ ହୋଇଗଲା। ଏହି କୋଷଗୁଡିକୁ ନଷ୍ଟ ହେବାକୁ ନଦେଇ ପୁନର୍ବାର ମସ୍ତିଷ୍କକୁ ପଠାଇବାଦ୍ୱାରା ଦେଖାଗଲା ଯେ ବହୁ ମୂଷା ତାଙ୍କ ପୂର୍ବ ଦୃଷ୍ଟି ଶକ୍ତି ଫେରିପାଇବାକୁ ସକ୍ଷମ ହୋଇଛନ୍ତି। ଏହି ଟିମର ଅନ୍ୟ ଜଣେ ବରିଷ୍ଠ ବୈଜ୍ଞାନିକ ୟୁଆନଚେଙ୍ଗ ଲୁଙ୍କ ମତରେ ଯଦି ଏହି ନିରାପଦ ପ୍ରଣାଳୀକୁ ମନୁଷ୍ୟମାନଙ୍କ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର କ୍ଷତ ହୋଇ ଯାଇଥିବା କୋଷର ପୁନରୁଦ୍ଧାର କରାଯାଇପାରିବ ତେବେ ଏହା ଏକ ଯୁଗାନ୍ତକାରୀ ଆବିଷ୍କାରରେ ପରିଣତ ହେବ। ଇଂଟ୍ରାକୁଲାର ପ୍ରେସର ବଢିବା ଯୋଗୁଁ କିମ୍ବା ବୟସାଧିକ୍ୟ ହେତୁ ଦୃଷ୍ଟିଶକ୍ତି ହରାଇଥିବା ପ୍ରାୟ ୨ ଡଜନ ମୂଷାଙ୍କୁ ଏ ପ୍ରକାର ଚିକିତ୍ସା ପ୍ରଦାନ କରି ସେମାନଙ୍କ ପୂର୍ବ ଦୃଷ୍ଟିଶକ୍ତି ଫେରାଇ ଆଣିବାକୁ ସେମାନେ ସମର୍ଥ ହେଲେ। ଏହି ସଫଳତା ସେମାନଙ୍କୁ ମନୁଷ୍ୟ କ୍ଷେତ୍ରରେ ଦେଖା ଦେଉଥିବା ଗ୍ଲୁକୋମା ନାମକ ଚକ୍ଷୁଦୋଷରୁ ବିରାମ ଦେଇ ପାରିବ ବୋଲି ଆଶା ପୋଷଣ କରିଛନ୍ତି।

ଯଦି ଆପଣ ପୂରାପୂରି ନିରାମିଷଶୀ ଅଟନ୍ତି ତେବେ ଜାଣି ରଖନ୍ତୁ ଆପଣଙ୍କ ଅସ୍ଥି ୪୩% ଅଧିକ ଭଙ୍ଗୁର ଅଟେ। ଏହାକୁ ପ୍ରକାଶ କରିଛନ୍ତି ଡାକ୍ତର ଟାମୀ ଟଙ୍ଗ ବିଏମସି ନାମକ ମ୍ୟାଗାଜିନ୍‌ରେ। ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କୁ ୧୦ ବର୍ଷ ଅନୁଧ୍ୟାନ କଲାପରେ ସେ ଏହି ତଥ୍ୟ ଜାଣି ପାରିଛନ୍ତି। ସେ କହିଛନ୍ତି ଯଦି ପ୍ରୋଟିନ ଓ କ୍ୟାଲସିଅମ୍ ଅଧିକ ପରିମାଣରେ ନେଇ ବଡି ମାସ ଇଣ୍ଡେକ୍ସର ବୃଦ୍ଧି ଘଟାନ୍ତି ତେବେ ଏଥିରୁ ସାମୟିକ ଭାବେ ରକ୍ଷା ପାଇଯାଇପାରିବେ। ତାଙ୍କ ମତରେ ଯେଉଁମାନେ ମାଂସ ବଦଳରେ ଖାଲି ମାଛ ଖାଆନ୍ତି ସେମାନେ ମଧ୍ୟ ଏହାର ଶୀକାର ହୋଇ ପାରନ୍ତି। ନିରାମିଷ ଖାଦ୍ୟରେ ପ୍ରୋଟିନ ଓ କ୍ୟାଲସିଅମ୍ ଅଭାବରୁ ଏପରି ଘଟିଥାଏ।

ପିଲାବେଳେ ଆମେ ପୋମ୍ପେଇ ନଗରୀର କାହାଣୀ ବୋଲି ଗୋଟିଏ ବହି ପଢୁଥିଲୁ। ଏଥିରେ କିପରି ଏହି ନଗରୀଟି ଧ୍ୱଂସ ପାଇଥିଲା ସେ ସଂପର୍କରେ ବର୍ଣ୍ଣନା ଥିଲା, ଯାହାକୁ ପଢିଲା ବେଳେ ଏହା କେବଳ ଏକ କାହାଣୀ ବୋଲି ମନେ ହେଉଥିଲା। କିନ୍ତୁ ନିକଟରେ ଇଟାଲିର ନେପଲସଠାରେ ଦୁଇ ଜଣ ପ୍ରତ୍ନତତ୍ତ୍ୱବିଦ ପମ୍ପେଇ ନିକଟସ୍ଥ ଏକ ବିରାଟ ପ୍ରାସାଦ ପାଖରୁ ଦୁଇଜଣଙ୍କ ପାଖାପାଖି ଲାଗି ପଡିଥିବା କଙ୍କାଳ ଆବିଷ୍କାର କରିଛନ୍ତି ଯାହା ୨୦୦୦ ବର୍ଷ ପୁରାତନ ବୋଲି ଜଣା ପଡିଛି। ସେମାନଙ୍କ ମତରେ ଏହି ସମୟରେ ସେଠାକାର ବିସୁଭିଅସ ନାମକ ପାହାଡରେ ଥିବା ଏକ ଆଗ୍ନେୟଗିରିର ଉଦ୍‌ଗୀରଣ ଫଳରେ ଏହି ସହରଟି ସଂପୂର୍ଣଭାବେ ଧ୍ୱଂସ ହୋଇ ଯାଇଥିଲା। ସେଠାରୁ ଆବିଷ୍କୃତ ଦୁଇ କଙ୍କାଳଙ୍କ ବୟସ ୪୦ ଥିଲା ବୋଲି କୁହାଯାଇଛି। ଏହି କଙ୍କାଳ ଦ୍ୱୟର ଅସ୍ଥି ବିଶ୍ଳେଷଣ ପରେ ତା ଉପରେ ପ୍ଲାଷ୍ଟର ଅଫ୍ ପ୍ୟାରିସର ପ୍ରଲେପଦେଇ ସେମାନଙ୍କ ସମ୍ଭାବ୍ୟ ମୂର୍ତ୍ତିରୁ ସେମାନେ ଦୁଇଜନ ମୁନୀବ ଓ ଚାକର ଥିଲେ ବୋଲି ଅନୁମାନ କରାଯାଏ। ଏମାନେ ଲଗାଲଗି ହୋଇ ଶୟନାବସ୍ଥାରେ ମୃତ୍ୟୁ ବରଣ କରିଥିଲେ ବୋଲି ଅନୁମାନ କରାଯାଏ। ଏହି କଙ୍କାଳ ଦ୍ୱୟକୁ ପମ୍ପେଇ ନଗରୀର ୭୦୦ ମିଟର ଦୂରରେ ଥିବା ଏକ ଭଗ୍ନ ଦ୍ୱିତଳ ପ୍ରାସାଦ ନିକଟରୁ ଉଦ୍ଧାର କରାଯାଇଛି ଯାହା ପାଖରେ ତିନୋଟି ଅଶ୍ୱଙ୍କ କଂକାଳ ମଧ୍ୟ ମିଳିଛି। ଅନୁମାନ କରାଯାଏ ଯେ ୭୯ ସିଇ ରେ ଆଗ୍ନେୟଗିରିର ଉଦ୍‌ଗୀରଣରୁ ରକ୍ଷା ପାଇବାକୁ ଏମାନେ ନିକଟସ୍ଥ ଅଶ୍ୱଶାଳାକୁ ଚାଲି ଆସିଛନ୍ତି କିନ୍ତୁ ତଥାପି ନିଜକୁ ମୃତ୍ୟୁମୁଖରୁ ବଂଚାଇ ପାରିନାହାନ୍ତି।ଏହି ଭିଲ୍ଲାଟିର ନାମ କ୍ରିପ୍ଟୋପୋର୍ଟିକସ ବୋଲି ଜଣାପଡିଛି।

**କେମୋଥେରାପିର ବିକଳ୍ପ ଜିନ୍ ଏଡିଟିଙ୍ଗ ହୋଇ ପାରିବକି ?**



କ୍ୟାନ୍ସର ଚିକିତ୍ସାରେ କେମୋଥେରାପି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଯାହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। କିନ୍ତୁ ନିକଟରେ କେତେଜଣ ଇସ୍ରାଏଲୀ ବୈଜ୍ଞାନିକ CRISPR/Cas9 ନାମକ କୌଶଳ ବାହାର କରିଛନ୍ତି ଯାହା ଏକ ଲିପିଡ ନାନୋ କଣିକା ଯୁକ୍ତ ଡେଲିଭରି ସିଷ୍ଟମ ଯାହା ନିର୍ଦ୍ଦିଷ୍ଟ ଭାବେ କ୍ୟାନ୍ସର କୋଷମାନଙ୍କୁ ଟାର୍ଗେଟ କରି ସେମାନଙ୍କୁ ଜିନ ମାନିପୁଲେସନଦ୍ୱାରା ମାରି ପକାଏ। ଏଥିରେ ଥିବା ମେସେଞ୍ଜର ଆରଏନଏ ଏକ ମଲିକ୍ୟୁଲାର କଇଁଚି ଭଳି କାର୍ଯ୍ୟ କରିଥାଏ। ଏହି ପ୍ରକ୍ରିୟାରେ ଥରେ ନଷ୍ଟ ହୋଇ ଯାଇଥିବା କୋଷଟି ପୁନର୍ବାର ସକ୍ରିୟ ହୋଇ ପାରେନାହିଁ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ। ଏହା ପ୍ରକାଶ କରିଛନ୍ତି ତେଲଆଭିବ ୟୁନିଭର୍ସିଟିର ବୈଜ୍ଞାନିକ ଡାନ ପିଅର୍। ସେମାନଙ୍କ ଦଳ ମସ୍ତିଷ୍କରେ ହେଉଥିବା ଗ୍ଲିଓବ୍ଲାଷ୍ଟୋମା ଓ ମେଟାଷ୍ଟାସିସ ହୋଇଥିବା ଓଭାରିଆନ କ୍ୟାନ୍ସର କୋଷ କ୍ଷେତ୍ରରେ ଏହାର ପ୍ରୟୋଗ କରିଥିଲେ। ପ୍ରଥମ କେଶ୍‌ରେ ମୃତ୍ୟୁମୁଖରୁ ୩୦% ରୋଗୀ ଓ ଦ୍ୱିତୀୟ କେଶ୍‌ରେ ମୃତ୍ୟୁମୁଖରୁ ୮୦% ରେଗୀଙ୍କୁ ସେମାନେ ବଂଚାଇ ପାରିଥିବାର ଦାବି କରନ୍ତି। ଏହି ଜିନୋମ ଏଡିଟିଙ୍ଗ କୌଶଳଦ୍ୱାରା ମାରାତ୍ମକ ଜିନକୁ ଚିହ୍ନଟ କରି ତାର କେତୋଟି ଅଂଶକୁ ଏହାଦ୍ୱାରା ବିଚ୍ଛିନ୍ନ ମଧ୍ୟ କରାଯାଇପାରିଲା। ଯଦିଓ ଏହା ଗବେଷଣା ସ୍ତରରେ ରହିଛି ତଥାପି ଦୃଢଭାବରେ ମାଡି ଚାଲୁଥିବା କ୍ୟାନ୍ସର କୋଷ ଯାହାକୁ ନଷ୍ଟ କରିବା ପାଇଁ କେମୋଥେରାପି ଛଡା ଅନ୍ୟ କିଛି ନାହିଁ ତାକୁ ଲଗାମ ଦେବାକୁ ଏହା ଏକ ଉତ୍କୃଷ୍ଟ ବିକଳ୍ପ ହେବ ବୋଲି ସେମାନେ ଆଶା ପୋଷଣ କରିଛନ୍ତି।

**ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ),**
**ଏନ.ଏ.ସି. ମହାବିଦ୍ୟାଳୟ, ବୁର୍ଲା**

# ଇତିହାସର ଆଇନାରେ ବିଭବଶାଳିନୀ ଧାମରା



ଶ୍ରୀ ବିଭୂତିଭୂଷଣ ସେନାପତି



ଭଦ୍ରକ ସଂସ୍କୃତି ସଂପନ୍ନ ଏକ ପ୍ରାଚୀନ ଭୂଖଣ୍ଡ । ଦେବଦେବୀଙ୍କ ମନ୍ଦିର ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋରମ । ୧୯୯୩ ମସିହା ଏପ୍ରିଲ ପହିଲାଠାରୁ ଏହା ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଛି । ଅପେକ୍ଷାକୃତ ଏହା କ୍ଷୁଦ୍ର ଜିଲ୍ଲାର ମାନ୍ୟତା ପାଇଲେ ମଧ୍ୟ ଐତିହ ବିମଣ୍ଡିତ ଦେବଯୋଗ୍ୟ ପୀଠସ୍ଥଳି । ପୂର୍ବରେ ବଙ୍ଗୋପସାଗର ପାଦ ପ୍ରକ୍ଷାଳନ କଲେ ମଧ୍ୟ ବୈତରଣୀ ଓ ବ୍ରାହ୍ମଣୀ ନଦୀର ମିଳନ ସ୍ଥଳ ବା ନଳିତାପାଟିଆ ଠାରୁ ଚନ୍ଦନି ପାଳ ପର୍ଯ୍ୟନ୍ତ ଦୀର୍ଘ ତେର ମାଇଲ ଧାମରା ଗ୍ରାମ । ଧାମରା ଶବ୍ଦ ଧାମରୁ ସ୍ୱ ଅର୍ଥରେ ରା ପ୍ରତ୍ୟୟ ହୋଇଛି । ଧାମ କହିଲେ ପବିତ୍ର ଦେବ ଭୂମିକୁ ବୁଝାଏ । ଯେପରି ଜଗନ୍ନାଥ ଧାମ ଏହାର ଅନନ୍ୟ ଦୃଷ୍ଟାନ୍ତ । ଏଥିରେ ଦେବଦେବୀଙ୍କ ନାମାନୁସାରେ ସ୍ଥାନର ଗୁରୁତ୍ୱ ବଢାଇଥାଏ । ଧାମରାର ଅଧିଷ୍ଠାତ୍ରୀ ଦେବୀ ଧାମୁରାଇ, ଧୀବର ପୂଜିତା । ଅନ୍ୟପକ୍ଷରେ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କଳ ଶୀର୍ଷ ସ୍ଥାନରେ ଅବତୀର୍ଣ୍ଣ  ତାହା ମଧ୍ୟ ଧାମରା ବନ୍ଦରର ଆକର୍ଷଣ । ଇଷ୍ଟ ଇଣ୍ଡିଆ କଂପାନୀ ଏହି ସ୍ଥାନର ଗୁରୁତ୍ୱ ଉପଲବ୍ଧି କରି ୧୮୧୭ ମସିହାରେ ଧାମରାକୁ ବନ୍ଦର ଭାବେ ସ୍ୱୀକୃତି ପ୍ରଦାନ କଲେ ଓ ନୌପରିବହନ କେନ୍ଦ୍ରର ମାନ୍ୟତା ଦେଲେ । ଡବ୍ଲ୍ୟୁ ଡବ୍ଲ୍ୟୁ ହଂଟର ସାହେବ ୧୮-୦୫-୧୮୫୮ ମସିହାରେ ଧାମରା ବନ୍ଦରର ଶୁଭାରମ୍ଭ କରିଥିଲେ ।୧୫-୦୭-୧୯୦୬ ମସିହାରେ ରେଭେନ୍ୟୁ କମିସନରସାହେବ ମୁଖ୍ୟ ବାଲେଶ୍ୱର ବନ୍ଦରର ଅଧସ୍ତନ ବନ୍ଦର ଧାମରା ଓ ଚାନ୍ଦବାଲି  ପୋର୍ଟ ଆଖ୍ୟା ଦିଆଗଲା । ଅତଏବ ୧୮୫୮ରେ ଧାମରା ଓ ୧୮୮୧ରେ ଚାନ୍ଦବାଲି ପୃଥକ ବନ୍ଦର ଭାବେ ଘୋଷିତ  ହେଲେହେଁ ୧୯୦୬ ମସିହାଠାରୁ ଏହା ଧାମରା ଚାନ୍ଦବାଲି ଗୋଟିଏ ବନ୍ଦରର ମାନ୍ୟତା ପାଇଲା । ହଂଟରଙ୍କ ଓଡିଶା ଇତିହାସ ବିବରଣୀରୁ ଜଣାଯାଏ ସୁବର୍ଣ୍ଣରେଖା,ବାଲେଶ୍ୱର,ଗୋପାଳପୁର ଓ ପୁରୀ ପରି ଧାମରା ନାମ ତନ୍ମଧ୍ୟରେ ରହିଛି । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଯେଉଁ ୩୫୦୦ଟନ ଚାଉଳ ଆମଦାନୀ କରାଯାଇଥିଲା ସେହି ଚାଉଳର ଅର୍ଦ୍ଧାଧିକ ଧାମରା ବନ୍ଦରରେ ଖଲାସ କରାଯାଇଥିଲା । କର୍ଣ୍ଣେଲ ଟି.ଏ. ଓରାଙ୍କ ସର୍ଭେ ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ପୋତାଶ୍ରୟ ଇଂଜିନିୟର ଡବ୍ଲ୍ୟୁ.ଜି.ରବର୍ଟସନ୍ ୧୮୭୨ ମସିହାରେ ଭାରତର ଧାମରା ନଦୀ ନୌଚାଳନାରେ ଉତ୍କୃଷ୍ଟ ବୋଲି ବିବେଚିତ କରିଥିଲେ । ଧାମରାର ସବ-ପୋର୍ଟ ଅଫିସର ତାର ମୂକସାକ୍ଷୀ । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବନ୍ଦରର ବିକାଶ ପଥରେ ବାଧା ସୃଷ୍ଟି କରିଛି । ଧାମରାର ନଦୀ ମୁହାଣରେ ଅବସ୍ଥିତ କନିକାବାଲି, ସର୍ଟ ଦ୍ୱୀପ, ହୁଇଲର ଦ୍ୱୀପପୁଂଜ ପାଲମିରା  ଚରା ମଧ୍ୟରେ ଭିତର ନାଳ, ଦକ୍ଷିଣ ନାଳ ଓ ମଧ୍ୟନାଳ ପ୍ରବାହିତ ହେବାରୁ ନଦୀର ଗତିପଥ ପରିବର୍ତ୍ତନଶୀଳ ହେଉଛି । ତଥାପି ସବୁ ବାଧା ବିଘ୍ନକୁ ଅତିକ୍ରମ କରି କେବଳ ଭାରତର ନୁହେଁ ସାରା ବିଶ୍ୱରେ ଏହାର ଆକର୍ଷଣ ସୁପ୍ରଶଂସନୀୟ ହୋଇପାରିଛି । ଧାମରା ନଈର ନୀଳ ବୀଚିମାଳା ବକ୍ଷ ଦେଇ ଭାରତ ବର୍ଷର ବହୁ ପ୍ରତିଭାଧର, ଜାତିସ୍ମର ସନ୍ତାନ ଅତୀତରେ ଏହାର ସ୍ତୁତି ଚାରଣ କରିଥିଲେ । ବ୍ରାହ୍ମଣୀ, ବୈତରଣୀ, ମନ୍ତେଇ ନଈର ମିଳନ ସ୍ଥଳୀର ବାଲୁକା ରାଶି କବି ପ୍ରାଣରେ ମନମୁଗ୍ଧକର ଭାବନା ସୃଷ୍ଟିକରିଥିଲା । ଗୋଟିଏ ପଟରେ ବନହଂସର ନିଃସ୍ୱନ, ବିବିଧ ବର୍ଣ୍ଣର ବିହଗଙ୍କ ସମାବେଶ, ପତ୍ର ମର୍ମର ଧ୍ୱନି, ମନଲୋଭା କାକଳି ଦିନେ ଆତ୍ମ ବିଭୋର କରିଥିଲା କବିବର

ରାଧାନାଥ ରାୟଙ୍କୁ । ଉଷା କାବ୍ୟରେ ସେ ବର୍ଣ୍ଣନା କଲେ -" ଧାମରା ମୁହାଣେ ପାଣ୍ଡୁଜଳାରଣ୍ୟେ ବାହୁ ନୈଚର/ପୂର୍ବ ମୁଖେ ତି ଦେଖଇ ସମ୍ମୁଖେ ମହାସାଗର । ତରଙ୍ଗେ ଓଲଟି କ୍ରୁର ରଂଗେ କରି ମୁଖ ବ୍ୟାଦାନ/ନକ୍ର ଶିଶୁମାର ଶୋଷି ନେଉ ଥା'ନ୍ତି ନାବିକ ପ୍ରାଣ ।" ସେହିପରି ସାହିତ୍ୟ ପ୍ରାଣ କବି ଚନ୍ଦ୍ରମୋହନ ମହାରଣା ଲେଖିଛନ୍ତି-ଅର୍ଣ୍ଣବେ ଅର୍ଣ୍ଣବ ପୋତ ଗମଇ ସୁଖରେ/ ଉଦ୍ଦେଶୀ ଭବନ ଯେହ୍ନେ ବିହଗ ଶୂନ୍ୟରେ ।" ତିହିଡ଼ି୍ ମାଟିର ପୁଅ କାନ୍ତ କବି ଲେଖିଲେ-"ରିରାଗଡ ଦୁର୍ଗ ପ୍ରାଚୀନ କନିକା/ହୋଇ ପ୍ରକୃତିର ବିଶାଳ ପରିଖା । ଶେଷେ ଲୋ ଜନନୀ ମିଳୁ ତହିଁ ଯାଇ/ଧାମରା ମୁହାଁଣେ ଦେବୀ ଧାମୁରାଇ । ଧରଣୀ ରାଣୀର ସୁକୁଂଚିତ ବେଣୀ/ପ୍ରାୟେ ଦୂରେ ଶୋଭେ ନିପ୍ର ଗିରି ଶ୍ରେଣୀ ।"ବାସ୍ତବିକ ଧାମରା ବନ୍ଦରର ପ୍ରାକୃତିକ ଶୋଭାରାଶି ମଧ୍ୟରେ ବାଲିଚରାରେ ରଙ୍ଗ ବେରଙ୍ଗର ସ୍ୱଦେଶୀ ଓ ବିଦେଶୀ ପକ୍ଷୀ,ଖାଲି ଭଂଜିଆର ସବୁଜ ମନୋରମ ଅରଣ୍ୟର ଲାସ୍ୟମୟୀ ଶୋଭା, ବିହଗ ସକଳଙ୍କର ଆମୋଦିତ ଜଳ କ୍ରୀଡା,ମାଛଧରା ଡଂଗା ଓ ଟ୍ରଲର,ଶୁଖୁଆ ଖଟି,ଭିତର କନିକା ଅଭୟାରଣ୍ୟ,ଗହୀର ମଥାର କଇଁଚ ଅଣ୍ଡା, ସାତ ଭାୟାର ବରାହୀ ଠାକୁରାଣୀ ଏବଂ ପ୍ରତିବର୍ଷ ମକର ମେଳାର ଅଭୂତପୂର୍ବ ମନୋରମ ଦୃଶ୍ୟ ଯେ କେହି ବ୍ୟକ୍ତିକୁ ଆକର୍ଷିତ କରିବ ଏବଂ ଧାମରା ବିଭବଶାଳିନୀ ବୋଲି କହିବ ଏଥିରେ ସଂଦେହର ଅବକାଶ ନାହିଁ । ଏହି ବଂନ୍ଦରର ନିର୍ମାଣ କାର୍ଯ୍ୟ ପ୍ରଥମେ ଆର.ଏସ୍.ପି. କଂପାନୀ ଗ୍ରହଣ କରିଥିଲା । ପରିବେଶ ସୁରକ୍ଷା ନେଇ ନିର୍ମାଣ କାର୍ଯ୍ୟ ବିଳମ୍ବ ଘଟିଲା । ତାହା ପରେ ଟାଟା ଏବଂ ଏଲ.ଏଣ୍ଡ୍ ଟି. ମିଳିତ ଭାବରେ ଧାମରା ବନ୍ଦର ଅଭିବୃଦ୍ଧିରେ ନୂଆ ନୂଆ ପଦେକ୍ଷପ ନେଉଛନ୍ତି । ପରିବେଶ ପରିଚ୍ଛନ୍ନତା ଦିଗରେ ପଦେକ୍ଷପ ନିଆ ଯାଇଛି । ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯାଇ ରେଳ ଚଳା ଚଳରେ ମାଲ ପରିବହନ ସୁଚାରୁ ରୂପେ ସଂପନ୍ନ କରାଯାଇଛି । ରେଳ ପରିବହନର ଉନ୍ନତି କ୍ରମଶଃ ଅଭିବୃଦ୍ଧି ଘଟୁଥିବାରୁ ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ଏକ ବୃହତ୍ ବଂନ୍ଦର ହେବ ଯେଉଁଥିପାଇଁ ମାନ୍ୟବର ମନ୍ତ୍ରୀ ବନ୍ଦରର ଉନ୍ନତି କଳ୍ପେ ଆଶାତୀତ ଅର୍ଥ ମଂଜୁର କରିବାକୁ କୁଣ୍ଠା ପ୍ରକାଶ କରିନାହାନ୍ତି ।ପ୍ରକାରାନ୍ତରେ ଏହା ମାଛ ଧରା ବନ୍ଦର ଭାବେ ସାରା ଭାରତରେ ପ୍ରସିଦ୍ଧି ଅର୍ଜନ କରିଛି । ଆଗାମୀ ଦିନରେ ସାରା ବିଶ୍ୱରେ ଭଦ୍ରକର ମୁକୁଟ ହୋଇ ବିଭବଶାଳିନୀ ଧାମରା ବୋଲି ପରିଚିତ ହେବ । ସର୍ବୋପରି ମା'ଧାମୁରାଇ ଠାକୁରାଣୀଙ୍କ ଅଯାଚିତ ଆଶୀର୍ବାଦ ଧାମରା ବନ୍ଦର ଉନ୍ନତିର ଦିଗ୍‌ଦର୍ଶକ ହେଉ । (ଲେଖାଟି ଆତ୍ମ ଗବେଷଣା ପ୍ରସୂତ)

**ସେବାନିବୃତ ଶିକ୍ଷକ, କୋହ୍ଳ, ତିହିଡ଼ି, ଭଦ୍ରକ-୩୦**
**ଦୂରଭାଷ -୯୪୩୭୫୭୪୪୬୨**

# ଚାହାଁ

ଶିବ ମିଶ୍ର



କେତେ ଆଉ ଉପରକୁ ଚାହିଁଥିବୁ
ଏବେ ଥରେ ତଳକୁ ଚାହାଁ,
ସବାପରେ ତ ଶୂନ୍ୟ ଆକାଶ
ଅବୁଝା ଅର୍ଥହୀନ ଶବ୍ଦର ଗହଳ
ଅଯଥା କୋଳାହଳ,
ବହଳ ଅନ୍ଧାର, ନିଖୋଜ ରାହା,
କେତେ ଆଉ ଉପରକୁ ଚାହିଁଥିବୁ
ଏବେ ଥରେ ତଳକୁ ଚାହାଁ ।
ତଳେ ଅଛି ପୂର୍ଣ୍ଣ ଗର୍ଭା ବସୁନ୍ଧରା
ସଫଳ ସମ୍ଭାବନାର,
ଛଳଛଳ ନିର୍ମଳ ସ୍ରୋତ,
ନବ ସୃଜନର ମଧୁର ସଙ୍ଗୀତ
ସୃଷ୍ଟି ଆଉ ସ୍ରଷ୍ଟାର -
ଅକପଟ ଭାବ ଦିଆନିଆ
କେତେ ଆଉ ଉପରକୁ ଚାହିଁଥିବୁ
ଏବେ ଥରେ ତଳକୁ ଚାହାଁ ।

ବାଣପୁର / ଖୋରଧା

# ସ୍ୱଚ୍ଛ ଭାରତ

**ସୋନାଲି ସାହୁ**

କୁନି କୁନି ହାତେ ଗଢ଼ିବୁ ଭାରତ
ସାଇତି ରଖିବୁ ଦେଶର ମହତ
ବିଶ୍ୱ ବିଜୟୀ ହେବ ଏ ସ୍ୱର୍ଣ୍ଣ ପ୍ରଦେଶ
ଦୁନିଆଁ ଚକିତ ହେବ ଦେଖି ସାହସ ।

ଭଳି ଭଳି ଦେଶକୁ ପଛେ ପକାଇ
ଭାରତକୁ ଆମେ ନେବା ଆଗେଇ
ବାପୁଙ୍କ ସ୍ୱପ୍ନର ସାକାର ପାଇଁ
ବଦ୍ଧ ପରିକର ହେଲେ ନରେନ୍ଦ୍ର ଭାଇ ।

ଉଦ୍ଦେଶ୍ୟକୁ ତାଙ୍କ ସାକାର କରିବା
ସମସ୍ତେ ଆଜି ସଂକଳ୍ପ ନେବା,
ପ୍ରଥମେ ନିଜେ ରହିବା ସଫା
ମିଳିମିଶି ଦେବା ସଭିଙ୍କୁ ବାର୍ତ୍ତା ।
ସ୍ୱଚ୍ଛ ଭାରତକୁ ଆଗେଇ ନେବା
ସାରା ବିଶ୍ୱେ ଆମ୍ଭ ଟେକ ରଖିବା ।।

**ଧଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ**
**କଳାପଥର**



# ନବ ଓଡ଼ିଶାର ନିର୍ମାତା: ସ୍ୱାଧୀନତା ଓ ସ୍ୱାଭିମାନର ବୀରଗାଥା

ସତ୍ୟବାଦୀ ବଳିଆରସିଂହ



କଳିଙ୍ଗ କେଶରୀ ବିଜୁ ପଟ୍ଟନାୟକଙ୍କୁ ରାଜନୀତିକୁ ଆଣିଥିବା ବ୍ୟକ୍ତି ହେଉଛନ୍ତି ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ। ଓଡ଼ିଶା ପ୍ରଦେଶର ଶେଷ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ହେଉଛନ୍ତି ଡ. ମହତାବ। କେନ୍ଦ୍ରରେ ପ୍ରଥମ ଓଡ଼ିଆ କେନ୍ଦ୍ରମନ୍ତ୍ରୀ, ପ୍ରଥମ ଓଡ଼ିଆ ରାଜ୍ୟପାଳ ଓ ଓଡ଼ିଶାରେ ଗଡ଼ଜାତ ମିଶ୍ରଣର ପ୍ରଥମ ସୂତ୍ରଧର ଭାବେ ତାଙ୍କ ନାମ ଚର୍ଚ୍ଚାକୁ ଆସେ। କହିବାକୁ ଗଲେ ସେ ନବ ଓଡ଼ିଶାର ନିର୍ମାତା। ଯେ ନିଜର କୀର୍ତ୍ତି, ସାଧନା ଓ ବ୍ୟକ୍ତିତ୍ୱ ବଳରେ ଇତିହାସର ଗତିପଥ ପରିବର୍ତ୍ତନ କରିଦିଅନ୍ତି ବା ନୂତନ ଇତିହାସ ସୃଷ୍ଟି କରିଥାଆନ୍ତି। ସେଭଳି ବ୍ୟକ୍ତି ଥିଲେ ଡ. ମହତାବ। ସାହିତ୍ୟ, ଇତିହାସ ଓ ସାମ୍ବାଦିକତା କ୍ଷେତ୍ରରେ ସେ ଯଶସ୍ୱୀ ପୁରୁଷ। ଉତ୍କଳଗୌରବ ମଧୁସୂଦନ ଥିଲେ ଜାତୀୟତାର ଆଦ୍ୟ ଜନ୍ମଦାତା ଓ ପୂର୍ଣ୍ଣାଙ୍ଗ ଉତ୍କଳର ସ୍ୱପ୍ନଦ୍ରଷ୍ଟା। ଉତ୍କଳମଣି ଗୋପବନ୍ଧୁ ମହାଭାରତୀୟ ସ୍ରୋତରେ ଓଡ଼ିଶା କଂଗ୍ରେସର ଆନ୍ଦୋଳନକୁ ମିଶାଇଦେଲେ ଓ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଶୁଭଶଙ୍ଖ ବଜାଇଲେ। ଉତ୍କଳକେଶରୀ ହରେକୃଷ୍ଣ ମହତାବ ସେହି ସଂଗ୍ରାମକୁ ବ୍ୟାପକତର କରି ଦେଶର ସ୍ୱାଧୀନତା ଆଣିବାପାଇଁ ସଙ୍ଗେ ସଙ୍ଗେ ନବ ଓଡ଼ିଶାର ନିର୍ମାତା ଓ ଏହାର ଅପ୍ରତିଦ୍ୱନ୍ଦ୍ୱୀ ନେତା ହେଲେ ଏବଂ ବିଚକ୍ଷଣ ରାଜନୀତିଜ୍ଞ ଭାବେ ପ୍ରତିଷ୍ଠା ଲାଭକଲେ।

ବାଲେଶ୍ୱର ଜିଲ୍ଲାର ଭଦ୍ରକ ନିକଟସ୍ଥ ଅଗରପଡ଼ାରେ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ ହରେକୃଷ୍ଣ ମହତାବ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚରଣ ଦାସ ଓ ମାତା ହେଉଛନ୍ତି ତୋହଫା ବିବି। ମାତା ଥିଲେ ଅଗରପଡ଼ାର ଜମିଦାର ଜଗନ୍ନାଥ ମହତାବଙ୍କ କନ୍ୟା। ଜଗନ୍ନାଥ ପିଲାବେଳୁ ନିଜ ନାତି ହରେକୃଷ୍ଣଙ୍କୁ ପୋଷ୍ୟପୁତ୍ର କରିନେଇଥିଲେ। ହରେକୃଷ୍ଣ ଗାଁ ବିଦ୍ୟାଳୟରେ ପାଠପଢ଼ିଲେ। ସେତେବେଳେ ସେ ରାମାୟଣ କଥାକୁ ପଦ୍ୟାକାରରେ ରଚନା କରି ନିଜେ ବୋଲୁଥିଲେ। ଗାଁ ବିଦ୍ୟାଳୟ ପରେ ଭଦ୍ରକ ହାଇସ୍କୁଲରେ ପାଠପଢ଼ି ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସକଲେ। ସେହି ସମୟରେ ତାଙ୍କ ମାତାଙ୍କର ପରଲୋକ ହେଲା। ସେ ଦୁଃଖରେ ଅଧୀର ହୋଇପଡ଼ିଲେ। ମାତ୍ର ରାମକୃଷ୍ଣ ମିଶନର ସ୍ୱାମୀ ଶଙ୍କରାନନ୍ଦ ତାଙ୍କୁ ମାୟାତତ୍ତ୍ୱ ବୁଝାଇବାରେ ତାଙ୍କର ଦୁଃଖ ଦୂରହେଲା। ମାତାଙ୍କ ମୃତ୍ୟୁପରେ ଘର ଅଚଳ ହେଲା। ତେଣୁ ତରୁଣ ବୟସରେ ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ କନ୍ୟା ସୁଭଦ୍ରା ଦେବୀଙ୍କ ସହ ତାଙ୍କର ବିବାହ ହେଲା। ୧୯୧୬ ମସିହାରେ ମାଟ୍ରିକ ପାଶ କରିଥିବା ହରେକୃଷ୍ଣ ମହତାବଙ୍କୁ ଆଉ ପାଠ ନପଢ଼ାଇ ଜମିଦାରୀ ବୁଝିବାପାଇଁ ପିତା ଚାହୁଁଥିଲେ। କିନ୍ତୁ ଉଚ୍ଚଶିକ୍ଷା ପାଇଁ ପ୍ରବଳ ଆଗ୍ରହ ଥିବାରୁ ସେ ପଢ଼ିବାପାଇଁ ଅନୁମତି ପାଇଲେ। ୧୯୧୭ ମସିହାରେ ରେଭେନ୍‌ସା କଲେଜରେ ଆଇ.ଏ.ସି. ପଢ଼ି ପରେ ବି.ଏ. ପଢ଼ିଲେ। ସଂସ୍କୃତ ଓ ଅର୍ଥନୀତି ତାଙ୍କର ଇଚ୍ଛାଧୀନ ବିଷୟ ଥିଲା। ସେ କଲେଜରେ ପଢ଼ିଲାବେଳେ କଲେଜରୁ ପ୍ରକାଶ ପାଉଥିବା 'ମଳୟ' ନାମକ ହାତଲେଖା ପତ୍ରିକା, 'ଡଷ୍ଟବିନ୍' ନାମକ ଇଂରାଜୀ ପତ୍ରିକା ଓ ମଧୁବାବୁଙ୍କ ଇଂରାଜୀ ସାପ୍ତାହିକ ପ୍ରତିକା 'ଦି ଓଡ଼ିଶା' ରେ ନିୟମିତ ଲେଖୁଥିଲେ।

୧୯୨୦ ମସିହାରେ କଟକରେ 'ଭାରତୀ ପାଠାଗାର' ନାମରେ ଏକ ପାଠାଗାର ସ୍ଥାପିତ ହେଲା। ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ଭାଗିରଥି ମହାପାତ୍ର ପ୍ରମୁଖ ଏହାର ସଦସ୍ୟ ଥିଲେ। ହରେକୃଷ୍ଣ ମହତାବ ଏହାର ସଦସ୍ୟ ହେଲେ। ଏହି ସମୟରେ କଲିକତାରେ କଂଗ୍ରେସର ଏକ ଅଧିବେଶନ ହେଲା। ଭାରତୀ ପାଠାଗାର ପକ୍ଷରୁ ଏହି ଅଧିବେଶନରେ ଯୋଗଦେବା ଲାଗି ମହତାବଙ୍କୁ କଲିକତା ପଠାଗଲା। ସେଠାରେ ସେ ମହାତ୍ମାଗାନ୍ଧୀ, ଚିତ୍ତରଂଜନ ଦାସ, ମୋତିଲାଲ ନେହେରୁ ଓ ଲାଲା ଲଜପତ ରାୟ ପ୍ରମୁଖଙ୍କ ଭାଷଣ ଶୁଣିବାର ସୁଯୋଗ ପାଇଲେ। ବିଦେଶୀ ଶାସନରୁ ଦେଶକୁ ମୁକ୍ତ କରିବାକୁ ଅହିଂସା ଆନ୍ଦୋଳନ ଯେ ଏକମାତ୍ର ପନ୍ଥା, ତାହା ମହାତ୍ମା ଗାନ୍ଧୀ ସରଳ ଓ ସୁନ୍ଦର ଭାବରେ ବୁଝାଇଥିଲେ। ଏଥିରେ ହରେକୃଷ୍ଣ ସଂପୂର୍ଣ୍ଣଭାବେ ଅନୁପ୍ରାଣୀତ ହେଲେ। କଲିକତାରେ ଗୃହୀତ ପ୍ରସ୍ତାବ ସବୁ ବନ୍ଧୁମାନଙ୍କ ଦ୍ୱାରା ଆଲୋଚିତ ହେଲା ଓ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଅହିଂସା ଆନ୍ଦୋଳନରେ ଯୋଗ ଦେବାପାଇଁ ସ୍ଥିର କଲେ।

**ରାଜନୀତିରେ ଯୋଗଦାନ :**

୧୯୨୧ ଫେବୃୟାରୀ ମାସର ଘଟଣା। ଏହା ପୂର୍ବରୁ କଲେଜରେ

ଟେଷ୍ଟ ପରୀକ୍ଷା ସରିଥାଏ। ଟେଷ୍ଟ ପରୀକ୍ଷାରେ ଭଲ ନମ୍ବର ରଖି ଫାଇନାଲ ପରୀକ୍ଷା ପାଇଁ ବଛା ହୋଇଥାନ୍ତି। ସେହି ସମୟରେ ନାଗପୁରଠାରେ କଂଗ୍ରେସର ଅଧିବେଶନ ହେଲା। କଂଗ୍ରେସ ଡାକରାରେ ଉଦ୍‌ବୁଦ୍ଧ ହୋଇ ଛାତ୍ରମାନେ କଲେଜ ବର୍ଜନ କରିବା ନିଷ୍ପତ୍ତି ନେଲେ। ନାଗପୁର କଂଗ୍ରେସ ଅଧିବେଶନରେ ଓଡ଼ିଶା କଂଗ୍ରେସର କର୍ଣ୍ଣଧାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହ ପ୍ରଥମ ପରିଚୟ ହେଲା। ତାଙ୍କର ହୃଦୟ ଅତି କୋମଳ ଓ ଅନୁକମ୍ପାଭରା ବୋଲି ସେଠାରେ ସେ ଜାଣିବାକୁ ପାଇଲେ। ବି.ଏ. ପରୀକ୍ଷା ଦେବେ କି ନାହିଁ ବୋଲି ଗୋପବନ୍ଧୁଙ୍କୁ ପଚାରିଥିଲେ। ବି.ଏ. ଶେଷ ପରୀକ୍ଷା ଦେବାପରେ କଂଗ୍ରେସରେ ଯୋଗ ଦେବାପାଇଁ ଗୋପବଂଧୁ ଦାସ ତାଙ୍କୁ ପରାମର୍ଶ ଦେଲେ। ମାତ୍ର ହରେକୃଷ୍ଣ ମହତାବ ଓ ଆଉ ଦୁଇଜଣ ଛାତ୍ର ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଲେ। କଂଗ୍ରେସର କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରମାନେ ବହୁ ସଂଖ୍ୟାରେ ସ୍କୁଲ, କଲେଜ ବର୍ଜନ କଲେ। ଏହି ସମୟରେ କଂଗ୍ରେସର ବାର୍ତ୍ତା ପ୍ରଚାର ପାଇଁ ମହାତ୍ମାଗାନ୍ଧୀ ଓଡ଼ିଶାକୁ ଆସିଥିଲେ। ସେ କଟକ, ବ୍ରହ୍ମପୁର, ପୁରୀ ପ୍ରଭୃତି ଅଞ୍ଚଳ ବୁଲି ଅହିଂସାର ତାତ୍ପର୍ଯ୍ୟ ଓ ଅସହଯୋଗ ଆନ୍ଦୋଳନର କୌଶଳ ଅତି ସରଳ ଓ ସୁନ୍ଦର ଭାବରେ ବୁଝାଇଥିଲେ।

ଗାନ୍ଧିଜୀ ଓଡ଼ିଶାକୁ ଫେରିଯିବା ପରେ ହରେକୃଷ୍ଣ ମହତାବ କଂଗ୍ରେସ ସଂଗଠନ କାମ ଚଳାଇଲେ। କଂଗ୍ରେସ ସଭ୍ୟଗ୍ରହଣ, ସ୍ୱରାଜାଶ୍ରମ ନିର୍ମାଣ ଆଦି କାମ ଆରମ୍ଭ ହେଲା। ଭଦ୍ରଖର ଏକ ସାଧାରଣ ସଭାରେ କନିକା ରାଜାଙ୍କ ଅତ୍ୟାଚାରର ନିନ୍ଦା କରାଯାଇ ଏ ପ୍ରସ୍ତାବ ଗୃହୀତ ହେଲା। ଏହି ସଭାରେ ଉତ୍କଳମଣି ଗୋପବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ୧୪୪ ଧାରା ଅମାନ୍ୟ କରି ସଭା କରୁଥିବା ଅଭିଯୋଗରେ ପଣ୍ଡିତ ଗୋପବଂଧୁ ଦାସ ଓ ହରେକୃଷ୍ଣ ମହତାବଙ୍କୁ ଗିରଫ କରାଗଲା। ତତ୍କାଳୀନ ବାଲେଶ୍ୱର କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ୟାମଲାଲ ଗୁପ୍ତଙ୍କର ଅଦାଲତରେ ବିଚାର ହୋଇ ମହତାବଜୀଙ୍କୁ ଏକବର୍ଷ କାରାଦଣ୍ଡ ହେଲା। ତାଙ୍କୁ ପ୍ରଥମେ କଟକ ଜେଲରେ ଏକମାସ ରଖିବାପରେ ଭାଗଲପୁର ସେଣ୍ଟ୍ରାଲ ଜେଲକୁ ନିଆଗଲା। ଜେଲରେ ଥିବାବେଳେ ପ୍ରଥମେ ହରେକୃଷ୍ଣ ମହତାବଙ୍କୁ କଷ୍ଟସାଧ କାମ ଦିଆଯାଉଥିଲା। ପରେ ସେ ଜେଲ ସୁପରିଟେଣ୍ଡେଂଟଙ୍କ ଅଫିସରେ କାମ କଲେ। ସେହି ସମୟରେ ସେ ଲେଖାଲେଖି କରିବାକୁ ସୁଯୋଗ ପାଇଲେ। ଏହି ସମୟରେ 'ଅଜବ ଦୁନିଆ' ନାମକ ଏକ ଉପନ୍ୟାସ ଲେଖିଥିଲେ। ଏହାଛଡ଼ା 'ଫ୍ରି ଥିଙ୍କିଙ୍ଗ୍' ନାମକ ଇଂରାଜୀ ପୁସ୍ତିକା ସେ ଲେଖିଥିଲେ। ଏହାର କେତେକାଂଶ ଲକ୍ଷ୍ମୀନାରାୟଣ ସାହୁ 'ଷ୍ଟାର୍ ଅଫ୍ ଇଣ୍ଡିଆ'ରେ ଛପାଇଥିଲେ। 'ଅଜବ ଦୁନିଆ' ଉପନ୍ୟାସଟି ୧୯୩୦ ମସିହାରେ ପୋଲିସ ଜବତ କରି ପୋଡ଼ି ନଷ୍ଟ କରିଦେଇଥିଲେ। କଟକରେ ଥିଲାବେଳେ ୧୯୩୨ ମସିହାରେ ମହତାବଜୀ 'ପ୍ରଜାତନ୍ତ୍ର' ନାମରେ ଏକ ସାପ୍ତାହିକ ପତ୍ରିକା ବାହାର କଲେ। ପରେ ତାହା ବାଲେଶ୍ୱରରୁ ପ୍ରକାଶ ପାଇଲା। ସେ ହାଣ୍ଡପ୍ରେସଟି କିଣି ନିୟମିତ ପ୍ରକାଶ କଲେ। ପରବର୍ତ୍ତୀ ସମୟରେ ଏହା ଦୈନିକରେ ପରିଣତ ହେଲା।

**ଜିଲ୍ଲାବୋର୍ଡ଼ ଚେୟାରମ୍ୟାନ୍ :**

ଏହି ସମୟରେ ମ୍ୟୁନିସିପାଲିଟି ଓ ଜିଲ୍ଲା ବୋର୍ଡ଼ ପ୍ରଭୃତି ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନା ଅନୁସାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅହମ୍ମଦାବାଦ ମ୍ୟୁନିସିପାଲିଟି ଓ ଜବାହରଲାଲ ନେହେରୁ ଏହ୍ଲାବାଦ ମ୍ୟୁନିସିପାଲଟି ନିର୍ବାଚନରେ ଭାଗନେଇ ଚେୟାରମ୍ୟାନ୍ ହୋଇଥିଲେ। ହରେକୃଷ୍ଣ ମହତାବ ବାଲେଶ୍ୱର ଜିଲ୍ଲାବୋର୍ଡ଼ ଚେୟାରମାନ୍ ପଦ ନିର୍ବାଚନରେ ଜିତି ପାଇଥିଲେ। ୧୯୨୬ ମସିହା ନିର୍ବାଚନରେ ହରେକୃଷ୍ଣ ମହତାବ ଅନ୍ୟମାନଙ୍କ ସହ ବିହାର - ଓଡ଼ିଶା କାଉନ୍‌ସିଲକୁ ନିର୍ବାଚିତ ହେଲେ। ୧୯୨୮ ଡିସେମ୍ବର ମାସରେ ତାଙ୍କ ସଭାପତିତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ାହେଲା। ସେ ୧୯୩୦ ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହେଲେ।

**ଇଂଚୁଡ଼ି ଲବଣ ସତ୍ୟାଗ୍ରହ :**

୧୯୩୦ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଗୁଜୁରାଟରେ ଲବଣ ସତ୍ୟାଗ୍ରହ ହେବାପାଇଁ ସ୍ଥିର ହୋଇଥାଏ। ଗାନ୍ଧିଜୀ ଲବଣ ସତ୍ୟାଗ୍ରହରେ ଦାଣ୍ଡି ଅଭିମୁଖେ ଯାତ୍ରାକଲେ। ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ସେନାପତିତ୍ୱରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲୁଣ ମରାଯିବାପାଇଁ ସ୍ଥିର ହେଲା। ଏହି ପ୍ରସ୍ତାବ କ୍ରମେ ଆଚାର୍ଯ୍ୟ ହରିହର ଦାସ ଲୁଣ ମାରିବାପାଇଁ ବାଲେଶ୍ୱର ଠାରୁ ୨୩ କି.ମି ଦୂର ଇଞ୍ଚୁଡ଼ି ଅଭିମୁଖେ ଆଗେଇଲେ। ତାଙ୍କ ସହିତ ଗୋପବନ୍ଧୁ ଚୌଧୁରୀ, ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାଶ ପ୍ରମୁଖ ଥିଲେ। ଏହି ଲୁଣମରା ସତ୍ୟାଗ୍ରହ ଯୋଗୁଁ ଆଚାର୍ଯ୍ୟ ହରିହର ଦାଶ, ହରେକୃଷ୍ଣ ମହତାବ, ଗୋପବଂଧୁ ଚୌଧୁରୀ, ବିଶ୍ୱନାଥ ଦାସ, ବିଶ୍ୱନାଥ ସାମନ୍ତ ଗିରଫ ହୋଇ ଭାଗଲପୁର ଜେଲରେ ବନ୍ଦୀ ହେଲେ। ବୋଲଗଡ଼ ବ୍ଲକ ଚମ୍ପେଇଲ ଗ୍ରାମର ବିଶ୍ୱନାଥ ସାମନ୍ତ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ଭାଗନେଇ କାରାବରଣ କରିବାରେ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ରାଜବନ୍ଦୀ ଭାବେ ପରିଚିତ ଥିଲେ।

ଏହାପରେ କରାଚୀଠାରେ କଂଗ୍ରେସ ଅଧିବେଶନ ହେଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସଭାପତି ଆସନ ଅଳଂକୃତ କରିଥିଲେ। ହରେକୃଷ୍ଣ ମହତାବ ଏହି ଅଧିବେଶନରେ ଯୋଗ ଦେବାପରେ ଗାନ୍ଧିଜୀ ତାଙ୍କୁ ସାବରମତୀ ଆଶ୍ରମ ପଠାଇଦେଲେ। ଆଶ୍ରମରେ ଏକମାସ ରହି ବାସନ ମାଜିବା, ରୋଷେଇ କରିବା ଆଦି ଅଭିଜ୍ଞତା ହାସଲ କଲେ। ପୁରୀରେ କଂଗ୍ରେସ ଅଧିବେଶନ ହେବାପାଇଁ ସ୍ଥିର ହେଲା। ସେଠାରେ ମହତାବଜୀ ସ୍ୱେଚ୍ଛାସେବକ ସଂଗ୍ରହ, ସେମାନଙ୍କୁ ତାଲିମ ଦେବା ଓ କଂଗ୍ରେସ ଅଧିବେଶନ ପାଇଁ ଅର୍ଥ ସଂଗ୍ରହ କାମରେ ଲାଗିପଡ଼ିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ଐତିହାସିକ ଓଡ଼ିଶା ପଦଯାତ୍ରା ବେଳେ ସେ ପୁରୀରୁ କଟକ ଯାତ୍ରା କରିଥିଲେ। ପୁଣି ବାଲେଶ୍ୱର ଗସ୍ତବେଳେ ଗାନ୍ଧିଜୀ ହରେକୃଷ୍ଣ ମହତାବଙ୍କ ତୋଡ଼ଙ୍ଗାସ୍ଥିତ କଚେରୀ ଘରେ ଗୋଟିଏ ରାତି ଓ ଭଦ୍ରଖ ବାସଭବନରେ ଗୋଟିଏ ରାତି କଟାଇଥିଲେ। ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା। ୧୯୩୭ ରେ ନିର୍ବାଚନ ହୋଇ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ଏହି ନୂତନ ଓଡ଼ିଶାରେ ଗଡ଼ଜାତମାନଙ୍କର ସଂପୃକ୍ତି ନଥିଲା। ସର୍ବଭାରତୀୟ ସ୍ତରରେ ଗଡ଼ଜାତମାନଙ୍କରେ ଆନ୍ଦୋଳନ ଜାରି ରଖିବାକୁ ପଟ୍ଟାଭି ସୀତାରାମେୟାଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଗଲା। ଓଡ଼ିଶାରେ ଢ଼େଙ୍କାନାଳର ସାରଙ୍ଗଧର ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ମହେଶ ଚନ୍ଦ୍ର ସୁବାହୁ ସିଂହ ପ୍ରମୁଖ ନେତୃତ୍ୱ ନେଲେ। ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିବାପାଇଁ ହରେକୃଷ୍ଣ

ମହତାବଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଗଲା। ଏହି କମିଟିରେ ଗୁଜୁରାଟର ବଳବନ୍ତରାୟ ମେହେଟ୍ଟା ଓ ଲାଲମୋହନ ପଟ୍ଟନାୟକ ସଦସ୍ୟ ଥିଲେ। ମହତାବଜୀଙ୍କ ପ୍ରେରଣାରେ ନୀଳଗିରି, ଢ଼େଙ୍କାନାଳ, ରଣପୁର, ତାଳଚେର ଆଦିରେ ପ୍ରଜା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ତାଳଚେରରେ ପ୍ରାୟ ୩୦,୦୦୦ ପୁରୁଷ, ସ୍ତ୍ରୀ ଓ ପିଲା ଆନ୍ଦୋଳନ ଡାକରାରେ ତାଳଚେର ଛାଡ଼ି ଅନୁଗୁଳ ଆଦିରେ ଆଶ୍ରୟ ନେଇଥିଲେ। ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରେରଣାରେ ରଣପୁରରେ ପ୍ରଜା ଆନ୍ଦୋଳନ ଭୟଙ୍କର ହୋଇଥିଲା। ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ୍‌ଙ୍କୁ ଲୋକମାନେ ଠେଙ୍ଗାରେ ପିଟି ପିଟି ମାରିଦେଲେ। ସେହିଦିନ ହତ୍ୟାକାଣ୍ଡ ପରେ ପରେ ମହତାବଜୀ ସେଠାରେ ଉପସ୍ଥିତ ହୋଇଥିଲେ। ବ୍ରିଟିଶ ସରକାର ନିରୀହ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବାର ଆଶଙ୍କା ଥିବାରୁ ସମସ୍ତେ ଘରଦ୍ୱାର ଛାଡ଼ି ଅନ୍ୟରାଜ୍ୟ ବା ଖୋର୍ଦ୍ଧା ଖାସ୍‌ମାହାଲ ଅଞ୍ଚଳକୁ ଚାଲିଆସିବାକୁ ପରାମର୍ଶ ଦେଲେ। ଏହି ହତ୍ୟାକାଣ୍ଡରେ ହରେକୃଷ୍ଣ ମହତାବଙ୍କୁ କେସରେ ଛନ୍ଦି ଅଭିଯୁକ୍ତ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ମହାତ୍ମାଗାନ୍ଧୀଙ୍କ ହସ୍ତକ୍ଷେପ ଫଳରେ ପାର୍ଲାମେଣ୍ଟ ସଦସ୍ୟା ମିସ୍ ଆଗାଥା ହେରିସେନ ଓଡ଼ିଶା ଆସି ମିଥ୍ୟା ଅଭିଯୋଗରୁ ହରେକୃଷ୍ଣ ମହତାବଙ୍କୁ ମୁକ୍ତ କଲେ।

**ପୁରୁଣା ସ୍ମୃତି ମନେପଡୁଛି :**

୧୯୮୫ ମସିହାରେ 'ରଣପୁର ବିଦ୍ରୋହ' ପୁସ୍ତକର ଅଭିମତ ଆଣିବାପାଇଁ ତାଙ୍କ ପାଖକୁ ଯାଇଥିଲି। କଥା ପ୍ରସଙ୍ଗରେ କହିଥିଲେ ବେଜଲଗେଟ ହତ୍ୟାଦିନ (୧୯୩୯ ଜାନୁଆରୀ ମାସ ୫ ତାରିଖ) ରଣପୁର ଯିବାବେଳେ ଖୋର୍ଦ୍ଧାରେ ଗାଡ଼ି ଖରାପ ହେଲା ଏବଂ ଗ୍ୟାରେଜରେ ଗାଡ଼ି ମରାମତି ହେଉଥିବାବେଳେ ସେ ଖୋର୍ଦ୍ଧା ଥାନାକୁ ଯାଇ ରଣପୁର ଯାଉଛନ୍ତି ବୋଲି ଜଣାଇଥିଲେ। ଯଦି ଗାଡ଼ି ଖରାପ ହୋଇନଥାନ୍ତା, ସେ ଠିକ୍ ସମୟରେ ରଣପୁରରେ ପହଂଚିଥାନ୍ତେ। ଯଦି ସେ ବେଜଲଗେଟ୍‌ଙ୍କ ଉପସ୍ଥିତି ସମୟରେ ପହଂଚିଥାନ୍ତେ, ତେବେ ନିର୍ଦ୍ଦୋଷ ରଘୁ ଦିବାକରଙ୍କ ଭଳି ସେ ମଧ୍ୟ ଫାଶୀଖୁଣ୍ଟରେ ଝୁଲିଥାଆନ୍ତେ ! ମହତାବଜୀଙ୍କ ସେହିକଥା ଏବେବି ମୋ ମନରେ ଅନୁରଣିତ ହେଉଛି। କେବଳ ରଣପୁର ନୁହେଁ ନୀଳଗିରି ପ୍ରଜା ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେତେବେଳେ ନୀଳଗିରିରେ ରାଜା ଥାନ୍ତି କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ। ବନମାଳୀ ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳର ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ଫଳରେ ଭାରତର ୫୬୫ଟି ଗଡ଼ଜାତମାନଙ୍କ ମଧ୍ୟରୁ ନୀଳଗିରି ସର୍ବପ୍ରଥମେ ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ଓଡ଼ିଶାରେ ମିଶ୍ରଣ ହୋଇଥିଲା। ଯଦିଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଗଡ଼ଜାତ ମିଶ୍ରଣ ପାଇଁ ଶ୍ରେୟ ଦିଆଯାଏ, ବାସ୍ତବରେ ଏହା ଥିଲା ମହତାବଜୀଙ୍କ ଅବଦାନ। ଓଡ଼ିଶାରୁ ହିଁ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗଡ଼ଜାତ ମିଶ୍ରଣ ପ୍ରକ୍ରିୟାରେ ସର୍ଦ୍ଦାର ପଟେଲଙ୍କ ପ୍ରମୁଖ ସହଯୋଗୀ ଥିଲେ ମହତାବଜୀ।

୧୯୪୨ ମସିହା ଅଗଷ୍ଟ ୮ ତାରିଖରୁ ଗାନ୍ଧିଜୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଫଳରେ ଇଂରେଜ ସରକାର ଦମନ ନୀତି ପ୍ରୟୋଗ କଲେ। ଅଗଷ୍ଟ ମାସ ୯ ତାରିଖରେ ଗୋବିନ୍ଦ ବଲ୍ଲଭ ପନ୍ଥ ଓ ହରେକୃଷ୍ଣ ମହତାବ ଗିରଫ ହେଲେ। ପରେ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଆସଫ ଅଲ୍ଲୀ, ଡାକ୍ତର ପଟ୍ଟାଭି ସୀତାରାମାୟା। ସମସ୍ତେ ଅହମ୍ମଦନଗର ପୋର୍ଟରେ ବନ୍ଦୀଜୀବନଯାପନ କରିଥିଲେ। ହରେକୃଷ୍ଣ ମହତାବ ୧୯୪୨ ମସିହା ଅଗଷ୍ଟ ମାସରୁ ୧୯୪୫ ମସିହା ଅପ୍ରେଲ ମାସ ପର୍ଯ୍ୟନ୍ତ ବନ୍ଦୀ ଥିଲେ। ଜେଲ ଜୀବନ ଭିତରେ ସେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କଠାରୁ ସଂସ୍କୃତ ଶିକ୍ଷାକଲେ। ଏଠାରେ ଥିବାବେଳେ ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ ଓଡ଼ିଶା ଇତିହାସ ଲେଖିବାର ସୁଯୋଗ ପାଇଥିଲେ। ୧୯୪୫ ମସିହା ଅପ୍ରେଲ ମାସରେ ସମ୍ବଲପୁର ଜେଲକୁ ଆସିଲେ। ସେଠାରେ ସେ ଇଂରାଜୀ - ଓଡ଼ିଆ ଅଭିଧାନ ଲେଖିବା ଆରମ୍ଭ କରିଥିଲେ। ଭାରତ ଇତିହାସ ଲେଖିବାର ଯୋଜନା ମଧ୍ୟ କରିଥିଲେ। ମାତ୍ର ହଠାତ୍ ତାଙ୍କୁ ଖଲାସ କରିଦିଆଯାଇ କଟକକୁ କାରଯୋଗେ ପଠାଇ ଦିଆଗଲା। କଟକରେ ସେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ଘରେ ରହିଲେ। ବିଜୟାନନ୍ଦ ପଟ୍ଟନାୟକ ମଧ୍ୟ ଲାହୋର ଜେଲରୁ ଖଲାସ ହୋଇ କଟକ ଆସିଲେ। ତାଙ୍କ ସହିତ ଗୋପନରେ ସାକ୍ଷାତ୍ ହେଉଥାଏ। ଦେଶ କିଭଳି ସ୍ୱାଧୀନ ହେବ ସେ ନେଇ ଆଲୋଚନା ମଧ୍ୟ ହେଉଥାଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ୧୯୪୫ ସେପ୍ଟେମ୍ବର ମାସରେ ଓଡ଼ିଶା ବିଧାନସଭା ଭାଙ୍ଗିଗଲା। ଏହାପରେ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ସ୍ଥିରହେଲା। ହରେକୃଷ୍ଣ ମହତାବ କଂଗ୍ରେସ ଦଳକୁ ବିପୁଳ ଭୋଟରେ ବିଜୟୀ କରାଇଲେ। ୧୯୪୬ ମସିହା ଅପ୍ରେଲ ୨୩ ତାରିଖରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ। ସେତେବେଳେ ରାଜ୍ୟମନ୍ତ୍ରୀମଣ୍ଡଳର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ବଦଳରେ ପ୍ରଧାନମନ୍ତ୍ରୀ କୁହାଯାଉଥିଲା। ପୂର୍ବରୁ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ୧ମ ଓ ୩ୟ ଥର, ବିଶ୍ୱନାଥ ଦାଶ ୨ୟ ଏବଂ ମହତାବଜୀ ୪ର୍ଥ ଥର ବା ଶେଷଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ପଦ ଉଠି ମୁଖ୍ୟମନ୍ତ୍ରୀ ପଦ ସୃଷ୍ଟି ହୋଇଥିଲା। ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ରାଧାକୃଷ୍ଣ ବିଶ୍ୱାସରାୟ ସ୍ଥାନ ପାଇଥିଲେ।

ମହତାବଜୀ ପ୍ରଧାନମନ୍ତ୍ରୀ ହେବାପରେ ହୀରାକୁଦ ବନ୍ଧ ତାଙ୍କର ଶ୍ରେଷ୍ଠ ଅବଦାନ। ଭାରତ ସରକାରଙ୍କ ଉପରେ ଚାପ ପକାଇ ସେ ଏହା କରାଇପାରିଲେ। ସର୍ଭେ କାମ ଆରମ୍ଭ ନହେଉଣୁ ବନ୍ଧ ବିରୋଧୀ ଆନ୍ଦୋଳନ ଦେଖାଦେଲା। ସମ୍ବଲପୁରର ବିଶିଷ୍ଟ ନେତା ବୋଧରାମ ଦୁବେ, ଶ୍ରଦ୍ଧାକାର ସୁପକାର, ଲକ୍ଷ୍ମୀନାରାୟଣ ମିଶ୍ର ବନ୍ଧ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସମ୍ବଲପୁର ଅଞ୍ଚଳର ଗାଁ ଗାଁ ବୁଲି ବନ୍ଧର ଉପକାରିତା ନେଇ ବୁଝାଇଲେ। ଗଭର୍ଣ୍ଣର ଜେନେରାଲ ଲର୍ଡ଼ ୱାଭେଲ ବନ୍ଧ ନିର୍ମାଣର ଦୃଢ଼ପରିକର ଥିବାରୁ ବନ୍ଧ ନିର୍ମାଣ ହେଲା। ୧୯୪୭ ମସିହା ନଭେମ୍ବର ମାସରେ କେନ୍ଦ୍ର ସରକାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଲା। ବନ୍ଧ ନିର୍ମାଣ ପାଇଁ ସମସ୍ତ ବ୍ୟୟ ଓଡ଼ିଶା ସରକାର ପରିଶୋଧ କରିବାପାଇଁ ସର୍ତ୍ତ ରହିଲା। ୧୯୪୮ ମସିହା ଅପ୍ରେଲ ମାସ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭିତ୍ତିପ୍ରସ୍ତର ସ୍ଥାପନ କଲେ।

ମହତାବଜୀଙ୍କ ଉଦ୍ୟମରେ ଓଡ଼ିଶାର ଗଡ଼ଜାତଗୁଡ଼ିକ ଓଡ଼ିଶା ସହ ମିଶ୍ରଣ

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଡ.ହରେକୃଷ୍ଣ ମହତାବ ଓଡ଼ିଶା ପ୍ରଦେଶ ଗଠନ, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିବାରୁ ତାଙ୍କୁ ଉତ୍କଳ କେଶରୀ ଉପାଧିରେ ସମ୍ବୋଧିତ କରାଯାଏ। ତାଙ୍କର ଜୀବନ ଅବଧି ୨୧ ନଭେମ୍ବର, ୧୮୯୯ ରୁ ୨ ଜାନୁଆରୀ ୧୯୮୭ ବହୁ ଘଟଣାବଳୀରେ ପରିପୂର୍ଣ୍ଣ। ରାଜନୀତିକୁ ଛାଡ଼ିଦେଲେ ସାହିତ୍ୟ କ୍ଷେତ୍ରରେ ସେ ଜଣେ କୃତବିଦ୍ୟ ଲେଖକ। ସେ ରଚନା କରିଥିବା ପୁସ୍ତକମାନଙ୍କ ମଧ୍ୟରେ ଉପନ୍ୟାସ ସଂପାଦନା - ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା - ୧୯୪୬, ତୃତୀୟ ପର୍ବ, ଗଳ୍ପ ସଂପାଦନା - ସ୍ୱର୍ଗରେ ଏମର୍ଜେନ୍ସୀ, କବିତା ସଂକଳନ - ସଂପାଦନା - ଋରି ଚକ୍ଷୁ, ପଲାସୀ ଅବସାନେ, ଶେଷ ଅଶ୍ରୁ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ, ଆତ୍ମଜୀବନୀ - ସାଧନାର ପଥେ। ଶିଶୁ ସାହିତ୍ୟ ସଂପାଦନା, ବିଷ୍ଣୁପୁରର ଭିତିରିକଥା, ଗଣେଶଙ୍କ ପାଠପଢ଼ା, ଅନ୍ୟାନ୍ୟ - ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତପ୍ରଣୟ, ଉତ୍ତରୋତ୍ତର, ଶମ୍ଭୁଙ୍କର ତପସ୍ୟା, ଅନ୍ଧଯୁଗ, ଯୁଗସଂକେତ, ଓଡ଼ିଶା ଇତିହାସ (୩ ଖଣ୍ଡ), ସାହିତ୍ୟ ଆଲୋଚନା, ଗାନ୍ଧୀ ଧର୍ମ, ଅହିଂସାର ଉପଯୋଗ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଗାନ୍ଧିଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା, ଗାଁ ମଜଲିସ ( ୪ଖଣ୍ଡ), ଆଧୁନିକତା ଓ ବିଗନିଙ୍ଗ୍ ଅଫ୍ ଦ ଏଣ୍ଡ ପ୍ରମୁଖ ଅନ୍ୟତମ। ଗାଁ ମଜଲିସ୍ ପାଇଁ ୧୯୮୩ ମସିହାରେ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ସଂଗୀତ ନାଟକ ଏକାଡ଼େମୀର ସଭାପତି ଭାବେ ଅନେକଥର ନିର୍ବାଚିତ ହୋଇଥିଲେ। ତାଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା। ତାହା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ମିଳିଥିଲା।

ସାହିତ୍ୟ, ଇତିହାସ, ରାଜନୀତି, ଗଡ଼ଜାତ ମିଶ୍ରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ସେ ସଫଳ ହୋଇଛନ୍ତି। ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହକୁ ନେଇ ଡ. ମହତାବ ଗର୍ବ କରୁଥିଲେ। ରାଜ୍ୟତମାମ ପାଇକ ଆଖଡ଼ାର ଆୟୋଜନ ପାଇଁ ପ୍ରୋତ୍ସାହନ ଦେଉଥିଲେ। ସ୍ୱାଧୀନତା ପରେ ପାଇକମାନଙ୍କୁ ଏକଜୁଟ୍ କରି ଓଡ଼ିଶାର ପରିଚୟ ଭାବେ ସେମାନଂକୁ ଐକ୍ୟବଦ୍ଧ ହେବାପାଇଁ ସେ ପରାମର୍ଶ ଦେଉଥିଲେ। 'ହିଷ୍ଟ୍ରି ଅଫ୍ ଫ୍ରିଡମ୍ ମୁଭମେଂଟ୍ ଇନ୍ ଓରିଶା'(ଭଲ୍ୟୁମ୍-୧)-ଡ. ମହତାବ ଓ ସୁଶୀଲ ଚନ୍ଦ୍ର ଦେ'ଙ୍କ ଯୁଗ୍ମ ସଂପାଦନାରେ ୧୯୫୭ ମସିହାରେ ପ୍ରକାଶ ପାଇଥିବା ଏହି ପୁସ୍ତକଟିରେ ପାଇକ ବିଦ୍ରୋହର ଗୌରବଗାଥା ସଂପର୍କରେ ଆଲୋକପାତ କରାଯାଇଥିଲା। ସେଥିପାଇଁ ପ୍ରତିବର୍ଷ ଡ. ମହତାବଙ୍କର ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀରେ ପାଇକ ଆଖଡ଼ାର ଆୟୋଜନ କରାଯାଉଛି। ସେ ଥିଲେ ଜଣେ ସ୍ୱାଭିମାନୀ ଓଡ଼ିଆ। ଓଡ଼ିଶାର ପ୍ରଧାନମଂତ୍ରୀ, ମୁଖ୍ୟମଂତ୍ରୀ, ପ୍ରଥମ ଓଡ଼ିଆ ରାଜ୍ୟପାଳ, ପ୍ରଥମ ଓଡ଼ିଆ କେନ୍ଦ୍ରମଂତ୍ରୀ, ଓଡ଼ିଶା ଗଡ଼ଜାତ ମିଶ୍ରଣର ଜନକ। ସେହି ମହାପୁରୁଷ, ଓଡ଼ିଶାର ଗର୍ବ ଓ ଗୌରବ ଡ. ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଂଜଳି ଜଣାଉଛି।

**ସହଯୋଗୀ ସଂପାଦକ, ଆମରିସତ୍ୟ**
**ଶୂନ୍ୟଭାଷ: ୯୨୩୭୦୮୯୫୦୯**

ହୋଇଥିଲା। ପୂର୍ବରୁ କଟକରେ ରାଜସ୍ୱ ଡିଭିଜନ ଥିଲା। ତାଙ୍କ ଉଦ୍ୟମରେ ସମ୍ବଲପୁରରେ ରାଜସ୍ୱ ଡିଭିଜନ ପ୍ରତିଷ୍ଠା ହେଲା। କଟକରେ ବେତାର କେନ୍ଦ୍ର ପ୍ରତିଷ୍ଠା ମଧ୍ୟ ଅନ୍ୟ ଏକ କାର୍ଯ୍ୟ। ଓଡ଼ିଶାର ରାଜଧାନୀ କେଉଁଠାରେ ହେବ ସେ ନେଇ ବହୁ ଆଲୋଚନା ପରେ ମହତାବଙ୍କ ପ୍ରସ୍ତାବକ୍ରମେ ଭୁବନେଶ୍ୱରରେ ରାଜଧାନୀ ସ୍ଥାପିତ ହେଲା। ସେ ୧୯୫୦ ରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ଶିଳ୍ପ, ବାଣିଜ୍ୟ ଓ ଯୋଗାଣମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

କେନ୍ଦ୍ରମନ୍ତ୍ରୀ ହେବାରେ ସେ ଥିଲେ ପ୍ରଥମ ଓଡ଼ିଆ। ଦଳର ସାଙ୍ଗଠନିକ ଦାୟିତ୍ୱ ତୁଲାଇବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇ କଂଗ୍ରେସ ଦଳର ଜାତୀୟ ସାଧାରଣ ସଂପାଦକ ପଦରେ ରହିଲେ। ୧୯୫୫ - ୫୬ ମସିହାରେ ସେ ବମ୍ବେର ରାଜ୍ୟପାଳ ରହିଲେ। ବମ୍ବେ ପ୍ରଦେଶ ପରେ ଦୁଇଭାଗ ହୋଇ ଗୁଜୁରାଟ ଓ ମହାରାଷ୍ଟ୍ର ହୋଇଛି। ସେତେବେଳେ ରାଜ୍ୟପାଳ ହେବା ସମ୍ମାନଜନକ ପଦ ଥିଲା। ରାଜ୍ୟପାଳ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ଏହାପରେ ସେ ୧୯୫୬ ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମନ୍ତ୍ରିମଣ୍ଡଳରେ ଲିଙ୍ଗରାଜ ପାଣିଗ୍ରାହୀ, ରାଧାନାଥ ରଥ, ପବିତ୍ରମୋହନ ପ୍ରଧାନ, ବସନ୍ତ ମଂଜରୀ ଦେବୀ, ସତ୍ୟପ୍ରିୟ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ଭଂଜଦେଓ, ନୀଳମଣି ରାଉତରାୟ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଦୀନବନ୍ଧୁ ସାହୁ ପ୍ରମୁଖ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଏହାବ୍ୟତୀତ ୫ଜଣ ଉପମନ୍ତ୍ରୀ ମଧ୍ୟ ଥିଲେ। ୧୯୬୨ ରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଅନୁଗୁଳ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭା ସାଂସଦ ହେବାରେ ସେ ପ୍ରଥମ ଓଡ଼ିଆ। ସେ ୧୯୬୭ ରେ କଂଗ୍ରେସ ଦଳ ଛାଡ଼ିଥିଲେ ଓ ଜନ କଂଗ୍ରେସ ଦଳ ଗଢ଼ିଲେ। ଜନକଂଗ୍ରେସ ଦଳର ଚିହ୍ନଥିଲା ନିକିତି। ଜନକଂଗ୍ରେସ ଦଳ ସହ ସ୍ୱତନ୍ତ୍ର ଦଳ ମିଶି ସରକାର ଗଢ଼ିଲେ। ସ୍ୱତନ୍ତ୍ର ଦଳ ୪୯ଟି ଆସନ ପାଇଥିବାରୁ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେଲେ ଓ ଜନକଂଗ୍ରେସ ଦଳ୨୬ଟି ଆସନ ପାଇଥିବାରୁ ପବିତ୍ର ମୋହନ ପ୍ରଧାନ ଉପ-ମୁଖ୍ୟମନ୍ତ୍ରୀ ପଦ ପାଇଲେ। ହରେକୃଷ୍ଣ ମହତାବ ଉଭୟ ବାସୁଦେବପୁର ଓ ଭୁବନେଶ୍ୱର ଆସନରୁ ଜିଣି ଭୁବନେଶ୍ୱର ଆସନରୁ ଇସ୍ତଫା ଦେଲେ। ଫଳରେ ତାଙ୍କ ପତ୍ନୀ ସୁଭଦ୍ରା ମହତାବ ଉପନିର୍ବାଚନରେ ଭୁବନେଶ୍ୱରରୁ ଜିତିଲେ। ଏହାପରେ ସେ ଭୁବନେଶ୍ୱର ଆସନରୁ ୧୯୭୧ ଓ ୧୯୭୪ ରେ ବିଧାୟକ ହୋଇଥିଲେ। ଗଡ଼ଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଚୌଦ୍ୱାରରେ ଓଡ଼ିଶା ଟେକ୍ସଟାଇଲ ମିଲ (ଓଟିଏମ୍) ପ୍ରତିଷ୍ଠା, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ବାରବାଟୀ ଷ୍ଟାଡ଼ିଅମ ନିର୍ମାଣ ଓ ହୀରାକୁଦ ବନ୍ଧ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏସନର ସେ ଥିଲେ ପ୍ରତିଷ୍ଠାତା ସଭାପତି। ୧୯୨୩ ମସିହାରେ ସେ ସାପ୍ତାହିକ ଖବରକାଗଜ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ ଯାହା ପରବର୍ତ୍ତୀ ସମୟରେ ଦୈନିକ ଖବରକାଗଜ ହୋଇଥିଲା। ଇଂରାଜୀ ସାପ୍ତାହିକ 'ଇଷ୍ଟର୍ଣ୍ଣ ଟାଇମ୍ସ' ମଧ୍ୟ ତାଙ୍କଦ୍ୱାରା ପ୍ରକାଶ ପାଇଥିଲା। ସେହିପରି ସାହିତ୍ୟ ପତ୍ରିକା 'ଝଙ୍କାର'ର ପ୍ରତିଷ୍ଠା ଓ ବିଷୁବ ମିଳନ ଆନ୍ଦୋଳନ ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେଇଥିଲା।

# ବିପ୍ଳବୀ ବୀର ସୁରେନ୍ଦ୍ର ଓ ସୁଭାଷ



ପଦ୍ମନାଭ ସ୍ୱାଇଁ



ସମଗ୍ର ଦେଶରେ ଇଂରେଜ ଶାସନ ବିରୋଧରେ ଆରମ୍ଭ ହୋଇଥିବା ପ୍ରଥମ ବିଦ୍ରୋହ (୧୮୫୭ ସିପାହୀ ବିଦ୍ରୋହ) ର ୩୦ବର୍ଷ ପୂର୍ବରୁ ୧୮୨୭ ମସିହାରେ ମାତ୍ର ୧୮ବର୍ଷ ବୟସରେ ହଜାରହଜାର ଲୋକଙ୍କୁ ସଂଗଠିତ କରି ଦେଶୀ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବ୍ରିଟିଶ ସେନାର ଦୃଢ ମୁକାବିଲା କରି ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିବା ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କର ଜନ୍ମ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ୧୮୦୯ ମସିହା ଜାନୁଆରି ୨୩ତାରିଖରେ ହୋଇଥିଲା ।

ଇଂରେଜ ସରକାରଙ୍କର ଅନ୍ୟାୟ, ଅତ୍ୟାଚାରର ପ୍ରତିବାଦ କରିବାକୁ ଯାଇ ଏକ ସୁଦୃଢ ବଳିଷ୍ଠ ସେନାବାହିନୀ ଗଢି ୧୮୨୭ ରୁ (ଦୀର୍ଘ ୧୩ବର୍ଷ ଧରି) ବ୍ରିଟିଶ ସେନାର ଦୃଢ ମୁକାବିଲା କରିଥିବା ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ୧୮୪୦ରେ ଇଂରେଜ ସରକାରଙ୍କଦ୍ୱାରା ବନ୍ଦୀ ହୋଇ ଦୀର୍ଘ ୧୭ବର୍ଷ କାଳ ହଜାରିବାଗ ଜେଲ୍‌ରେ ରହିଥିଲେ । ୧୮୫୭ରେ ସମଗ୍ର ଦେଶରେ ଆରମ୍ଭ ହୋଇଥିବା ସିପାହୀ ବିଦ୍ରୋହ ହଜାରିବାଗ ଅଞ୍ଚଳରେ ମଧ୍ୟ ବ୍ୟାପିଥିଲା, ବିପ୍ଳବୀମାନେ ହଜାରିବାଗ ଜେଲ ଭାଙ୍ଗିଦେବାରୁ ଶହଶହ ବନ୍ଦୀଙ୍କ ସହ ସୁରେନ୍ଦ୍ରସାଏ ମୁକ୍ତ ହେଲେ । ସମଗ୍ର ଦେଶରେ ଆରମ୍ଭ ହୋଇଥିବା ଏହି ପ୍ରଥମ ମୁକ୍ତି ସଂଗ୍ରାମ ଅନେକ କାରଣରୁ ଅସଫଳ ହୋଇଥିଲେ ମଧ୍ୟ ଏହା ବିପ୍ଳବୀ ସୁରେନ୍ଦ୍ରଙ୍କ ପାଇଁ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରିବା ନିମନ୍ତେ ଆଉ ଏକ ସୁଯୋଗ ଆଣିଦେଇଥିଲା । ହଜାରିବାଗ ଜେଲ୍‌ରୁ ମୁକ୍ତ ହୋଇ ସେ ସମ୍ବଲପୁରକୁ ଫେରିଆସି ନିଜର ଅନୁଗତମାନଙ୍କୁ ପୁଣି ସଂଘବଦ୍ଧ କରି ଦ୍ୱିତୀୟ ପର୍ଯ୍ୟାୟ ସଂଗ୍ରାମ ଆରମ୍ଭ କରିଥିଲେ । ୧୮୫୭ ରେ ସମଗ୍ର ଦେଶରେ ଇଂରେଜ ସରକାର ବିରୋଧରେ ଆରମ୍ଭ ହୋଇଥିବା ସିପାହୀ ବିଦ୍ରୋହ ଅଳ୍ପ ସମୟ ମଧ୍ୟରେ ପ୍ରଶମିତ ହୋଇଥିଲେ ବି ଏହି ବିପ୍ଳବୀ ବୀରଙ୍କର ନେତୃତ୍ୱରେ ଆନ୍ଦୋଳନ ୧୮୬୪ ମସିହାର ପର୍ଯ୍ୟନ୍ତ ଚାଲିଥିଲା । ଇଂରେଜ ସରକାର ଦେଶର ବିଭିନ୍ନ ପ୍ରାନ୍ତରୁ ସୈନ୍ୟ ଆଣି ସମ୍ବଲପୁରରେ ଚାଲିଥିବା ବିପ୍ଳବକୁ ଦମନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସୁରେନ୍ଦ୍ରଙ୍କର ସାମରିକ କୌଶଳ, ବିଭିନ୍ନ ଜମିଦାର ତଥା ସ୍ଥାନୀୟ ଜନତାଙ୍କର ଦୃଢ ସମର୍ଥନରେ ସଂଗ୍ରାମ ଉଗ୍ରରୂପ ଧାରଣ କରିଥିଲା । ଏହି ଦ୍ୱିତୀୟ ପର୍ଯ୍ୟାୟ ସଂଗ୍ରାମରେ ସୁରେନ୍ଦ୍ର ସାଏଙ୍କର ଅନେକ ବିପ୍ଳବୀ ବନ୍ଧୁ ସହୀଦ ହେବା ସଙ୍ଗେ



ସଙ୍ଗେ ଇଂରେଜ ସରକାରଙ୍କ ଅନେକ ଉଚ୍ଚ ପଦାଧିକାରୀ ମୃତ୍ୟୁବରଣ କରିଥିଲେ । ସଂଗ୍ରାମକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଇଂରେଜ ସରକାର ତାଙ୍କର କୁଟନୀତି ଆରମ୍ଭ କରିଥିଲେ । ସମ୍ବଲପୁରରେ ଅବସ୍ଥାପିତ ନୂତନ ଅଧିକାରୀ ସୁରେନ୍ଦ୍ରଙ୍କ ସହିତ ବନ୍ଧୁତ୍ୱର ହାତବଢାଇଥିଲେ ଏବଂ ତାଙ୍କର ସମସ୍ତ ଦାବୀକୁ ମାନିନେବାରୁ ସଂଗ୍ରାମରୁ ଓହରିଯାଇ ଏହି ବିପ୍ଳବୀ ବୀର ନିଜର ଜନ୍ମ ସ୍ଥଳୀ ଖିଣ୍ଡାରେ ଭାଇମାନଙ୍କ ସହିତ ରହିଥିଲେ। ତେବେ ଇଂରେଜ ସରକାର ତାଙ୍କୁ କୌଶଳକ୍ରମେ ବନ୍ଦୀ କରିବାକୁ ଯୋଜନା କରି ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଗିରଫ କରି ସୁଦୂର ମହାରାଷ୍ଟ୍ରର ଅସୁରଗଡ ଜେଲରେ ବନ୍ଦୀ ଭାବେ ରଖିଥିଲେ । ମାତ୍ର ୧୮ବର୍ଷ ବୟସରେ ଇଂରେଜ ସାଶନ ବିରୋଧରେ ସଂଗ୍ରାମ ଆରମ୍ଭ କରି ଦୀର୍ଘ ୨୦ବର୍ଷ କାଳ ସଂଗ୍ରାମ କରିବା ସଙ୍ଗେ ସଙ୍ଗେ ଦୀର୍ଘ ୩୭ବର୍ଷ (ଜୀବନ କାଳର ଅର୍ଦ୍ଧେକ ସମୟ) କାରାବରଣ କରି ୧୮୮୪ ମସିହା ଫେବୃଆରୀ ୨୮ତାରିଖରେ ୭୫ବର୍ଷ ବୟସରେ ଜେଲ ପ୍ରକୋଷ୍ଠରେ ଏହି ମହାନ ସଂଗ୍ରାମୀଙ୍କର ଜୀବନଦୀପ ଅସ୍ତମିତ ହୋଇଯାଇଥିଲା ।ଅନ୍ୟପକ୍ଷରେ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କର ମୃତ୍ୟୁର ୧୩ବର୍ଷ ପରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ଭାରତ ମାତାର ସୁଯୋଗ୍ୟ ସନ୍ତାନ ମହାନ୍ କ୍ରାନ୍ତିକାରୀ, ପ୍ରବଳ ପରାକ୍ରମୀ, ଅତ୍ୟନ୍ତ ଚତୁର ମେଧାବୀ ବୀର ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଆବିର୍ଭାବ ଆମ ରାଜ୍ୟର ପୁରାତନ ରାଜଧାନୀ ତଥା ଐତିହାସିକ ସହର କଟକରେ ହୋଇଥିଲା।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଦୁଇ ମହାରଥୀ ରୂପେ ପରିଚିତ ଗାନ୍ଧିଜୀ ଏବଂ ନେତାଜୀଙ୍କର ଲକ୍ଷ୍ୟ ଏକ (ସ୍ୱାଧୀନତାପ୍ରାପ୍ତି) ହେଲେ ବି

ଉଭୟଙ୍କର ଦୃଷ୍ଟିଭଙ୍ଗୀ ଥିଲା ସମ୍ପୂର୍ଣ୍ଣ ବିପରୀତ । ନେତାଜୀ ଗାନ୍ଧିଜୀଙ୍କ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ ମଧ୍ୟ ଗାନ୍ଧିଜୀଙ୍କ ଅହିଂସା ଆଦର୍ଶକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ମତଭେଦ ରହିଥିଲା । ନେତାଜୀଙ୍କର ଦୃଢ ବିଶ୍ୱାସ ଥିଲା ଯେ, ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗ ଅନୁସରଣ ଦ୍ୱାରା ଅତ୍ୟନ୍ତ କ୍ରୁର, ନିଷ୍ଠୁର, ଧୂର୍ତ୍ତ, ଶଠ ଇଂରେଜ ଶାସକଙ୍କର ହୃଦୟକୁ ଜୟ କରିବା ଆଦୌ ସମ୍ଭବ ନୁହେଁ । ଏଥିପାଇଁ ଆବଶ୍ୟକ ସଶସ୍ତ୍ର ରକ୍ତାକ୍ତ ସଂଗ୍ରାମ । ତେଣୁ ସେ ଆହ୍ୱାନ ଦେଇଥିଲେ - 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'।

ଗାନ୍ଧିଜୀଙ୍କ ଅହିଂସା ଓ ଅସହଯୋଗ ଆନ୍ଦୋଳନ ସହିତ ନେତାଜୀଙ୍କର ଆଜାଦ୍ ହିନ୍ଦ ଫୌଜର ସଶସ୍ତ୍ର ଆକ୍ରମଣ ଭାରତବର୍ଷରେ ଇଂରେଜ ଶାସନର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ ୧୯୪୧ ମସିହା ଜାନୁୟାରୀ ୧୬ତାରିଖ ମଧ୍ୟରାତ୍ରରେ ନେତାଜୀ ବ୍ରିଟିଶ ଶାସକଙ୍କ ଆଖିରେ ଧୂଳିଦେଇ ଚତୁରତାର ସହିତ ଛଦ୍ମବେଶରେ ଚାଲିଯାଇ ସୁଦୂର ସିଙ୍ଗାପୁରଠାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ବ୍ରିଟେନ ବିରୋଧୀ ଇଟାଲୀ, ଜର୍ମାନୀ ଓ ଜାପାନ ସହିତ ମୈତ୍ରୀ ବନ୍ଧନରେ ଆବଦ୍ଧ ହୋଇ ସେମାନଙ୍କ ସହଯୋଗରେ ବିଦେଶରେ ରହି ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ରକ୍ତାକ୍ତ ସଂଘର୍ଷ ଦ୍ୱାରା ଇଂରେଜ ସରକାରଙ୍କୁ ସେ ଚେତେଇ ଦେଇଥିଲେ ଯେ, ଭାରତବର୍ଷରେ ସେମାନଙ୍କ ପତନ ପର୍ଯ୍ୟାୟ ଆରମ୍ଭ ହୋଇଗଲା । ତେବେ ଜାପାନର ହିରୋସୀମା ଓ ନାଗାସାକି ଉପରେ ମିତ୍ରଶକ୍ତି ତରଫରୁ ପରମାଣୁ ବୋମା ପକାଯିବା ପରେ ୧୯୪୫ ମସିହା ଅଗଷ୍ଟ ୧୫ତାରିଖରେ ଜାପାନ ମିତ୍ରଶକ୍ତିଙ୍କ ନିକଟରେ ଆତ୍ମସମର୍ପଣ କଲା । ଜାପାନୀ ସୈନ୍ୟଙ୍କ ସହ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ବି ବ୍ରିଟିଶ ସରକାରଙ୍କ ଦ୍ୱାରା ଯୁଦ୍ଧ ବନ୍ଦୀ ହେଲେ।

ଜାପାନର ଆତ୍ମସମର୍ପଣ ପରେ ନେତାଜୀ ଚାହୁଁଥିଲେ ସେ ବି ମିତ୍ରଶକ୍ତି ହାତରେ ଧରାଦେବେ ଏବଂ ସେମାନେ ତାଙ୍କୁ ନିଶ୍ଚୟ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବେ । ଏହାର ତୀବ୍ର ପ୍ରତିକ୍ରିୟା ସ୍ୱରୂପ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଉଗ୍ରରୂପ ଧାରଣ କରିବ, ଯାହାଫଳରେ ବ୍ରିଟିଶ ଶାସକ ବାଧ୍ୟ ହୋଇ ଭାରତ ମାଟି ଛାଡି ଚାଲିଯିବେ । କିନ୍ତୁ ନେତାଜୀଙ୍କର ଅତି ବିଶ୍ୱସ୍ତ ସହଯୋଗୀମାନଙ୍କର ପରାମର୍ଶ ଥିଲା ଠିକ୍ ବିପରୀତ । ସେମାନଙ୍କର ବିଚାର ଥିଲା ନେତାଜୀ ନିଜେ ଆତ୍ମସମର୍ପଣ ନ କରି ଛଦ୍ମବେଶରେ ରହି ବ୍ରିଟିଶ ସାମ୍ରାଜ୍ୟର ପତନ ପାଇଁ ସଂଗ୍ରାମକୁ ଜୋରଦାର କରିବାକୁ ହେବ । ଶେଷରେ ତାହା ହିଁ ହେଲା । ନିଜର ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ଉଦ୍ଧାର ପାଇଁ ବଞ୍ଚି ଥାଉ ଥାଉ ସେ ହେଲେ ମୃତ । ସ୍ୱାଧୀନୋତ୍ତର ଭାରତବର୍ଷରେ ନେତାଜୀଙ୍କର ଉପସ୍ଥିତିକୁ ଚାହୁଁ ନ ଥିଲେ କେତେକ ବରିଷ୍ଠ ରାଜନେତା । ତେଣୁ ଦେଶ ସ୍ୱାଧୀନ ହେବା ପରେ ନେତାଜୀଙ୍କର ଆତ୍ମପ୍ରକାଶ ନିମନ୍ତେ କୌଣସି ଉଦ୍ୟମ କରାଗଲା ନାହିଁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷବେଳକୁ ନେତାଜୀଙ୍କୁ ଯୁଦ୍ଧ ଅପରାଧୀ ରୂପେ ଘୋଷଣା କରାଗଲା । ତାଙ୍କ ନାମରେ ଜାତିସଂଘରେ କ୍ରିମିନାଲ କେସ୍ ଦାଏର ହେଲା । ଆଶ୍ଚର୍ଯ୍ୟର କଥା ବ୍ରିଟିଶ ଶାସକଙ୍କ ନଜରରୁ ଦୂରେଇ ରହି ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ର ରୂପ ଦେବା ପାଇଁ ୧୯୪୫ ମସିହା ଅଗଷ୍ଟ ୧୮ତାରିଖରେ ବିମାନ ଦୁର୍ଘଟଣାରେ ନେତାଜୀ ମୃତ ବୋଲି ଯେଉଁ କାଳ୍ପନିକ ନାଟକ ତିଆରି ହୋଇଥିଲା ତାହାକୁ ବିଶ୍ୱାସ ନ କରି ବ୍ରିଟେନ ଓ ଆମେରିକା ନେତାଜୀଙ୍କ ବିରୋଧରେ ଫତଓ୍ୱା ଜାରି କରିଥିବା ବେଳେ ସେହି କାଳ୍ପନିକ ଘଟଣାକୁ ସ୍ୱାଧୀନ ଭାରତରେ ନେତାଜୀଙ୍କ ଉପସ୍ଥିତି ଚାହୁଁ ନ ଥିବା କ୍ଷମତାଲୋଭୀ ଶାସକଗୋଷ୍ଠୀ ସତ୍ୟ ଘଟଣା ବୋଲି ପ୍ରଚାର କଲେ । ନେତାଜୀଙ୍କର ବିରୋଧରେ ଥିବା କ୍ରିମିନାଲ୍ କେସ୍‌କୁ ପ୍ରତ୍ୟାହାର ପାଇଁ ମଧ୍ୟ ଉଦ୍ୟମ କରାଗଲା ନାହିଁ । ଏହିଭଳି କିଛି କାରଣରୁ ସ୍ୱାଧୀନତା ସଂଗ୍ରାମର ମହାନ୍ ଯୋଦ୍ଧା ଆମର ପ୍ରିୟ ନେତାଜୀ ତାଙ୍କର ଜୀବିତାବସ୍ଥାରେ ଆତ୍ମପ୍ରକାଶ କରିପାରିଲେ ନାହିଁ।

ଆଶ୍ଚର୍ଯ୍ୟର କଥା ଅନେକ ସଂଘର୍ଷ ଓ ବଳିଦାନ ଯୋଗୁଁ ଦେଶ ସ୍ୱାଧୀନ ହେଲା ଦେଶର ଶାସନ ଡୋରି ବିଦେଶୀ ଗୋରାଚମଡାଧାରୀଙ୍କ ହାତରୁ ତଥାକଥିତ ସ୍ୱଦେଶୀ କଳାବାବୁଙ୍କ ହାତକୁ ଆସିଲା ହେଲେ ଦେଶର କୋଟି କୋଟି ଜନତାଙ୍କୁ ପ୍ରକୃତ ସ୍ୱାଧୀନତାର ସୁଖରୁ ବଞ୍ଚିତ କରି ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, ଅତ୍ୟାଚାରକୁ ସମ୍ବଳ କରି କ୍ଷମତା ଦଖଲ କରି ଇଂରେଜ ଲୁଟେରାଙ୍କଠାରୁ ଆଉ କିଛି ପାଦ ଆଗେଇଯାଇ ନେତାଜୀଙ୍କ ପରି ମହାନ୍ ରାଷ୍ଟ୍ରଭକ୍ତଙ୍କ ପ୍ରତି ଯେଉଁ ଅନ୍ୟାୟ (ଗୋରା-କଳା ଶାସକଙ୍କର ଗୁପ୍ତ ଚୁକ୍ତି) କଲେ ତାର ପ୍ରତିକ୍ରିୟାକୁ ପ୍ରତିହତକରିବା ପାଇଁ ଏକାଧିକ କମିଶନ ଗଠନ କରିଥିଲେ ବି ଶାସକମାନଙ୍କର ଉଦାସୀନତା ଯୋଗୁଁ ହିଁ ଦେଶର କୋଟି କୋଟି ଜନତାଙ୍କ ନିକଟରେ ନେତାଜୀ ଚିର ନିଖୋଜ ହୋଇଗଲେ।

ଦେଶବ୍ୟାପୀ ଏକ ବିଶାଳ ଅହିଂସା ଆନ୍ଦୋଳନ ଚଳାଇ ଆମେ ସ୍ୱାଧୀନତା ପ୍ରାପ୍ତି କଲେ ବୋଲି ସମଗ୍ର ଦେଶରେ ପ୍ରଚାର ହୋଇଆସୁଛି । କିନ୍ତୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଯଦି ଉଚିତ ରୂପେ ବିଶ୍ଳେଷଣ କରାଯାଏ ତେବେ ଦେଶର ବିଭିନ୍ନ ପ୍ରାନ୍ତରେ ଇଂରେଜଶାସନ ବିରୋଧରେ ଅନେକ ସଶସ୍ତ୍ର ସଂଗ୍ରାମ ସଂଘଟିତ ହୋଇଥିବା ଏବଂ ସେହି ସଂଗ୍ରାମରେ ହଜାରହଜାର ସାଧାରଣ ଜନତା ଅଂଶଗ୍ରହଣ କରି ରାଷ୍ଟ୍ରପାଇଁ ଶହୀଦ ହୋଇଥିବା ଜଣାଯାଏ। ତେଣୁ ଆମେ କେବଳ ଅହିଂସା ଆନ୍ଦୋଳନଦ୍ୱାରା ହିଁ ସ୍ୱାଧୀନ ହୋଇଛୁ ବୋଲି କହି ରାଷ୍ଟ୍ରୋଦ୍ଧାର ନିମନ୍ତେ ଆତ୍ମୋତ୍ସର୍ଗ କରିଥିବା ବିପ୍ଳବୀ ବୀର ସଂଗ୍ରାମୀମାନଙ୍କ ସ୍ମୃତି ପ୍ରତି ଅସମ୍ମାନ କରିବା ଅନୁଚିତ ଏହା କୃତଘ୍ନତାର ପରିଚୟ ହେବ ।

**ସଂପାଦକ ଶ୍ରୁତିନ୍ୟାସ, ଏଫ୍-୨୨, ସେକ୍ଟର-୧୮, ରାଉରକେଲା,**
**ଦୂରଭାଷ -୯୮୬୧୩୩୫୩୨୧**

# ପ୍ରୋଟିନ



ଡା.ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

ପ୍ରୋଟିନ୍ ଶରୀର ପାଇଁ ଏକ ଦରକାରୀ ପୁଷ୍ଟିକର ଖାଦ୍ୟ। ପ୍ରୋଟିନ୍ ଏକ ମୁଖ୍ୟ ବାଇଓମଲିକୁଲ କିମ୍ବା ମାକ୍ରୋମଲିକୁଲ କିମ୍ବା ମାକ୍ରୋନ୍ୟୁଟ୍ରିଏଣ୍ଟ। ଏହା ଏକ ଜଟିଳ ଜିନିଷ ଯିଏ ଆମିନୋଏସିଡ୍ ମାନଙ୍କରୁ ତିଆରି। ପ୍ରତ୍ୟେକ ଆମିନୋଏସିଡ୍ ପେପଟାଇବଣ୍ଡ ଦ୍ୱାରା ଯୋଡ଼ିହୋଇ ଲମ୍ବା ଚେନ୍‌ରେ ରହିଥାନ୍ତି। ପ୍ରୋଟିନ୍ କାରବନ, ହାଇଡ୍ରୋଜେନ, ଅକ୍ସିଜେନ, ନାଇଟ୍ରୋନ, ସଲଫର କିମ୍ବା ଫସଫସର ଆଟମରେ ତିଆରି। ଏହା ଶରୀରର ମାଂସପେଶୀ, ହାଡ଼, ଚର୍ମ, ଚୁଟି ଓ ଶରୀରର ଅନ୍ୟାନ୍ୟ ସମସ୍ତ ଅଂଶ ଓ ଟିସୁରେ ଥାଏ। ଶରୀରରେ ଦିନକୁ ଯେତିକି ଶକ୍ତି ଦରକାର ୧୦ - ୩୫% ପ୍ରୋଟିନ୍‌ରୁ ମିଳେ। ଶରୀର ଓଜନର ୧୫% ପ୍ରୋଟିନ ଯୋଗୁ ହୁଏ। ପ୍ରୋଟିନ୍‌ର ନାମ ଗ୍ରୀକ୍ ଶବ୍ଦ “Proteios” ଅର୍ଥ “Primary” କିମ୍ବା “First Place” ରୁ ଆସିଛି।

ପ୍ରୋଟିନ ୨୦ଟି ଆମିନୋଏସିଡ଼୍‌ରୁ ତିଆରି। ସେଗୁଡ଼ିକ ହେଲା - ୧.ଆଲାନିନ (Alanine), ୨.ଆର ଜିନିନ (Arginine), ୩. ଆସପାରାଜିନ(Asparagine), ୪.ଆସପାରଟିକ ଏସିଡ୍ (Asparatic Acid), ୫. ସିସ୍ଟିନ (Cystine), ୬. ଗ୍ଲୁଟାମିକ ଏସିଡ୍ (Glutamic Acid), ୭. ଗ୍ଲୁଟାମିନ (Glutamine), ୮. ଗ୍ଲାଇସିନ (Glycine), ୯. ହିସ୍ଟିଡ଼ିନ (Histidine), ୧୦. ଆଇସୋଲିଉସିନ (Isoleucine), ୧୧. ଲିଉସିନ (Leucine), ୧୨. ଲାଇସିନ (Lysine), ୧୩.ମେଥିଓନିନ (Methionine), ୧୪.ପ୍ରୋଲିନ (Proline), ୧୫. ଫିନାଇଲ ଆଲାନିନ (Phenyl alanine), ୧୬. ସେରିନ (Serine), ୧୭. ଥ୍ରିଓନିନ (Threonine), ୧୮. ଟ୍ରିପ୍ଟୋଫାନ(Treptophan), ୧୯. ଟାଇରୋସିନ(Tyrosine), ୨୦. ଭାଲିନ (Valine)।

## ଏସେନସିଆଲ (Essential) ଆମିନୋଏସିଡ଼ କେତେ ପ୍ରକାରର ଓ କ'ଣ କ'ଣ ?

ଏସେନସିଆଲ ଆମିନୋଏସିଡ଼ ନଅ ପ୍ରକାରର। ସେଗୁଡ଼ିକ ମଧ୍ୟ ଲେଖାହୋଇଥିବା ୨୦ଟି ଆମିନୋଏସିଡ଼ ଭିତରେ ଅଛି। ସେଗୁଡ଼ିକ ହେଲା- ୧. ହିସ୍ଟିଡ଼ିନ (Histidine), ୨. ଆଇସୋଲିଉସିନ (Isoleucine), ୩. ଲିଉସିନ (Leucine), ୪. ଲାଇସିନ (Lysine), ୫.ମେଥିଓନିନ (Methionine), ୬. ଫିନାଇଲ ଆଲାନିନ (Phenyl alanine), ୭. ଥ୍ରିଓନିନ (Threonine), ୮. ଟ୍ରିପ୍ଟୋଫାନ(Treptophan), ୨୦. ଭାଲିନ (Valine)। ଅଧିକ ପ୍ରୋଟିନ ଖାଇଲେ ତାହା ଶରୀରରେ ଫ୍ୟାଟ ଆକାରରେ ଗଚ୍ଛିତ ରହେ।

## ପେପଟାଇଡ଼ କ'ଣ ? ଏହା କେତେ ପ୍ରକାରର ?

ପେପଟାଇଡ଼ ଏକ ଯୌଗିକବସ୍ତୁ ଯେଉଁଥିରେ ଆମିନୋଏସିଡ୍ ଗୁଡ଼ିକ ପେପଟାଇଡ୍ ବଣ୍ଡଦ୍ୱାରା ସଂଯୋଗ ହୋଇଥାଏ। ଏହା ୩ ପ୍ରକାରର। ସେଗୁଡ଼ିକ ହେଲା -

### ୧. ଡାଇପେପଟାଇଡ୍ (Dipeptide) :-

ଯେତେବେଳେ ଗୋଟିଏ ପେପଟାଇଡ୍ ଦୁଇଟି ଆମିନୋଏସିଡ଼ରୁ ତିଆରି ହୁଏ।

### ୨. ଅଲିଗୋପେପଟାଇଡ୍ (Oligopeptide) :-

ଯେତେବେଳେ ପେପଟାଇଡ଼ ୨ରୁ ଉର୍ଦ୍ଧ୍ୱ ଆମିନୋଏସିଡ଼, ୩୦ କିମ୍ବା ତା'ଠାରୁ କମ୍ ଆମିନୋଏସିଡ଼୍‌ରୁ ତିଆରି ହୁଏ।

### ୩. ପୋଲିପେପଟାଇଡ୍ (Polypeptide) :-

ଯେତେବେଳେ ପେପଟାଇଡ୍ ୩୦ରୁ ଉର୍ଦ୍ଧ୍ୱ ଆମିନୋଏସିଡ଼ରୁ ତିଆରି। ପ୍ରୋଟିନ୍ ହେଉଛି ଏକ ଜଟିଳ ପୋଲିପେପଟାଇଡ଼।

## ଦିନକୁ କେତେ ପ୍ରୋଟିନ୍ ଦରକାର ?

୦.୮ ଗ୍ରାମ ପ୍ରୋଟିନ / କି.ଗ୍ରା ଶରୀର ଓଜନ।

ଆକ୍ଟିଭ ଆଥଲେଟ କ୍ଷେତ୍ରରେ ଏହା ୨ଗ୍ରାମ ପ୍ରୋଟିନ / କି.ଗ୍ରା ଶରୀର ଓଜନ ଦରକାର ପଡ଼େ।

୧ - ୩ ବର୍ଷ = ୧୩ ଗ୍ରାମ
୪ - ୮ ବର୍ଷ = ୧୯ ଗ୍ରାମ
୯ - ୧୩ ବର୍ଷ = ୩୪ ଗ୍ରାମ
୧୪ - ୧୮ ଝିଅ = ୪୬ ଗ୍ରାମ
୧୪ - ୧୮ ବର୍ଷ ପୁଅ = ୫୨ ଗ୍ରାମ
୧୯ - ୭୦ ବର୍ଷ ଓ ଉର୍ଦ୍ଧ୍ୱ ସ୍ତ୍ରୀ = ୪୬ ଗ୍ରାମ
୧୯ - ୭୦ ବର୍ଷ ଓ ଉର୍ଦ୍ଧ୍ୱ ପୁରୁଷ = ୫୬ ଗ୍ରାମ

## ପ୍ରୋଟିନ କେତେ ଶକ୍ତି ଦିଏ ?

୧ ଗ୍ରାମ ପ୍ରୋଟିନ ୪ କ୍ୟାଲୋରୀ ଶକ୍ତି ଦିଏ।

## ପ୍ରୋଟିନ କେତେ ପ୍ରକାରର :-

ପ୍ରୋଟିନ ବିଭିନ୍ନ ଉପାୟରେ ବିଭିନ୍ନ ପ୍ରକାରର। ଗୋଟିଏ ଉପାୟରେ ପ୍ରୋଟିନ ତିନି ପ୍ରକାରର। ସେଗୁଡ଼ିକ ହେଲା -

୧ - ଫାଇବ୍ରସ ପ୍ରୋଟିନ (Fibous Protein)

୨ - ଗ୍ଲୋବୁଲାଇ ପ୍ରୋଟିନ (Globular Protein)

୩ - ମେମ୍ବ୍ରେନ ପ୍ରୋଟିନ (Membrance Protein

## ୧. ଫାଇବ୍ରସ ପ୍ରୋଟିନ :-

ଏହି ପ୍ରୋଟିନ ଶରୀରର ମାଂସପେଶୀ, ଟେଣ୍ଡନ, କନେକ୍ଟିଭ ଟିସୁ ଓ ହାଡ଼ ତିଆରି କରେ। କିଛି ଫାଇବ୍ରସ ପ୍ରୋଟିନର ଉଦାହରଣ ହେଲା

- ଆକ୍ଟିନ - ଏଆରପି ୨/୩ - କୋଲାଜେନ - କରୋନିନ
- ଡ଼ିସଟ୍ରୋଫିନ - ଇଲାସ୍ଟିନ - ଏଫ.ସ୍ପଣ୍ଡିନ - ଫାଇବ୍ରୋନେକ୍ଟିନ
- କେରାଟିନ - ମାଇଓସିନ - ନେବୁଲିନ - ପିକାଚୁରିନ
- ସ୍ପେକ୍ଟ୍ରିନ - ଟାଉ - ଟିଟିନ - ଟ୍ରୋପୋମାଇଓସିନ
- ଟୁବୁଲିନ ଇତ୍ୟାଦି।

## ଗ୍ଲୋବୁଲାର ପ୍ରୋଟିନ :-

ଏହି ପ୍ରୋଟିନ ସ୍ପେରିକାଲ ଅର୍ଥାତ ଗ୍ଲୋବ ପରି ପ୍ରୋଟିନ। ଗ୍ଲୋବୁଲାର ପ୍ରୋଟିନ ଅନ୍ୟ ପ୍ରୋଟିନ ଅପେକ୍ଷା ପାଣିରେ ଅଧିକ ଦ୍ରବଣୀୟ। ଏହା ଏନଂଜାଇମ ଭାବରେ, ହରମୋନ ଭାବରେ, ଇମ୍ୟୁନଗ୍ଲୋବୁଲିନ ଭାବରେ ଓ ଟ୍ରାନସପୋଟ ମଲିକୁଲ ଭାବରେ କାମ କରେ। କିଛି ଗ୍ଲୋବୁଲାର ପ୍ରୋଟିନର ଉଦାହରଣ ହେଲା -

- ଆଲବୁମିନ - ଆଲଫାଗ୍ଲୋବୁଲିନ - ବିଟାଗ୍ଲୋବୁଲିନ
- ସି ୧ ଇନହିବିଟର - ସି ୩ କନଭରଟେଜ - କାଡ଼ହେରିନ
- କାରବୋକ୍ସିପେପ୍ଟିଡ଼େଜ - ସି.ରିଆକ୍ଟିଭ ପ୍ରୋଟିନ
- ଏପେଣ୍ଡାଇମିନ - ଫ୍ୟାକ୍ଟର ୮ - ଫ୍ୟାକ୍ଟର ୧୩
- ଫିବ୍ରିନ - ଗାମାଗ୍ଲୋବୁଲିନ - ହିମୋଗ୍ଲୋବିନ
- ଆଇ ଜି ଏ - ଆଇ ଜି ଡ଼ି - ଆଇ ଜି ଇ
- ଆଇ ଜି ଜି ଆଇ ଜି ଏମ - ଇଣ୍ଟେଗ୍ରିନ
- ମାଇଓଗ୍ଲୋବିନ - ଏନ ସି ଏମ - ପ୍ରୋଟିନ ସି
- ପ୍ରୋଟିନ ଏସ - ପ୍ରୋଟିନ ଜେଡ୍
- ପ୍ରୋଟିନ ଜେଡ଼ ରିଲେଟେଡ଼ ପ୍ରୋଟିଏଜ ଇନହିବିଟର
- ସିଲେକ୍ଟିନ - ଏସ.ଆଲବୁମିନ
- ଏସ. ଆମିଲଏଡ୍ ପି. କଂପୋନେଣ୍ଟ
- ଥ୍ରଂବ୍ରିନ - ଭନ ଉଇଲେବ୍ରାଣ୍ଡ ଫ୍ୟାକ୍ଟର

## ୩. ମେମ୍ବ୍ରେନ ପ୍ରୋଟିନ :-

ଏହି ପ୍ରୋଟିନ ବହୁତ ଗୁଡ଼ିଏ କାମ କରେ। ମେମ୍ବ୍ରେନ ରିସେପ୍ଟର ପ୍ରୋଟିନ ସେଲ ସେଲ ମଧ୍ୟରେ ସିଗନାଲ ରିଲେ କରେ। ମେମ୍ବ୍ରେନ ଟ୍ରାନସପୋର୍ଟ ପ୍ରୋଟିନ ମଲିକୁଲ ଓ ଆଇଅନକୁ ମେମ୍ବ୍ରେନ ଭେଦ କରିନିଏ। ମେମ୍ବ୍ରେନ ଏନଂଜାଇମ ଯଥା - ଅକ୍ସିଡ଼ୋରିଡ଼କ୍ଟେଜ, ଟ୍ରାନସଫରେଜ ଓ ହାଇଡ୍ରୋଲେଜ ଆଦି ବିଭିନ୍ନ କାମ କରନ୍ତି। ସେଲ ଆଡ଼ହେସନ ମଲିକୁଲ ସେଲକୁ ସେଲ ଚିହ୍ନିବାରେ, ପରସ୍ପର ମଧ୍ୟରେ ଇଣ୍ଟରାକ୍ସନ କରିବାରେ ସମ୍ମତି ପ୍ରଦାନ କରେ। କିଛି ମେମ୍ବ୍ରେନ ପ୍ରୋଟିନ୍‌ର ଉଦାହରଣ ହେଲା -

- ସି ଏଫ ଟି ଆର - ସି.ମିକ - ଇଷ୍ଟ୍ରୋଜେନ ରିସେପ୍ଟର
- ଫକ୍ସ ପି୨ - ଫକ୍ସ ପି୩ - ଗ୍ଲୁକୋଜ ଟ୍ରାନସପୋର୍ଟର
- ଗ୍ଲାଇକୋଫୋରିନ ଡ଼ି - ହିଷ୍ଟୋନ - ହାଇଡ୍ରୋଲେଜ
- ମସ୍କାରିନିକ ଏସିଟିଲକୋଲିନ ରିସେପ୍ଟର
- ମାଇଓ ଡ଼ି - ନିକୋଟିନିକ ଏସିଟିଲକୋଲିନ ରିସେପ୍ଟର
- ଅକ୍ସିଡ଼ୋରିଡ଼କ୍ଟେଡ଼ - ପି ୫୩
- ପୋଟାସିଅମ ଚ୍ୟନେଲ - ରୋଡ଼ୋପସିନ
- ସ୍କ୍ରାମ୍ବଲେଜ - ଟ୍ରାନସଫରେଜ
- ମେମ୍ବ୍ରେନ ରିସେପ୍ଟର ପ୍ରୋଟିନ - ମେମ୍ବ୍ରେନ ଟ୍ରାନସପୋର୍ଟ ପ୍ରୋଟିନ
- ଏଟିପେଜ - ଇଣ୍ଟ୍ରାମେମ୍ବ୍ରେନ ପ୍ରୋଟିଏଜ
- ସିଗନାଲ ରେକୋଗନିସନ ପାର୍ଟିକଲ
- ସେଲ୍ୟୁଲୋଜ ସିଂଥେଜ ଇତ୍ୟାଦି।

ଆଉ ଏକ ଉପାୟରେ ପ୍ରୋଟିନ ତିନି ପ୍ରକାରର। ସେଗୁଡ଼ିକ ହେଲା

୧. କଂପ୍ଲିଟ ପ୍ରୋଟିନ (Complete Protein)

୨. ଇନକଂପ୍ଲିଟ ପ୍ରୋଟିନ (Incomplete Protein)

୩. କଂପ୍ଲିମେଣ୍ଟାରି ପ୍ରୋଟିନ (Complementary Protein)

## ୧. କଂପ୍ଲିଟ ପ୍ରୋଟିନ :-

ଯେଉଁ ଖାଦ୍ୟରେ ଥିବା ପ୍ରୋଟିନରେ ସବୁ ଇସେନସିଆଲ ଆମିନୋଏସିଡ଼ଗୁଡ଼ିକ ଥାଏ ତାକୁ କଂପ୍ଲିଟ ପ୍ରୋଟିନ କୁହାଯାଏ। ଏହା ମାଂସ, ମାଛ, ଅଣ୍ଡା, କ୍ଷୀର ଓ କ୍ଷୀର ପ୍ରଡ଼କ୍ଟ, କ୍ୱିନୋଆ, ହେଂପ ସିଡ଼ସ, ଚିଆ ସିଡ଼ସ ଓ ସୋୟାରେ ଥାଏ।

## ୨. ଇନକଂପ୍ଲିଟ ପ୍ରୋଟିନ :-

ଯେଉଁ ଖାଦ୍ୟରେ ଥିବା ପ୍ରୋଟିନରେ ସମସ୍ତ ଏସେନସିଆଲ

ଆମିନୋଏସିଁ ନଥାଏ ତାକୁ ଇନକଂପ୍ଲିଟ ପ୍ରୋଟିନ କୁହାଯାଏ। ଏହା ପିଜ, ବିନସ, ଗ୍ରେନସ, କିଛି ନଟସ, ଟୋଫୁରେ ଥାଏ।

## ୩. କଂପ୍ଲିମେଣ୍ଟାରି ପ୍ରୋଟିନ :-

ଦୁଇ ବା ଅଧିକ ଖାଦ୍ୟରେ ଥିବା ଇନକଂପ୍ଲିଟ ପ୍ରୋଟିନ ମିଶାଯାଇ କଂପ୍ଲିଣ୍ଟ ପ୍ରୋଟିନ ସପ୍ଲାଇ କରାଯାଏ।

ଉଦାହରଣ - ରାଇସ ସହ ପିଜ

ବ୍ରେଡ଼ ସହ ପିନଟ ବଟର।

## ପ୍ରୋଟିନର କାମ କ'ଣ :-

୧. ଶରୀର ଟିସୁର ବୃଦ୍ଧି ଓ ମେଣ୍ଟେନାନସ ପାଇଁ ଦରକାର।

୨. ଶରୀରରେ ବିଭିନ୍ନ ବାଇଓକେମିକାଲ ରିଆକସନ କରେ।

୩. ମେସେଂଜର ଭାବରେ କାମ କରେ।

୪. ଶରୀରର ସ୍ଟ୍ରକ୍‌ଚର ତିଆରି କରେ।

୫. ଶରୀରର ଉପଯୁକ୍ତ PH ମେଣ୍ଟେନ କରେ।

୬. ଶରୀରର ଫ୍ଲୁଇଡ଼ ବାଲାନ୍ସ ମେଣ୍ଟେନ କରେ।

୭. ଇମ୍ୟୁନୋଗ୍ଲୋବୁଲିନ କିମ୍ବା ଆଣ୍ଟିବଡ଼ି ତିଆରି କରି ଭାଇରାଲ, ବ୍ୟାକ୍ଟେରିଆର ଇନଫେକସନ ବିରୁଦ୍ଧରେ ଯୁଦ୍ଧ କରେ।

୮. ନ୍ୟୁଟ୍ରିଏଣ୍ଟସ ଟ୍ରାନସପୋର୍ଟ ଓ ଷ୍ଟୋର କରେ।

୯. ହିମୋଗ୍ଲୋବିନ ରକ୍ତରେ ଅକ୍ସିଜେନ କ୍ୟାରି କରେ।

୧୦. ଶରୀରକୁ ଶକ୍ତି ଯୋଗାଏ।

୧୧. ପ୍ରୋଟିନ ଖାଦ୍ୟ ଖାଇବା ପରେ ପେଟ ପୁରିଲାପରି ଲାଗେ।

୧୨. ଜିନ ଆକ୍ଟିଭିଟି କଣ୍ଟ୍ରୋଲ କରେ ଓ ଜିନ ଏକ୍ସପ୍ରେସନ ନିୟନ୍ତ୍ରଣ କରେ।

୧୩. ଏହା ଶରୀରର ମାଂସପେଶୀ, ହାଡ଼, ଚର୍ମ, ଚୁଟି ଓ ଶରୀରର ସମସ୍ତ ଅଂଶ ଓ ଟିସୁରେ ଥାଏ।

## ପ୍ରୋଟିନ କେଉଁ ଖାଦ୍ୟରୁ ମିଳେ :-

- ଚିକେନ, ଟରକି, ଡ଼କ, ମଟନ।
- ମାଛ, କ୍ରସ୍ଟାସିଆନସ, ମଲୁସ୍କମ।
- କ୍ଷୀର, ଛେନା, ଯଗର୍ଟ, କ୍ଷୀର ପଦାର୍ଥ।
- ଲେଣ୍ଟିଲସ, ବିନସ, ଚିକପିଜ, କିଡ଼ନି ପିଜ, ପିଜ।
- ବାଦାମ, କାଜୁ, ପେସ୍ତା, ସୋୟା, ୱାଲନଟ, ହାଜେଲ ନଟ, ହେଂମ ସିଡ଼ସ, ପଂପକିନ ସିଡ଼ସ, ସନଫ୍ଲାଉଆର ସିଡ଼ସ, ଚିଆ ସିଡ଼ସ, ସିସେମ ସିଡ଼ସ, ପିକାନସ।
- ହୋଲ ଗ୍ରେନ - ହ୍ୱିଟ, କ୍ୱିନୋଆ, ରାଇସ, ୱାଇଲଡ଼ ରାଇସ, ମିଲେଟ, ଓଟ୍, ବକଂହ୍ୱିଟ, ଟେଫ, କେମଟ।
- ପନିପରିବା, ଫଳ, କର୍ଣ୍ଣ, ବ୍ରୋକୋଲି, ଆସପାରାଗସ, ବ୍ରସେଲସ, ସ୍ପାଉର୍ଟସ, ଆରଟିଚକିଜ (Artichakes) ।

## ପ୍ରୋଟିନ ଅଭାବ ହେଲେ କ'ଣ ହୁଏ :-

ପ୍ରୋଟିନ ଅଭାବ ହେଲେ ବିଭିନ୍ନ ପ୍ରକାରର ଅସୁବିଧା ଦେଖାଯାଏ।

- ପିଲାମାନଙ୍କର କ୍ୱାସିଓରକର (Kwashiorkar) ହୁଏ। ଏହି କ୍ୱାସିଓରକରରେ ବିଭିନ୍ନ ସଂକେତ ଓ ଲକ୍ଷଣ ପ୍ରକାଶ ପାଏ।

ସେଗୁଡ଼ିକ ହେଲା :-

- ଇଡ଼ିମା - ଗୋଡ଼, ହାତ, ମୁହଁ ଫୁଲିବା, ପେଟ ଫୁଲିବା।
- ଯକୃତରେ ଚର୍ବି ହୁଏ।
- ଚର୍ମ ଲାଲ ଓ ଫ୍ଲେକ୍ସି ହୁଏ।
- ନଖ ଭାଙ୍ଗିଯାଏ।
- ଚୁଟି ଛିଣ୍ଡେ।
- ମାଂସପେଶୀ ପତଳା ହୋଇଯାଏ।
- ହାଡ଼ ଭାଙ୍ଗିବାର ରିକ୍ସ ବଢ଼ିଯାଏ।
- ପିଲାମାନଙ୍କ ବୁଦ୍ଧି କମିଯାଏ (Stunted Growth) ।
- ଇନଫେକସନ ବହୁ ପରିମାଣରେ ବଢ଼ିଯାଏ।
- ଅଧିକ ଭୋକ ହୁଏ।
- ଅଧିକ ଶକ୍ତିଗ୍ରହଣ ପାଇଁ ଇଚ୍ଛା ହୁଏ।
- ହୃତପିଣ୍ଡର କାର୍ଯ୍ୟ ଓ ମାଂସପେଶୀ ଦୁର୍ବଳ ହୁଏ।
- ମୃତ୍ୟୁ ହୋଇପାରେ।
- ଶରୀର ବୃଦ୍ଧି ଡ଼େରି ହୁଏ।
- ମାଂସପେଶୀ ଦୁର୍ବଳ ହୁଏ।
- ଚୁଟି ପତଳା ହୁଏ।
- ହାତ, ଗୋଡ଼, ମୁହଁ, ପେଟ ଫୁଲିଯାଏ।
- ହୃତପିଣ୍ଡର କାର୍ଯ୍ୟ ଓ ମାଂସପେଶୀ ଦୁର୍ବଳ ହୁଏ।

ପ୍ରୋଟିନ ଶରୀରପାଇଁ ଏକ ଦରକାରୀ ପୁଷ୍ଟିକର ଖାଦ୍ୟ। ଏହା ଶରୀର ପାଇଁ ନିତ୍ୟାନ୍ତ ଆବଶ୍ୟକ। ପ୍ରତିଦିନ ଉପଯୁକ୍ତ ପରିମାଣର ପ୍ରୋଟିନ ଖାଇବା ଦରକାର। ପ୍ରୋଟିନ ଅଭାବ ହେଲେ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଉଚିତ୍।

**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ**
**ଖୋର୍ଦ୍ଧା**



# ପ୍ରତିକାର

**ରାମଶଙ୍କର**

'ଆମେ ଏଠି ଯାତ୍ରା ପାର୍ଟି ପାଇଁ ଚିତ୍ରାଳୟ ଖୋଲି ନାହୁଁ । ବ୍ରାହ୍ମଣ ବେଶରେ ସଜେଇ ପଠେଇଦେବୁ । ଆମେ ଯାହା ସପ୍ଲାଇ କରୁ ପ୍ରତି ଜିନିଷ ଅରଜିନାଲ ଓ ଖାଣ୍ଟି । ବାବା ତ୍ରାଣକର୍ତ୍ତାଙ୍କ ବରାଦ ମୁତାବକ ସବୁ ଜିନିଷ ଆଣୁ । ଦେଶର ବିଭିନ୍ନ ରାଜ୍ୟରୁ ଅରଜିନାଲ ଜିନିଷ ଆସୁଛି । ଭେଜାଲ ଜିନିଷ ଆଣିଲେ ବାବା ଆମକୁ ରଖିବେ ? କେବଳ ବାବାଙ୍କ ଚିଠାରେ ଆମେ ବରାଦି ଜିନିଷ ସପ୍ଲାଇ କରୁ । ଆମେ ଲାଭ ପାଇଁ ବେପାର କରୁନାହୁଁ । ବାବା ଯେପରି ଲୋକମାନଙ୍କ ଦୁଃଖ ଦୂର କରିବା ପାଇଁ ବିନା ଦକ୍ଷିଣାରେ ପ୍ରତିକାର ବତାଉଛନ୍ତି ଠିକ୍ ସେମିତି ଆମେ ବାବାଙ୍କ ଆଦେଶ ମୁତାବକ ଏ ସଂସ୍ଥା ଚଳାଉଛୁ । କ'ଣ ବୁଝିଲେ ? ହଉ ଛାଡ଼ନ୍ତୁ , ଆପଣ ଚିଠା ଦିଅନ୍ତୁ ।'

କପିଳବାବୁ ଦୋକାନୀ ହାତକୁ ଚିଠା ବଢ଼ାଇଦେଲେ ।

'ଗ୍ରହ ଶାନ୍ତି ଯଜ୍ଞ କରିବା ପାଇଁ ବ୍ରାହ୍ମଣ ଜଣେ । ବ୍ରାହ୍ମଣ ଭୋଜନ ପାଇଁ ଏଗାର ଜଣ । ଠିକ୍ ଅଛି । ଆପଣଙ୍କ ଘର ଠିକଣାରେ ସମସ୍ତେ ପହଞ୍ଚିଯିବେ । କିନ୍ତୁ ବ୍ରାହ୍ମଣ ଭୋଜନ ଦିନ ଦୁଇଟା ସୁଦ୍ଧା ସାରିବେ । କାରଣ ସଂଧ୍ୟାବେଳକୁ ମଧ୍ୟ ବ୍ରାହ୍ମଣ ଭୋଜନର ବରାଦ ଅଛି । ସେଠି ମଧ୍ୟ ପ୍ରସାଦ ସେବନ ନ କଲେ ଯଜମାନ କ'ଣ ଛାଡ଼ିବେ ? ଆପଣ ଯାଆନ୍ତୁ ତିନି ନମ୍ବର କାଉଣ୍ଟରରେ ବ୍ରାହ୍ମଣମାନଙ୍କ ଦକ୍ଷିଣା ଏବଂ ଆମର ଫାସିଲିଟେଟର୍ ଫିସ୍ ଡ଼ିପୋଜିଟ୍ କରି ରସିଦ୍ ନେଇଯିବେ ।'

'ଫାସିଲେଟେଟର୍ ଫିସ୍ ?' କପିଳବାବୁ ପଚାରିଲେ -

'ଆଜ୍ଞା ମୁଁ ପ୍ରଥମରୁ କହିଛି । ଆମେ ଏଠି ବେପାର କରୁନାହୁଁ । ଆପଣମାନଙ୍କ ଯାହା ଦରକାର ଆମେ ଯୋଗାଇ ଦେବୁ । ଆମେ ଚଳିବା ପାଇଁ ଏବଂ ଯୋଗାଡ଼ କରିବା ପାଇଁ ପ୍ରସେସିଂ ଫିସ୍ ଖାଲି ନେଉଛୁ । ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଖର୍ଚ୍ଚ ତ ପୁଣି ଅଛି ନା ?'

'ଆପଣ କ'ଣ କ'ଣ ସବୁ ଯୋଗାଡ଼ କରୁଛନ୍ତି ?' କପିଳବାବୁ ପଚାରିଲେ ।

'ଭିନ୍ନ ଭିନ୍ନ ଗ୍ରହ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି । ତେଣୁ ଗ୍ରହଙ୍କ କୋପ ଶାନ୍ତ କରିବା ପାଇଁ ବାବା ତ୍ରାଣକର୍ତ୍ତା ପ୍ରତିକାର ବ୍ୟବସ୍ଥା ଜାଣନ୍ତି । କଳା ବ୍ରାହ୍ମଣକୁ ଭୋଜନ କରାଇବା ପାଇଁ ଆମେ କଣ ଦେହରେ କଳା ବୋଳି ପଠାଇଦେବୁ ? ଆଜିକାଲି ତ ପେଟ ପୋଷିବାକୁ ଗାଁ'ରୁ ଶିକ୍ଷିତ ପିଲାମାନେ ସହରକୁ ଆସୁଛନ୍ତି । କୁମ୍ଭ ପକା ହଳଦିଆ ଧୋତି ପିନ୍ଧି କାନ୍ଧରେ ଗାମୁଛା ଓ ପଇତା ପକାଇ ଦେଲେ କ'ଣ ବ୍ରାହ୍ମଣ ହୋଇଯିବେ ? କିଛି ବୁଦ୍ଧିଆ ପିଲା ବିଭିନ୍ନ ପୂଜା ପଦ୍ଧତି ଓ ସଂସ୍କୃତ ଶ୍ଳୋକ ଶିଖିଯାଉଛନ୍ତି । କିନ୍ତୁ ସେମାନଙ୍କ ଦ୍ୱାରା ପୂଜା କି ଭୋଜନ କରାଇଲେ ଯଜମାନର କିଛି ଲାଭ ହେବ ନାହିଁ । ତେଣୁ ବାବା ତ୍ରାଣକର୍ତ୍ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ଶାସନୀ ବ୍ରାହ୍ମଣ ଆଣି ରଖିଛୁ । ବାବାଙ୍କ ପରାମର୍ଶରେ ଯଜମାନଙ୍କ ସମସ୍ୟାର ଗୁରୁତ୍ୱ ଅନୁଯାୟୀ ବ୍ରାହ୍ମଣ ଦକ୍ଷିଣା ସ୍ଥିର ହୋଇଥାଏ । ସେଇଟା ତ ଯଜମାନ ବ୍ରାହ୍ମଣଙ୍କୁ ହାତାହାତି ଦେବେ ଓ ବ୍ରାହ୍ମଣ ଆଶୀର୍ବାଦ କରିବେ । କିନ୍ତୁ ସେ ଦକ୍ଷିଣା ଆଣି ବ୍ରାହ୍ମଣମାନେ ଆମ ଅଫିସରେ ଦାଖଲ କରିବେ । ଗୋଟେ ମାସରେ ବରାଦ ଆସୁ କି ନ ଆସୁ ଆମ ସଂସ୍ଥା ତରଫରୁ ବିଭିନ୍ନ ଗ୍ରେଡ୍‌ର ବ୍ରାହ୍ମଣମାନଙ୍କୁ ଭିନ୍ନ ଭିନ୍ନ ଦରମା ଦିଆଯାଏ ।

'ବିଭିନ୍ନ ରଙ୍ଗର ଗାଈଙ୍କୁ ଭିନ୍ନ ଭିନ୍ନ ବାରରେ ଶାସ୍ତ୍ର ଅନୁଯାୟୀ ଖୁଆଇବା ପାଇଁ ପ୍ରତିକାର ବ୍ୟବସ୍ଥା ଅଛି । ଆମ ସଂସ୍ଥା ସେହି ଅନୁଯାୟୀ ଗାଈ ରଖିଛି । ସହରରେ ତ ଗାଁ ଭଳି ଗୋଚର ନାହିଁ । ଯଜମାନ ଆସନ୍ତୁ କି ନ ଆସନ୍ତୁ ଆମ ସଂସ୍ଥା ତରଫରୁ ଗାଈମାନଙ୍କୁ ଖାଇବାକୁ ଦେଇ ରଖିଛୁ । ସେଥିପାଇଁ ଗୋଶାଳା ନିର୍ମାଣ କରିଛୁ ପୂରା ହାଇଜେନିକ୍ ପରିବେଶରେ ଗାଈମାନଙ୍କୁ ରଖିଛୁ ।'

ଦେବ ଦେବ ମହାଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଷଣ୍ଢ ରଖିଛୁ । ପ୍ରଭୁ ରାମଚନ୍ଦ୍ରଙ୍କ ମହାନ୍ ଭକ୍ତ ଭୂତ ପ୍ରେତଙ୍କ ଯମ ଶ୍ରୀ ଶ୍ରୀ ହନୁମାନଙ୍କ କୃପା ପାଇଁ ଅଯୋଧ୍ୟାରୁ ଆଣି ମାଙ୍କଡ଼ ପାଳିଛୁ । ବିଘ୍ନ ବିନାଶକ ଗଣେଶଙ୍କ ଶୁଭଦୃଷ୍ଟି ପାଇଁ ମୂଷା ରଖିଛୁ । ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ପାଇଁ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ପାଇଁ ପେଚା ରଖିଛୁ । ଶନିବାର ଦିନ ଶନି ପୂଜା ପାଇଁ କାଉ ଆପଣ କେଉଁଠୁ ପାଇବେ ? ଏଇଠି ଅଛି । କଳା କୁକୁର, କଳା ବିଲେଇ ଖାଲି ନୁହେଁ, ଗ୍ରହ ଶାନ୍ତି ପାଇଁ କ୍ଷୀର ପିଆଇବାକୁ ନାଗ ନାଗୁଣୀ ମଧ୍ୟ ରଖିଛୁ ।

ସାତ ଜଣ କୁଆଁରୀ ଝିଅଙ୍କୁ ପୂଜା ଅର୍ଚ୍ଚନା କରିବା କଥା ତ ଆପଣ ଶୁଣିଥିବେ ? ପିଲାମାନଙ୍କୁ ଭୁରି ଭୋଜନ ଦିଆଯାଏ । ଦରିଦ୍ର ନାରାୟଣ ସେବା ପାଇଁ ସହରରେ ଥିବା ବସ୍ତିକୁ ଗଲେ ଆପଣଙ୍କୁ ନାକେଦମ୍ ହେବାକୁ ପଡ଼ିବ । ଥରେ ପରୀକ୍ଷା କରି ଦେଖନ୍ତୁ ନା , ଆଜି କାଲି ସେମାନେ ମଧ୍ୟ ସିଆଣା ହୋଇଗଲେଣି । ସେମାନେ ମଧ୍ୟ ଜାଣି ସାରିଲେଣି ଯେ ପାପ କ୍ଷୟ ଓ ପୁଣ୍ୟ ଅର୍ଜନ ପାଇଁ ବାବୁ ଭାୟାମାନେ ଦରିଦ୍ର ନାରାୟଣ ସେବା ବ୍ୟବସ୍ଥା କରୁଛନ୍ତି । ସେମାନେ ମଧ୍ୟ ଭାଉ ଦେଖେଇଲେଣି । ଭୋଜନ ମେନୁ ସେମାନେ ଦେବେ । ଗୋଟେ ଗୋଟେ ଗ୍ରୁପ୍ ତ ବ୍ରାହ୍ମଣ ଭୋଜନ ପରେ ଦକ୍ଷିଣା ନେଲା ଭଳି ଡ଼ିମାଣ୍ଡ କଲେଣି । ପଚାରିଲେ କହୁଛନ୍ତି, ଗରିବ ଓ ନିରାଶ୍ରୟଙ୍କୁ ଇନ୍ଦିରା ଆବାସ, ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତାଠାରୁ ଆରମ୍ଭ କରି ନକଲି ବିହନ ଓ ଔଷଧ ଇତ୍ୟାଦି କିଣିବାରେ କୋଟି କୋଟି ଟଙ୍କା ଲାଞ୍ଚ 'ଖାଇ'

ଯେଉଁ ପାପ ଅର୍ଜିଛନ୍ତି ତାହାର ମୋଚନ ପାଇଁ ଆମକୁ ଥରେ ଭଲ କରି "ଖାଇବାକୁ'' ଦେବେ ଓ ଦକ୍ଷିଣା ମଧ୍ୟ ଦେବେ । ନ ହେଲେ ପାପ ଫଳ ଭୋଗନ୍ତୁ ।

ଏଇ କିଛି ଦିନ ତଳେ କଟକରେ ନକଲି ପୂଜା ସାମଗ୍ରୀ ଗୋଦାମ ପୋଲିସ୍ ସିଲ୍ କରିଥିବା କଥା ଆପଣ କ'ଣ ଖବର କାଗଜରେ ପଢ଼ି ନାହାନ୍ତି ? ପୋଡ଼ା ମୋବିଲ୍ ମିଶା ନକଲି ଘିଅ, ଗୁଡ଼ ମିଶା ମହୁ, ନକଲି ଗଙ୍ଗାଜଳ, ଚନ୍ଦନ ସେଣ୍ଟ ବୋଳା କାଠ ଇତ୍ୟାଦି ଆମ ଦୋକାନରେ ପାଇବେ ନାହିଁ । ଶାସନୀ ବ୍ରାହ୍ମଣ ଓ ଅରଜିନାଲ ପୂଜା ସାମଗ୍ରୀ ନ ହେଲେ ପାପ ଗ୍ରହ ଚଳନ କୋପରୁ ପ୍ରତିକାର ହୋଇପାରିବ ନାହିଁ । ଏଥିରେ କୌଣସି ସାଲିସ୍ କରୁନ ଥିବାରୁ ବାବା ତ୍ରାଣକର୍ତ୍ତାଙ୍କ ପ୍ରତିକାର ବିଧି ହଣ୍ଡ୍ରେଡ୍ ପରସେଣ୍ଟ ଗ୍ୟାରେଣ୍ଟେଡ୍ ।' ବାପାଙ୍କ ବର୍ଷିକିଆ ଭଲରେ ଭଲରେ ହୋଇଗଲା । ଛଅ ମାସ ବିତିଗଲାଣି । କପିଳବାବୁ ବାବା ତ୍ରାଣକର୍ତ୍ତାଙ୍କ କଥା ଭୁଲିଗଲେ । କପିଳବାବୁଙ୍କ ଅଫିସ୍ ସାଙ୍ଗ ନାରଣ ବାବୁ ଦିନେ ବାବା ତ୍ରାଣକର୍ତ୍ତାଙ୍କ ଆଶ୍ରମକୁ ଯିବା ପାଇଁ ଅନୁରୋଧ କଲେ । କପିଳବାବୁ କାରଣ ପଚାରିଚାରୁ କହିଲେ , 'ପୁଅଟା ତିନିବର୍ଷ ହେଲା ଚେଷ୍ଟା କରୁଛି ମାତ୍ର କେଉଁଠି ଗୋଟେ ଚାକିରି ମିଳୁନାହିଁ । ଗଲା ଦି ବର୍ଷ ଭିତରେ ଝିଅଟାର ବିବାହ ପ୍ରସ୍ତାବ ଫାଇନାଲ ହୋଇପାରୁନାହିଁ, ସବୁ ପ୍ରସ୍ତାବ ଭାଙ୍ଗି ଯାଉଛି । ସ୍ତ୍ରୀ ମୋର କେତେ ଜ୍ୟୋତିଷଙ୍କ ସହ ପରାମର୍ଶ କରିସାରିଲାଣି । ଏଇ କିଛି ଦିନ ହେଲା ବାବା ତ୍ରାଣକର୍ତ୍ତାଙ୍କଠାରୁ ପ୍ରତିକାର ବ୍ୟବସ୍ଥା ପାଇଁ ଘୋଷି ହେଉଛି ।'

ବାବାଙ୍କ ଆଶ୍ରମ ପାଖରେ ପହଞ୍ଚି ମୋଟର ସାଇକେଲକୁ ରାସ୍ତା କଡ଼ରେ ଫାଙ୍କା ଜାଗା ଦେଖି ରଖିଲେ । କପିଳବାବୁ ଚିନ୍ତିତ ହୋଇପଡ଼ିଲେ । ଆଶ୍ରମ ଫାଟକରେ ତଲା ପଡ଼ିଛି । ଚାରିଆଡ଼ୁ ଶୁନ୍‌ଶାନ୍ । କାର, ଅଟୋ, ମଟରସାଇକେଲ ପାର୍କିଂରେ ରାସ୍ତା ଆଗେ ଜାମ୍ ହୋଇଯାଉଥିଲା । ଗଢ଼ି ଉଠିଥିବା ଦୋକାନ ମଧ୍ୟରୁ ତିନି ଚାରୋଟି ପାନ ଓ ଜଳଖିଆ ଦୋକାନ ଖୋଲାଥିଲା । କପିଳବାବୁ ଗୋଟେ ଜଳଖିଆ ଦୋକାନର ବେଞ୍ଚ ଉପରେ ବସି ଚା ଦୁଇଟା ବରାଦ କଲେ । ଦୋକାନୀକୁ ଆଶ୍ରମ ବିଷୟରେ ପଚାରିଲେ । ଦୋକାନୀ ଯାହା କହିଲା ତା'ର ସାରମର୍ମ ଏଇଆ ଥିଲା ।

'ପ୍ରାୟ ଛଅ ମାସ ତଳର କଥା । ବାବା ବିବାହିତ ଥିଲେ ଓ ପରିବାର ସହିତ ଆଶ୍ରମରେ ରହୁଥିଲେ । ବାବାଙ୍କ ଦୁଇ ପୁଅ । ଆଶ୍ରମର ଉତ୍ତରାଧିକାରୀଙ୍କୁ ନେଇ ଦୁଇ ଭାଇଙ୍କ ଭିତରେ ଗଣ୍ଡଗୋଳ ହେଲା । ସାନ ଭାଇ ମାଡ଼ରେ ବଡ଼ ଭାଇ ମରିଗଲା । ତା'ପରେ ବାବାଙ୍କ ସାନପୁଅ ନିଶାପାଣି ଆରମ୍ଭ କରିଦେଲା । ଦିନେ ରାତିରେ ନିଶା କରି ଗାଡ଼ି ଚଳେଇ ଆଶ୍ରମକୁ ଫେରୁଥିଲା, ବାଟରେ ଗୋଟେ ଗଛରେ ପିଟି ହୋଇ ମରିଗଲା । ବାବାଙ୍କ ଗୋଟିଏ ବୋଲି ଝିଅ ଥିଲା । ବାବାଙ୍କ ଜଣେ ଟୋକା ଭକ୍ତ ସାଙ୍ଗରେ ପଳାଇଲା । ଏଇ ସବୁ ଦୁଃଖ ସହି ନ ପାରି ବାବାଙ୍କ ସ୍ତ୍ରୀ ଆଶ୍ରମ ପଛପଟ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେଲା । ବାବା ଆଶ୍ରମ ଭିତରେ ଚୁପ୍ ଚାପ୍ ହୋଇ ରହିଲେ । ଦି ମାସ ତଳୁ ବାବାଙ୍କ ଆଉ କିଛି ଖୋଜ ଖବର ନାହିଁ ।'

ଫେରିଲା ବେଳେ ବାଟ ଯାକ ଗୋଟିଏ କଥା କପିଳବାବୁଙ୍କ ମୁଣ୍ଡରେ ଖେଳୁଥିଲା । ଏତେ ଲୋକଙ୍କ ଭାଗ୍ୟ ଭବିଷ୍ୟ ଜାଣି ଦୁର୍ଭାଗ୍ୟର ପ୍ରତିକାର କରୁଥିବା ବାବା ତ୍ରାଣକର୍ତ୍ତା ନିଜ ପାଇଁ କିଛି କରିପାରିଲେ ନାହିଁ କାହିଁକି ?

ସେହି ବର୍ଷ ନାରଣବାବୁଙ୍କ ବଦଳି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଫିସ୍‌ରୁ ବୋଲଗଡ଼ ବ୍ଲକ୍‌କୁ ହୋଇଗଲା । ବଦଳି ହୋଇ ଯିବାର ଦୁଇ ମାସ ପରେ ଝିଅ ବାହାଘରକୁ ନିମନ୍ତ୍ରଣ କରିଥିଲେ । କପିଳବାବୁ ଯାଇଥିଲେ । ନାରଣବାବୁ ଖଣ୍ଡାୟତ ବର କରଣ ଜାତିର । ଲଭ୍ ମ୍ୟାରେଜ୍ । ଜୋଇଁ ଦଶ ଏକର ଜମିରେ ପରିବା ଚାଷ କରି ମାସକୁ ପ୍ରାୟ ତିରିଶି ହଜାର ଟଙ୍କା ରୋଜଗାର କରୁଛି । ଯୌତୁକ ଡ଼ିମାଣ୍ଡ ନ ଥିଲା । ଝିଅ ବାହାଘର ପାଇଁ ସଞ୍ଚିଥିବା ଟଙ୍କାରେ ପୁଅ ଗୋଟେ ବଡ଼ ସ୍କୁଲ ବହି ଖାତା ଦୋକାନ କରିଛି । କପିଳବାବୁ ବର ବସିଥିବା ଘରକୁ ଯାଇ ତା'ପାଖରେ ବସିଲେ । ହସି ହସି ଧୀରେ ତା କାନ ପାଖରେ ମୁହଁ ରଖି ପଚାରିଲେ, 'ନାରଣ ବାବୁଙ୍କ ଝିଅର ସବୁ ବାହାଘର ପ୍ରସ୍ତାବ ଭାଙ୍ଗିବାରେ, ତୁମେ ଝିଅ ଜାତକରେ ଗ୍ରହରାଜ ଶନି ହୋଇ ବସିଥିଲ ନା ?' ବର ମୁରୁକି ମୁରୁକି ହସିଲା । କପିଳବାବୁ ବର ପିଠିରେ ହାତ ବୁଲାଇ ହସି ହସି ବାହାରି ଆସିଲେ ।

ଖୋର୍ଦ୍ଧା
ଦୂରଭାଷ :୯୩୩୭୬୨୧୪୫୫

# ନୂତନ ବର୍ଷ ଆସିଛି

**ଲୋହିତ ନାରାୟଣ ମହାପାତ୍ର**



ନୂତନ ବର୍ଷ ପଦାର୍ପଣ କରିଛି
ହସ ଖୁସି ପରା ମଉଳି ଯାଇଛି ।
କରୋନା ସମସ୍ତିଙ୍କୁ ଦାଉ ସାଜିଛି
ବଣଭୋଜିର ଆସର ତ ହଜିଛି ।
ପର୍ଯ୍ୟଟନ କ୍ଷେତ୍ର ତ ଖାଁ ଖାଁ ଲାଗୁଛି
ଏକାଠି ହେବାକୁ ବାରଣ ରହିଛି ।
ନୂତନ ବରଷ ପାଳିତ ହୋଇଛି
ମଜା ମଜଲିସ୍ ଉଭାନ୍ ହୋଇଛି ।
ନୂତନ ବରଷ ଫିକା ତ ପଡ଼ିଛି
କରୋନା ଟିକାକୁ ଅପେକ୍ଷା ରହିଛି ।
ପୁରୁଣା ବରଷ ବିଦାୟ ନେଇଛି
ନୂତନ ବରଷ ଧରାକୁ ଓହ୍ଲାଇଛି ।

ପ୍ରମେୟ ନିଉଜ୍ ସେଭେନ୍ ପ୍ରତିନିଧି, ଖୋର୍ଦ୍ଧା
ଦୂରଭାଷ - ୯୪୩୮୩୦୯୧୩୯

# ନୂଆ ବରଷଟି ଆସିଲାଣି

ଶ୍ରୀମତୀ ଅନୀତା ଦାଶ



ଆୟୁଷର ଏକ ପୁରୁଣା ବରଷ
ଅତୀତରେ ଯୋଡ଼ି ହୋଇଲାଣି,
ଭାବି ସମୟର କୋଳ ଛାଡ଼ି
ନୂଆ ବରଷ ଅଳସ ଝାଡ଼ିଲାଣି ।    ॥୧॥

ନିରାଶାର ଘନ କୁହୁଡ଼ି ପଟକୁ
ଆଶାର ସିନ୍ଦୂରା ଫାଟିଲାଣି,
ପରାଚୀର କୋଳୁ ଧୀରେ ଧୀରେ ଦେଖ
ନୂଆ ସୂରୁଯଟି ଉଠିଲାଣି ।    ॥୨॥

ତୃଣ - ପଲ୍ଲବର କାକର ମୁକୁତା
ମୁକୁରରେ ମୁଖ ଦେଖିଲେଣି,
ଶତ ସୂରୁଯର ପ୍ରତିଫଳନରେ
ଦୃଢ଼ତା, ବିଶ୍ୱାସ ମାଖିଲେଣି ।    ॥୩॥

ଶୀତ ସକାଳର କାଲୁଆ ସମୀର
ଶିହିରି ଶିହିରି ବହିଲାଣି,
ବିଗତ ବରଷ ଅବସାଦ ମନ
ଆଶାର ସପନ ଗୁନ୍ଥିଲାଣି ।    ॥୪॥

କଳିର କବାଟ ଉହାଡ଼ରୁ,
ଶିଶୁ କୁସୁମର ମୁଖ ଦିଶିଲାଣି,
ନୂଆ ବରଷର ଆବାହନୀ ପାଇଁ
ସଜେଇ ସାଜେଇ ହସିଲେଣି ।    ॥୫॥

ପିକ - କାକ ଆଦି ବିହଙ୍ଗମ ମିଶି
ସ୍ୱାଗତ ସଂଗୀତ ଗାଇଲେଣି,
ସୁଖ - ଶାନ୍ତି ଆଉ ସମୃଦ୍ଧିକୁ ନେଇ
ନୂଆ ବରଷଟି ଆସିଲାଣି ।    ॥୬॥

ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ, ଓଡ଼ିଶା

# ଜୀବନ ଆସଇ ଝରି

ଶ୍ରୀ ବିଜୟ କୁମାର ଜେନା

ସକାଳର ସୂର୍ଯ୍ୟ ଉଇଁ ଆସେ ପ୍ରାଚୀ ଭାଲେ
ଅଫୁଟା କଢ଼ ପାଖୁଡ଼ା ମେଲେଇ ଦେଲେ
ଛୁଟେ ମକ୍ଷିକା,  ଜୀବନ ଆସଇ ଝରି
ସେଭଳି ତୁମେ ଶିଶୁ ସକଳ
ଦେଶ ପ୍ରାଣ ଦିଅ ଭରି ।  ॥୧॥
ତୁମେ ସିନା ବାବୁ କାହା ପୁଅ କାହା ଝିଅ
ତୁମେ ଏ ଧରା ବକ୍ଷରେ ସବୁରି ପ୍ରିୟ
ନୀଳ ଆକାଶ, ପ୍ରସରି ଯାଇଛି ଦେଖ
ଜୋଛନା ଭରି ଚନ୍ଦ୍ର ହସୁଛି
ଶୀତଳତାକୁ ପରଖ ।  ॥୨॥
ଜନମିଛ ଯେଉଁ ମାଟି ମାଆ କୋଳେ ତୁମେ
ଭଲପାଇଛ ଜନମ ମାଟିର ନାମେ
ତୁମରି ପାଇଁ, ମଳୟ ପବନେ ବହେ
ସମାନ ତୁମେ ଅମୃତ ତୁମେ
ଶୁଣାଇ ଶୁଣାଇ କହେ ।  ॥୩॥
ତୁମଠାରେ ଦେଖେ କେତେ ଆଶା କେତେ ଭାଷା
ସୃଷ୍ଟି ପାଖୁଡ଼ା ପରଶି ଦେବାକୁ ଦିଶା
ମିଳେ ଅନେକ, ଆସରେ ଶିଶୁ ଆସ
ଆଗାମୀ କାଲି ରହିଛି ରହିଁ
ଫୁଟାଇ ଦେବାକୁ ହସ ।  ॥୪॥
ତୁମଠାରେ ମିଳେ କଲ୍ୟାଣର କଳପନା
ଛନ୍ଦ କପଟ ଗରବ ହିଂସା ଯେ ମନା
ନୁହଁ ଫରକ, ଜାତି, ଧରମ ଭାଷା
ତୁମେ ହିଁ ଶିଶୁ ସକଳ ମନେ
ଜଣାଇ ଦେଇଛ ଆଶା ।  ॥୫॥
ଭୁଲନାହିଁ ନିଜ ମାଆ ଜନ୍ମମାଟି ତୁମେ
ବିଭୁ ଆଶିଷ ଝରାଇ ଦେବାକୁ ଦିନେ
ନିଅ ଶପଥ, ସକଳ ଶିଶୁ ଗଣ
ତୁମଠି ଦେଖେ ମହତ ଗୁଣ
ପାରିବା ପାରିବା ପଣ ।  ॥୬॥
ଜଗତରେ ଯେତେ ସୃଷ୍ଟି ସମ୍ଭାବନା ଅଛି
ସବୁ ମୂଳରେ ସରଜି ଦେବାକୁ କିଛି
ଶିଶୁ ଭାବୁକ, ଅଛନ୍ତି ପାଖେ ପାଖେ
ସମ୍ମାନ ଦେବା ପ୍ରତିଭାଧରଙ୍କୁ
ତନ୍ମଧରୁ ବାଛି ବାଛି ।  ॥୭॥

ଅବସରପ୍ରାପ୍ତ ପ୍ରାଧାପକ, ରଣପୁର, ଜି - ନୟାଗଡ଼
ଦୂରଭାଷ - ୯୯୩୭୪୮୬୧୮୩

ନିଆଁରେ ହାତ ଦେବାକୁ ତୁମେ ଯେମିତି ଭୟକର; ଅନିଷ୍ଟ କରିବାକୁ ବା ପାପ କର୍ମ କରିବାକୁ ସେତିକି ଡରିବା ଉଚିତ୍ ।



# କୁହୁଡ଼ିଆ ସକାଳ

ସୁଦର୍ଶନ ସାହୁ

ଆଜି ଶୀତ ସକାଳଟା ଭାରି କୁହୁଡ଼ିଆ
ମୁହଁକୁ  ମୁହଁ ଦିଶୁନି
ଶୀତରେ ଥୁରୁ ଥୁରୁ ସକାଳ
ଘୋଡ଼େଇ  ହୋଇପଡ଼ିଛି
ଏକ ସଫେଦ ଚଦର
ମୁଁ ବାହାରିଲି ସବୁଦିନ ପରି
ପ୍ରାତଃଭ୍ରମଣରେ ।
ସକାଳର ଧୂଳିଧୂଆଁ ମୁକ୍ତ
ନିର୍ମଳ ଶାନ୍ତ ସ୍ନିଗ୍ଧ ପରିବେଶ
ସୁଲୁସୁଲୁ ଶୀତଳ ଉତ୍ତରା ପବନ
ଲୋଭନୀୟ ହିରଣ୍ମୟ କଅଁଳିଆ ଖରା
ସବୁ ଆଜି ସ୍ୱପ୍ନ
ସବୁ ବ୍ୟତିକ୍ରମ
ସବୁ ବ୍ୟତିକ୍ରମ ଭିତରେ
ମୁଁ ବି ହୋଇଯାଇଛି ଏକ ବ୍ୟତିକ୍ରମ
ମୋ ଛାଇ ଆଜି ନାହିଁ ମୋ ସାଥିରେ
କୁହୁଡ଼ି ପରି ନିବିଡ଼
ମୋ ମନ ଭିତରେ ଜମିଯାଇଛି ଏକ ଆସ୍ତରଣ
ମୁଁ ବି ପାଲଟି ଯାଇଛି
ଏକ ରକ୍ତମାଂସର କୁହୁଡ଼ି ।
ଭିଜା ଭିଜା ସକାଳ
ଦୂର ଦିଗ୍‌ବଳୟରେ
କୁହୁଡ଼ି ଢାଙ୍କିଛି ସୂର୍ଯ୍ୟର ମୁହଁ
ଭିଜା ଭିଜା ଘାସ ଗଛବୃଛ
ସଦ୍ୟ ସ୍ନାତ କଳା ମଚମଚ ପିଚୁରାସ୍ତା
ପତ୍ରରୁ ଝରିପଡୁଛି ଟପଟପ୍ ନୀର
ଟିଣ ଛାତରୁ ଟୋପା ଟୋପା ପାଣି
ଝାପ୍‌ସା ଝାପ୍‌ସା ଦିଶୁଛି ରାସ୍ତାକଡ଼ ଘର
ଧାଡ଼ି ଧାଡ଼ି ବତୀଖୁଣ୍ଟରୁ ଲିଭିନି ଆଲୁଅ
ବତୀ ଲିଭୁନାହିଁ କାଁ ଭାଁ
ଅତିକ୍ରମ କରୁଥିବା ଗାଡ଼ିର ମୁହଁରୁ ।
ନାକରେ କାନରେ ପଶିଯାଉଛି
ଅମାନିଆ କାହାଲିଆ ପବନ
ତା'ର କାଲୁଅ ପରଶରେ
ମୁଁ ଭାବୁଛି ଆମ୍ବବଉଳ ପରି
ଜଳି ଜଳି କଳାକାଠ ପଡ଼ିଯିବି
ମୋତେ ଲାଗୁଛି
ମୁଁ ଆଜି ଚଳୁନାହିଁ;
ହାତଗୋଡ଼ ଛାଟିପିଟି
ପହଁରୁଛି କୁହୁଡ଼ିର ସମୁଦ୍ରରେ ।
କେବଳ ଆଜି ନୁହେଁ
ମୋ ପରି ସବୁଦିନ
ସମସ୍ତେ ପହଁରୁଛନ୍ତି
କୁଜଝଟିକାର ସମୁଦ୍ର ।
ଏ ସଂସାରଟା କୁହେଳିକାମୟ
ସତ୍ୟ ଏଠି ଗୂଢ଼ ରହସ୍ୟବୃତ, ବିଳମ୍ବିତ
ସବୁ ସତ ସବୁ ମିଛ
ସବୁ ମିଛ କୁହୁଡ଼ି ପରି ସତ
ଆଜି ଏ ଦୁନିଆରେ
କୁହୁଡ଼ି ଭିତରେ ସତ୍ୟକୁ ଖୋଜିପାଇବା
ଦୁର୍ଲଭ, ଦୁରୂହ ବ୍ୟାପାର;
ପୁଣି କେବଳ କୁହୁଡ଼ି ମଧ୍ୟରୁ ଜନ୍ମ ନେବେ
ସତ୍ୟକୁ ପ୍ରକଟ କରିଥିବା ଶାସ୍ତ୍ରାବତାର
ଚିରଞ୍ଜିବୀ କୃଷ୍ଣ ଦ୍ୱୈପାୟନଙ୍କ ପରି
ଆଉ ଜଣେ ବ୍ୟାସ ?

ଗାନ୍ଧୀନଗର, ଜଟଣୀ
ଦୂରଭାଷ - ୬୩୭୧୬୦୫୭୬୫

# ଶବ୍ଦ ପ୍ରତିଶବ୍ଦ

ଦେବଯାନୀ ରାୟ



ଅକସ୍ମାତ.....,
ସମ୍ପର୍କର ଖୁଣ୍ଟ ଦୋହଲିବାକୁ ଲାଗିଲେ
କାହିଁ ଝଡ଼ର ଟିକିଏ ବି
ଆଭାସ ତ ନଥିଲା
ପୁଣି ଥରେ ବର୍ଷାର ତାଣ୍ଡବ
ମଞ୍ଜି ତ ବୁଣି ନଥିଲା
ଅବା ଦକ୍ଷିଣ ଟପଟୁ
ପକ୍ଷୀଙ୍କର କୋଳାହଳ
କେଉଁଠି ଶୁଭିନଥିଲା..... ।

ପୁରୁଣା ହିସାବ ଖାତାରେ
ସମ୍ପର୍କର ଶବ୍ଦ ଖୋଜୁ ଖୋଜୁ
ଆନ୍ଦୋଳିତ କରୁଥିଲା
କିଛି ଅବ୍ୟକ୍ତ ଅବଶୋଷ
ଡ଼ୋରିର ଗଣ୍ଠିକୁ ମଜବୁତ
କଲାବେଳକୁ ହାତରୁ ଖସିଗଲା
ବହୁ ଆବେଗରେ ପୂର୍ଣ୍ଣ ପ୍ରଶ୍ୱାସ
ପବନର ଗନ୍ଧକୁ ଶୁଙ୍ଘିଲା ବେଳକୁ
କିଛି ଆପଣାର ବାସ୍ନା ଥିଲା
ଅତି ଉଗ୍ର ଓ ବିଚିତ୍ର
ଆଉ ଏବେ ନହକି ଯାଇ
ଧରାଶାୟୀ ହେଉଛି ସମ୍ପର୍କର ପରିଭାଷା
ସବୁକିଛି ସଜାଡ଼ି ନେବାର ବ୍ୟର୍ଥ ପ୍ରୟାସ.... ।

ଅବଶ୍ୟ କଳାମେଘି ବାଦଲ ଉହାଡୁ
ଅବୁଝା ମଳାଜହ୍ନ ଉକୁଟି ଉଠୁଛି
ଆକାଶରେ........
ତେବେ କ'ଣ ଅନ୍ଧାରର ସେଇ ଶବ୍ଦ
ବଦଳି ସାରିଛି ପ୍ରତିଶବ୍ଦରେ...... ।

ଜଟଣୀ, ଖୋର୍ଦ୍ଧା

# କରନାହିଁ ଭ୍ରୁଣହତ୍ୟା

**କବିକମଳ ନରେନ୍ଦ୍ର ପ୍ରସାଦ ବେହେରା**

ଜୀବନର ମାନେ ବୁଝିବା ଆଗରୁ
ଉଡ଼ିଯାଏ ପ୍ରାଣବାୟୁ
କାହିଁକି ପ୍ରଭୁ ହେ କରୁନ ବିଚାର
ତୁମେ ପ୍ରଭୁ ଥାଉ ଥାଉ । ।।୧।।
ସରଳ ନିଷ୍ପାପ ଶିଶୁର ଜୀବନ
ମାଆ ଗର୍ଭୁ ହୁଏ ନଷ୍ଟ
ରାକ୍ଷସ ରୂପକ ସଇତାନ ଆଜି
ଦେଉଅଛି କେତେ କଷ୍ଟ । ।।୨।।
ଭ୍ରୁଣହତ୍ୟା ଭଳି ଜଘନ୍ୟ କାର୍ଯ୍ୟକୁ
କରୁନାହିଁ କେହି ଭୟ
ନିରୀହ ଶିଶୁର ଜୀବନ ଯାଉଛି
ରଖୁନାହିଁ କେହି ଲୟ । ।।୩।।
ନାରୀ ଓ ପୁରୁଷ ଅବାଧ ମିଳନ
ବଢୁଛି ଦିନକୁ ଦିନ
କାମ କରୁନାହିଁ ସର୍କାର ଆଇନ
କଲେ ଯେତେ ସଚେତନ । ।।୪।।
ସ୍ଥାନ କାଳ ପାତ୍ର ରହେନାହିଁ କିଛି
ଅବାଧ ମିଳନ ପାଇଁ
ସରିଗଲେ ସ୍ୱାର୍ଥ ଚାଲିଯାଏ ଦୂରେ
ବସି କାନ୍ଦ କଇଁ କଇଁ । ।।୫।।
ଅବାଧ ପ୍ରେମରୁ ସୃଷ୍ଟି ଜୀବନକୁ
ନୂତନ ଆଲୋକ ଦେବା
କରିବାନି କେବେ ଭ୍ରୁଣହତ୍ୟା ପାପ
ସମାଜକୁ ଶିଖାଇବା । ।।୬।।
ଦୁଇଟି ଆତ୍ମାର ମିଳନରୁ ସୃଷ୍ଟି
ହୋଇଥାଏ ଯେଉଁ ଜୀବ
ଜୀବିତ ରଖିଲେ ଏ ମହୀ ମଣ୍ଡଳେ
ଦିନେ ସେ ନାଆଁ ରଖିବ । ।।୭।।
କରନାହିଁ ଭୁଲ ଜୀବନରେ କେବେ
ନିଶ୍ଚୟ ପସ୍ତେଇ ହେବ
ଭୁଲକରି ଯେବେ ଜୀବ ହତ୍ୟା କର
ପ୍ରକୃତ ଦୋଷୀ ହୋଇବ । ।।୮।।
କରନାହିଁ ହତ୍ୟା ଆଉ କାହା ହାତେ
ନିଜରକ୍ତୁ ଯାହା ସୃଷ୍ଟି
ଦେଖାଅ ତାହାକୁ ନୂତନ ଆଲୋକ
ହେବନାହିଁ ଅନାବୃଷ୍ଟି । ।।୯।।
ଭ୍ରୁଣହତ୍ୟା ଭଳି ମହାପାପ ତୁମେ
କରନାହିଁ ଏ ଜୀବନେ
ସକାଳର ସୂର୍ଯ୍ୟ କିରଣ ତା’ ଦେହେ
ପଡ଼ିବାକୁ ଭାବ ମନେ । ।।୧୦।।
ଲୋକଙ୍କ ଲଜ୍ୟାରୁ ବର୍ତ୍ତିବା ପାଇଁ କି
କରୁଅଛ ଭ୍ରୁଣହତ୍ୟା
ଆତ୍ମହତ୍ୟା ଭଳି ରାସ୍ତା ବାଛିନେଇ
ଡାକିଆଣ ମହାବାତ୍ୟା । ।।୧୧।।
ଦିଅ ପରିଚୟ ଜନ୍ମିତ ଶିଶୁର
ଏ ସମାଜେ ହେଉ ଠିଆ
ନୂତନ ସୂର୍ଯ୍ୟର ଆଲୋକ ଦେଖାଅ
ନୟନେ ଦେଖୁ ଦୁନିଆ । ।।୧୨।।
କରେ ନିବେଦନ ଆହେ ହତ୍ୟାକାରୀଗଣ
ଏଥିରୁ ହୁଅ ନିବୃତ
କରନାହିଁ ପାପ ପ୍ରେମିକ ପ୍ରେମିକା
ନିଜରକ୍ତୁ ଯାହା ଜାତ । ।।୧୩।।
ଦିଅ ଦୂରକରି ଭ୍ରୁଣହତ୍ୟା ପାପ
ଶାନ୍ତିରେ ନିଶ୍ୱାସ ମାରି
ସବୁ ଦେଖୁଛନ୍ତି ମହାପ୍ରଭୁ ବସି
କରିବେ ତୁମକୁ ପାରି । ।।୧୪।।

**ସମ୍ପାଦକ - ମୋ ଅନୁଷ୍ଠାନ**
**ଖଇରା, ବାଲେଶ୍ୱର**
**ମୋ - ୯୮୫୩୧୪୨୫୧୦**

# ନିଦ ମାଉସୀ



**ସୁମତୀ ଦେଇ**

ନିଦ ମାଉସୀ ଦେ’ ଆଉଁସି
କୁନି ଝିଅକୁ ମୋର,
ଆଖିରେ ତା’ର ସପନ ଦିଏ
ସରଗ ରାଇଜର ।
ସରଗେ ଅଛି ରାଜକୁମାର
ପରି ରାଇଜ ରାଣୀ,
ଝିଅକୁ ମୋର ବୁଲାଇ ନେବେ
ମନ ପବନ ଆଣି ।
ମନ ପବନ ଘୋଡ଼ାର ଅଛି
ଦୁଇଟି ରୂପା ଡ଼େଣା,
ହାଲିଆ କେବେ ହେବନି ସିଏ
ନ ହେବ ବାଟ ବଣା ।
ଦେଖିବ ସିଏ ତାରକା ମେଳେ
ଖେଳଇ ଜହ୍ନମାମୁ,
ବାଦଲ ଆସି ଘୋଡ଼ାଇ ଦିଏ
ତାହାର ତୋରା ତନୁ ।
ବିଜୁଳି ନାନୀ ଭାରି ସିଆଣୀ
ଆକାଶ କୋଳେ ହସେ,
ମୁହଁଟି ତା’ର ହୀରକ ସମ
ଦୂରୁ ଝଟକି ଦିଶେ ।
କୁନି ଝିଅ ମୋ’ ସଭିଙ୍କ ସାଥେ
ଖେଳିଣ ଲୁଚକାଳି,
ରାତି ପାହିଲେ ମେଘ ଝୁଲାରେ
ଆସିବ ସିଏ ଫେରି ।





# ବିଚାର

**ଡା.ଘନଶ୍ୟାମ ଜୈନ**

ଜୀବନରେ ଆମ ସମସ୍ତଙ୍କ ମନକୁ ଅନେକ ବିଚାର ଆସେ। ଏହି ବିଚାରଟି ଦୁଇ ପ୍ରକାରର । ଯଥା - ସକାରାତ୍ମକ ଏବଂ ନକାରାତ୍ମକ। ଗୋଟିଏ ଦିନରେ ପ୍ରାୟ ୬୦୦୦୦ ବିଚାର ଆମ ମନକୁ ଆସିଥାଏ। ତନ୍ମଧ୍ୟରୁ ପ୍ରାୟ ୮୦% ନକାରାତ୍ମକ କିମ୍ବା ପୁନରାବୃତ୍ତି ହୋଇଥିବା ବିଚାର ଥାଏ, ଯାହାକି ଆମପାଇଁ ଆଦୌ ଉପାଦେୟ ନୁହେଁ। ଆସନ୍ତୁ, ତାହାଲେ ଏବେ ଚିନ୍ତାକରିବା ଯେ, ଏହି ସକାରାତ୍ମକ ବିଚାର କ'ଣ ଏବଂ ନକାରାତ୍ମକ ବିଚାର କ'ଣ ?

ସକାରାତ୍ମକ ବିଚାର ହେଉଛି ସେହି ବିଚାର, ଯାହା ସୁଖ,ଶାନ୍ତି ଏବଂ ମନରେ ଏକ ନୈସର୍ଗିକ ଆନନ୍ଦ କେବଳ ଆମ ମନକୁ ଦିଏନାହିଁ, ଅପିତୁ ଆମ ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜନମାନସ ପାଇଁ ମଧ୍ୟ କଲ୍ୟାଣକାରୀ ହୋଇଥାଏ ।

ନକାରାତ୍ମକ ବିଚାରଧାରା ଠିକ୍ ଏହାର ଓଲଟା। ଏହା ଆମକୁ ଅଶାନ୍ତ କରିବା ସଙ୍ଗେ ସଙ୍ଗେ ପୁରା ବାତାବରଣକୁ ମଧ୍ୟ କଳୁଷିତ କରିଥାଏ ।

କେତୋଟି ଉଦାହରଣ ମାଧ୍ୟମରେ ଏହି ଉକ୍ତିକୁ ଆହୁରି ସ୍ପଷ୍ଟ କରାଯାଇପାରେ ।

ଆମ ଚତୁଃପାର୍ଶ୍ୱରେ ଅନେକ ଭଲମନ୍ଦ ଲୋକଅଛନ୍ତି। ସମସ୍ତଙ୍କ ସାଙ୍ଗରେ ଏକ ସମତାପୂର୍ଣ୍ଣ ଭାବନା ସହିତ ମିଳିମିଶି ରହିବା, ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପଖୁଆଇ ନେଇ ଚଳିବା, ନିଜ ଦୋଷତ୍ରୁଟିକୁ ସହୃଦୟତାର ସ୍ୱୀକାର ପୂର୍ବକ ବେଳ ଥାଉ ଥାଉ ତାକୁ ସୁଧାରିନେବା ଏବଂ ଅନ୍ୟର ଭଲକଥା କିମ୍ବା ଭଲକାମ ପାଇଁ ତା'ର ପ୍ରଶଂସା କରିବା ଇତ୍ୟାଦି ସକାରାତ୍ମକ ବିଚାର ଅଟେ। ସେହିପରି ଧୈର୍ଯ୍ୟ, ନମ୍ରତା, ସରଳତା, ସଂଯମତା, ସହନଶୀଳତା, କରୁଣା ଆଦି ମଧ୍ୟ ଏକ ଏକ ସକାରାତ୍ମକ ବିଚାର । ଅନ୍ୟପକ୍ଷରେ କଥା କଥାରେ ରାଗିବା, ଜିଦ୍‌ଖୋର ହେବା, ଚିଡ଼ ଚିଡ଼ା ହେବା, ବ୍ୟତିବ୍ୟସ୍ତ ହେବା, ଅନ୍ୟମାନଙ୍କର ନିନ୍ଦା କରିବା, ଅନ୍ୟମାନଙ୍କ ସହିତ ଅଯଥା ତୁଳନା କରିବା, ସମାଲୋଚନା କରିବା, ଗର୍ବ କିମ୍ବା ଅହଂକାର କରିବା, ଈର୍ଷା, ବିଭିନ୍ନ ଆଳ ଦେଖେଇ କୋଣସି କାର୍ଯ୍ୟକୁ ଠିକ୍ ଭାବରେ ସମ୍ପାଦନ ନକରିବା, ସଦାସର୍ବଦା ବିନା କାରଣରେ ଉଦାସୀନ ରହିବା ଇତ୍ୟାଦି ସବୁ ନକାରାତ୍ମକ ବିଚାରଧାରାର ଏକ ଅଂଶବିଶେଷ ।

ତାହାଲେ ବର୍ତ୍ତମାନ ଆମେ ଟିକିଏ ଚିନ୍ତା କରିବା, କିପରି ଆମ ମନରୁ ନକାରାତ୍ମକ ବିଚାରଧାରାକୁ ବାହାର କରି ତା'ସ୍ଥାନରେ ସକାରାତ୍ମକ ବିଚାର ସବୁକୁ ସ୍ଥାନଦେବା। ଏହି କାମଟି ଅତି ସହଜ। ଯେମିତି ଜଣେ ଚାଷୀ ଚାଷ କରିବା ପୂର୍ବରୁ ତା'ଜମିରୁ ଅନାବନା ଅନାବଶ୍ୟକ ଗଛଲତା ସବୁ ଉପାଡ଼ି ଫୋପାଡ଼ି ଦେଇଥାଏ, ତା'ପରେ ଜମିରେ ସାରଦେଇ ଭଲ ଉନ୍ନତମାନର ବିହନ ବୁଣେ ଏବଂ ପରେ ପରେ ତାକୁ କୀଟ ଦାଉରୁ ରକ୍ଷାକରିବାପାଇଁ ମଧ୍ୟ ବ୍ୟବସ୍ଥା କରେ, ଠିକ୍ ସେହିପରି ଆମ ମସ୍ତିଷ୍କ ମଧ୍ୟ ଏକ ଉର୍ବର ଜମି ସଦୃଶ। ସର୍ବପ୍ରଥମେ ଆମକୁ ଏହି ଜମିରୁ ଅନାବନା ଲଟାପରି ଅନାବଶ୍ୟକ ନକାରାତ୍ମକ ବିଚାରଧାରାକୁ କାଢ଼ି ଫୋପାଡ଼ିଦେବାକୁ ହେବ। ତା'ପରେ ସେଇଠି ଉତ୍ତମମାନର ବିହନ ଅର୍ଥାତ ଉଚ୍ଚମାନର ସକାରାତ୍ମକ ବିଚାରରୂପକ ମଂଜି ବପନ କରିବାକୁ ହେବ ।

ପରବର୍ତ୍ତୀ ପ୍ରଶ୍ନ ହେବ ଯେ, ଏହା ଆମେ କିପରି କରିପାରିବା। ଏହା କୌଣସି ରକେଟ ସାଇନ୍ସ ନୁହେଁ। ଏହା ଅତି ସହଜ। କେବଳ ଏହା ଅଭ୍ୟାସ କରିବାପାଇଁ ଦୃଢ଼ ମାନସିକତା ଏବଂ ନିରନ୍ତରତା ଦରକାର।

ଜୀବନରେ ଆମକୁ ମାତ୍ର ୧% ସମୟ ଅର୍ଥାତ ପ୍ରାୟ ପ୍ରତିଦିନ ମାତ୍ର ୧୪ ମିନିଟ ସମୟ ଦେବାକୁ ହେବ। ଏହି ୧୪ ମିନିଟ୍ ସମୟ ବଦଳରେ ଯଦି ଆମକୁ ୨୪ ଘଣ୍ଟାର ସୁଖ, ଶାନ୍ତି ଏବଂ ସମୃଦ୍ଧି ମିଳିପାରେ, ତାହାଲେ ତା'ଠାରୁ ଶସ୍ତା ସଉଦା ଆଉ କିଛି ହୋଇନପାରେ।

ହେଲେ ଆମକୁ ଏଇ ୧୪ ମିନିଟ୍‌ରେ କ'ଣ କରିବାକୁ ହେବ। ସକାଳୁ ଉଠିବାକ୍ଷଣି ପ୍ରଥମ ୭ ମି.ଏବଂ ରାତିରେ ଶୋଇବା ପୂର୍ବରୁ ୭ ମି. ଆମକୁ ଆତ୍ମଚିନ୍ତନ କରିବାକୁ ହେବ।

ଆତ୍ମଚିନ୍ତନ ସାଙ୍ଗକୁ ଆତ୍ମସମୀକ୍ଷା ଏବଂ ଆତ୍ମ ନିୟନ୍ତ୍ରଣଦ୍ୱାରା ହିଁ ଆମେ ଆତ୍ମକଲ୍ୟାଣର ମାର୍ଗକୁ ପ୍ରଶସ୍ତ କରିପାରିବା। ଦର୍ପଣ ସାମ୍ନାରେ ଠିଆହୋଇ ନିଜ ଚେହେରାକୁ ଦେଖିବାଭଳି ଧ୍ୟାନମଗ୍ନ ପୂର୍ବକ ଆତ୍ମନିରୀକ୍ଷଣ କରିବାକୁ ହେବ। ସଙ୍କୋଚତା ସହ ନିଜ ଅନ୍ତରରେ ଥିବା ନକାରାତ୍ମକ ଭାବନା ସବୁକୁ ଚିହ୍ନଟ ପୂର୍ବକ ଗୋଟି ଗୋଟିକରି ବାରମ୍ବାର ଅଭ୍ୟାସଦ୍ୱାରା ସେଗୁଡ଼ିକୁ ପ୍ରଥମେ ତ୍ୟାଗ କରିବା ଦରକାର।

ତତପଶ୍ଚାତ୍ ପ୍ରତିଦିନ ଅନ୍ତତଃ ଗୋଟିଏ ସୁବିଚାରକୁ ଆମ ମାନସପଟଳରେ ପ୍ରତିସ୍ଥାପିତ କରିବାପାଇଁ ଏକ ସଙ୍କଳ୍ପ କରିବା ଦରକାର। ଏହିପରି ଯଦି ଆମେ ନିୟମିତ ଅଭ୍ୟାସ କରିବା, ତାହାଲେ କିଛିଦିନ ପରେ ଦିନେ ଆମେ ହଠାତ୍ ଦେଖିବା ଯେ, ଆମ ଜୀବନରେ ଏକ ଆମୁଳଚୂଳ ପରିବର୍ତ୍ତନ ହେଉଛି ଏବଂ ନିଶ୍ଚିତ ଭାବରେ ଆମେ ଏକ ନୈସର୍ଗିକ ସୁଖ ଏବଂ ଶାନ୍ତିର ଉପଲବ୍ଧି କରିପାରିବା। ଏଥିରେ କୌଣସି ସନ୍ଦେହ ନାହିଁ ।

"ସର୍ବେ ଭବନ୍ତୁ ସୁଖିନୋ,
ସର୍ବେ ସନ୍ତୁ ନିରାମୟା"
ଏହାହିଁ ଆଜିର କାମନା ।

**ସ୍ତ୍ରୀରୋଗ ବିଶେଷଜ୍ଞ,**
**ଟିଟିଲାଗଡ଼**

# ଭୋକର ବନସ୍ତ



**ପ୍ରମୋଦ କୁମାର ମହାନ୍ତି**

କିନୁମିଆଁ କ୍ୟାବିନ୍ ଆଗରେ ଭାରି ଭିଡ଼,
ସବୁ ପରିବାର ପରି ।
ଠକ୍‌ଠକ୍ ହାଣିଚାଲିଛି କିନୁ ଏକାଲୟରେ ।
"ସବୁଥେରୁ ମିଶେଇକି ଲିଅ, ତେମେ ମୋ କଥାମାନ,
ଖାଲି ଫଡ଼ିଆଋଂପ୍ ଲେଇକିଯିବ, ଚର୍ବି କନ୍ ମୁଁ ଖାଇବି ?"
ଅକଡ଼ିଆ ଗରାଖଙ୍କୁ କିନୁର ଚରାଚରିତ ସଂଳାପ ।
"ହଉ ବାବା ତୁ ଯାହା ଦଉଛୁ ଦେ, ଟିକେ ହାତଚଲା ।
ସକାଳୁ କିଛି ଖିଆହୋଇନି ଭାରି ଭୋକ" ।
କିନୁ ପାଖରେ ଭିଡ଼ଲାଗେ ଭଲ ଖାସି କାଟେ ବୋଲି
ଭିଡ଼ସାଙ୍ଗଂକୁ ଭୋକ, ଇଏ ଏକ ନିଆରା ଯୁଗଳବନ୍ଦି ।

କ୍ୟାବିନ ପଛପଟେ କିନ୍ତୁ ଭିନ୍ନ ଏକଦୃଶ୍ୟ ।
ଧାଡ଼ିବନ୍ଧା ଛେଳିମାନେ ଗୋଟିଏ ଯୋତରେ ।
ଚାକୁଚାକୁ କରି ମାଟିତଳୁ ମୁଣ୍ଡ ଟେକିଥିବା,
ଘାସମାନଙ୍କୁ ଜିଭରେ ଛୁଇଁଦେଲେ ଭୋକ ତାଙ୍କ ମେଣ୍ଟିଯାଏ।
ଅନାହୂତ ଏକ ନିଷ୍ଠୁର ଭବିଷ୍ୟତପ୍ରତି,
ଅନଭିଜ୍ଞତା ସାଙ୍ଗଂକୁ ମାଲିକ ପ୍ରତି ଏକାନ୍ତ ଆନୁଗତ୍ୟ
ଭାବବେଗ ସୃଷ୍ଟିକରେ ବେଳେବେଳେ।
କିନୁମିଆଁ ଛୁରୀର ଉପସ୍ଥିତି,
ନିଜକୁ ଜାହିର କରିପାରେନା ସେମାନଙ୍କ ଭୋକ ପାଖରେ।

ଧୀରେ ଧୀରେ ଖାଲିଲାଗେ କିନୁର କ୍ୟାବିନ୍ ।
ଅସଂଜତ ନୋଟମାନ ଗଣିବା ଆଗରୁ,
ଠକ୍‌ଠକ୍ କରେ କିନୁମିଆଁ ପେଟର ଭୋକ ।
ମନେପଡ଼ିଯାଏ, ସିଏବି ଖାଇନି ପାହାନ୍ତିପହରୁ ।
ଅଧୁଆ ହାତରେ ଭିଡ଼ିଆଣେ,
କ୍ୟାବିନ୍ କଣ୍ଟାରେ ଝୁଲୁଥିବା ବରା ଘୁଗୁନିକୁ ।
ଗରାଖ, ଛେଳି ଆଉ କିନୁମିଆଁ ସମସ୍ତେ ଯେପରି,
ଜଣେ ଜଣେ ନିରୀହଛାଗଳ ଏଇ ଭୋକ ବନସ୍ତରେ ।

**ବାଛରା, ଜଟଣୀ**
**ମୋ - ୭୦୦୮୩୬୧୧୪୮**

# କାଶତଣ୍ଡୀ



**ନାରାୟଣ ଦାସ**

କେଉଁ ଫୁଲ ନେଇ
ପୂଜିବି ତୁମକୁ
ଅର୍ଘ୍ୟଥାଳି ମୋର ଶୂନ୍ୟ
ବିଶ୍ୱ ବ୍ରହ୍ମାଣ୍ଡରେ
ଭକ୍ତ ପରିପୂର୍ଣ୍ଣ
ନୁହନ୍ତି କେହି ନଗଣ୍ୟ -୧

ଭକ୍ତିଭାବ ଅଛି
ଭକ୍ତର ହୃଦୟେ
ସର୍ବଧର୍ମ ଏକେଶ୍ୱର
କେଉଁ ଫୁଲ ତୋଡା
ନେଇ ମୁଁ ପୂଜିବି
ହେଜୁଅଛି ବାର ବାର -୨

ସର୍ବ ପ୍ରଥମେ ମୁଁ
କାହାକୁ ପୂଜିବି
ଚିନ୍ତୁଅଛି ବସି ମନେ
ପ୍ରଣତି ଜଣାଇ
କରୁଛି ଗୁହାରି
କହି ଦିଅ ମୋର କାନେ-୩

ପ୍ରଥମେ ପୂଜିବୁ
ସଦା ମାତା ପିତା
ତା'ପରେ ପତି ଦେବତା
ସେହି ପୁଣ୍ୟ ଫଳେ
ଅର୍ଜିବୁ ସୁଖ୍ୟାତି
ହେବୁ ତୁ ଜଗତ ଜିତା-୪

ଏହି ଉପଦେଶ
କରିଲେ ଗ୍ରହଣ
ହେବ ନାହିଁ କିଛି ଦୋଷ
ସୁପଥରେ ଗଲେ
ଆଦର ପାଇବୁ
ପୂର୍ଣ୍ଣହେବ ଅଭିଳାଷ-୫

ଧନ୍ୟ କାଶତଣ୍ଡୀ
ଧନ୍ୟ ଚିନ୍ତାଧାରା
ତୋପରି ନାହିଁ ମୁଁ ଦେଖି
ଭକ୍ତି ଭାବ ପୂର୍ଣ୍ଣୟ
ରହିଛି ହୃଦୟେ
ଦୃଢ଼ ମନ ଯାଏ ଲାଖି-୬

ପ୍ରଭୁଙ୍କ ପୟରେ
ରଖିଥିବୁ ମନ
ଭକ୍ତି ଭାବ ହୃଦୟରେ
ଚରଣ ସେବାକୁ
ରଖିଲେ ହୃଦୟେ
ମୁକ୍ତିପାଇବୁ ଅଚିରେ-୭

**ସଂପାଦକ,**
**କୋଣାର୍କ ସାହିତ୍ୟ ସଂସଦ,**
**ଖୋର୍ଦ୍ଧା**
**ଦୂରଭାଷ : ୯୪୩୮୦୪୯୫୪୧**



# ଅଂଗ ଅନୁରୂପ ଅଂଗର ଦୁନିଆ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

୨୦୧୯ ମସିହା ଅକ୍ଟୋବର ୨୧ ତାରିଖ। ସେଦିନ ଥାଏ ସୋମବାର। ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋଠାରେ ଅନୁଷ୍ଠିତ ହେଉଥାଏ ସୋସାଇଟି ଫର ନ୍ୟୁରୋସାଇଣ୍ଟିଷ୍ଟ୍ ବା ସ୍ନାୟୁବିଜ୍ଞାନୀମାନେ ଯୋଗ ଦେଇଥାନ୍ତି। ସେଠାରେ ଦୁଇଜଣ ସ୍ନାୟୁବିଜ୍ଞାନୀ ସେମାନଙ୍କ ସତୀର୍ଥମାନଙ୍କୁ ସଚେତନ କରିଦେଇ କହିଥିଲେ, ସ୍ନାୟୁବିଜ୍ଞାନୀମାନେ ଏବେ ଆଚରଣ ବିଧିବିଧାନର ଲକ୍ଷ୍ମଣରେଖାର ଅତି ନିକଟରେ ଆସି ପହଞ୍ଚିଗଲେଣି। ସେମାନେ ଗବେଷଣାଗାରରେ ମିନି-ମସ୍ତିଷ୍କ ବା ମସ୍ତିଷ୍କର ପ୍ରତିରୂପ ତିଆରି କରିବାରେ ଲାଗିପଡ଼ିଛନ୍ତି। ମଣିଷ ହାତ ତିଆରି ଏହି କ୍ଷୁଦ୍ର ମସ୍ତିଷ୍କ ପ୍ରକୃତିଦ୍ୱାରା ତିଆରି ମସ୍ତିଷ୍କ ଭଳି ଅନୁଭବ କରିପାରିବା ନିମନ୍ତେ ସମର୍ଥ ହୋଇପାରିବ। ଏହାର ପରିଣାମ ଖୁବ୍ ଭୟଙ୍କର ହୋଇପାରେ। ପ୍ରକୃତି ସୃଷ୍ଟ ଅଙ୍ଗସଦୃଶ ଅଙ୍ଗସୃଷ୍ଟିକୁ 'ଅର୍ଗାନଏଡ୍'ବୋଲି କୁହାଯାଉଛି। ଇଂରାଜୀଭାଷାରେ ଅଙ୍ଗକୁ 'ଅର୍ଗାନ' ବୋଲି କୁହାଯାଏ। ପ୍ରକୃତି ସୃଷ୍ଟ ଅଙ୍ଗର ଅନୁକରଣରେ ଲାବୋରେଟୋରୀରେ ତିଆରି କରାଯାଉଥିବା ସେହିଭଳି କ୍ଷୁଦ୍ର ଅଙ୍ଗକୁ ବୈଜ୍ଞାନିକମାନେ 'ଅର୍ଗାନଏଡ୍' ଭାବରେ ନାମକରଣ କରିଛନ୍ତି। ଇଂରାଜୀରେ ଯାହାକୁ 'ଅଏଡ୍' ବୋଲି କୁହାଯାଏ, ତା'ର ଅର୍ଥ ହେଉଛି 'ଭଳି' ବା 'ସଦୃଶ'।

ବାସ୍ତବରେ ବ୍ରେନ୍ ବା ମସ୍ତିଷ୍କର ଅର୍ଗାନଏଡ୍ ତିଆରି କରି ତାକୁ ବୟସ୍କ ପ୍ରାଣୀଙ୍କଠାରେ ପ୍ରତିରୋପଣ କରାଇବାରେ ବୈଜ୍ଞାନିକମାନଙ୍କୁ ସଫଳତା ମିଳିସାରିଲାଣି। ପ୍ରତିରୋପିତ ଅର୍ଗାନଏଡ୍ ବୟସ୍କ ପ୍ରାଣୀର ମସ୍ତିଷ୍କସହ ସଂଯୁକ୍ତ ହୋଇ ସେଥିରେ ବିକାଶ ଲାଭ କରିପାରିଛି ନୂତନ ସ୍ନାୟୁକୋଷିକା ସଂଯୋଗ ଏବଂ ତାହା ଆଲୋକପ୍ରତି ପ୍ରକାଶ କରିପାରୁଛି ପ୍ରତିକ୍ରିୟା। ସେହିପରି ଫୁସ୍‌ଫୁସ୍‌ର ଅର୍ଗାନଏଡ୍ ମୂଷାଠାରେ ପ୍ରତିରୋପିତ ହୋଇ ସେଥିରୁ ବିକଶିତ ହୋଇପାରିଛି ଶାଖାୟିତ ବାୟୁପଥ ବା ଶ୍ୱସନିକା (ବ୍ରୋଙ୍କିଓଲ୍) ଏବଂ କେତେକ ଆଦ୍ୟ ବାୟୁକୋଷିକା ବା 'ଆଲ୍‌ଭିଓଲାଇ'। ଏଭଳି ପଦକ୍ଷେପ ବା ସଫଳତା ପୋଷକ (ହୋଷ୍ଟ) ପ୍ରାଣୀକୁ ମାନବ ପ୍ରକୃତି ବିଶିଷ୍ଟ କରାଇବାର ଏକ ସମ୍ଭାବ୍ୟ ଉଦ୍ୟମ ବୋଲି ଚିତ୍ରଣ କରାଯାଇଛି।

## ଅର୍ଗାନଏଡ୍ କହିଲେ କଅଣ ?

ଅର୍ଗାନଏଡ୍ ହେଉଛି ଏକ କୋଷିକାଗୋଷ୍ଠୀ। ଏହାକୁ ଲାବୋରେଟୋରୀରେ ଏକ ତ୍ରିପରିସରୀୟ କ୍ଷୁଦ୍ର ଅଙ୍ଗ ଭାବରେ ବିକଶିତ କରାଯାଇଥାଏ। ଏଥିରେ ରହିଥିବା କୋଷିକାଗୁଡ଼ିକର ବିନ୍ୟାସ ଅନୁରୂପ। ଅବଶ୍ୟ ଲାବୋରେଟୋରୀରେ ବିକଶିତ ଅର୍ଗାନଏଡ୍‌ର ଆକାର ଖୁବ୍ ଛୋଟ; ଏକ ମଟର ମଞ୍ଜିର ଆକାର ଭଳି। ମାତ୍ର ପ୍ରାକୃତିକ ଅଙ୍ଗଟି ସହ ଅର୍ଗାନଏଡ୍‌ର ସାଦୃଶ୍ୟ ଥିଲେ ମଧ୍ୟ ଏହା ପୂର୍ଣ୍ଣ ବିକଶିତ ଅଙ୍ଗସଂପାଦନ କରିପାରୁଥିବା ସମସ୍ତ କାର୍ଯ୍ୟ କରିବାପାଇଁ ଅକ୍ଷମ। ବରଂ ଏହା ବିକାଶଶୀଳ ତନ୍ତୁର ଆଦ୍ୟାବସ୍ଥାଭଳି ଦେଖାଯାଇଥାଏ। ଅଧିକାଂଶ ଅର୍ଗାନଏଡ୍‌ରେ ପ୍ରକୃତ ଅଙ୍ଗଟିଠାରେ ଥିବା ସବୁପ୍ରକାର କୋଷିକା ମଧ୍ୟରୁ କିଛି କିଛି ରହିଥାଏ। ଅର୍ଗାନଏଡ୍‌ରେ ରକ୍ତନଳୀ ନଥାଏ। ଫଳରେ ତାହା ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରେନି। ଉଦାହରଣ ସ୍ୱରୂପ, ମସ୍ତିଷ୍କର ଅର୍ଗାନଏଡ୍‌ରେ ବୈଜ୍ଞାନିକମାନେ ସ୍ନାୟୁକୋଷିକା ବା ନ୍ୟୁରୋନଗୁଡ଼ିକର ବିକାଶ କରାଇବାରେ ସଫଳ ହୋଇଛନ୍ତି। ଏପରିକି ବିକାଶ ହୋଇପାରିଛନ୍ତି ସିରିବ୍ରାଲ କର୍ଟେକ୍ସ ବା ପ୍ରମସ୍ତିଷ୍କ ବହିଃପାର୍ଶ୍ୱ ଯାହା ମସ୍ତିଷ୍କର ଅନୁରୂପ। ଗବେଷଣାଗାରରେ ବିକଶିର ସର୍ବବୃହତ ମସ୍ତିଷ୍କ-ଅର୍ଗାନଏଡ୍‌ର ବ୍ୟାସ ମୋଟାମୋଟି ୪ମିଲିମିଟର।

## ଗବେଷଣାଗାରରେ ଅର୍ଗାନଏଡ୍‌ର ବିକାଶ କରାଯାଏ କିପରି ?

କାଣ୍ଡକୋଷିକା ବା ଷ୍ଟେମ୍ ସେଲ୍‌ଗୁଡ଼ିକୁ ବିନିଯୋଗ କରି ଅର୍ଗାନଏଡ୍‌ର ବିକାଶ କରାଯାଏ। ଷ୍ଟେମ୍‌ସେଲ୍‌ର ରହିଛି ଏକ ଅସାଧାରଣ ସାମର୍ଥ୍ୟ। ମଣିଷ ଶରୀରରେ ରହିଛି ଶତାଧିକ ପ୍ରକାରର ବିଭିନ୍ନ କୋଷିକା। ଷ୍ଟେମ୍‌ସେଲ୍‌କୁ ବ୍ୟବହାର କରି ସେହି ପ୍ରତ୍ୟେକ ପ୍ରକାରର କୋଷିକା ବିକାଶ କରାଇବା ସମ୍ଭବ। ଯେପରିକି, ଷ୍ଟେମ୍‌ସେଲ୍‌ରୁ ବିକଶିତ ହୋଇପାରେ ସ୍ନାୟୁକୋଷିକା, ପେଶୀକୋଷିକା, ରକ୍ତନଳୀ କୋଷିକା, ଫୁସ୍‌ଫୁସ୍ କୋଷିକା, ହୃତ୍ କୋଷିକା, ଅଗ୍ନାଶୟ କୋଷିକା, ଅସ୍ଥିକୋଷିକା, ଚର୍ମକୋଷିକା ଇତ୍ୟାଦି। ଷ୍ଟେମ୍ ସେଲ୍ ସଂଗୃହୀତ ହୋଇପାରେ ନବଜାତ ଶିଶୁର ନାହିନାଡ଼ ବା 'ଅମ୍ବିଲିକାଲ୍ କର୍ଡ଼'ରୁ, ଅସ୍ଥିମଜ୍ଜା ବା 'ବୋନ୍ ମାରୋ'ରୁ ଓ ଅଙ୍ଗଗୁଡ଼ିକରୁ। ସେହିପରି ସଂପୂର୍ଣ୍ଣ ବିକଶିତ ବୟସ୍କ କୋଷିକାଗୁଡ଼ିକୁ ମନେଇ ବା ପ୍ରରୋଚିତ କରାଇ ସେଗୁଡ଼ିକୁ ଷ୍ଟେମ୍‌ସେଲ୍‌ରେ ପରିଣତ କରାଯାଇପାରେ ମଧ୍ୟ। ଏହି ଶେଷୋକ୍ତ ପ୍ରକାରରେ ବିକଶିତ ଷ୍ଟେମ୍‌ସେଲ୍‌କୁ 'ଇଣ୍ଡ୍ୟୁସଡ୍ ପ୍ଲୁରିପୋଟେଣ୍ଟ ଷ୍ଟେମ୍‌ସେଲ୍' ବା ପ୍ରରୋଚିତ ବହୁପ୍ରସୂ କାଣ୍ଡକୋଷିକା ବୋଲି କହନ୍ତି। ଗବେଷଣାଗାରରେ ବିକାଶ କରାଇବା ପ୍ରକ୍ରିୟାରେ ଷ୍ଟେମ୍ ସେଲ୍‌ଗୁଡ଼ିକୁ ଯୋଗାଇ ଦିଆଯାଏ ଖାଦ୍ୟଉପାଦନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଅଣୁ। ଏପରି କରିବା ଫଳରେ ଷ୍ଟେମ୍‌ସେଲ୍‌ର ବୃଦ୍ଧି ଘଟି ତାହା ନିର୍ଦ୍ଦିଷ୍ଟ ଅଙ୍ଗର କୋଷିକା ସଦୃଶ କୋଷିକାରେ ପରିଣତ ହୋଇଯାଏ। ସେହି କୋଷିକାମାନେ ଆପେ ଆପେ ସଂଗଠିତ ହୋଇ ନିର୍ଦ୍ଦିଷ୍ଟ ଅଙ୍ଗର ରୂପ ନେବାପାଇଁ ସମର୍ଥ। ପୁଣି ଏହା ପୂର୍ଣ୍ଣ ବିକଶିତ ଅଙ୍ଗର ଜଟିଳ କାର୍ଯ୍ୟଗୁଡ଼ିକୁ ଆଶିଂକଭାବରେ ସଂପାଦନ କରିବା ନିମନ୍ତେ ସମର୍ଥ ମଧ୍ୟ। ଯେପରିକି କୃତ୍ରିମ ଉପାୟରେ ବିକଶିତ ହୋଇ ଗଠିତ ନୂତନ ଅଙ୍ଗର କୋଷିକାମାନ ବି ବଂଶବୃଦ୍ଧି କରିପାରେ ଏବଂ ରୋଗାକ୍ରାନ୍ତ ବି ହୋଇପାରେ।

ଏ'ଯାବତ୍ ଗବେଷଣାଗାରରେ ମସ୍ତିଷ୍କ, କ୍ଷୁଦ୍ରଅନ୍ତ୍ର ବା ସ୍ମଲ୍ ଇଣ୍ଟେଷ୍ଟିନ୍,

ବୃକକ୍, ହୃତ୍‌ପିଣ୍ଡ, ପାକସ୍ଥଳୀ, ଚକ୍ଷୁ, ଯକୃତ୍, ଅଗ୍ନାଶୟ, ପ୍ରୋଷ୍ଟେଟ୍, ଲାଳଗ୍ରନ୍ଥି ଏବଂ ଅନ୍ତଃକର୍ଣ୍ଣ ଆଦିର ଅର୍ଗାନଏଡ୍ ବିକଶିତ ହୋଇସାରିଲାଣି।

## ବୈଜ୍ଞାନିକମାନେ ଏତେ ଉତ୍‌ଫୁଲ୍ଲିତ କାହିଁକି ?

ପୁରୁଷର ଶୁକ୍ରାଣୁ ଓ ନାରୀର ଡିମ୍ବାଣୁ ମିଳିତ ହୋଇପାରିଲେ ଜାତ ହୋଇପଡ଼େ ଜାଇଗୋଟ୍ ବା ଯୁଗ୍ମଜ। ଯୁଗ୍ମଜ ଏକକୋଷୀ। ଏହାର ବିଭାଜନ ଘଟେ। ଏହି ପ୍ରକ୍ରିୟାରେ ଯେଉଁ ଆଦ୍ୟଭ୍ରୂଣ ସୃଷ୍ଟିହୁଏ, ସେଥିରେ ଥିବା ଷ୍ଟେମ୍‌ସେଲ୍‌ରୁ ପୂର୍ଣ୍ଣ ବିକଶିତ ଶିଶୁ ସୃଷ୍ଟି ସମ୍ଭବ। ମାତ୍ର ଏଭଳି ଷ୍ଟେମ୍‌ସେଲ୍ ସଂକ୍ରାନ୍ତ ଗବେଷଣାକୁ ବିଧିଗର୍ହିତ ବୋଲି ବିଚାରି ନିଷିଦ୍ଧ କରାଯାଇଛି। ଏ'ଧରଣର ଷ୍ଟେମ୍‌ସେଲ୍‌କୁ କୁହାଯାଏ ଏମ୍ବ୍ରିଓନିକ୍ ଷ୍ଟେମ୍‌ସେଲ୍ ବା ଭ୍ରୂଣୀୟ କାଣ୍ଡକୋଷିକା। କିନ୍ତୁ ଭ୍ରୂଣୀୟ କାଣ୍ଡକୋଷିକାକୁ ବାଦ୍ ଦେଇ ଅନ୍ୟ ଉତ୍ସରୁ ସଂଗୃହୀତ କାଣ୍ଡକୋଷିକାରୁ ଅର୍ଗାନଏଡ୍ ସୃଷ୍ଟିକରିବାରେ ଗବେଷକମାନେ ସଫଳ ହୋଇଛନ୍ତି। ସଫଳ ହୋଇପାରିଛନ୍ତି ଭିନ୍ନ ଭିନ୍ନ ପ୍ରକାରର ଓ ଜଟିଳ କାର୍ଯ୍ୟମାନ ସଂପାନ କରିପାରୁଥିବା ଅର୍ଗାନଏଡ୍‌ଗୁଡ଼ିକର ବିକାଶ କରାଇବାରେ। ଅର୍ଗାନଏଡ୍‌ଗୁଡ଼ିକ ପୂର୍ଣ୍ଣ ବିକଶିତ ତନ୍ତୁସଦୃଶ ହୋଇଥିବାରୁ ଏହା ଉନ୍ମୋଚିତ କରିପାରିଛି ବହୁ ନୂତନ ସମ୍ଭାବନା। ଏହା ଫଳରେ, ଅଙ୍ଗଗୁଡ଼ିକରେ କୋଷିକାଗୁଡ଼ିକ ସ୍ୱୟଂକ୍ରିୟ ଭାବରେ କିପରି ସନ୍ନିବିଷ୍ଟ ହୋଇପାରୁଛନ୍ତି, ତ୍ରିପରିସରୀୟ ଭାବରେ କିପରି ବ୍ୟବସ୍ଥିତ ହୋଇ ଜଟିଳ କାର୍ଯ୍ୟମାନ ନିର୍ବାହ କରିପାରୁଛନ୍ତି - ଏ'ସମସ୍ତ ତଥ୍ୟ ବୈଜ୍ଞାନିକମାନଙ୍କ ପାଇଁ ଆଉ ଅପହଞ୍ଚ ହୋଇ ରହିନାହିଁ।

ନୂତନ ଭାବରେ ଉଦ୍‌ଭାବିତ ଔଷଧଗୁଡ଼ିକର କାର୍ଯ୍ୟକାରିତା ଓ ସେଗୁଡ଼ିକ କେତେଦୂର ନିରାପଦ, ଅର୍ଗାନଏଡ୍‌ଗୁଡ଼ିକ ଉପରେ ପରୀକ୍ଷା କରି ତାହା ଜାଣିନେଇହେବ। ସଂପ୍ରତି ଉପଲବ୍ଧ ଔଷଧଗୁଡ଼ିକ ପ୍ରତି ତନ୍ତୁଗୁଡ଼ିକର ପ୍ରତିକ୍ରିୟା ଅନୁଧ୍ୟାନ କରିବା ସମ୍ଭବ ହୋଇଯିବ। ଏବେ କୁହାଗଲାଣି ଯେ ସମାନ ରୋଗରେ ଆକ୍ରାନ୍ତ ହୋଇଥିଲେ ବି ସେହି ରୋଗୀମାନଙ୍କୁ ସମାନ ଔଷଧ ଦେଲେ ତାହା କାମ କରିନପାରେ। ତେଣୁ ରୋଗ-ନିର୍ଦ୍ଦିଷ୍ଟ ଔଷଧ ବଦଳରେ ଏବେ ରୋଗୀ-ନିର୍ଦ୍ଦିଷ୍ଟ ଔଷଧର ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ଏପରି କ୍ଷେତ୍ରରେ ଅର୍ଗାନଏଡ୍ ଉପରେ ପରୀକ୍ଷା କରି ଔଷଧ ନିର୍ବାଚନ କରାଯାଇପାରେ। ଔଷଧଟିଏ ଉଦ୍‌ଭାବିତ ହୋଇଗଲେ ତା'ର କାର୍ଯ୍ୟକାରିତା ପ୍ରଥମେ ବିଭିନ୍ନ ପ୍ରାଣୀମାନଙ୍କ ଉପରେ ପରୀକ୍ଷା କରାଯିବା ହିଁ ଅନୁସୃତ ବିଧି। ମାତ୍ର ଏଥିରେ ରହିଛି କେତେକ ସମସ୍ୟା। ବିଶେଷକରି ପ୍ରାଣୀ ଶରୀରର କୋଷିକା ମଣିଷ ଶରୀରର କୋଷିକାର ବିକଳ୍ପ ହୋଇନପାରେ। ହେଲେ ଅର୍ଗାନଏଡ୍ ଉପରେ ପରୀକ୍ଷାକରି ଏହି ସମସ୍ୟାର ସମାଧାନ କରାଯାଇପାରେ।

## ରୋଗଗୁଡ଼ିକର ପ୍ରକୃତିକୁ ବୁଝିବାରେ ଅର୍ଗାନଏଡ୍‌ସ କିପରି ସାହାଯ୍ୟ କରିପାରିବ ?

ଅଙ୍ଗର ବିକାଶ କରାଇବାରେ ପ୍ରୋଟିନ୍ ଓ ଜିନ୍‌ମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେଥିପାଇଁ ଜିନ୍‌ରେ ପରିବର୍ତ୍ତନ ବା ନବୋଦ୍ଭବନ ଘଟିଲେ ରୋଗ ଜାତ ହୁଏ। ଅର୍ଗାନଏଡ୍ ଉପରେ ଅନୁଧ୍ୟାନ କରି ଜିନ୍‌ର ନବୋଦ୍ଭବନକୁ ଚିହ୍ନଟ କରିବା ସମ୍ଭବ। ସଂପ୍ରତି ଇଉରୋପରେ ଛଅଜଣ ରୋଗୀଙ୍କଠାରୁ ସଂଗୃହୀତ ଷ୍ଟେମ୍‌ସେଲ୍‌କୁ ନେଇ ବିକଶିତ କରାଯାଇଥିବା ଅନ୍ତନଳୀ ଅର୍ଗାନଏଡ୍‌ରୁ ସେମାନଙ୍କ ଅନ୍ତନଳୀରୋଗର ପଶ୍ଚାତ୍‌ରେ ଥିବା ଜିନ୍‌ତ୍ରୁଟିକୁ ଚିହ୍ନଟ କରାଯାଇପାରିଛି। ଆପଣମାନେ କିଛିଦିନ ତଳେ ଜିକା ଭୂତାଣୁ ସଂକ୍ରମଣ ସଂପର୍କରେ ସମ୍ବାଦମାନ ପଢ଼ିଥିଲେ। ଜିକା ଭୂତାଣୁଦ୍ୱାରା ସଂକ୍ରମିତ ଗର୍ଭବତୀ ମହିଳାଙ୍କ ଗର୍ଭସ୍ଥ ଭ୍ରୂଣର ମସ୍ତିଷ୍କ ଆଶାନୁରୂପ ଭାବରେ ବିକାଶ ଲାଭ କରିପାରେନି। ମାତ୍ର ଜିକା ଭୂତାଣୁ ଭ୍ରୂଣର ମସ୍ତିଷ୍କକୁ କିପରି ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ, ତାହା ମସ୍ତିଷ୍କ-ଅର୍ଗାନଏଡ୍‌ର ଅନୁଧ୍ୟାନରୁ ଉନ୍ମୋଚିତ ହୋଇପାରିଛି।

ସେହିପରି କ୍ୟାନ୍‌ସର ଆକ୍ରାନ୍ତ ଅଙ୍ଗରୁ ସଂଗୃହୀତ ଷ୍ଟେମ୍‌ସେଲ୍‌କୁ ବ୍ୟବହାର କରି ବିକଶିତ ଅର୍ଗାନଏଡ୍‌ର ଅନୁଧ୍ୟାନଦ୍ୱାରା କ୍ୟାନ୍‌ସର କୋଷିକାମାନେ କିପରି ବିକାଶ ଲାଭକରି ବଂଶବୃଦ୍ଧି କରିଥାନ୍ତି ତାହା ଜଣାପଡ଼ିଛି। ବିଶେଷକରି ଏଥିପାଇଁ ସେଗୁଡ଼ିକୁ ଜିନ୍, ପ୍ରୋଟିନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟାକୁ କିପରି ବିନିଯୋଗ କରିଥାନ୍ତି, ତାହା ଆଉ ଗବେଷକମାନଙ୍କୁ ଅଜଣା ନୁହେଁ। ପୁନଶ୍ଚ ସୁସ୍ଥ ଅର୍ଗାନଏଡ୍‌କୁ ବ୍ୟବହାର କରି କେଉଁ ଜିନ୍‌ଗୁଡ଼ିକର ନବୋଦ୍ଭବନ ଯୋଗୁ କ୍ୟାନ୍‌ସର ହେଉଛି, ଏହି ରହସ୍ୟର ଉନ୍ମୋଚନ ସମ୍ଭବ ହେଲାଣି।

## ଅର୍ଗାନଏଡ୍‌ଗୁଡ଼ିକର ବିକାଶରେ ନୈତିକ ନିୟମ ସଂକ୍ରାନ୍ତ ଆହ୍ୱାନ :

ଏ'ଯାବତ୍ ବିକଶିତ ହୋଇଥିବା ବୃହତ୍ତମ ମସ୍ତିଷ୍କ-ଅର୍ଗାନଏଡ୍‌ର ବ୍ୟାସ ଥିଲା ମାତ୍ର ୪ମିଲିମିଟର। ଏଥିରେ କୋଷିକାଗୁଡ଼ିକର ସଂଖ୍ୟା ଥିଲା ୨୦ ରୁ ୩୦ ଲକ୍ଷ। ମାତ୍ର ତୁଳନାତ୍ମକ ଭାବରେ ଦେଖିଲେ, ଜଣେ ବୟସ୍କ ବ୍ୟକ୍ତିର ମସ୍ତିଷ୍କ ହେଉଛି ୧,୩୫୦ ଘନ ସେଣ୍ଟିମିଟର ଏବଂ ଏଥିରେ ଥାଏ ୮୬୦୦ କୋଟି ସ୍ନାୟୁକୋଷିକା ବା ନ୍ୟୁରୋନ୍ ଏବଂ ୮୬୦୦ କୋଟି ଅନ୍ୟପ୍ରକାରର କୋଷିକା। ହେଲେ ଅର୍ଗାନଏଡ୍‌ମାନ ସଂବେଦୀ ସ୍ନାୟୁସଂକେତମାନ ଗ୍ରହଣ କରି ପାରନ୍ତିନି କି ପ୍ରେରକ ସଂକେତ ପ୍ରେରଣ କରିପାରନ୍ତିନି। ମସ୍ତିଷ୍କ ଅର୍ଗାନଏଡ୍‌ର କୌଣସି ନିର୍ଦ୍ଦିଷ୍ଟ ଅଂଶ ଅନ୍ୟ ଅଂଶଗୁଡ଼ିକ ସହ ସଂପର୍କ ରକ୍ଷା କରିପାରନ୍ତିନି। ଏହି ଅର୍ଗାନଏଡ୍‌ରେ ଚେତନା ବୋଲି କିଛି ନଥାଏ କି ତାହା ଦୁଃଖ, ଉଦ୍‌ବେଗ, ମାନସିକ ଅଶାନ୍ତି ତଥା ଯନ୍ତ୍ରଣା ଅନୁଭବ କରିପାରେନି।

ଅଭୀପ୍‌ସା
ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧
ଅଭିନବ ବିଡ଼ାନାସୀ, କଟକ
ପିନ୍ - ୭୫୩୦୧୪

# କଥା କିଛି ସଦାଚରର (ଯାହା ମନୁ କହନ୍ତି)



ଆରତି ମଞ୍ଜରୀ ଦାଶ

ଅପତ୍ୟମାନଙ୍କୁ ଜନ୍ମଦେଇ ମାତାପିତା ଯେଉଁ କ୍ଳେଶ ସହ୍ୟ କରନ୍ତି ଶହେବର୍ଷ ପର୍ଯ୍ୟନ୍ତ ତାହା ପରିଶୋଧ ହୋଇପାରେନାହିଁ। ପ୍ରତିଦିନ ମାତାପିତାଙ୍କର ସେବା ଓ ଆଚାର୍ଯ୍ୟଙ୍କର ସର୍ବଦା ପ୍ରିୟାନୁଷ୍ଠାନ କରିବା ଉଚିତ୍। ପିତା ଗ୍ରାହପତ୍ୟ, ମାତା ଦକ୍ଷିଣାଗ୍ନି, ଗୁରୁ ଆହବନୀୟାଗ୍ନି ବୋଲି ବିବେଚନା କରି କରାଯାଉଥିବା ଏହି ତିନିଜଣଙ୍କର ସଶ୍ରଦ୍ଧ ଶୁଶ୍ରୁଷାକୁ ପରମ ତପ ବୋଲି କୁହାଯାଏ। ମାତାଙ୍କୁ ଭକ୍ତି କରିବା ଦ୍ୱାରା ଇହଲୋକ, ପିତାଙ୍କୁ ଭକ୍ତି କରିବାଦ୍ୱାରା ଅନ୍ତରୀକ୍ଷଲୋକ ଓ ଗୁରୁଙ୍କୁ ଭକ୍ତି କରିବାଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୁଏବୋଲି ମନୁ ସହିଂତାରେ ଉଲ୍ଲେଖ ଅଛି। ଅନ୍ୟ କୌଣସି ଧର୍ମ କର୍ମରେ ନିଜକୁ ସମ୍ପୃକ୍ତ ନକରି ଏମାନେ ଯେତେକାଳ ବଞ୍ଚିଥିବେ ପ୍ରତିଦିନ ଏମାନଙ୍କର ପ୍ରିୟକାର୍ଯ୍ୟ କରିବା ଉଚିତ୍।

ବୟସ ବା ଜ୍ଞାନରେ ଯେଉଁ ବ୍ୟକ୍ତି ବଡ଼ ସେ ବ୍ୟବହାର କରୁଥିବା ଆସନ କି ଶଯ୍ୟା ବ୍ୟବହାର କରିବା ଠିକ୍ ନୁହେଁ। ସେଭଳି ବ୍ୟକ୍ତି ଉପସ୍ଥିତ ହେଲେ ନିଜେ ଶଯ୍ୟା ବା ଆସନସ୍ଥ ଥିଲେ ଉଠି ନମସ୍କାର କରିବ। ସର୍ବଦା ବୟସ୍କ ଗୁରୁଜନମାନଙ୍କର ସେବା କରୁଥିବା ଅଭିବାଦନଶୀଳ ବ୍ୟକ୍ତିର ଆୟୁ, ବିଦ୍ୟା, ଯଶ ଓ ବଳର ଉତ୍କର୍ଷ ସାଧିତ ହୁଏ। ଅଭିବାଦନ କରିବା ପୂର୍ବରୁ 'ଆଜ୍ଞା' ସମ୍ବୋଧନ ଅନିବାର୍ଯ୍ୟ। ଅପରିଚିତ ସ୍ତ୍ରୀଲୋକମାନଙ୍କୁ ମା, ମାଉସୀ, ଭଉଣୀ ବୋଲି ଜ୍ଞାନକରିବ। ମାଇ, ମାଉସୀ, ପିଉସୀ, ଶାଶୂ ସମସ୍ତେ ଗୁରୁ ପତ୍ନୀଙ୍କ ଭଳି ପୂଜନୀୟା ହେତୁ ସର୍ବଦା ସେମାନଙ୍କୁ ମାନ୍ୟତା ପ୍ରଦର୍ଶନ କରିବ। ଜ୍ୟେଷ୍ଠ ଭାଇଙ୍କ ପତ୍ନୀଙ୍କୁ ପାଦ ଛୁଇଁ ପ୍ରଣାମ କରିବ। ବିଦେଶରୁ ଆସିଥିବା ବନ୍ଧୁ ପରିଜନ ସ୍ତ୍ରୀଲୋକମାନଙ୍କୁ ଚରଣ ଛୁଇଁ ନମସ୍କାର କରିବ।

ଶାସ୍ତ୍ର ବ୍ୟାଖ୍ୟାନାଦି ଦ୍ୱାରା ଅଧ୍ୟାପନ କରି ଜ୍ଞାନ ଚକ୍ଷୁ ଉନ୍ମିଳନ କରାଉଥିବାରୁ ଗୁରୁ ପିତୃତୁଲ୍ୟ। ସେ ତ ଏକାନ୍ତ ଧର୍ମନିଷ୍ଠ ହୋଇ ମଧୁ ବ୍ୟଞ୍ଜନ ବାଣୀରେ କୌଣସି ପ୍ରକାରର କ୍ରୋଧ ଆଚରଣ ନକରି ସମ୍ୟକ୍ ରୂପେ ଶିଷ୍ୟଠାରେ ଶାସ୍ତ୍ରଜ୍ଞାନ ଅର୍ପଣ କରନ୍ତି। ଏଣୁ ସେ ଚିର ଆରାଧ୍ୟ। କଦାପି ଏହାଙ୍କର ଦ୍ରୋହ ଆଚରଣ କରିବନାହିଁ। ଗୁରୁଙ୍କ ଦ୍ୱାରା ଅନୁପ୍ରେରିତ ହୁଅ କି ନହୁଅ ପ୍ରତ୍ୟହ ଅଧ୍ୟୟନ ଅଭ୍ୟାସ କରିବ। ସର୍ବଦା ଗୁରୁଙ୍କ ଆଜ୍ଞା ପାଳନ ପାଇଁ ଆଗ୍ରହୀ ରହିବ। କାୟମନୋବାକ୍ୟରେ ସଂଯତ ରହି ସମସ୍ତ କର୍ମ ସୁଚାରୁ ରୂପେ ସଂପାଦନ କରିବାରେ ଲିପ୍ତରହିବ। କଦାପି ହେଲେ ଏହାଙ୍କର ଗତିଭାଷଣଚେଷ୍ଟାଦିକୁ ଅନୁକରଣ କରିବନାହିଁ। ଗୁରୁଙ୍କ ନିନ୍ଦା ବା ଦୋଷଚର୍ଚ୍ଚା କାନରେ ପଡ଼ିବା ପୂର୍ବରୁ କାନ ବନ୍ଦକରି ସେ ସ୍ଥାନ ତ୍ୟାଗକରିବ। ତାଙ୍କୁ ନିନ୍ଦାଦେବା, ଦୋଷଦେବା, ତାଙ୍କ ଦ୍ରବ୍ୟ ଅନ୍ୟାୟ ରୂପେ ବ୍ୟବହାର କରିବାଦ୍ୱାରା ବହୁ ଅପରାଧଜନିତ ପାପ ହୋଇଥାଏ। ଯାନବାହାନ ଉପରୁ ଥାଇ ଦୂରରୁ କିମ୍ବା ସେ କ୍ରୋଧିତ ଥିବା ଅବସ୍ଥାରେ ଅଥବା ତାଙ୍କ ନିକଟରେ ସ୍ତ୍ରୀଲୋକ ଥିଲେ ଅଭିବାଦନ କରିବନାହିଁ।

କୌଣସି ସମୟରେ ହେଲେ ବିନୋଦର ହେତୁ ରୂପେ ଗୁରୁଙ୍କର ଆଚରଣ ବିଧି, ଭାଷଣ ଇତ୍ୟାଦିର ଅନୁକରଣ ପରିହାସ ପୂର୍ବକ କରିବା ମାର୍ଜନୀୟ ନୁହେଁ। ଏହାଦ୍ୱାରା ତାଙ୍କପ୍ରତି ଅଲକ୍ଷ୍ୟରେ ଅନାଦର ପ୍ରକଟିତ ହୁଏ। ଆଚାର୍ଯ୍ୟଙ୍କୁ ମୂର୍ତ୍ତିମନ୍ତ ବେଦ, ପିତାଙ୍କୁ ପ୍ରଜାପତି ବ୍ରହ୍ମାଙ୍କ ମୂର୍ତ୍ତି, ମାତାଙ୍କୁ ପୃଥିବୀର ମୂର୍ତ୍ତି ଓ ଭ୍ରାତାଙ୍କୁ ଆପଣାର ନିଜ ମୂର୍ତ୍ତି ବୋଲି ବିଚାରକରିବ। ଏମାନଙ୍କଦ୍ୱାରା ପୀଡ଼ା ପାଇଲେ ମଧ୍ୟ ସେମାନଙ୍କୁ ଅପମାନିତ କରିବନାହିଁ।

ବ୍ରାହ୍ମ ମୁହୂର୍ତ୍ତରେ କିମ୍ବା ସାୟଂକାଳରେ ଶଯ୍ୟାରେ ଶୋଇରହିବ ନାହିଁ। କେବେହେଲେ ହିଂସା ଦ୍ୱେଷରେ ଲିପ୍ତ ରହିବନାହିଁ। ପ୍ରାଣୀ ବଧ ବଂଧନାଦି କ୍ଳେଶ ଇଛା କରିବନାହିଁ। ଯତ୍‌ପରୋନାସ୍ତି ପିତୃ ମାତୃ ଗୁରୁ ଅତିଥି ସେବାରେ ଆଗ୍ରହ ରଖିଲେ ଅତ୍ୟନ୍ତ ସୁଖ ପ୍ରାପ୍ତିହୁଏ।

ଅତି ଦୁର୍ବିସହ ପରିସ୍ଥିତି ଉପସ୍ଥିତ ହେଲେ ମଧ୍ୟ ମୃତ୍ୟୁକୁ ସ୍ୱାଗତ କରିବନାହିଁ। ସୁଖମୟ ସମୟରେ ଉତ୍‌ଫୁଲ୍ଲିତ ହୋଇ ଦୀର୍ଘଜୀବନ କାମନା କରିବନାହିଁ। ଆଦେଶ ପାଇଥିବା ଭୃତ୍ୟଭଳି କାଳକୁ ହିଁ ଅପେକ୍ଷା କରିବ। ସମ୍ୟକ୍ ଦୃଷ୍ଟି ପକାଇ ପରିଷ୍କୃତ ସ୍ଥାନରେ ପାଦରଖିବ। ସ୍ୱଚ୍ଛଜଳ ପାନକରିବ। ସତ୍ୟକଥନ ଓ ମନରେ ପବିତ୍ରଭାବ ଧାରଣକରିବ। କେହି ନିନ୍ଦନୀୟ କଥା କହିଲେ ବିଚଳିତ ନହୋଇ ସହ୍ୟକରିବ ମାତ୍ର ନିନ୍ଦନୀୟ ବାକ୍ୟଦ୍ୱାରା ଅପମାନିତ କରିବନାହିଁ।

ସର୍ବଦା ଈଶ୍ୱରାନୁରାଗୀ ହୋଇରହିବ। କାହାଠାରୁ କିଛି ଆଶା କରିବନାହିଁ। ସକଳ ବିଷୟ ଭୋଗରେ ସ୍ପୃହାହୀନ ଭାବରରେ ଉଦାସୀନ ରହି ଆତ୍ମ ସହାୟତାରେ ନିତ୍ୟ ସୁଖାଭିଳାଷୀ ହୋଇ ସଂସାରରେ ରହିବ। ବିଦ୍ୟାହୀନ, ବିକଳାଙ୍ଗ, ବୟୋଧିକ, ରୂପହୀନ ବା ଧନବିହୀନ ବ୍ୟକ୍ତିମାନଙ୍କୁ ସେମାନଙ୍କ ଅବସ୍ଥାପାଇଁ ଉପହାସ ବା ନିନ୍ଦା କରିବନାହିଁ। ନିତ୍ୟ ଶୁଭାଚାରଯୁକ୍ତ, ଜିତେନ୍ଦ୍ରିୟ, ଆଳସ୍ୟ ରହିତ, ଶୁଚି ସମ୍ପର୍ଣ୍ଣ, ମୈତ୍ରୀ ଭାବପନ୍ନ, ଅଧ୍ୟୟନଶୀଳ ବ୍ୟକ୍ତି ହିଁ ଜୀବନରେ ଅନେକ ସୁଖ ସମୃଦ୍ଧି ଲାଭ କରିଥାନ୍ତି।

ଆଧୁନିକ ଜୀବନଶୈଳୀ ଓ ଶିକ୍ଷାର ବିକାଶ ଛାତ୍ର ଜୀବନକୁ ଏତେ ବ୍ୟସ୍ତବହୁଳ କରିଦେଇଛି ଯେ, ଦୈନନ୍ଦିନ ଚଳଣି ଭିତରେ ଅନେକ କଥା ଅଣଦେଖା ହେଇଯାଉଛି। ଶୃଙ୍ଖଳା ଓ ସ୍ୱଚ୍ଛତାର ଅଭାବ ସମୟ ସମୟରେ ଦୁଃଖଦାୟୀ ହେଇଯାଉଛି। ଅତୀତର ଅନୁଶାସନ ସାମାଜିକ ସୁସ୍ଥତା ପାଇଁ ଗଢ଼ାଯାଇଥିଲା। ଆଜି ତାକୁ ସମ୍ପୂର୍ଣ୍ଣ ରୂପେ ଭୁଲି ବସିଲେ ଜୀବନ ପ୍ରମାଦଗ୍ରସ୍ତ ହେବା ସ୍ୱାଭାବିକ। ପୂର୍ବଜଙ୍କ ମାର୍ଗ ପ୍ରାୟତଃ ନିରାପଦ ଜୀବନଯାତ୍ରା ପାଇଁ ଆଜିବି ଅନୁକରଣୀୟ ହେବା ବାଞ୍ଛନୀୟ ।

ଗୁରୁଜଙ୍ଗ, ଖୋର୍ଦ୍ଧା

# ଜଶ୍'ଙ୍କ ଯଶ

ଅଭିଷେକ ରାୟ

ମଣିଷ ନିଜ ଜୀବନରେ ଏମିତି କିଛି କାମ କରିଯାଏ ଯାହା ତାକୁ ଚିରଦିନ ପାଇଁ ଅମର କରିଦିଏ, ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଦିଏ। ଏହିଭଳି କିଛି କାର୍ଯ୍ୟ କରିଯାଇଛି ସୁରତର ଅଢେଇ ବର୍ଷର ଶିଶୁ ଜଶ୍ ଓଜା। ନିଜ ଅଙ୍ଗଦାନ କରି ସେ ବଞ୍ଚାଇଛି ଅନ୍ୟ ୭ ଜଣଙ୍କର ଜୀବନ। ସୁରତର ଶାନ୍ତି କଲୋନୀରେ ରହୁଥିବା ଜଶ୍ ଗତ ୯ ତାରିଖରେ ନିଜ ପଡିଶା ଘରେ ଖେଳୁଥିବା ସମୟରେ ୨ମହଲା ବାଲକୋନିରୁ ତଳକୁ ଖସି ପଡିଥିଲା। କିଛିଦିନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିବାପରେ ୧୪ ତାରିଖରେ ଡାକ୍ତରମାନେ ତାକୁ ବ୍ରେନଡେଡ୍ ଘୋଷଣା କରିଥିଲେ। ଏଥିରେ ମ୍ରିୟମାଣ ହୋଇପଡିଥିଲେ ଜଶ୍‌ର ବାପା ସଞ୍ଜୀବ ଓଜା ଓ ମାଆ ଅର୍ଚ୍ଚନା। ଏହାପରେ ଅଙ୍ଗଦାନ ପାଇଁ ଉତ୍ସାହିତ କରୁଥିବା ଏବଂ ଏ ଦିଗରେ କାମ କରୁଥିବା ସଂସ୍ଥା ଡୋନେଟ୍ ଲାଇଫ୍‌ର ପ୍ରତିଷ୍ଠାତା ନିଲେଶ ମଣ୍ଡେଲୱାଲା ଜଶ୍‌ର ବାପାମାଆଙ୍କୁ ବୁଝାସୁଝା କରିଥିଲେ, ଯାହା ଫଳରେ ସେମାନେ ନିଜ ପୁତ୍ରର ଅଙ୍ଗଦାନ ପାଇଁ ସମ୍ମତ ହୋଇଥିଲେ। ଏହି ନିଷ୍ପତ୍ତି ଫଳରେ ଜଶ୍ ସର୍ବକନିଷ୍ଠ ଶିଶୁ ଭାବେ ନିଜର ହୃତପିଣ୍ଡ, ଫୁସଫୁସ୍, କିଡ୍‌ନୀ, ଲିଭର ଓ ଚକ୍ଷୁ ଦାନ କରିଛି।

ଜଶ୍‌ର ହୃତପିଣ୍ଡ ଓ ଫୁସଫୁସ୍ ୧୬୦ମିନିଟ୍ ମଧ୍ୟରେ ଚେନ୍ନାଇ ପଠାଯାଇଥିଲା। ଚେନ୍ନାଇର ଏମ.ଜେ.ଏମ୍. ହସ୍ପିଟାଲରେ ଏକ ବର୍ଷ ଧରି ଚିକିତ୍ସାଧୀନ ଥିବା ରୁଷ୍‌ର ଏକ ୪ବର୍ଷର ଶିଶୁ ଶରୀରରେ ହୃତପିଣ୍ଡ ପ୍ରତିରୋପଣ କରାଯାଇଥିଲା ଏବଂ ଫୁସଫୁସ୍‌କୁ ୟୁକ୍ରେନ୍‌ର ଏକ ୪ ବର୍ଷର ବାଳିକା ଶରୀରରେ ପ୍ରତିରୋପଣ କରାଯାଇଥିଲା। ସେହିଭଳି ୨ଟିଯାକ କିଡ୍‌ନୀ ୧୮୦ ମିନିଟ୍ ମଧ୍ୟରେ ସଡକପଥରେ ଗ୍ରୀନ କରିଡୋର କରାଯାଇ ଅହମଦାବାଦ ପଠାଯାଇଥିଲା। ଗୋଟିଏ କିଡ୍‌ନୀ ସୁରେନ୍ଦ୍ରନଗରର ଜଣେ ୧୩ ବର୍ଷୀୟ ଝିଅ ଶରୀରରେ ଓ ଅନ୍ୟଟି ଜଣେ ୧୭ ବର୍ଷର ଝିଅ ଶରୀରରେ ପ୍ରତିରୋପଣ କରିଯାଇଥିଲା। ଜଶ୍‌ର ଲିଭରଟିକୁ ଭାବନଗରର ଏକ ୨ବର୍ଷର ଶିଶୁ ଶରୀରରେ ପ୍ରତ୍ୟର୍ପଣ କରାଯଇଛି। ଜଶ୍‌ର ଆଖିଦୁଇଟିକୁ ସୁରତର ଏକ ଚକ୍ଷୁ ସଂସ୍ଥାନକୁ ଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଏହାର ପିତୁଳି ବା କର୍ନିଆ ଦୁଇଜଣଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସହାୟକ ହେବ। ଜଶ୍‌ଙ୍କ ପିତାମାତା ସେମାନଙ୍କର ଏହି ମହାନ ଅବଦାନ ନିମନ୍ତେ ନିଜର ଅତି ଅଲିଅଳି ସ୍ନେହର ପୁତ୍ରକୁ ଅମର କରି ଦେଇଛନ୍ତି। ମୃତ୍ୟୁବରଣ କରିବା ସତ୍ତ୍ୱେ ଜଶ୍ ଆଜି ମଧ ଅନ୍ୟମାନଙ୍କଠାରେ ଜୀବନ୍ତ ରହିଛି ଏବଂ ତାହାର ଏହି କାର୍ଯ୍ୟ ଭବିଷ୍ୟତରେ ଅନ୍ୟମାନଙ୍କୁ ନିଜର ଅଙ୍ଗଦାନ ଭଳି ଏକ ମହାନ କାର୍ଯ୍ୟ ନିମନ୍ତେ ପ୍ରୋତ୍ସାହିତ କରିବ ନିଶ୍ଚୟ।

**ଭାଲିଆବାଡି, ଖୋରଧା**

# ରଷି

ଡ. ସୁକାନ୍ତି ତ୍ରିପାଠୀ

ଆ ଜହ୍ନମାମୁ ସରଗ ଶଶୀ
ମୋ ରଷି ହାତରେ ପଡ଼ିବୁ ଖସି
ତୋ ସାଥେ ଖେଳିଲେ ଘଡ଼ିଏ ଦି'ଘଡ଼ି
ରଷି ହୋଇଯାଏ ଖୁସି । ।।୧।।
ଆସିଲାବେଳକୁ ସାଥେ ଆଣିଦେବୁ
ଜୋଛନା ଶୀତଳ ହସ
ଧୀରେ ଧୀରେ ବାଆ ବୋହି ଆଣୁଥିବ
ନାନା ଜାତି ଫୁଲବାସ । ।।୨।।
ରଷିଟି ମୋହର ଅତି ସୁକୁମାର
ତୋ'ପରି ହସ ସୁନ୍ଦର
ଦେଖିଦେଲେ ଥରେ ଭାରି ଭଲ ଲାଗେ
ଦୁଃଖ ହୋଇଯାଏ ଦୂର । ।।୩।।

ଏନ୍/୫/୪୨୮,ଆଇ.ଆର.ସି ଭିଲେଜ, ଭୁବନେଶ୍ୱର
ମୋ- ୯୪୩୮୦୭୯୫୨୮

# ତୁମକୁ ତ ଖୋଜିବାରେ



ଡ. ଲାବଣ୍ୟଚନ୍ଦ୍ର ସାହୁ

ତୁମକୁ ତ ଖୋଜିବାରେ ନାହିଁ ପ୍ରୟୋଜନ
ବିରାଜିଛ ଚରାଚର ତୁମେ ଏ ସଂସାର
ଜଳ - ସ୍ଥଳ - ପାରାବାର, ଗଗନ - ପବନ । ।।୦।।

କିଛି ମାଗିବାରେ ପ୍ରଭୁ ! ନାହିଁଟି କାମନା ମୋର
ପୂର୍ଣ୍ଣ କରିଅଛ ଯେଣୁ, ଆହେ ପରାତ୍ପର।
ସୁତ-ଦାର-ପରିବାର, ମୋ ଟିକି ସଂସାର
ତୁମ୍ଭର କରୁଣା ବଳେ ସଦା-ସୁପ୍ରସନ୍ନ । ।।୧।।

ନାହିଁ ମନେ ଅଭିଳାଷ, ସଞ୍ଚିବି ମୁଁ ବିଭବ ଅଧିକ
ବୃଦ୍ଧ କାଳେ, ସୁଖେ ଥିବି, ନଥିବ ଅଭାବ ଦୁଃଖ
ତୁଚ୍ଛ ମଣେ ଐଶ୍ୱର୍ଯ୍ୟ, ରହେଁ ତୋର ପଦରଜ
ଏତିକି ମିନତି ଘେନ! ପରମ ପାବନ । ।।୨।।

ଶ୍ରୀବସ୍ତୀ - ୩୫ ବସନ୍ତ ବିହାର, ଭୁବନେଶ୍ୱର - ୭୫୧୦୧୮
ମୋ - ୮୮୯୫୪୮୭୧୬

# ବଡ଼ ମଣିଷଙ୍କ ଜୀବନ କଥା - ୧

## ନାଟୁଆ ପିଲାଟି ଦିନେ ବଡ଼ମଣିଷ ହେଲା



ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ

ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ପୀଠ ସନ୍ନିକଟ ଶ୍ରୀନିବାସପୁର ବ୍ରାହ୍ମଣ ଶାସନ। ସେଇଠି ଏକ ଗରିବ ବ୍ରାହ୍ମଣ ପରିବାରରେ ପିଲାଟିଏ ଜନ୍ମ ନେଇଥିଲା। ବାପା ଭଗବତୀ ମନ୍ଦିରରେ ପୂଜାପାଠ କରନ୍ତି। ସେଥିରୁ ଯାହା ମିଳେ ପରିବାର ଚଳେ। ଯାହା ସମୁଦ୍ରକୁ ଶଙ୍ଖେ ଭଳି। ପଇସା ଅଭାବରୁ ପିଲାଟି ମୁଣ୍ଡର ବାଳ କଟାଇପାରେ ନାହିଁ।

ସୁତରାଂ - "ପଇସା ନଥିଲା ବୋଲି ପିଲାଟି
କଟାଇ ପାରେନି ତାହାର ଚୁଟି
ମୁଣ୍ଡରେ ଗୋଛାଏ ବାଳ
ରଖିଥିଲା ବୋଲି 'ନାଟୁଆ' ଡାକନ୍ତି
ସାଙ୍ଗସାଥୀ ହୋଇ ମେଳ ।"

ପିଲାଟି ମୁଣ୍ଡରେ କେରାଏ ଲମ୍ବା ବାଳ ରଖିଥିବା କାରଣରୁ ସାଙ୍ଗସାଥୀ ପିଲାମାନେ ତାକୁ ନାଟୁଆ ପିଲା ଡାକି ଚିଡ଼ାନ୍ତି। ସେଇପିଲା ଏଭଳି ଅଭାବ ଅନାଟନ ଭିତରେ କି ପାଠ ପଢ଼ିବ?

ତଥାପି - "ପିଲା କହୁଥାଏ ପାଠ ପଢ଼ିବ
ବାପା କହୁଥାନ୍ତି ପଢ଼ିକି କି ଲାଭ
ବ୍ରାହ୍ମଣ ଘରର ପିଲା
କୌଳିକ ବୃତ୍ତିକୁ ଆଦରିଲେ ଜାଣ
ଗୁଜୁରାଣ ମେଣ୍ଟିଗଲା ।"

ପିଲାଟି ବହୁତ ପାଠପଢ଼ି ବଡ଼ମଣିଷ ହେବ ବୋଲି ମନେ ମନେ ଆଶା ପୋଷଣ କରିଥିଲା। ହେଲେ ପୁଅକୁ ପାଠ ପଢ଼ାଇବାକୁ ବାପାଙ୍କର ଆଦୌ ଇଚ୍ଛା ନଥିଲା। ସେ କହୁଥିଲେ, "ପୁଅରେ! ଆମର ପାଠପଢ଼ା ଲୋଡ଼ାନାହିଁ। ବ୍ରାହ୍ମଣ ଘରର ପିଲା। ସଂସ୍କୃତ ପାଠପଢ଼ି କର୍ମ - କର୍ମାଣି ମୁଖସ୍ଥ କରିଦେଲେ, ଆପଣା ଛାଏଁ ପଇସା ପଛେ ପଛେ ଗୋଡ଼ାଇବ"।

ପିଲାଟି ଏବେ ବାପାଙ୍କ କଥାରେ ରାଜିହେଲା। ସଂସ୍କୃତ ଭାଷାରେ କର୍ମ-କର୍ମାଣି ମୁଖସ୍ଥ କଲା। ଠାକୁରଙ୍କୁ ପୂଜାପାଠ ଆରମ୍ଭ କରିଦେଲା। ମାତ୍ର ଏଥିରେ ଅସୁବିଧା ସୃଷ୍ଟିହେଲା। ପିଲାର ଧର୍ମ-କର୍ମ ପୂଜାପାଠରେ ଆଦୌ ବିଶ୍ୱାସ ନଥିଲା।

ଦିନକର କଥା। ସେ ପିଲା ଠାକୁର ପୂଜା କରିବାବେଳେ କ'ଣ କଲା ନା - "ନଥିଲା ବିଶ୍ୱାସ ପୂଜାପାଠରେ
ଭୋଗଥାଳି ଧରି ତା'ର ହାତରେ
କହିଲା ଠାକୁରେ ଖାଅ
ନଖାଇ ପାରିଲେ ଆଜି ମୁଁ ଜାଣିବି
ତୁମେ ନିଶ୍ଚେ ମିଛ ଦିଅଁ ।"

ପିଲାଟି ଠାକୁରଙ୍କ ମୁହଁରେ ଭୋଗଥାଳି ମାଡ଼ିଦେଇ କହିଲା, "ଠାକୁରେ ସବୁ ଭୋଗ ଖାଇଦିଅ। ନଖାଇଲେ ମୁଁ ଜାଣିବି, ଦିଅଁ-ଦେବତା ସବୁ ମିଛ, ଆଉ ପୂଜା ପାଠ ପ୍ରହସନ ।"

ହେଲେ ଠାକୁରେ କେଉଁଠି ଭୋଗ ଖାଇଲେଣି ନା, ଏଠି ଖାଇବେ? ସୁତରାଂ ପିଲାଟି ଏଣିକି ପୂଜାପାଠ ଛାଡ଼ିଦେଲା। ଠାକୁରଙ୍କ ଉପରେ ବିଗିଡ଼ି ଘରୁ ବାହାରିଆସିଲା। ଦାଣ୍ଡରେ ଠିଆହୋଇ କାନ୍ଧରୁ ପଇତା ଖୋଲି ଛିଣ୍ଡାଇ ଫିଙ୍ଗିଦେଲା।

ଏହାଦେଖି ଲୋକେ କହିଲେ, "ଏଇଟା ଧର୍ମ ଛଡ଼ାଟାଏ, ସାକ୍ଷାତ୍ କଳାପାହାଡ଼ ଭଳି ଏହାର କଥା।"

ସେ ପିଲା ବହୁତ ଡେ଼ରିରେ ଗାଁ ଚାହାଳିରେ ପାଠପଢ଼ା ଆରମ୍ଭ କଲା।

ଏବେଶୁଣ ସେଇ ପାଠପଢ଼ା ବେଳର କଥା -

"ଗାଆଁ ଚାହାଳିରେ ପଢ଼ିବା ବେଳେ
ବସୁଥିଲା ଯାଇ ସବା ପଛରେ
ପାଠ ହୁଏନାହିଁ ବୋଲି
ଅବଧାନେ ତାଙ୍କୁ ଦେଉଥାନ୍ତି ନିତି
ମନଇଚ୍ଛା ମାଡ଼ଗାଳି ।"

ପିଲାଟିର ଭଲପାଠ ହୁଏନି ସିନା, ପାଠପଢ଼ାରୁ ଝୁଙ୍କ ଥମିନଥିଲା। ଯେତେବେଳେ ସେ ପ୍ରାଥମିକ ବିଦ୍ୟାଳୟରେ ପଢ଼ିଲା, ଖୁବ୍ ଭଲପଢ଼ି ବୃତ୍ତି ପାଇଲା। ସୁତରାଂ ଶିକ୍ଷକଙ୍କ ଠୁଁ ପରିଦର୍ଶକ ଯାଏଁ ଘରେ ବାହାରେ ସବୁଠି ସଭିଏଁ ତାକୁ ଭଲପାଇଲେ।

ପିଲାଟିର ସ୍ୱଭାବ ଥିଲା ବଡ଼ ବିଚିତ୍ର। ଘରେ ଚାଉଳ ନଥିବାରୁ ଦିନେ ଦିନେ ଚୁଲି ଜଳୁନଥିଲା। ପିଲାଟି ବେଳେବେଳେ ପାଚିଲା ତାଳ ପୋଡ଼ାଖାଇ ଭୋକ ମାରି ଦେଉଥିଲା ତ କେବେକେବେ ପେଟେପାଣି ପିଇଦେଇ ରାତିରେ ଶୋଇଯାଉଥିଲା।

ଥରେ ଥରେ ପିଲାଟିର ମାଆ କ'ଣ କରନ୍ତି ନା -

"ଚାଉଳ ନଥିଲେ ରୋଷେଇ ପାଇଁ
ପଡ଼ିଶା ଘରକୁ ଯାଆନ୍ତି ଧାଇଁ
ଚାଉଳ ଉଧାର ଆଣି
ପରିବାର ମୁଖେ ଦାନା ଦେଉ ଦେଉ
ମାଆ ପାଲଟନ୍ତି ଋଣୀ ।"

ପରିବାର ମୁଖିଆଙ୍କର ସେମିତି କିଛି ଭଲ ରୋଜଗାର ନଥାଏ। ସୁତରାଂ, ମାଆ ଉଧାର ଆଣୁଥିବା ଚାଉଳ ସୁଝିପାରନ୍ତି ନାହିଁ। ତେଣେ ଚାଉଳ ଉଧାର ଆଣୁଥିବା ଏବଂ ଉଧାର ଦେଉଥିବା ସ୍ତ୍ରୀ'ଲୋକ ଦୁହେଁ ସଙ୍ଗାତ ବସିଥାନ୍ତି।

ତା'ଛଡ଼ା ଋଉଳ ଦେବାବାଲା ତା'ଝିଅକୁ ଋଉଳ ନେଲାବାଲାର ପୁଅ ସହିତ ବାହାଘର କରିବାକୁ ମନେ ମନେ ଭାବି ଋଉଳ ଉଧାର ଦେଇଋଲିଥାଏ। କେତେବେଳେ ହେଲେ ଦେବାକୁ ମନା କରେନାହିଁ।

ଦିନକର କଥା। ଋଉଳ ଦେଲାବାଲା ସ୍ତ୍ରୀ ଲୋକ, ଋଉଳ ନେଲାବାଲାଙ୍କୁ ଉଧାର ଶୁଝିଦେବାକୁ କହିଲା। ହେଲେ କଥାଟା ଶୁଣି ନେଲାବାଲା ସ୍ତ୍ରୀଲୋକ ମୁଣ୍ଡରେ ସତେଯେମିତି ଅକାଳ ବଜ୍ର ଛିଣ୍ଡିପଡ଼ିଲା। କରଜ ଶୁଝିବାର ବାଟ କିଛି ନଥିଲା। ଏବେ ଟଙ୍କା ହିସାବ କରାଗଲା। ଋଉଳ ବାବଦ ଟଙ୍କା ହେଲା ତିନିଶହ।

ଏଥର ଋଉଳ ଦେଲାବାଲା ତା'ର ମନକଥା ଜଣାଇଦେଲା ସଙ୍ଗାତକୁ, ଯିଏ ଋଉଳ ଉଧାର ନେଇଥିଲା। ଏବେ ଉଧାର ଦେଲାବାଲା କହିଲା, "ଋଉଳ ଉଧାର ଟଙ୍କା ଶୁଝିନପାରିଲେ, ମୋ ଝିଅକୁ ତୁମଘରକୁ ବୋହୂ କରିନିଅ।"

ଏବେ ପିଲାଟିର ମା' କ'ଣ କଲେ ନା -

"ଋଉଳ ଉଧାର ବାବଦ ଟଙ୍କା
ଶୁଝି ପାରିବନି କରି ଆଶଙ୍କା
ସଙ୍ଗାତକୁ କଥା ଦେଲେ
ତୁମରି ଝିଅକୁ ବୋହୂ କରିନେବି
କରଜ ଶୁଝା ବଦଳେ ।"

ଗୋଟିଏ ଛୋଟ ଘଟଣାରୁ କଥା ଏତେ ବାଟକୁ ଋଲିଯିବ, ପିଲାଟିର ବୋଉ ବିଶ୍ୱାସ କରିନଥିଲେ। ଘରେ ଏକଥା କେହି ଜାଣନ୍ତିନାହିଁ। ଏଣେ ବୋଉ ପୁଅର ବାହାଘର ପାଇଁ କଥାଦେଇ ଘରକୁ ଗଲେ। ଘରେ ସମସ୍ତଙ୍କୁ ଜଣାଇଲେ। ହେଲେ ଆଉ କ'ଣ କରାଯିବ? ନେଡ଼ି ଗୁଡ଼ ତ କହୁଣିକୁ ବୋହିଗଲାଣି? ଶେଷରେ ବାହାଘର ପାଇଁ ପରିବାର ଲୋକେ ରାଜି ହୋଇଗଲେ।

ସେତେବେଳେ ଆମ ଓଡ଼ିଶାରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା। କିନ୍ତୁ ବ୍ରାହ୍ମଣ ସମାଜରେ ଉଚ୍ଚ-ନୀଚ, ଜାତିଭେଦ ପ୍ରଥା ଅତି ଗୁରୁତର ଥିଲା। ଏକଥାଟି ଏଠାରେ ଉଠାଇବାର କାରଣ ଥିଲା, ପିଲାଟି ଘରର ଜାତି ବାହାହେବାକୁ ଥିବା ଝିଅର ଜାତିଠାରୁ ବଡ଼ ଥିଲା। ସୁତରାଂ ଛୋଟ ଜାତିବାଲା ଟଙ୍କା ଦେଇ ବଡ଼ ଜାତିବାଲାଙ୍କୁ କିଣିବାକୁ ପଡୁଥିଲା। ସୁତରାଂ ଜାତି କିଣା ବାବଦକୁ ଝିଅଘର ପାଇବାକୁ ଥିବା ତିନିଶହ ଟଙ୍କା ଶୁଝା ପଡ଼ିଗଲା। ଏବେ ପୁଅଝିଅ ବାହାଘରରେ ଅସୁବିଧା କିଛି ନଥିଲା।

କିନ୍ତୁ ଏତିକିବେଳେ ଅନ୍ୟ ଏକ ଅସୁବିଧା ଦେଖାଗଲା। ଏହି ବାହାଘରକୁ ବ୍ରାହ୍ମଣ ସମାଜ ବିରୋଧ କଲେ। ବାହା ହେବାପାଇଁ ପୁଅଟା ସକାଳ ପହର ଚନ୍ଦନ ପାଟିହୋଇ ଉପବାସରେ ବସିଛି ଯେ, ରାତି ଦି'ଘଡ଼ି ହେଲାଣି। ବେଳା-ଲଗ୍ନ ଗଡ଼ିଗଲାଣି ପଛେ ଜଣେ ହେଲେ ବରଯାତ୍ରୀର ଦେଖାନାହିଁ। ତେଣେ କନ୍ୟାଘରେ ଋରିବର୍ଷର କୁନିଝିଅ ଅବସ୍ଥାନ କହିଲେ ଭଲ। ପୁଅଟା ହାଲିଆ ହୋଇ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଛି। ବାପା-ମାଆତ ସର୍ତ୍ତ କରିଛନ୍ତି, ଏ ବାହାଘର ନିଶ୍ଚୟ କରିବେ।

ସୁତରାଂ ବାପା ଏବେ ଠିକ୍ କଲେ -

"କି ଲୋଡ଼ା ଅପେକ୍ଷା କରି କାହାକୁ
ଭାବି କାଖ କରିନେଲେ ପୁଅକୁ
ପୁଅ ନିଦେ ଶୋଇଥାଏ
ରାତି ପାହିଲାଣି, ଆଖି ଖୋଲୁନାହିଁ
ବାହାଘର ଶେଷଯାଏଁ ।"

ସେଦିନ ନିଦରେ ନିଦରେ ବାହାଘର ଶେଷ ହୋଇଯାଇଥିବା କଥା ପୁଅ ଜାଣିଲା, ଯେତେବେଳେ ସକାଳୁ ସେ ଆଖି ମଳି ମଳି ଉଠିଲା। ବାହାଘର ପରେ ପ୍ରଥା ଅନୁଯାୟୀ କନ୍ୟା ରହିଗଲା ତା'ଘରେ ଅର୍ଥାତ୍ ବାପଘରେ। ପୁଅ ଏକା ଏକା ଫେରିଆସିଲା ନିଜ ଘରକୁ। ଏଣିକି ସେ ପାଠପଢ଼ାରେ ମନଦେଲା।

ପିଲାମାନେ, ଏବେ କହିଲ ସେଇ ପିଲାଟି କିଏ ଥିଲା? ସେ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ଉତ୍କଳର ବରପୁତ୍ର ଏବଂ ସତ୍ୟବାଦୀ ବନବିଦ୍ୟାଳୟ ପଞ୍ଚସଖା ଭିତରୁ ଜଣେ ।

ପିଲାଦିନର ଆଉ ଅନେକ କଥା ଅଛି। ଆର ଥରକୁ ରହିଲା........ ।

**ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ**
**ଖମାରସାହି, ବାଣପୁର, ଖୋରଧା**
**ମୋ - ୯୬୬୮୫୬୦୬୪୫**

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଧା। ନିମ୍ନରେ ପ୍ରଦତ୍ତ ଧନ୍ଧାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୩୮**

| | | | | | | | | |
|---|---|---|---|---|---|---|---|---|
| | | 3 | 4 | | 1 | | | 7 |
| 1 | 4 | | | 5 | | | 8 | 6 |
| | | 7 | 6 | | 3 | 5 | | |
| | 1 | 8 | | 4 | | | 3 | 2 |
| 7 | | 5 | | 3 | | 8 | | 4 |
| 4 | | 2 | 7 | | 8 | | 1 | |
| | 5 | | | 7 | | 4 | | 9 |
| | 7 | | 3 | | 4 | | 5 | |
| | | 4 | 9 | | 5 | 6 | | 3 |

# ସମୟ ନୁହଁଇ କାହାରି

ଗୋବିନ୍ଦ ଚନ୍ଦ୍ର ମହାରଣା



ସମୟକୁ କେବେ ଭାବନି ନିଜର
ସମୟ ନୁହଇ କାହାରି,
ଅତିକ୍ରାନ୍ତ ହେଲେ ଫେରେନା ସେ ଆଉ
କଲେ ଯେତେ ହାତି ଗୁହାରି । ॥୦॥

ସମୟ କାହାକୁ ସୁଖ ଦେଇଥାଏ
ଦୁଃଖରେ କାହାକୁ ଭସାଏ,
କେତେବେଳେ ସିଏ କାହାକୁ କନ୍ଦାଏ
କେତେବେଳେ ପୁଣି ହସାଏ ।
ପରିବର୍ତ୍ତନର ସୂତ୍ରଧର ସେତ
ସତ୍ୟର ସ୍ୱରୂପ ତାହାରି
ସମୟକୁ କେବେ ଭାବନି ନିଜର..... । ॥୧॥

ଅବିରାମ ଭାବେ ଚଳିଛି ସମୟ
ଅପେକ୍ଷା ନକରି କାହାକୁ,
ତା' ସାଥୀରେ ପାଦ ମିଳାଇ ଯେ ଚଲେ
ସଫଳତା ମିଳେ ତାହାକୁ ।
ଅଯଥା ସମୟ ନଷ୍ଟ କଲେ ଯିବ
ପ୍ରତିଯୋଗିତାରୁ ବାହାରି
ସମୟକୁ କେବେ ଭାବନି ନିଜର..... । ॥୨॥

ସମୟ ସ୍ରୋତରେ ଭାସି ଯାଇଛନ୍ତି
କେତେ ଜ୍ଞାନୀ, ଗୁଣୀ, ପଣ୍ଡିତ
କେତେ ଯେ ପ୍ରତାପୀ ବଳଶାଳୀ ଜନେ
ସମୟ କରିଛି ଦଣ୍ଡିତ
ରଙ୍କକୁ ଦିଏ ସେ ରାଜେନ୍ଦ୍ର ଆସନ
ରାଜେନ୍ଦ୍ରକୁ କରେ ଭିକାରୀ
ସମୟକୁ କେବେ ଭାବନି ନିଜର..... । ॥୩॥

ମଙ୍ଗଳାନଗର,
ଲେନ୍ -୧,
ଖୋର୍ଦ୍ଧା

# ଜଙ୍ଗଲ ସୁରକ୍ଷା

ମଧୁସ୍ମିତା ପାଣିଗ୍ରାହୀ

ଆହା କି ସୁନ୍ଦର ଦିଶେ ତା' ଶାଗୁଆ ଲତା,
ମନୋହର କରିଥାଏ ତା' ମଧୁରବାର୍ତ୍ତା ।
ତା'ଠାରୁ ପାଉ ଆମେ ଲାଖ, ମହୁ, ଝୁଣା,
ତା'ଠାରୁ ପାଉ ପୁଣି ସେନେହ କରୁଣା ।
ଜଙ୍ଗଲ ଯେ ଦେଇଥାଏ ଆମକୁ ଛାୟା,
ପ୍ରାଣୀମାନଙ୍କୁ ସେ କରିଥାଏ ଦୟା ।
ଗୋଟିଏ ଗଛରୁ ଯେ ଅନ୍ୟ ଗଛ ଜାଣ,
ଯାହା ଲାଗି ସୃଷ୍ଟି ହୁଏ ଯେ କାନନ ।
ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ଦିଏ,
ଭରିଦିଏ ଜୀବନରେ ନୂଆ ଆଶାଟିଏ ।
କାନନେ ଏମିତି କଉଣସି ବୃକ୍ଷ ନାହିଁ,
ଯେଉଁ ବୃକ୍ଷ ଆମ ଉପକାରେ ନଲାଗଇ ।
ବୃକ୍ଷଲତା ଅଟେ ଜୀବଜନ୍ତୁଙ୍କର ଆଶ୍ରା,
ତାହା ଯୋଗୁଁ ଆମେ ପାଇଥାଉ ବର୍ଷା ।
ଜଙ୍ଗଲ ତ ଆମ ବଡ଼ ଉପକାରୀ,
ତାହା ଯୋଗୁଁ ରହିଅଛି ଜୀବନ ଆମରି ।
ଆଜିର ମନୁଷ୍ୟ କାଟୁଛି ଗଛକୁ,
ତା'ପରିଣାମ ଆମେ ଭୋଗିବା ଆଗକୁ ।
ଗଛ କାଟିବାରୁ ହେବ ବରଷା,
ଭାଙ୍ଗିଯିବ ଚଷୀଙ୍କର ଆଶା ଓ ଭରଷା ।
ଉତ୍ତପ୍ତରେ ଲୋକମାନେ ହେବେ କଲବଲ,
ଜଳ ବିନା ଲୋକେ ଡହଳ ବିକଳ ।
ଆସ ଆମେ ସବୁ ପ୍ରତିଜ୍ଞା କରିବା,
ଜଙ୍ଗଲ ସୁରକ୍ଷାକୁ ଆଗେଇ ନେବା ।
ଜଙ୍ଗଲକୁ ଯେବେ ଆମେ କରିବା ସୁରକ୍ଷା ,
ପୃଥିବୀକୁ ଧ୍ୱଂସ ମୁଖରୁ କରିବା ଯେ ରକ୍ଷା ।
ଆହା କି ସୁନ୍ଦର ଦିଶେ ତା'ଶାଗୁଆ ଲତା,
ମନୋହର କରିଥାଏ ତା'ମଧୁର ବାର୍ତ୍ତା ।

**ମଧୁସ୍ମିତା ପାଣିଗ୍ରାହୀ**
**ଶ୍ରେଣୀ - ନବମ, ବିଭାଗ - କ**
**କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ**
**ଗ୍ରାମ - ଖଜୁରୀପଦା, ଧଳାପଥର**

# ଆମ ସଂସ୍କୃତିର ମହକ ହଜିଯାଉଛି

ହରୀଶଚନ୍ଦ୍ର ପୃଷ୍ଟି

ଲର୍ଡ଼ ମାକଲେ ବ୍ରିଟିଶ ଶାସନାଧୀନ ଭାରତର ବଡ଼ଲାଟ ଥିବାବେଳେ ଏକଦା କହିଥିଲେ - "ଭାରତୀୟମାନେ କେବଳ ରକ୍ତ ଓ ରଙ୍ଗରେ ଭାରତୀୟ ହୋଇ ରହିବେ, କିନ୍ତୁ ରୁଚି, ମତ ଓ ବୁଦ୍ଧିରେ ଇଂରେଜ ହେବେ।"

ଜଣେ ଖ୍ୟାତନାମା ବିଦେଶୀ ପ୍ରଫେସର କାଥଲିନ୍ ୭୪ ବର୍ଷ ବୟସରେ ଆସିଥିଲେ ଭାରତ। ଭାରତ ଭ୍ରମଣପରେ ସ୍ୱଦେଶକୁ ଫେରି ଲେଖିଲେ - "ଏ ଦେଶର ଗୋଡ଼ିମାଟିକୁ ଲୋକେ ପବିତ୍ର କହି ନମସ୍କାର କରନ୍ତି। ପ୍ରକୃତରେ ପୁଣ୍ୟଭୂମି କିନ୍ତୁ ପାଶ୍ଚାତ ସଂସ୍କୃତିଦ୍ୱାରା ଏତେ ଆବୃତ ଯେ ଦେଶର ଆତ୍ମାକୁ ଖୋଜି ଚିହ୍ନିବାକୁ ହେବ।"

ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟର ସଂସ୍କୃତ ଓ ପ୍ରାଚ୍ୟବିଦ୍ୟା, ପ୍ରଫେସର ସେଲଡ଼ନ ପୋଲକଙ୍କ ମତରେ - "ଭାରତୀୟମାନେ ଖୁବ୍‌ଶୀଘ୍ର ଭାରତୀୟତ୍ୱ ପରମ୍ପରା ଭୁଲିଯିବେ। ଏହା କେବଳ ଏକ ରାଜନୈତିକ ଦେଶ ହୋଇ ରହିଯିବ।"

ଦୁର୍ଭାଗ୍ୟର ବିଷୟ ପାଶ୍ଚାତ୍ୟ ସଭ୍ୟତାର ବିଷ ବିଳୟ ଭିତରେ ଭାରତର ମହାନ୍ ସଂସ୍କୃତି ଆଜି କ୍ଷତବିକ୍ଷତ, ଅବକ୍ଷୟମୁଖୀ। ଆମର ମୌଳିକତା ଧୀରେ ଧୀରେ ଅବଲୁପ୍ତ ହେବାକୁ ବସିଲାଣି। ପୁରୁଷ-ପୁରୁଷ ଧରି ଆମ ଜୀବନକୁ ସରସ, ସୁନ୍ଦର, ସମୃଦ୍ଧ କରିଆସିଥିବା ଆମର ସଂସ୍କୃତି, ପରମ୍ପରା ଓ ଚଳଣି ଆଜି ଅସ୍ତିତ୍ୱ ହରାଇବାକୁ ବସିଲାଣି। ଆମର ପ୍ରତ୍ୟେକ ଉତ୍ସବାନୁଷ୍ଠାନରେ ଆଜି ଅତ୍ୟାଧୁନିକତା, ନଗ୍ନତା, ସର୍ବୋପରି ଅପସଂସ୍କୃତିର ରାଜୁତି। ଗଳିକନ୍ଦି, ରାସ୍ତାଘାଟ, ବସ୍‌ଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମଗାର ଏବଂ ସ୍କୁଲ, କଲେଜ କାନ୍ଥବାଡ଼ ସବୁଠାରେ ନଗ୍ନତାର ଛାପ। ପାଶ୍ଚାତ୍ୟ ସଭ୍ୟତାର ପ୍ରଚଣ୍ଡ ଆକ୍ରମଣରେ ଆମର କଥାବାର୍ତ୍ତା, ଭାଷା, ଚାଲିଚଳଣ, ଖାଦ୍ୟ, ପୋଷାକ, ଆଚାର, ବ୍ୟବହାର, ଗୀତ, ନାଚ, ପାଠ ଆଦି ଗଭୀରଭାବେ ଆକ୍ରାନ୍ତ।

ଆମ ଜ୍ଞାନ, ଗୌରବ ଓ ଗାରିମାର ଭାଷା ହେଉଛି ସଂସ୍କୃତ। ବିଡ଼ମ୍ବନାର କଥା ଯେଉଁ ସଂସ୍କୃତ ଭାଷା ବହୁ ବିଦେଶୀମାନଙ୍କ ଜୀବନକୁ ଆଲୋକିତ ଓ ରସାପ୍ଳୁତ କରିଥିବାରୁ ସେମାନେ ତା'ର ଗୌରବ ବଖାଣିବାରେ ଶତମୁଖ, ସେହି ସଂସ୍କୃତ ଭାଷା ଆଜି ଅଧିକାଂଶ ଭାରତୀୟଙ୍କୁ ମୃତଭାଷାପରି ବୋଧହେଉଛି।

ଇଂରେଜମାନଙ୍କ ଜାତୀୟ କ୍ରୀଡ଼ା କ୍ରିକେଟ୍ ଆଜି ଆମର ଜାତୀୟ କ୍ରୀଡ଼ାଠାରୁ ଲୋକପ୍ରିୟତାରେ ଢ଼େର ଉପରେ। ତାଙ୍କର ମାତୃଭାଷା ଇଂରାଜୀ ଆଜି ଆମର ମାତୃଭାଷା ଠାରୁ ପ୍ରିୟତର ଭାଷା। ତାଙ୍କର ନବବର୍ଷ (ଜାନୁଆରୀ ୧) ରେ ଆମ ଦେଶରେ ହୁଏ ମହୋତ୍ସବ।

ମା'ବାପାମାନଙ୍କର ଆଜି ଓଡ଼ିଆ ମାଧ୍ୟମ ସ୍କୁଲ ଅପେକ୍ଷା ଇଂରାଜୀ ମାଧ୍ୟମ ସ୍କୁଲ ପ୍ରତି ଗଭୀର ଆକର୍ଷଣ। ନିଜର ପିଲାମାନଙ୍କୁ ଓଡ଼ିଆ ମାଧ୍ୟମ ସ୍କୁଲରେ ନପଢ଼ାଇ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାଇବାକୁ ସେମାନେ ଖୁବ୍ ଆଗ୍ରହୀ। ପିଲାମାନଙ୍କ ତୁଣ୍ଡରୁ 'ମା', 'ବାପା' ପରିବର୍ତ୍ତେ 'ମମି', 'ଡାଡ଼ି' ଡାକଶୁଣି ମା'ବାପାଙ୍କ ଛାତି ଗର୍ବରେ ଫୁଲିଉଠୁଛି।

ଆମର ପାରମ୍ପରିକ ଉତ୍ସବରେ ମଣ୍ଡା, ପୋଡ଼ପିଠା, ଆରିସା, ଏଣ୍ଡୁରି, ଚିତୋଉ, ଚକୁଳିର ମହକ ହଜିଗଲାଣି। ପାରମ୍ପରିକ ଖାଦ୍ୟ, ଚୂଡ଼ା, ମୁଢ଼ି, ଛତୁଆ ଇତ୍ୟାଦିକୁ ଭୁଲି ଆମଦେଶର ଯୁବଗୋଷ୍ଠୀ ପିଜା, ବର୍ଗର, ଚାଓମିନ୍ ପରି ଜଙ୍କଫୁଡ଼୍ ଓ ସଫଟ୍‌ଡ୍ରିଙ୍କକୁ ଆପଣେଇଲେଣି। ଏହି ପାଶ୍ଚାତ୍ୟ ଖାଦ୍ୟଶୈଳୀକୁ ଆପଣାଉଥିବା ଭାରତୀୟ ସହରୀ ସମାଜପ୍ରତି ଯେଉଁ କୁପରିଣାମଟି ଭୋଗୁଛି ତାହାହେଉଛି ଅତ୍ୟଧିକ ମୋଟା ଓ ମେଦବହୁଳତାର ବ୍ୟାଧି।

ଆଜିକାଲି ଆମଦେଶରେ ସାତ୍ତ୍ୱିକ ପରିବର୍ତ୍ତେ ତାମସିକ ପରିବେଶରେ ଆୟୋଜିତ ହେଉଥିବା ଜନ୍ମଦିନ ଉତ୍ସବ ବୀଭତ୍ସତାରେ ଭରପୂର। କେକ୍ କଟା, ଫିଲ୍ମ ପ୍ରଦର୍ଶନ, ଉଦଣ୍ଡ ନାଚ, ଗୀତ, ମଦ୍ୟ-ମାଂସର ଆସର କେବେଠାରୁ ପାରମ୍ପରିକ ସତ୍ୟନାରାୟଣ ପୂଜାର ପବିତ୍ର ବାତାବରଣ ସ୍ଥାନ ମାଡ଼ିବସିଲାଣି।

ଆମର ପୂଜ୍ୟ ପୂଜାର ମହାନ ପରମ୍ପରାର ବିଲୋପ ଘଟିଲାଣି। ଆମର ଜୀବନଶୈଳୀ ବଦଳିଯାଇଥିବାରୁ ଆମର ପ୍ରାଚୀନ ପରମ୍ପରାର ଅବକ୍ଷୟ ଘଟିବାରେ ଲାଗିଛି, ଯାହା ଅତୀବ ଚିନ୍ତାଜନକ। ଆଜିକାଲି ଟାଇଟ୍ ଜିନ୍‌ସ ଓ ଚିପା ସାର୍ଟ ପରିହିତ ଯୁବଗୋଷ୍ଠୀ ପକ୍ଷେ ପାଦଛୁଇଁ ବା ଭୂମିରେ ମୁଣ୍ଡ ଲଗାଇ ଗୁରୁଜନମାନଙ୍କୁ ପ୍ରଣାମ କରିବା କାଠିକର ପାଠ। ପ୍ରଣାମ କରିବାକୁ ପରିସ୍ଥିତି ବାଧ୍ୟକଲେ, ଟିକିଏ ନଇଁପଡ଼ି ଡାହାଣ ହାତକୁ ପ୍ରଣମ୍ୟ ବ୍ୟକ୍ତିର ପାଦ ଉପରେ ଶୂନ୍ୟରେ ବୁଲାଇଆଣି ନିଜର ବାଟପଟର ଛାତି (ଯେଉଁଠି ହୃଦୟ ଅଛି) କୁ ଛୁଇଁଦେଲେ କର୍ତ୍ତବ୍ୟ ସରିଗଲା। ଶୂନ୍ୟରେ ହାତ ପହଁରାଇବାର ଏହି ଷ୍ଟାଇଲ୍ କ୍ରମେ କ୍ରମେ ନୂଆ ପରମ୍ପରାରେ ପରିଣତ ହେଲାଣି।

ଭାରତୀୟ ସଂସ୍କୃତିରେ ନାରୀ ଲଜ୍ଜାଶୀଳା ଏବଂ ଲଜ୍ଜା ହିଁ ତାହାର ଭୂଷଣ। ଗାନ୍ଧାରୀ, ସୀତା, ସାବିତ୍ରୀ ପ୍ରଭୃତି ନାରୀମାନଙ୍କୁ ନେଇ ଭାରତୀୟ ସଂସ୍କୃତି ଦିନେ ହୋଇଥିଲା ଋଦ୍ଧିମନ୍ତ। ମାତ୍ର ଆଜି ଲଜ୍ଜା ନିବାରଣ ପରିବର୍ତ୍ତେ ଅଲଜ୍ଜା ପ୍ରସାରଣକୁ ପ୍ରାଧାନ୍ୟ ଦିଆଯାଉଛି। ନଗ୍ନତା ଆଧୁନିକତାର ପରିଚୟ ପାଲଟିଛି। ଆଜିର ନାରୀ ଆଧୁନିକତାର ଶିଖର ଚଢ଼ି ପାଶ୍ଚାତ୍ୟ ସଂସ୍କୃତିର

ଟଙ୍କା ପଇସା ଜମା କରିବାକୁ ତୁମେ ଯେମିତି ଆଗ୍ରହରେ ଲାଗିପଡ଼, ସତ୍‌କର୍ମ କରିବାରେ, ଅନ୍ୟକୁ ସୁଖ ଦେବାରେ ଏବଂ ଈଶ୍ୱର ଉପାସନାରେ ମଧ୍ୟ ସେତିକି ଆଗ୍ରହ, ଆସକ୍ତି ଓ ନିଷ୍ଠା ରହିବା ଦରକାର।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣରେ କିଛିବର୍ଷ ହେଲା ଆମଦେଶରେ ମଧ୍ୟ ଫେବୃଆରୀ ୧୪ ତାରିଖକୁ "ଭାଲେଣ୍ଟାଇନ୍‌ସ ଡ଼େ" ଭାବରେ ପାଳନ କରାଗଲାଣି। ଆଧୁନିକ ଯୁବକଯୁବତୀମାନେ ଏହିଦିନ ପାର୍କରେ, ହୋଟେଲରେ, ରେଷ୍ଟୋରାଁରେ, ବିଚ୍ ରାସ୍ତାରେ ଯେଉଁଭଳି ଭାବରେ ନିଜର ଅନ୍ତରଙ୍ଗ ସଂପର୍କର ନଗ୍ନ ପ୍ରଦର୍ଶନ କରୁଛନ୍ତି, ତାହା ଅସ୍ୱସ୍ତିକର। ଆମ ଦେଶରେ ଏବେ ଏହି ଅପସଂସ୍କୃତି ବିରୋଧରେ ସ୍ୱର ତୀବ୍ରତର ହେଲାଣି।

ନିକଟରେ ଏକ ଇଂରାଜୀ ଦୈନିକରେ ଏକ ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଛି। ସାରା ଭାରତର ବିଭିନ୍ନ ସହରରେ କରାଯାଇଥିବା ସର୍ଭେ ଅନୁସାରେ ମୋବାଇଲରେ ଝିଅମାନଙ୍କ ନିକଟକୁ ଯେଉଁ ଅଶ୍ଳୀଳ ଏସ୍.ଏମ୍.ଏସ୍. ଆସୁଛି, ସେଥିରେ ଆମ ରାଜଧାନୀ ଭୁବନେଶ୍ୱରର ନାମ ତାଲିକାର ସବାଉପରେ ରହିଛି।

ଏବେ ଇଣ୍ଟରନେଟ୍‌ର ମାୟା ସମସ୍ତଙ୍କୁ ଘାରିଛି। ଆଧୁନିକ ଜନଜୀବନ ପାଇଁ ଏହା ଅବିଚ୍ଛେଦ୍ୟ ହୋଇପଡ଼ିଛି। ଯୁବକଯୁବତୀମାନେ ଏହାର ସୁଯୋଗ ନେଇ ଇଣ୍ଟରନେଟ୍‌ରେ ବସି ନିଜକୁ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରଖୁଛନ୍ତି। ଇଣ୍ଟରନେଟ୍‌ରେ ବନ୍ଧୁତା ସ୍ଥାପନ କରିବା, ଘଣ୍ଟା ଘଣ୍ଟାଧରି ଚାଟିଂ କରିବା, ଫଟୋ ସେୟାର କରିବା ଏବେ ସାଧାରଣ କଥା ହୋଇଗଲାଣି। ଇଣ୍ଟରନେଟ୍ ମାଧ୍ୟମରେ ଗଢ଼ିଉଠିଥିବା ସଂପର୍କ ଅନେକ କ୍ଷେତ୍ରରେ ପ୍ରେମ ବିବାହର ରୂପ ନେଉଛି। ମାତ୍ର ଉଦ୍‌ବେଗର କଥା ହେଲା, ଏଭଳି ବିବାହର ଫଳ ବିଷମୟ ହେଉଛି। ଏଥିରେ ଝିଅମାନେ ଅଧିକ ମାତ୍ରାରେ ପ୍ରେମିକମାନଙ୍କ ପ୍ରତାରଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ଏତେସବୁ ଆଲୋଚନା ପରେ କେତେକ ପ୍ରଶ୍ନ ମଥାଟେକେ। ବଦଳିଯାଇଥିବା ସମୟ ସହିତ ତାଳଦେଇ ଆମ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି। ଆମେ ସଭ୍ୟ, ଶିକ୍ଷିତ ଓ ପ୍ରଗତିଶୀଳ ହୋଇଛେ। ମାତ୍ର ନୈତିକତା ଓ ମାନବିକତାର ଅବକ୍ଷୟ ଆମକୁ ଅପସଭ୍ୟତା ଓ ଅପସଂସ୍କୃତିଆଡ଼କୁ ଟାଣିନେଉନାହିଁ କି ? ପାଶ୍ଚାତ୍ୟର ସକାରାତ୍ମକ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ନଦେଇ କେବଳ ନକାରାତ୍ମକ କାର୍ଯ୍ୟକଳାପର ଅନ୍ଧାନୁସରଣ କରି ଆମେ ଭାରତର ମହାନ ସଂସ୍କୃତି ଓ ପରମ୍ପରାକୁ ବିପନ୍ନ, ବିକୃତ କରୁନାହାନ୍ତି କି ?

ଏବେ ସମସ୍ତେ ସବୁକ୍ଷେତ୍ରରେ ଅପସଂସ୍କୃତି ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ।

ସେବା ନିବୃତ୍ତ ଅତିଥି ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଅଂଧାରୁଆ ଜଗନ୍ନାଥ ପ୍ରସାଦ, (ଖୋର୍ଦ୍ଧା)
ଦୂରଭାଷ - ୮୧୪୪୧୩୦୩୮୫

ସମ୍ମୋହନରେ ନିଜର ଅତୀତର ମହନୀୟତାକୁ ଭୁଲିଯାଉଛି। ଅର୍ଥ ଉପାର୍ଜନ ସହିତ ଖ୍ୟାତି ଲାଭକରିବାର ନିଶାରେ ସେ ବିଭୋର। ନାରୀର ଅଙ୍ଗ ପ୍ରଦର୍ଶନ ଆଜି ହୋଇଛି ଏକ ବ୍ୟବସାୟ। ଆମର ଗଣମାଧ୍ୟମଗୁଡ଼ିକ ଏହି ବ୍ୟବସାୟକୁ ପ୍ରୋତ୍ସାହିତ କରୁଛନ୍ତି। ଟେଲିଭିଜନରେ ବିଭିନ୍ନ ଚ୍ୟାନେଲ, ଅନେକ ଖବର କାଗଜ ଓ ପତ୍ରପତ୍ରିକା ନଗ୍ନତାକୁ ସାର୍ବଜନୀନ କରିଦେଲେଣି। ଏହା ଆମ ପରିବାର ଏବଂ ସମାଜପାଇଁ ଏକ ସାଂଘାତିକ ସମସ୍ୟା। ଭାରତୀୟ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଏପରି ଅଶ୍ଳୀଳତାର ପ୍ରସାରଣ ଆମର ସଂସ୍କାରର ଅବକ୍ଷୟକୁ ପ୍ରତିଫଳିତ କରୁଛି।

ଭାରତ ଏକ ସଂସ୍କୃତି ସମ୍ପନ୍ନ ଦେଶ। ଏବେ ବିଭିନ୍ନ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ନାମରେ ଅଶ୍ଳୀଳ ବ୍ରେକ୍ ଡ୍ୟାନ୍‌ସ, ରେକର୍ଡ଼ ଡ୍ୟାନ୍‌ସ, ଫେସନ୍ ସୋ, ସୁନ୍ଦରୀ ପ୍ରତିଯୋଗିତାମାନ ଆୟୋଜନ କରୁଛନ୍ତି। ବିଭିନ୍ନ ଉତ୍ସବ ପାଳନ ଅବସରରେ ଛୋଟ ଛୋଟ ଝିଅମାନେ ମଧ୍ୟ ଅର୍ଦ୍ଧ ଉଲଗ୍ନ ବେଶରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଦେଖାଯାଉଛି। ପରିତାପର ବିଷୟ ସେମାନଙ୍କ ପିତାମାତା, ଅଭିଭାବକ ଓ ଦର୍ଶକମାନେ ସେତେବେଳେ ଆନନ୍ଦ ଉଲ୍ଲାସରେ ସେମାନଙ୍କୁ ଉତ୍ସାହିତ କରୁଛନ୍ତି।

ପାର୍ବଣ ଋତୁରେ ସଂଧ୍ୟା ସମୟରେ ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମର ପସରା ମେଲିଯାଏ। ସାତ୍ତ୍ୱିକଭାବ ଉଦ୍ରେକକାରୀ ଆଧ୍ୟାତ୍ମିକ ସଂଗୀତ ଓ ନୃତ୍ୟ ପରିବେଷଣ ବଦଳରେ ଆଧୁନିକ ଅଶ୍ଳୀଳ ସଂଗୀତ ଓ ନୃତ୍ୟର କାର୍ଯ୍ୟକ୍ରମ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୁଏ। ଏଥିରେ ସ୍ୱଳ୍ପ ବସ୍ତ୍ର ପରିହିତା ଯୁବତୀଯୁବକମାନେ ଏପରି ରୁଚିହୀନ ନୃତ୍ୟ ପରିବେଷଣ କରନ୍ତି ଯାହା ସପରିବାର ଦେଖିବା ସମ୍ଭବ ନୁହେଁ। ଏଭଳି ଅଶ୍ଳୀଳତା କ'ଣ ଆମ ଭାରତୀୟ ସଂସ୍କୃତିର ପରିଚୟ ? ମହାନ୍ ଋଷି ପରମ୍ପରାର ଦେଶ ଭାରତର ସାଂସ୍କୃତିକ ଜୀବନକୁ ଏହା କଳୁଷିତ କରୁଛି। ଜନମାନସକୁ ପ୍ରଦୂଷିତ କରୁଛି। ଯୁବପିଢ଼ିଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧିକରୁଛି। ନାରୀଜାତିର ସମ୍ମାନ ଭୂଲୁଣ୍ଠିତ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ନାମରେ ଏଭଳି ନୃତ୍ୟ ପରିବେଷଣ ହେଉଛି। ବାସ୍ତବରେ ଏହାକୁ ସାଂସ୍କୃତିକ କାର୍ଯ୍ୟକ୍ରମ କହିବା କେତେଦୂର ଯଥାର୍ଥ ? ଯଦି ଏସବୁ କାର୍ଯ୍ୟକ୍ରମ ଆମ ସଂସ୍କୃତି ପରମ୍ପରା ଆଧାରିତ ହୁଅନ୍ତା, ତେବେ ସାଂସ୍କୃତିକ କାର୍ଯ୍ୟକ୍ରମର ନାମ ଯଥାର୍ଥ ହୋଇପାରନ୍ତା। ଏଭଳି ବିପଜ୍ଜନକ ଅପସଂସ୍କୃତିର ପ୍ରବାହକୁ ରୋକିବା ଦରକାର।

ଆମ ଦେଶରେ ବିଭିନ୍ନ ପୂଜା ଉତ୍ସବ ଅବସରରେ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣକରି ଜୀବନ୍ତ ଦେବତା ଭାବରେ ପୂଜା କରାଯାଏ। ପରବର୍ତ୍ତୀ ସମୟରେ ଠାକୁରଙ୍କ ମୃଣ୍ମୟ ପ୍ରତିମାକୁ ନଦୀରେ ବିସର୍ଜନ ଦେବାବେଳେ ଭସାଣି ପଟୁଆରରେ ମଦ୍ୟପାନ କରି ଅଶ୍ଳୀଳ ସଂଗୀତର ତାଳେ ତାଳେ ଯେଉଁଭଳି ଉଦଣ୍ଡ ନୃତ୍ୟ ଚାଲେ, ତାହା ଏକ ବିଡ଼ମ୍ବନାର ବିଷୟ। ଏହା ମୂର୍ତ୍ତି ପୂଜା, ଆମ ଆଧ୍ୟାତ୍ମିକତା, ଆମ ସଂସ୍କୃତି ପ୍ରତି ଉପହାସ ନୁହେଁ କି ?

# ଅନିନ୍ଦ୍ୟ ସୃଷ୍ଟି

ସୁବର୍ଣ୍ଣା ରାଉତ

ପିଲାମାନେ ଜାଣିଛ, ଆମ ଘର ଭିତରେ, ଅଗଣାରେ, ଏବଂ ବଗିଚାରେ କେତେ ଛୋଟ ଛୋଟ ଘଟଣା ଘଟୁଛି ତାହା କେବେ ଲକ୍ଷ୍ୟ କରିଛ? ଦେଖିଲେ ଯେତିକି ଆନନ୍ଦ ଲାଗିବ ସେତିକି ବି ଆଶ୍ଚର୍ଯ୍ୟ ଲାଗିବ। ମୁଁ ବସି ପରିବା କାଟିବା ସମୟରେ ସରୁ ଲମ୍ବାଳିଆ ଛୋଟ ଛୋଟ ଡ଼େଣା ଥିବା କଳା ରଙ୍ଗର କୀଟଟିଏ ମୋ କାନ ପାଖ ଦେଇ ଘୁଁ ଘୁଁ ଶବ୍ଦ କରି ଚକ୍କର କାଟିଲା। ବୋହୂ ଡ଼ରିଯାଇ କହିଲା, ମା' ପୋକଟା ତୁମକୁ ଫୋଡ଼ି ଦେବ, ତାକୁ ଘଉଡ଼ାଅ। ମୁଁ ଦେଖିଲି କବାଟ ବନ୍ଧରେ ଛୋଟ ମାଟି ଘରଟିଏ। ସେଥିରେ ଦୁଇଟି କଣା ଅଛି। ସେ ମଝିରେ ମଝିରେ ଉଡ଼ିଯାଉଛି, ତା' କୁନି ମୁହଁରେ ଟିକିଏ ଟିକିଏ ମାଟି ଆଣି ସେଥିରେ ଥାପୁଛି। ଦୁଇଦିନ ପରେ ଦେଖିଲାବେଳକୁ ପୂରା ୨ ଇଞ୍ଚ ଲମ୍ବା ହୋଇଯାଇଛି, ଏତେ ସୁନ୍ଦର ଆଉ ଶକ୍ତ ଯେ ସହଜରେ ଭାଙ୍ଗି ହେବନି। ସମସ୍ତେ କହିଲେ ଘରଟା ଭାଙ୍ଗି ଦିଅ, ନହେଲେ କାହାକୁ ଫୋଡ଼ି ଦେବ।

ମୁଁ କହିଲି, ନା ସେଇଟା ଥାଉ, ସେ ଅଣ୍ଡା ଦେଇ ଛୁଆ କରି ସାରୁ, ଛୁଆ ଉଡ଼ିଗଲେ ସେ ଆପେ ଉଡ଼ିଯିବ, ତା'ପରେ ଭାଙ୍ଗିଦେବା ଦେଖିଲାବେଳକୁ ଯୋତାରେ, ବ୍ୟାଗ ଉପରେ, କବାଟ ସନ୍ଧିରେ, ଇଲେକ୍ଟ୍ରି ପ୍ଲଗରେ, ସବୁଆଡ଼େ ତା'ଘର। ପ୍ରତ୍ୟେକ ଘର ଅଟଗା ଅଲଗା ଡ଼ିଜାଇନ୍‌ର, କେଉଁଟା ଲମ୍ବା, କେଉଁଟା ଚଉଡ଼ା, ପୁଣି ଥାକଥାକିଆ, ଭିତରଟା ପୋଲା। ଉପର ଗୁଡ଼ା ବି କଞ୍ଚା ମାଟିରେ ଗଢ଼ିଥିବା କୁମ୍ଭାର ତିଆରି ପାତ୍ର ପରି ଚିକ୍କଣ। ତାକୁ କୁମ୍ଭାକାର କୀଟ କହନ୍ତି।

ଆଉଦିନେ ଦେଖିଲାବେଳକୁ ତୁଳସୀ ଗଛରେ ଛୋଟ ଛୋଟ କାଠ ବିଡ଼ା ଭଳି ଏକଦମ ସରୁ କାଠି ବିଡ଼ା ସବୁ ଝୁଲୁଛି। ସମାନ ସାଇଜ୍‌ର କାଠିଗୁଡ଼ିକ ଯେମିତି ଅଠା ଲାଗି ଯୋଡ଼ି ହୋଇ ରହିଛି। ତା' ଭିତରେ ଏକ ସୂକ୍ଷ୍ମ ଆବରଣ। ଭିତରେ ରହିଥାଏ ଛୋଟ ଛୋଟ ଶୁଣ୍ଢ ଥିବା ପୋକଟିଏ। ତା' ଘରଟି ତଳେ ପଡ଼ିଗଲେ, ତା' ସରୁ ସରୁ ଶୁଣ୍ଢ ବାହାର କରି ଗଡ଼ି ଗଡ଼ି ଚାଲିଯାଏ ଆଉ ଗୋଟେ ଗଛ ସନ୍ଧାନରେ। ଏହି ପୋକକୁ କାଠି ପୋକ କୁହାଯାଏ।

ତୁମେମାନେ ଏହି ପୋକଟିକୁ ଦେଖିଥିବ। ଦେହରେ ତା'ର ଟାଉଁଶିଆ ବିଷାକ୍ତ ଲୋମ ଆମ ଦେହରେ ଲାଗିଲେ ଭୀଷଣ କୁଣ୍ଡାଇ ହୁଏ। ମୋଟା ମୋଟା କଳା କଳା ସଁବାଳୁଆ ଗଛରେ, ଘରର ଭିତର ଛାତ ଏବଂ ଘରର କୋଣମାନଙ୍କରେ ଖୋଳପା ଭଳି କୋଷା ତିଆରି କରି ତା' ଭିତରେ ଶୋଇଯାଆନ୍ତି। କିଛିଦିନ ପରେ ସେ ଖୋଳପାରୁ ସୁନ୍ଦର ସୁନ୍ଦର ରଙ୍ଗ ବେରଙ୍ଗର ପ୍ରଜାପତି ବାହାରି ଉଡ଼ିଯାଆନ୍ତି। ଏ କି ବିଚିତ୍ର କଥା। ଅସୁନ୍ଦର ସଁବାଳୁଆ ଟି ବନିଯାଏ ସୁନ୍ଦର ପ୍ରଜାପତି।

ଦିନେ ଦଳେ ମହୁମାଛି କେଉଁଆଡ଼ୁ ଉଡ଼ି ଆସି ଆମ ସଜନା ଗଛରେ ଲାଗିଗଲେ। ସମସ୍ତେ କହିଲେ ମହୁମାଛି ବଡ଼ ଶୁଭ, ଧନ ଖାଲି ମାଡ଼ି ଆସିବ। କିନ୍ତୁ ମୁଁ ଖାଲି ଭାବୁଥାଏ ମହୁଫେଣା କଥା। ସେମାନେ କେମିତି, ତାଙ୍କ ଅଠାଳିଆ ମହମ ପରି ଛୋଟ ଛୋଟ ଘର ତିଆରି କରିବେ ଏବଂ ତାଙ୍କ ଶୁଣ୍ଢରେ ମହୁ ଆଣି ଭରିବେ। ସେଦିନ ଭୀଷଣ ଖରା ହେଉଥାଏ। ପ୍ରାୟ ଘଣ୍ଟାକ ପରେ ଯେମିତି ଦଳ ହୋଇ ଆସିଥିବା ସେମିତି ଉଡ଼ି ଚାଲିଗଲେ। ମନ ମୋର ଦୁଃଖରେ ଭରିଗଲା। ଭାବିଲି ତାଙ୍କ ଟିକିଟିକି ଡ଼େଣା ବୋଧେ ଉଡ଼ି ଉଡ଼ି ଥକି ଯାଇଥିଲା, କିଛି ସମୟ ବିଶ୍ରାମ ନେଇ ସେମାନେ ଉଡ଼ିଗଲେ।

ତୁମେ ତ ଜାଣିଥିବ ଉଇମାନଙ୍କ କଥା, ସବୁ ସ୍ଥାନରେ ତାଙ୍କର ରାଜତ୍ୱ। ଘର ଭିତର ଜିନିଷ ସବୁ ନଷ୍ଟକରି ଦିଅନ୍ତି, କିନ୍ତୁ ବାହାରେ ତିଆରି କରନ୍ତି, ଇରେଜ ଶାସକର ରାଜପ୍ରାସାଦ ପରି ସୁନ୍ଦର ସୁନ୍ଦର ଉଇ ହୁଙ୍କା। ଟିକିଟିକି ଜୀବ, କୁନି କୁନି ଗୋଡ଼, ନରମ ଦେହ, ଦୁଇମୁନିଆଁ ମୁହଁରେ ମାଟି ଆଣି ନିଜ ପାଟିରୁ ଅଠାଳିଆ ଲାଳ ବାହାର କରି ସେଥିରେ ମିଶାଇ ଗଢ଼ିଥାଆନ୍ତି ତାଙ୍କ ଘର। ଶାନ୍ତି ଶୃଙ୍ଖଳାର ସହ, ଶହ ଶହ ଉଇ ଶ୍ରମିକ ହୁଙ୍କା ଗଢ଼ିବାରେ ଲାଗିଯାଆନ୍ତି। ରାତାରାତି ଗଢ଼ି ହୋଇଯାଏ ସେମାନଙ୍କର ଜଳରୋଧକ ଘରସବୁ। କି ସୁନ୍ଦର ଶୈଳି, ଭିତରଟା ଚଉଡ଼ା ଏବଂ ଚିକ୍କଣ, ସେଥିରେ ସେମାନେ ଉପର ତଳକୁ ଯିବା ଆସିବା କରନ୍ତି। ରାଣୀ ଉଇ ଏବଂ ଶ୍ରମିକ ଉଇଙ୍କ ରହିବା ସ୍ଥାନ ଅଲଗା ଅଲଗା ହୋଇଥାଏ, କେହି କାହାକୁ ଡ଼ିଷ୍ଟର୍ବ କରନ୍ତି ନାହିଁ।

ଆମ ବାସନା ଟଗର ଗଛର ପତ୍ର ସବୁ ଯୋଡ଼ି ହେଇଯାଉଥିଲା, ତଳେ ଚାହା ଗୁଣ୍ଡ ପରି କଳା କଳା ଲଣ୍ଡି ସବୁ ପଡୁଥିଲା। ମୁଁ ଯାଇ ଗୋଟିଏ ପତ୍ର ଛିଡ଼ାଇ ଦେଖିଲାବେଳକୁ ବୁଢ଼ିଆଣି ଜାଲ ସୁତା ପରି ସୁତାରେ ପତ୍ରଗୁଡ଼ିକ ବନ୍ଧା ହୋଇଥିଲା। ସେଗୁଡ଼ିକ ଖୋଲି ଦେଖିଲାବେଳକୁ କଳା, ସବୁଜ ରଙ୍ଗର ସରୁ ଲମ୍ବା ପୋକ ଗୋଟିଏ ଲେଖା ଥିଲେ। କାରଣ ବର୍ଷା ହେଲେ କି ଖରା ହେଲେ ତାଙ୍କର ଯେମିତି କିଛି କ୍ଷତି ହେବ ନାହିଁ। କି ସୁନ୍ଦର ଆଇଡ଼ିଆ, ଏଡ଼ିକି ଟିକିଏ ପୋକ କେମିତି ଆଉ କେଉଁଠୁ ଏ ସରୁ ସୁତା ଆଣିଲା ପୁଣି କେତେବେଳେ ଯୋଡ଼ିଲା? ଏ ହେଉଛି ପତ୍ର ପୋକ?

ସତରେ ଏଇ ଛୋଟ ଜୀବମାନଙ୍କୁ ଦେଖିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ। ସେମାନେ ପାଠ ପଢ଼ି ନାହାନ୍ତି କି କୌଣସି ଟେକ୍ନିକାଲ ଟ୍ରେନିଂ ନେଇ ନାହାନ୍ତି, ବିନା ଇଟା, ସିମେଣ୍ଟରେ ଗଢ଼ି ପାରୁଛନ୍ତି ଏହିପରି ସୁରକ୍ଷିତ ଜଳରୋଧକ ସୁନ୍ଦର ଆକର୍ଷକ ଘର ସବୁ। କାରଣ ସୃଷ୍ଟିକର୍ତ୍ତା ଭଗବାନ ହିଁ ଏହି ଜୀବମାନଙ୍କୁ ସୃଷ୍ଟି କରିବା ସମୟରେ ହିଁ ଅପୂର୍ବ ଶକ୍ତି ପ୍ରଦାନ କରିଥାଆନ୍ତି। ଆମେ ବି ସେହି ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟି। ଆମକୁ ସେ ସବୁଠାରୁ ଶ୍ରେଷ୍ଠ, ଶକ୍ତିଶାଳୀ ଏବଂ ବୁଦ୍ଧିମାନ କରି ଗଢ଼ିଛନ୍ତି। ସେଥିପାଇଁ ଆମକୁ ଶକ୍ତ ଦୁଇହାତ, ଦୁଇଗୋଡ଼ ଏବଂ ଏକ ସୁପର ବ୍ରେନ୍ ଦେଇଛନ୍ତି।

ମନୁଷ୍ୟ ତା'ବୁଦ୍ଧି ବଳରେ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ପାଦ ଥାପିପାରିଛି, ପୁଣି ସୁପର ସୋନିକ୍ ଜେଟ୍ ଏବଂ ଅଣୁ ପରମାଣୁ ବୋମା ତିଆରି କରିପାରିଛି। ତୁମେ ନିଜକୁ ଛୋଟ ମନେକର ନାହିଁ, ପରିଶ୍ରମ, ବୁଦ୍ଧି ଏବଂ ସାଧନା ବଳରେ ତୁମେ ବି ମହାନ୍ କାର୍ଯ୍ୟ କରିପାରିବ।

ମନଦେଇ ପାଠପଢ଼, ଭଲ ବହି ସବୁ ସଂଗ୍ରହ କରି ପଢ଼। ପ୍ରତ୍ୟେକ ଜିନିଷକୁ ନିରୀକ୍ଷଣ କର, ସେ ବିଷୟରେ ଗଭୀର ଚିନ୍ତାକର। 'ଚିନ୍ତନ ହିଁ ଜ୍ଞାନ'। ଛୋଟ ବେଳୁ ଏହି ଅଭ୍ୟାସ ଜାରି ରଖ, ସେହି ଛୋଟ ଛୋଟ ଜୀବମାନଙ୍କ କଥା ଭାବ ଏବଂ ସେ ମହାନ ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ଦେବାକୁ କେବେ ଭୁଲ ନାହିଁ।

ଦୂରଭାଷ - ୮୯୧୭୪୦୬୫୨୦

# କଦଳୀ କଟଲେଟ୍

**ସୌମିତ୍ରା ହରିଚନ୍ଦନ**

**ଆବଶ୍ୟକ ସାମଗ୍ରୀ -**

୫/୬ ଟି କଞ୍ଚା କଦଳୀ, ୨ଟି ବଡ଼ ପିଆଜ, ରସୁଣ ୫/୬ ପାଖୁଡ଼ା, କଞ୍ଚାଲଙ୍କା ୩/୪ ଟି, ଅଦା ୧ ଇଞ୍ଚ, ଜିରା ଏକ ଋମଚ, ସ୍ୱାଦ ଅନୁସାରେ ଲୁଣ, ୨/୩ ଋମଚ ବେସନ ଏବଂ ଦରକାର ମୁତାବକ ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ -**

ପ୍ରଥମେ କଦଳୀକୁ ଖଣ୍ଡ ଖଣ୍ଡ କରି କାଟି ଅଳ୍ପ ପାଣିରେ ଲୁଣ ଦେଇ ସିଝାଇ ଦିଅନ୍ତୁ। କଦଳୀ ସିଝିଗଲା ପରେ ପାଣି ନିଗାଡ଼ି ଚକଟି ଦିଅନ୍ତୁ। ତା'ପରେ କଡ଼େଇରେ ତେଲ ଗରମ କରି କଟା ପିଆଜ ପକାନ୍ତୁ। ପିଆଜ ଲାଲ୍ ହୋଇ ଆସିଲେ ବଟା ଜିରା, ରସୁଣ, ଅଦା ପକାଇ କଷନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ ସାମାନ୍ୟ ଗରମ ମସଲା ପକାଇ ଚକଟା କଦଳୀକୁ ପକାଇ ଭଲଭାବରେ କଷି ଦିଅନ୍ତୁ। କଦଳୀ କଷାକୁ ଓହ୍ଲାଇ ବେସନ ସହିତ ଚକଟି ବରା ଆକାରରେ କରି ତାୱାରେ ଅଳ୍ପ ଦେଇ ଭାଜି ଦିଅନ୍ତୁ ଏବଂ ଗରମ ଗରମ ଖାଆନ୍ତୁ।

# ଆସ ଆସ ଆମେ ସ୍ୱାଗତ କରିବା

ଉମାକାନ୍ତ ସାହୁ

ଆସ ଆସ ଆମେ ସ୍ୱାଗତ କରିବା
ନୂତନ ସେ ଅତିଥିଙ୍କୁ
ଦୁଇ ହଜାର ଏକୋଇଶି ମସିହା
ନାମରେ ଡାକି ତ ତାଙ୍କୁ।

ସବୁ ଅଭିମାନ ଭୁଲି ଯାଇ
ଖୁସିରେ ହେବ ଏକାଠି
ନୂତନ ବର୍ଷର ନୂତନ ସୂରୁଜେ
ହୋଇ କରି ସବୁ ସାଥି।

ଲିଭିଯିବ ସବୁ କାଳିମାର ଦାଗ
କରୋନାର ସେ ପ୍ରକୋପ
ନୂତନ ପୁଲକେ ଶୋଭା ସେ ଦିଶିବ
ସୁନ୍ଦର ମଣିଷ ସେତ ତ।

ନୂତନ ପୁଲକେ ନୂତନ ବେଶରେ
ନୂତନ ବରଷ ଆସି
ଦୂଆର ପାଖରେ ଖଟଖଟ କରେ
କବାଟ ଫାଙ୍କରେ ଦେଖି।

ବାରମାସ କାଳ ସିଂହାସନେ ବସି
ପାଳିବେ ପରଜାଗଣ
ସୁଖ, ଶାନ୍ତି, ସ୍ନେହ ଓଜାଡ଼ି ଦେବେରେ
ଖୁସିରେ ପୁରିବ ମନ।

ନୂତନ ବର୍ଷର ଅଧିପତି ତୁମେ
ଯୁବରାଜ ହେ ମସିହା
ନାମ ବହିଅଛ ଯେ ଦୁଇ ହଜାର
ଏକୋଇସି ସେ ମସିହା।

ଦୁଃଖ ତ ଯାଇଛି ଭୁଲିଯା ମନୁ
ସୁଖକୁ ନେବାଟି ବରି
ସବୁଦିନ ଆମ ସୁଖରେ କଟିବ
ମର୍ତ୍ତ୍ୟ ହେବ ଇନ୍ଦ୍ରପୁରୀ।

ବାଇପାସ ଜଟଣି,ଖୋରଧା

ପ୍ରସ୍ତୁତି [illegible] ଉତ୍ତର


| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 4 | 8 | 1 | 2 | 9 | 7 |
| 1 | 4 | 9 | 2 | 5 | 7 | 3 | 8 | 6 |
| 2 | 8 | 7 | 6 | 9 | 3 | 5 | 4 | 1 |
| 6 | 1 | 8 | 5 | 4 | 9 | 7 | 3 | 2 |
| 7 | 9 | 5 | 1 | 3 | 2 | 8 | 6 | 4 |
| 4 | 3 | 2 | 7 | 6 | 8 | 9 | 1 | 5 |
| 3 | 5 | 1 | 8 | 7 | 6 | 4 | 2 | 9 |
| 9 | 7 | 6 | 3 | 2 | 4 | 1 | 5 | 8 |
| 8 | 2 | 4 | 9 | 1 | 5 | 6 | 7 | 3 |

# ବେଙ୍ଗଫୁଲା ପରି ଚିଙ୍ଗୁଡ଼ି

**ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର**



ପୃଥିବୀ ପୃଷ୍ଠରେ ଏକ ପ୍ରକାର ସନ୍ଧିପଦ ପ୍ରାଣୀ ବାସ କରନ୍ତି, ସେମାନେ ଦେଖିବାକୁ ବେଙ୍ଗଫୁଲା ପରି ଚିଙ୍ଗୁଡ଼ି ଆକାରର। ଏମାନଙ୍କୁ Apus ଓ ଇଂରାଜୀରେ Tadpole shrimp କୁହାଯାଏ ଏବଂ ବୈଜ୍ଞାନିକ ନାମ ହେଉଛି Lepidurus Apusö ଏମାନେ ବିଶେଷ କରି ଇଟାଲୀ, ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଆମେରିକା, ଫ୍ରାନ୍ସ, ଡେନ୍‌ମାର୍କ, ଅଷ୍ଟ୍ରିଆ ଆଦି ଦେଶମାନଙ୍କର ପୋଖରୀ ଓ ନଦୀର ମଧୁର ଜଳରେ ବାସକରିଥାନ୍ତି। ଆଉ ମଧ୍ୟ କେତେକ ପୂର୍ବ ଏସିଆ ରାଜ୍ୟମାନଙ୍କରେ ବାସ କରିଥିବାର ଦେଖାଯାଏ। ଦେହର ଲମ୍ବ ୨୦ ରୁ ୩୦ ମି.ମି ଓ ଦେହଟିରେ ୩୩ ଗୋଟି ସେଗ୍‌ମେଣ୍ଟ୍ ବା ଖଣ୍ଡକ ରହିଛି। ଏହି ଖଣ୍ଡକ ଗୁଡ଼ିକ ଗୋଲାକାର ମୁଦିପରି। ଏମାନଙ୍କର ଦୁଇଟି ଲମ୍ବା ଲମ୍ବା ଓସାରିଆ ଲାଞ୍ଜ ମଧ୍ୟ ରହିଛି। ମୁଣ୍ଡଟି ଓସାରିଆ ଓ ଦେଖିବାକୁ ଘୋଡ଼ାର ଟାପୁ ପରି ଏବଂ ଏହି ମୁଣ୍ଡରେ ଆଖି, ଶୃଙ୍ଗିକା, ଉପଶୃଙ୍ଗିକା, ପାଟି ଆଦି ରହିଛି। ଦେହସାରା ଏକ କଠିନ ଖୋଳା ଦ୍ୱାରା ଆବୃତ। ଉଦର ଭାଗରେ ଗୋଟେରୁ ତିନିଯୋଡ଼ା ମୁନିଆ ମୁନିଆ ଶୃଙ୍ଗିକା ରହିଛି ଯାହାକି ଖାଦ୍ୟପଦାର୍ଥର ସ୍ୱାଦ ଚାଖିବା ସହ ଖାଦ୍ୟ ସଂଗ୍ରହରେ ସାହାଯ୍ୟ କରିଥାଏ। ଏମାନଙ୍କର ୪୪ ଯୋଡା ପେଡାଲ ଭଳି ଗୋଡ଼ ରହିଛି ଯାହାକି ପାଣିରେ ପହଁରିବାରେ ସାହାଯ୍ୟ କରେ। ବିଶେଷ କରି ଏମାନେ ଜଳ ଉପରେ ଭାସୁଥିବା ଛୋଟ ଛୋଟ ପୋକ, ଭାସମାନ ଉଦ୍ଭିଦ ଆଦିକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ସ୍ତ୍ରୀ ପ୍ରାଣୀ ଅଣ୍ଡା ଦେଇଥାଏ। ଏହି ଅଣ୍ଡାଗୁଡ଼ିକରୁ ଛୁଆ ବାହାରିବା ପାଇଁ ୧୦°ରୁ ୨୪° ସେଣ୍ଟିଗ୍ରେଡ୍ ଉତ୍ତାପ ଆବଶ୍ୟକ ଓ ଏପରିକି ୫୦°ସେଣ୍ଟିଗ୍ରେଡ୍ ଉତ୍ତାପରେ ମଧ୍ୟ ଅଣ୍ଡାଗୁଡ଼ିକରୁ ଛୁଆ ବାହାରିଥାଏ। ଛୁଆ ଗୁଡ଼ିକୁ ନାଉପ୍ଲିସ୍ ଲାର୍ଭା କୁହାଯାଏ। ଏହି ପ୍ରାଣୀମାନଙ୍କର ପୁରୁଷ ସଂଖ୍ୟା ବହୁତ କମ୍ ଥିବାରୁ ବିନା ସେକ୍ସ୍ ଅର୍ଗାନରେ ମଧ୍ୟ ସ୍ତ୍ରୀମାନେ ଅଣ୍ଡା ଦେଇଥାନ୍ତି।। ଠିକ୍ ଉତ୍ତାପ ନପାଇଲେ ଅଣ୍ଡାଗୁଡ଼ିକ ଦୀର୍ଘଦିନ ପର୍ଯ୍ୟନ୍ତ ଏପରିକି ୨୮ ବର୍ଷ ପର୍ଯ୍ୟନ୍ତ ସେହିପରି ଅଣ୍ଡା ରହିଥାଏ ଏବଂ ଏହା ଆଦୌ ନଷ୍ଟ ହୋଇଯାଏ ନାହିଁ। ଏହି ପ୍ରାଣୀଟି ଯେଉଁ ପୋଖରୀ ବା ନଦୀ କିମ୍ବା ଗାଡ଼ିଆରେ ରହନ୍ତି ସେଠାକୁ ଶୀତଦିନେ ବିଦେଶାଗତ ପକ୍ଷୀମାନଙ୍କର ଭିଡ଼ ହୋଇଥାଏ। ଏହାର କାରଣ ଏହି ପ୍ରାଣୀମାନଙ୍କୁ ସେମାନେ ଖାଇବାକୁ ଭଲ ପାଇଥାନ୍ତି। ତେଣୁ ଏମାନଙ୍କର ସଂଖ୍ୟା ଆଶାତିତ ଭାବେ କମି କମି ଗଲାଣି।



ଏଥିପାଇଁ ନ୍ୟୁଜଲ୍ୟାଣ୍ଡ ସରକାର ଏମାନଙ୍କର ବଂଶ ବିସ୍ତାରପାଇ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ଏହା ଏକ ବିଲୁପ୍ତ ହୋଇଯାଉଥିବା ପ୍ରାଣୀର ମାନ୍ୟତା ପାଇଛି। ତେଣୁ ଏମାନଙ୍କର ସୁରକ୍ଷା ଜରୁରୀ ଅଟେ। ପ୍ରକୃତିର ଏହି ବିଚିତ୍ର ପ୍ରାଣୀଟି ଦେଖିବାକୁ ଖୁବ୍ ସୁନ୍ଦର ଓ ଏହାର ଚଳପ୍ରଚଳ ମଧ୍ୟ ପ୍ରାଣୀ ବିଜ୍ଞାନୀମାନଙ୍କୁ ଆକୃଷ୍ଟ କରିଥାଏ।

ପ୍ରାଣୀବିଜ୍ଞାନ ବିଭାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଙ୍କୀ,କଟକ
ଦୂରଭାଷ-୯୪୩୭୩୧୭୬୫୯

# ଓଡ଼ିଶା ହକିର ପଥ ପ୍ରଦର୍ଶକ ମାଇକେଲ କିଣ୍ଡୋ



**ଆଶିଷ କୁମାର ରାୟ**



କରୋନା ମହାମାରୀ ଜନିତ କାରଣରୁ ବର୍ଷ ୨୦୨୦ରେ ସାରା ବିଶ୍ୱର ଅଧିକାଂଶ କ୍ଷେତ୍ର ନାହିଁ ନଥିବା କ୍ଷତି ସହିଥିବା ବେଳେ କ୍ରୀଡ଼ା କ୍ଷେତ୍ର ପାଇଁ ମଧ୍ୟ ଏହା ଏକ ଅଶୁଭ ବର୍ଷ ସାବ୍ୟସ୍ତ ହୋଇଛି। ଏହି ବର୍ଷ ଅନେକ କ୍ରୀଡ଼ା କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯିବା ସହିତ ଅନେକ ପ୍ରତିଯୋଗିତା ମଧ୍ୟ ବାତିଲ ହୋଇଯାଇଛି। ବାସ୍କେଟବଲ ତାରକା କୋବେ ବ୍ରାୟାଣ୍ଟ, କ୍ରିକେଟ ତାରକା ଡିନ୍ ଜୋନ୍ସ, ଫୁଟବଲର କିମ୍ବଦନ୍ତି ଡିଏଗୋ ମାରାଡୋନା ଓ ପାଓଲୋ ରୋସିଙ୍କ ଭଳି କେତେଜଣ ପ୍ରସିଦ୍ଧ କ୍ରୀଡ଼ାବିତ ବିଦାୟୀ ବର୍ଷରେ ଏହି ଧରାପୃଷ୍ଠରୁ ଚିର ବିଦାୟ ନେଇ ଯାଇଛନ୍ତି। ଆମ ଦେଶର ଜାତୀୟ କ୍ରୀଡ଼ା ହକିର କିମ୍ବଦନ୍ତି ପୁରୁଷ ବଲବୀର ସିଂହ ସିନିଅର, ଫୁଟବଲ କିମ୍ବଦନ୍ତି ପି.କେ. ବାନାର୍ଜୀ ଓ ଚୁନି ଗୋସ୍ୱାମୀ ତଥା ପୂର୍ବତନ କ୍ରିକେଟର ଚେତନ ଚୌହାନ ଓ ରାଜିନ୍ଦର ଗୋଏଲ ଆଦି ମଧ୍ୟ ୨୦୨୦ରେ ଦୁନିଆରୁ ବିଦାୟ ନେଇଯାଇଛନ୍ତି। ଏହା ହୁଏତ ଯଥେଷ୍ଟ ନଥିଲା, ସେଥିପାଇଁ ବର୍ଷ ୨୦୨୦ ବିଦାୟ ନେବା ପୂର୍ବରୁ ଆଉ ଜଣେ ପ୍ରସିଦ୍ଧ କ୍ରୀଡ଼ାବିତଙ୍କୁ ମଧ୍ୟ ସାଙ୍ଗରେ ନେଇ ଚାଲିଗଲା ସବୁଦିନ ପାଇଁ। ବର୍ଷର ଶେଷଦିନ ଅର୍ଥାତ ଡିସେମ୍ବର ୩୧ ତାରିଖରେ ଦୁଃଖଦ ମୃତ୍ୟୁ ଘଟିଲା ହକିର ଲୌହପ୍ରାଚୀର ଭାବେ ଖ୍ୟାତ ମାଇକେଲ୍ କିଣ୍ଡୋଙ୍କର, ଯାହାକି ଭାରତ ସହିତ ଓଡ଼ିଶା କ୍ରୀଡ଼ା ପାଇଁ ମଧ୍ୟ ଏକ ବହୁତ ବଡ଼ ଧକ୍କା।

ମାଇକେଲ କିଣ୍ଡୋଙ୍କୁ ଓଡ଼ିଶା ହକିର ପ୍ରବାଦ ପୁରୁଷ ଆଖ୍ୟା ଦିଆଯାଇଥାଏ। ଓଡ଼ିଶାରେ ଜନ୍ମଗ୍ରହଣ କରିନଥିଲେ ମଧ୍ୟ ଆମ ରାଜ୍ୟରେ ହକି ଖେଳର ଉନ୍ନତି ନିମନ୍ତେ ସେ ଯାହା କରିଯାଇଛନ୍ତି ତାହା ଆଦୌ ଭୁଲିଯିବା ଭଳି କଥା ନୁହେଁ। ୧୯୭୭ରେ ରାଉରକେଲା ଇସ୍ପାତ କାରଖାନାରେ ଅବସ୍ଥାପିତ ହେବା ପରେ ସେଠାରେ ତଥା ସାମଗ୍ରୀକ ଭାବେ ସୁନ୍ଦରଗଡ଼ ଜିଲ୍ଲାରେ ହକି ଖେଳର ଭିତ୍ତିଭୂମି ସଜାଡ଼ିବା ସହିତ ଏହି ଖେଳର ବିକାଶ ତଥା ପ୍ରସାର ଦିଗରେ ସେ ପାରୁପର୍ଯ୍ୟନ୍ତ ଚେଷ୍ଟିତ ଥିଲେ। ପ୍ରଥମେ ଓଡ଼ିଶା ହକି ଦଳର ଅଧିନାୟକ ଭାବେ, ପରବର୍ତ୍ତୀ ସମୟରେ ଜଣେ ପ୍ରଶିକ୍ଷକ ଭାବେ ସେ ଅନେକ ଖେଳାଳିଙ୍କ ମାର୍ଗଦର୍ଶନ କରିଛନ୍ତି। ଆଜି ଯେଉଁ ସୁନ୍ଦରଗଡ଼କୁ ସୁନ୍ଦର ହକିର ଗଡ଼ କୁହାଯାଉଛି, ସେଥିପାଇଁ ମାଇକେଲ କିଣ୍ଡୋଙ୍କର ଯଥେଷ୍ଟ ଅବଦାନ ରହିଛି।

୧୯୪୭ ମସିହାର ଜୁନ ୨୦ ତାରିଖ ଦିନ ଝାଡ଼ଖଣ୍ଡ (ତତ୍କାଳୀନ ବିହାର)ରାଜ୍ୟର ସିମଡେଗା ଜିଲ୍ଲା ଅନ୍ତର୍ଗତ କୁରଡେଗା ଗ୍ରାମରେ ମାଇକେଲ କିଣ୍ଡୋଙ୍କ ଜନ୍ମ। ସିମଡେଗା ଭଳି ଏକ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଖେଳ କହିଲେ ସେତେବେଳେ ଦୌଡ଼କୁଦ, ଫୁଟବଲ ଓ ହକିକୁ ବୁଝାଉଥିଲା। ତୀରଚାଳନା ଭଳି କିଛି ପାରମ୍ପରିକ କ୍ରୀଡ଼ା ମଧ୍ୟ ଥିଲା। ତେବେ ମାଇକେଲ ପିଲାଟି ଦିନରୁ ହକି ଖେଳ ପ୍ରତି ଆକର୍ଷିତ ହୋଇଥିଲେ। ଗାଁ ପଡ଼ିଆରେ ଗଛ ଡାଳରୁ ତିଆରି ହକି ଷ୍ଟିକ୍ ବ୍ୟବହାର କରି ସାଙ୍ଗସାଥୀମାନଙ୍କ ସହିତ ଖେଳୁଥିଲେ ସେ। ପରବର୍ତ୍ତୀ ସମୟରେ ହକି ଖେଳ ତାଙ୍କପାଇଁ ଏକ ନିଶାରେ ପରିଣତ ହୋଇଯାଇଥିଲା। ଖୁବ ଶୀଘ୍ର ବିହାର ଦଳ ସକାଶେ ଖେଳିବାର ସୁଯୋଗ ମଧ୍ୟ ମିଳିଲା। ଏହା ପରେ ନିଜର କ୍ରୀଡ଼ା ପ୍ରତିଭା ବଳରେ ସେ ଭାରତୀୟ ନୌସେନାରେ ନିଯୁକ୍ତି ଲାଭ କରିବା ସହିତ ସର୍ଭିସେସ୍ ଦଳ ସକାଶେ ଖେଳିବା ଆରମ୍ଭ କଲେ।

ଜାତୀୟ ହକି ପ୍ରତିଯୋଗିତା ରଙ୍ଗାସ୍ୱାମୀ କପ୍ ତଥା ଅନ୍ୟାନ୍ୟ ଟୁର୍ଣ୍ଣାମେଣ୍ଟମାନଙ୍କରେ କ୍ରମାଗତ ଭାବେ ଉନ୍ନତ ପ୍ରଦର୍ଶନ କରି ୧୯୬୭-୬୮ରେ ଭାରତୀୟ ଦଳରେ ସାମିଲ ହୋଇଥିଲେ ସେ। ୧୯୬୮ର ଆମଷ୍ଟରଡାମ୍ ଅଲିମ୍ପିକ୍‌ରେ ଭାରତୀୟ ହକି ଦଳର ଅଧିନାୟକ ଥିଲେ

ଜୟପାଲ ସିଂହ ମୁଣ୍ଡା। ତାଙ୍କ ପରେ ଭାରତୀୟ ହକି ଦଳରେ ସାମିଲ ହେବା ଦିଗରେ ମାଇକେଲ କିଣ୍ଡୋ ଥିଲେ ଦ୍ୱିତୀୟ ଆଦିବାସୀ ଖେଳାଳି। ୧୯୬୮ ମସିହାରେ ମେକ୍ସିକୋ ନଗରୀରେ ଅନୁଷ୍ଠିତ ଅଲିମ୍ପିକ୍ ସକାଶେ କିନ୍ତୁ ତାଙ୍କୁ ଦଳରେ ସ୍ଥାନ ମିଳିନଥିଲା। ତେବେ ଏଥିରେ ହତୋତ୍ସାହିତ ନ ହୋଇ ଖେଳ ଉପରେ ଅଧିକ ଧ୍ୟାନ ଦେଲେ, ଫଳସ୍ୱରୂପ ୧୯୭୧ରେ ସ୍ପେନ୍‌ର ବାର୍ସିଲୋନାରେ ଆୟୋଜିତ ପ୍ରଥମ ହକି ବିଶ୍ୱକପ୍ ସକାଶେ ଭାରତୀୟ ଦଳରେ ତାଙ୍କର ଚୟନ ହୋଇଗଲା। ଏହି ବିଶ୍ୱକପ୍‌ର ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ଭାରତ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ପାକିସ୍ତାନ ଓ ସ୍ପେନ୍ ପଛକୁ ରହି ବ୍ରୋଞ୍ଜ ପଦକ ଲାଭ କରିଥିଲା।



ଏହାପରେ ଆସିଲା ୧୯୭୨ର ମ୍ୟୁନିକ୍ ଅଲିମ୍ପିକ୍। ଏଠାରେ ମଧ୍ୟ ଭାରତକୁ ମିଳିଥିଲା ବ୍ରୋଞ୍ଜ ପଦକ। ପଶ୍ଚିମ ଜର୍ମାନୀ ଓ ପାକିସ୍ତାନ ପଛକୁ ରହିବା ଫଳରେ ମିଳିଥିବା ଏହି ବ୍ରୋଞ୍ଜ ପଦକଟି ମାଇକେଲ କିଣ୍ଡୋଙ୍କ ପାଇଁ ଥିଲା ପ୍ରଥମ ତଥା ଏକମାତ୍ର ଅଲିମ୍ପିକ୍ ବ୍ରୋଞ୍ଜ ପଦକ। ୧୯୭୩ରେ ନେଦରଲାଣ୍ଡ୍‌ସର ଆମଷ୍ଟେଲଭୀନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ହକି ବିଶ୍ୱକପ୍‌ରେ ଭାରତ ନିକଟରେ ସ୍ୱର୍ଣ୍ଣ ଜିଣିବାର ସୁବର୍ଣ୍ଣ ସୁଯୋଗ ଥିଲା। ସେମି ଫାଇନାଲରେ ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଫାଇନାଲରେ ନେଦରଲାଣ୍ଡ୍‌ସ ବିରୁଦ୍ଧରେ ପ୍ରଥମ ଆଠ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ଲାଭ କରିଥିଲା, ହେଲେ ପରିଶେଷରେ ମ୍ୟାଚ ଅମୀମାଂସିତ ରହିଲା ଏବଂ ଟାଇବ୍ରେକର୍‌ରେ ପରାଜିତ ହେବା ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହେଲା। ଏହି ଟୁର୍ଣ୍ଣାମେଣ୍ଟରେ ଅଧିନାୟକ ଏମ.ପି.ଗଣେଶ, ସୁରଜିତ ସିଂହ, ବି.ପି. ଗୋବିନ୍ଦା, ଅଜିତପାଲ ସିଂହ, ବଳଦେବ ସିଂହ ଆଦିଙ୍କ ସହିତ ମାଇକେଲ କିଣ୍ଡୋଙ୍କ ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର।

ଯେଉଁ ସୁଯୋଗ ୧୯୭୩ରେ ହାତଛଡ଼ା ହୋଇଯାଇଥିଲା ତାହା ୧୯୭୫ର ବିଶ୍ୱକପ୍‌ରେ ମିଳିଗଲା। ମାଲେସିଆର ରାଜଧାନୀ କୁଆଲାଲମ୍ପୁରରେ ଅନୁଷ୍ଠିତ ସେହି ହକି ବିଶ୍ୱକପ୍‌ରେ ଭାରତ ହାସଲ କଲା ସ୍ୱର୍ଣ୍ଣ ପଦକ। ସେମି ଫାଇନାଲରେ ମାଲେସିଆକୁ ୩-୨ ଗୋଲରେ ଏବଂ ଫାଇନାଲରେ ପାକିସ୍ତାନକୁ ୨-୧ରେ ପରାସ୍ତ କରି ଭାରତ ହେଲା ହକି ଜଗତର ବିଶ୍ୱବିଜେତା। ଦୁଇଟିଯାକ ମ୍ୟାଚ ଥିଲା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ। ୧୯୬୪ର ଟୋକିଓ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣପଦକ ବିଜୟ ପରେ ୧୯୭୫ର ବିଶ୍ୱକପ୍ ବିଜୟ ଭାରତୀୟ ହକି ନିମନ୍ତେ ଥିଲା ସର୍ବାଧିକ ସ୍ମରଣୀୟ ଘଟଣା। ଏହି ସ୍ମରଣୀୟ ବିଜୟରେ ଅଧିନାୟକ ଅଜିତପାଲ ସିଂହଙ୍କ ସହିତ ସୁରଜିତ ସିଂହ, ଅଶୋକ କୁମାର, ଭି.ଜେ. ଫିଲିପ୍ସ, ହରଚରଣ ସିଂହ, ମୋହିନ୍ଦର ସିଂହ, ବି.ପି. ଗୋବିନ୍ଦା, ଆସଲାମ ଶେର ଖାନ୍, ମାଇକେଲ କିଣ୍ଡୋ ଆଦିଙ୍କର ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉନ୍ନତ ମାନର।

ରକ୍ଷଣ ପଂକ୍ତିରେ ଫୁଲ୍ ବ୍ୟାକ୍ ସ୍ଥାନରେ ଖେଳୁଥିବା ମାଇକେଲ କିଣ୍ଡୋ ଥିଲେ ଭାରତୀୟ ଦଳର ଲୌହ ପ୍ରଚୀର ସଦୃଶ। ବିଶେଷ କରି ୧୯୭୩ ଓ ୧୯୭୫ର ବିଶ୍ୱକପ୍‌ରେ ତାଙ୍କର ପ୍ରଦର୍ଶନକୁ ଲକ୍ଷ୍ୟ କରି ସେ ସମୟରେ ରେଡିଓରେ ଧାରା ବିବରଣୀ ପ୍ରଦାନ କରୁଥିବା ଭାଷ୍ୟକାରମାନେ ତାଙ୍କୁ ଏହି ଆଖ୍ୟା ଦେଇଥିଲେ। ପ୍ରକୃତରେ ତାଙ୍କୁ ଅତିକ୍ରମ କରି ବଲକୁ ଆଗକୁ ବଢ଼ାଇବା ବିପକ୍ଷ ଦଳର ଖେଳାଳିଙ୍କ ପକ୍ଷେ ଥିଲା ଅତ୍ୟନ୍ତ କଷ୍ଟକର ବ୍ୟାପାର। ଭାରତ ପାଇଁ ୫୦ରୁ ଊର୍ଦ୍ଧ୍ୱ ଆନ୍ତର୍ଜାତିକ ମ୍ୟାଚ ଖେଳିଥିବା ମାଇକେଲ କିଣ୍ଡୋ ୧୯୭୭ ମସିହାରେ ଆସି ରାଉରକେଲାରେ ଅବସ୍ଥାପିତ ହେଲେ। ସୁନ୍ଦରଗଡ଼ ଜିଲ୍ଲାରେ ହକିର ବିକାଶ ଦାୟିତ୍ୱ ନିଜ କାନ୍ଧରେ ବହନ କରିବା ସହିତ ଓଡ଼ିଶା ହକି ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ବହନ କଲେ। ତାଙ୍କରି ନେତୃତ୍ୱରେ ୧୯୭୯ ଓ ୧୯୮୦ରେ କ୍ରମାଗତ ଦୁଇବର୍ଷ ଧରି ଜାତୀୟ ହକି ପ୍ରତିଯୋଗିତା ରଙ୍ଗାସ୍ୱାମୀ କପ୍‌ରେ ଓଡ଼ିଶା ଦଳ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା, ଯାହାକି ମାଇକେଲ କିଣ୍ଡୋଙ୍କ ଖେଳାଳି ଜୀବନର ବଡ଼ ସଫଳତା।

ନିଜ କ୍ରୀଡ଼ା ଜୀବନରେ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ତଥା ହକି ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟର ସଫଳତା ହାସଲ କରିଥିବା ମାଇକେଲ କିଣ୍ଡୋଙ୍କର ସବୁଠାରୁ ବଡ଼ ସଫଳତା ହେଲା ସୁନ୍ଦରଗଡ଼ ଜିଲ୍ଲାରୁ ଅନେକ ଖେଳାଳି ସୃଷ୍ଟି କରିବା। ଶରଣ ବେକ୍, ଫାବିଏନ୍ ସମଦ୍, ୟାକୁବ୍ ଏକ୍କା ଆଦିଙ୍କଠାରୁ ଆରମ୍ଭ କରି ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଜ୍ୟୋତି ସୁନିତା କୁଲୁ, ସୁଭଦ୍ରା ପ୍ରଧାନ ତଥା ବର୍ତ୍ତମାନ ସମୟର ଖେଳାଳିଙ୍କ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଖେଳାଳିଙ୍କ ପାଇଁ ସେ ହେଉଛନ୍ତି ଆଦର୍ଶ। ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଖେଳାଳି ହକି ପ୍ରତି ଆକୃଷ୍ଟ ହେବା ସହିତ ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତି। ଆଜି ମାଇକେଲ କିଣ୍ଡୋଙ୍କ ଅବର୍ତ୍ତମାନରେ ସାରା ସୁନ୍ଦରଗଡ଼ ଜିଲ୍ଲା, ଓଡ଼ିଶା ରାଜ୍ୟ ତଥା ସମଗ୍ର ହକିଜଗତ ତାଙ୍କୁ ଝୁରୁଛି ଏବଂ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମୋ- ୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ର

୧. ଶ୍ରୀ ସୁରେଶ କୁମାର ମହାପାତ୍ର ଓଡ଼ିଶାର ମୁଖ୍ୟ ଶାସନ ସଚିବ ରୂପେ ନିଯୁକ୍ତି ପାଇଛନ୍ତି ।

୨. ଶ୍ରୀ ଅସିତ କୁମାର ତ୍ରିପାଠୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ହେଲେ।

୩. ୨୦୨୧ ଠାରୁ ଏବେ ମାସକୁ ନୁହେଁ ସପ୍ତାହକୁ ଏଲ.ପି.ଜି. ଗ୍ୟାସ ସିଲିଣ୍ଡରରଦର ବଦଳିବ ।

୪. ଚଳିତ ବର୍ଷ ସୁନା ମୂଲ୍ୟରେ ୨୮% ବୃଦ୍ଧିଘଟିଛି ।

୫. ପି.ଏମ୍ କିଷାନ ସମ୍ମାନନିଧି ଯୋଜନାରେ ପରବର୍ତ୍ତି କିସ୍ତିରେ ୯ କୋଟିରୁଉର୍ଦ୍ଧ୍ୱକିଷାନ ପରିବାରଙ୍କ ଖାତାରେ ୧୮୦୦୦ କୋଟି ଟଙ୍କା ସିଧାସଳଖ ଜମାକରାଯାଇଛି ।

୬. ଅରୁଣାଚଳ ପ୍ରଦେଶରେ ଜନତା ଦଳ (ଇଉନାଇଟେଡ୍) ର ସାତଜଣ ବିଧାୟକ ମଧ୍ୟରୁ ୬ଜଣ ବିଧାୟକ ବି.ଜେ.ପି ରେ ଯୋଗ ଦେଇଛନ୍ତି ।

୭. ୨୦୨୩ ବିଶ୍ୱକପ୍ ହକି କରିବାପାଇଁ ଓଡ଼ିଶାକୁ ଅନୁମତି ମିଳିଛି।

୮. ୨୦ ହଜାର କ୍ଷମତା ବିଶିଷ୍ଟ ରାଉରକେଲାରେ ଏକ ବିଶ୍ୱସ୍ତରୀୟ ହକି ଷ୍ଟାଡ଼ିୟମ୍ ନିର୍ମାଣ କରାଯିବ ।

୯. ପୂର୍ବତନ ବିଧାୟକ ତଥା ହାଉସିଂବୋର୍ଡ଼ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କୁ ହ୍ୟୁମେନି ଟାରିଆନ୍ ଏକ୍ସଲେନ୍ସି ଆୱାର୍ଡ଼ ପ୍ରଦାନ କରାଯାଇଛି ।

୧୦. କରୋନା ସଂକ୍ରମଣର ନୂତନ ରୂପର ପ୍ରଭାବରେ ସାଂଘାତିକ ରୋଗ ସୃଷ୍ଟି ହେବା କିମ୍ବା ମୃତ୍ୟୁର କାରଣ ହେବା ନେଇ କୌଣସି ପ୍ରମାଣ ନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ମହାନିର୍ଦ୍ଦେଶକ ଟି.ଏ.ଘ୍ରେବ୍ରିଲସସ୍ ପ୍ରକାଶ କରିଛନ୍ତି।

୧୧. ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ଆତଙ୍କାବାଦୀ ସଂଗଠନ ଜମାତ୍-ଇ-ଦାୱାର ମୁଖ୍ୟ ହାଜିଫ ସୟଦଙ୍କୁ ୧୫ ବର୍ଷ ଜେଲଦଣ୍ଡ ଦିଆଯାଇଛି।

୧୨. ବି.ସି.ସି.ଆଇର ଜାତୀୟ ସିନିଅର ଚୟନ କମିଟିରେ ତିନି ପୂର୍ବତନ ଫାଷ୍ଟ ବୋଲର ଚେତନ ଶର୍ମା, ଆବେ.କୁରୁଭେଲା ଓ ଦେବାଶୀଷ ମହାନ୍ତିଙ୍କୁ ନୂତନ ଚୟନକର୍ତ୍ତା ଭାବେ ମନୋନୀତ କରାଯାଇଛି।

୧୩. ୨୦୨୧ ରେ ହେବାକୁ ଥିବା ୧୭ ଓ ୨୧ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍ ପ୍ରତିଯୋଗିତାକୁ ବାତିଲ କରିଦିଆଯାଇଛି। ଏହା ୨୦୨୩ରେ ଆୟୋଜନ କରାଯିବ ଓ ଭେନୁ ଅପରିବର୍ତ୍ତିତ ରହିବ।

୧୪. ଅବସରପ୍ରାପ୍ତ ଓଡ଼ିଆ ଅନ୍ତର୍ଜାତିକ କ୍ରିକେଟ ଖେଳାଳି ପ୍ରଜ୍ଞାନ ଓଝା ଚଳିତ ବର୍ଷ ଲାଗି ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଗଭର୍ଣ୍ଣିଂ କାଉନସିଲକୁ ମନୋନୀତ ହୋଇଛନ୍ତି ।

୧୫. ମୟୁରଭଂଜ ଜିଲ୍ଲା ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେବ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଯାଇଛି ।

୧୬. ୫୧ ଟି ଶିକ୍ଷାଭିତ୍ତିକ ଟି.ଭି ଚ୍ୟାନେଲ ଚଳିବ ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି ।

୧୭. ନିତଲ ନାରଙ୍ଗ ଭାରତୀୟ ସଫ୍ଟ-ବଲ୍ ମହାସଂଘର ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି ।

୧୮. କଟକ ପୋଲିସ ସିଗ୍ନାଲ ବିଭାଗର ସବ୍-ଇନ୍‌ସପେକ୍ଟର ଶ୍ରୀ ଚନ୍ଦ୍ରକାନ୍ତ ବାରିକ ଗତବର୍ଷ ଡିସେମ୍ବର ୨୨ ତାରିଖରେ ଯୋଗାସନ ପ୍ରଦର୍ଶନ ପାଇଁ ତାଙ୍କୁ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ର ସମ୍ମାନ ଓ ପ୍ରମାଣପତ୍ର ମିଳିଛି ।

୧୯. ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରାଙ୍କର ୯୩ ବର୍ଷରେ ପରଲୋକ ଘଟିଛି ।

୨୦. କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଆଖଡ଼ାଶାଳି ନିକଟରେ ୪୦୦୦ କୋଟି ଟଙ୍କା ବ୍ୟୟରେ ଏକ ବନ୍ଦର ନିର୍ମାଣ କରାଯିବ ।

୨୧. ଚଳିତ ବର୍ଷରୁ ପ୍ରଥମଥର ପାଇଁ ଓଡ଼ିଆ ଭାଷାରେ ପ୍ରବେଶିକା ଜେ.ଇ ପ୍ରଶ୍ନପତ୍ର ପ୍ରସ୍ତୁତି ହେବ ।

୨୨. ଜାତୀୟ ସ୍ତରରେ ଫଟୋଜେନିକ ଫେସ ପ୍ରତିଯୋଗିତାରେ ଓଡ଼ିଶାର (ପୁରୀ ଜିଲ୍ଲା) ଝିଅ ଅପର୍ଣ୍ଣା ଦାଶ ବିଜୟିନୀ ହୋଇଛନ୍ତି ।

୨୩. କାର ନିର୍ମାଣ "ହୋଣ୍ଡା" କାର୍‌ସ ଇଣ୍ଡିଆ ଲିମିଟେଡ୍ ଗ୍ରେଟର ନଇଡ଼ା କାରଖାନାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ।

୨୪. ୨୦୩୦ ସୁଦ୍ଧା ବିଶ୍ୱରେ ତୃତୀୟ ସ୍ଥାନରେ ରହିବ ଭାରତ ।

୨୫. ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ "ସୋଆ" (SOA) ବିଶ୍ୱବିଦ୍ୟାଳୟରେ ଚରିଜଣ ବୈଜ୍ଞାନିକ ସ୍ଥାନପାଇଛନ୍ତି ।

୨୬. କରୋନା ଟିକା ନେବା ବାଧ୍ୟତାମୂଳକ ନୁହେଁ। ଏହା ଲୋକଙ୍କ ଉପରେ ନିର୍ଭର କରେ ବୋଲି ସ୍ୱାସ୍ଥ୍ୟମନ୍ତ୍ରଣାଳୟ କହିଛି ।

୨୭. ଆଗାମୀ ଦୁଇବର୍ଷ ମଧ୍ୟରେ ଭାରତକୁ ସମ୍ପୂର୍ଣ୍ଣ ଟୋଲ ବୁଥ୍ ମୁକ୍ତ କରାଯିବ। ଆଧୁନିକ ଜି.ପି.ଏସ୍ ମାଧ୍ୟମରେ ଟୋଲ ସଂଗ୍ରହ କରାଯିବ।

୨୮. ୨୦୨୧ ମାର୍ଚ୍ଚ ମାସରେ ସ୍ପେକ୍ଟ୍ରମ୍ ନିଲାମ କରାଯିବ ।

୨୯. ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ବିଷୟ ପିଛା ୮୦ ନମ୍ବର ରହିବ। ସେଥିରୁ ୫୦ ନମ୍ବର ଅବ୍‌ଜେକ୍ଟିଭ ଏବଂ ୩୦ ମାର୍କ ସବ୍‌ଜେକ୍ଟିଭ ରହିବ ।

୩୦. ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (VNDP) ପକ୍ଷରୁ ୨୦୨୦ ବିଶ୍ୱର ମାନବ ବିକାଶ ସୂଚକାଙ୍କ ଏଚ୍.ଡ଼ି.ଆଇ ତାଲିକାରେ ଭାରତ ୧୩୧ ତମ ସ୍ଥାନରେ ରହିଛି ।

୩୧. ସର୍ବଭାରତୀୟ ଟ୍ରେଡ୍ ଆପ୍ରେଣ୍ଟିସ୍ ଟେଷ୍ଟର ଶ୍ରେଷ୍ଠ ଦଶଜଣ ତାଲିକାରେ ୬ଜଣ ଓଡ଼ିଆ ଛାତ୍ର ସ୍ଥାନପାଇଛନ୍ତି ।

୩୨. ଆସନ୍ତା ୧୬ରୁ ଦେଶରେ ଟିକାକରଣ ଆରମ୍ଭ କରାଯିବ ବୋଲି ମୋଦୀ ସରକାର ନିଷ୍ପତ୍ତି ନେଇଛନ୍ତି।

୩୩. ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (GDP) ଅଭିବୃଦ୍ଧି -୭.୭% ରହିବ ।

୩୪. ୧୮୦କୋଟି ଟଙ୍କା ବିନିମୟରେ ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆନ୍ତର୍ଜାତିକ ସ୍ତରର ବସ୍‌ଟର୍ମିନାଲରେ ପରିଣତ ହେବ ।

୩୫. କୃଷି କ୍ଷେତ୍ରରେ ରୋଜଗାର ସୃଷ୍ଟି କରିବାପାଇଁ ହୁଗୁଳି ଜିଲ୍ଲାର ସିଂଗୁର ଠାରେ ଏକ କୃଷି ଔଦ୍ୟୋଗିକ ପାର୍କ ସ୍ଥାପନ କରାଯିବ ।

୩୬. ଦେଶରେ ବିଦ୍ୟୁତ୍ ଉତ୍ପାଦନ କଂପାନୀ ଏନ୍.ଟି.ପି.ସି. ଲିମିଟେଡ୍‌କୁ କର୍ପୋରେଟ, ସାମାଜିକ ଉତ୍ତର ଦାୟିତ୍ୱ (CSR) ପାଇଁ ପ୍ରତିଷ୍ଠିତ ସି.ଆଇ.ଆଇ. ଆଇଟିସି ସଷ୍ଟେନେବ୍ଲ ପୁରସ୍କାର ୨୦୨୦ ଦିଆଯାଇଛି।

୩୭. ଚଳଚ୍ଚିତ୍ର ବିଭାଗ, ଫିଲିମ୍ ଫେଷ୍ଟିଭାଲ ନିର୍ଦ୍ଦେଶାଳୟ, ନ୍ୟାସନାଲ ଫିଲ୍ମସ୍ ଆରକାଇଭ୍‌ସ ଅଫ ଇଣ୍ଡିଆ, ଭାରତୀୟ ଶିଶୁ ଚଳଚ୍ଚିତ୍ର ସୋସାଇଟ ଏବଂ ରାଷ୍ଟ୍ରୀୟ ଚଳଚ୍ଚିତ୍ର ବିକାଶ ନିଗମର ମିଶ୍ରଣକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନକରିଛି ।

୩୮. ଗତ ୨୦୧୯ ଫେବୃଆରୀ ୨୬ରେ ଭାରତୀୟ ସେନାପକ୍ଷରୁ ବାଲାକୋଟ୍‌ରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ୩୦୦ ଆତଙ୍କୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସ୍ୱୀକାର କରିଛି।

୩୯. ସିଦ୍ଧିପେଟ୍ (ତେଲେଙ୍ଗାନା) ଜିଲ୍ଲାର ଦୁବାତାଣ୍ଡା ଗ୍ରାମରେ ସୋନୁ ସୁଦ୍ ଏକ ବାସ୍ତବିକ ହିରୋ ପାଇଁ ଏକ ମନ୍ଦିର ନିର୍ମାଣ କରିଛନ୍ତି ।

୪୦. ତ୍ରିପୁରା ସରକାର ରାଜ୍ୟ ପତ୍ରକାରଙ୍କ ପାଇଁ ୫ଲକ୍ଷ ଟଙ୍କା ମୂଲ୍ୟର (ବର୍ଷକୁ) ସ୍ୱାସ୍ଥ୍ୟ ବିମା ଯୋଗାଇଦେବେ ।



# ସାଧାରଣ ଜ୍ଞାନ



## (1) ABBREVIATION

1. ED - Enforcement Directorate
2. FEMA - Foreign Exchange Management Act
3. FIICC - Federation of Indo-Israel Chambers of Commerce
4. HWT - Hypersonic Wind Tunnel
5. ICC - International Cricket Council
6. IGF - International Golf Federation
7. KISCE - Khelo India State Centre of Excellence
8. PMLA - Prevention of Money Laundering Act
9. TCIT - Tata Community Initiatives Trust
10. TRIFED - Tribal Cooperative Marketing Development Federation of India

### (୨) ପୁସ୍ତକ ଓ ଲେଖକ

1. Dharma - Decoding the Epics for a meaning ful life - Amish Tripathy and Bhavna Roy
2. 40 years with Abdul Kalam - Untold Stories - Dr. A. Sivathany Pillai
3. I am no Messiah - Meena lyer
4. Your Best Day is Today - Anupam Kher
5. "Bye Bye Corona" -Dr. Pradip Kumar Srivastava

୬.ସବୁଠାରୁ ଦୀର୍ଘ ରାତି(ଗଳ୍ପ ସଂକଳନ) - ଚନ୍ଦ୍ରଶେଖର ରଥ
୭.ପାଟ ଦେଇ (ଗଳ୍ପ) - ବୀଣାପାଣି ମହାନ୍ତି
୮.ଆକାଶ ପରି ନିବିଡ଼(କବିତା) - ସୌରିନ୍ଦ୍ର ବାରିକ
୯.ହାସ୍ୟ ରସର ନାଟକ(ନାଟକ) - ଗୋପାଳ ଛୋଟରାୟ
୧୦.ମୋ କାହାଣୀ (ଆମର ଜୀବନୀ) - କୁଞ୍ଜ ବିହାରୀ ଦାଶ

### (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ରୋଡ୍ଡମ ନରସିମା | - ୮୭ ବର୍ଷ | - ପ୍ରସିଦ୍ଧ ମହାକାଶ ବିଜ୍ଞାନୀ |
| ୨. ମୋତିଲାଲ ଭୋରା | - ୯୩ ବର୍ଷ | - ବରିଷ୍ଠ କଂଗ୍ରେସ ନେତା |
| ୩. ମଦନ ଲାଲ ଶର୍ମା | - ୬୮ବର୍ଷ | -ବରିଷ୍ଠ କଂଗ୍ରେସ ନେତା ଓ ମନ୍ତ୍ରୀ |
| ୪. ସୁପତ କୁମାରୀ | - ୮୬ ବର୍ଷ | - ମାଲାୟାଲାମ୍ କବୟିତ୍ରୀ |
| ୫. ତୁଲ୍ ତୁଲ୍ ବରୁଆ | - ୮୮ ବର୍ଷ | - ବରିଷ୍ଠ ପତ୍ରକାର |

### (୪) ବିଭିନ୍ନ ଯୋଜନା ନାମ

୧. ପ୍ରଧାନମନ୍ତ୍ରୀ ଧନଜନ ଯୋଜନା - ୨୮.୦୮.୧୪ - ଅର୍ଥ ମନ୍ତ୍ରଣାଳୟ
୨. ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା- ୨୨.୦୧.୧୫ -ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
୩. ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା - ୦୮.୦୪.୧୫ -ଅର୍ଥ ମନ୍ତ୍ରଣାଳୟ
୪. ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା - ୦୯.୦୫.୧୫ - ଅର୍ଥ ମନ୍ତ୍ରଣାଳୟ
୫. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା - ୦୯.୦୫.୧୫ - ଅର୍ଥ ମନ୍ତ୍ରଣାଳୟ

### (୫) କେନ୍ଦ୍ରଶାସିତ ଅଞ୍ଚଳ / ରାଜ୍ୟ

୧. ରାଜ୍ୟର ନାମ - **ଛତିଶଗଡ**
୨. ରାଜ୍ୟପାଳ - ଅନସୂୟା ଉଇକେ
୩. ମୁଖ୍ୟମନ୍ତ୍ରୀ - ଭୁପେଶ ବାଘେଲା
୪. ଗଠନ - ୧ ନଭେମ୍ବର ୨୦୦୦
୫. କ୍ଷେତ୍ରଫଳ - ୧୩୫,୧୯୧ବର୍ଗ.କିମି
୬. ରାଜଧାନୀ - ରାୟପୁର
୭. ଲୋକସଭା ସଭ୍ୟ ସଂଖ୍ୟା - ୧୧ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୫
୯. ବିଧାନସଭା ସଭ୍ୟ ସଂଖ୍ୟା- ୯୦ ୧୦.ବିଧାନ ପରିଷଦ - ୦୦
୧୧. ମୁଖ୍ୟ ଭାଷା - ହିନ୍ଦୀ,ଛତିଶଗଡୀ
୧୨. ଜନସଂଖ୍ୟା ସମୁଦାୟ - ୨୫,୫୪୦,୧୯୬(୨୦୧୧)
ପୁରୁଷ - ୧୨,୮୨୭,୯୧୫, ମହିଳା - ୧୨,୭୧୨,୨୮୧
୧୩. ଜନସଂଖ୍ୟା ବୃଦ୍ଧିହାର - ୨୨.୫୯%
୧୪. ଜନସଂଖ୍ୟା ଘନତ୍ୱ - ୧୮୯ବର୍ଗ କି.ମି
୧୫. ଶିଶୁ ଲିଙ୍ଗ ଅନୁପାତ - ୯୬୪ ଝିଅ ୧୦୦୦ ପୁଅରେ
୧୬. ଲିଙ୍ଗ ଅନୁପାତ - ୯୯୧ ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୧.୦୪ %
ପୁରୁଷ - ୮୧.୪୫% ମହିଳା - ୬୦.୫୯%
୧୮. ଜିଲ୍ଲା - ୨୭ ୧୯. ଗ୍ରାମ - ୧୯,୭୪୪
୨୦.ସହର - ୯୭ ୨୧.ଜଙ୍ଗଲଜମି - ୫୯,୭୭୨ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ଚିତ୍ରକୁଟ, ସବାରି ମନ୍ଦିର, ନର ନାରାୟଣ ମନ୍ଦିର, ବିଷ୍ଣୁ ମନ୍ଦିର, ଜାନଗିରି, କେଶକଲ ଭ୍ୟାଲେ, କଙ୍ଗରଘଟ ଜାତୀୟ ପାର୍କ, କୈଳାସ କେଭ୍ସ, କୁତୁମବଜାର।

### (୬) ପୁରସ୍କାର

୧. ଇ.ଅଦାଲତ ସେବାପରି ଯୋଜନା - ଡିଜିଟାଲ ଇଣ୍ଡିଆ' ୨୦୨୦ ପୁରସ୍କାର ।
୨. ସ୍ୱପ୍ନା ପତି (ଅନ୍ତଃଧ୍ୱନି ଚଳଚ୍ଚିତ୍ର) - ଶ୍ରେଷ୍ଠ ଆନ୍ତର୍ଜାତୀୟ ଅଭିନେତ୍ରୀ
୩. ଏ.କେ.ବୀର (ଅନ୍ତଃଧ୍ୱନି ଚଳଚ୍ଚିତ୍ର) - ଶ୍ରେଷ୍ଠ ଏସୀୟ ନିର୍ଦ୍ଦେଶକ (ଢାକା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ)
୪. ଏମିନେଣ୍ଟ ଇଂଜିନିୟର ଆୱାର୍ଡ଼ , ୨୦୨୦ - ବିନୋଦ କୁମାର ଯାଦବ (ସି.ଇ.ଓ ଏବଂ ଚେୟାରମେନ୍ ରେଳମନ୍ତ୍ରଣାଳୟ)
୫. ହେମନ୍ତ କୁମାର ପାଣ୍ଡେ - ସାଇଣ୍ଟିଷ୍ଟ ଅଫ୍ ଦି ଇଅର୍ ଆୱାର୍ଡ଼ ,୨୦୨୦ ।

### (୭) ନିଯୁକ୍ତି

୧. ଶ୍ରୀରାଧାଶ୍ୟାମ ରଥ - ନୂଆ କାର୍ଯ୍ୟନିବାହୀ ନିର୍ଦ୍ଦେଶକ - ରିଜର୍ଭ ବ୍ୟାଙ୍କ୍
୨. ବିନୀତ୍ କୁମାର - ଅଧ୍ୟକ୍ଷ - ପାରାଦ୍ୱୀପ ପୋର୍ଟ
୩. ଉମେଶ ସିହ୍ନା - କେନ୍ଦ୍ର ଡ଼େପୁଟି ଇଲେକ୍ସନ କମିଶନର
୪. ସନୀତ ଶର୍ମା - ଚେୟାରମେନ୍ - ରେଳମନ୍ତ୍ରଳାୟ ବୋର୍ଡ଼
୫. ସୋମା ମଣ୍ଡଳ - ଚେୟାରମେନ୍ - ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ

### (୮) ଓଡ଼ିଶା

୧. ବୌଦ୍ଧପୀଠ ଲଳିତଗିରି କେଉଁଠାରେ ଅବସ୍ଥିତ ଅଟେ ?
(କ) ଯାଜପୁର (ଖ) କଟକ
(ଗ) କେନ୍ଦ୍ରାପଡ଼ା (ଘ) ଜଗତସିଂହପୁର

୨. କାଞ୍ଜିଆ ହ୍ରଦକୁ ଲାଗିଥିବା ଚିଡ଼ିଆଖାନାର ନାମ କ'ଣ ?
(କ) ଅଲିପୁର (ଖ) ନନ୍ଦନକାନନ
(ଗ) ବୋନ୍ଦଲା (ଘ) ଛତବିର

୩. ଓଡ଼ିଶାରେ ବର୍ତ୍ତମାନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷରୁ ପ୍ରକାଶିତ ୨୦୧୮ ରିପୋର୍ଟ ଅନୁସାରେ ଓଡ଼ିଶାରେ କେତୋଟି କଳରାପତରିଆ ବାଘ ଅଛନ୍ତି ?
(କ) ୨୦୦ ଟି (ଖ) ୭୬୦ ଟି
(ଗ) ୫୪୦ ଟି (ଘ) ୪୮୦ ଟି

୪. ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା କିଏ ଥିଲେ ?
(କ) ମୁକୁନ୍ଦଦେବ (ଖ) ପ୍ରତାପରୁଦ୍ର ଦେବ
(ଗ) କପିଳେନ୍ଦ୍ର ଦେବ (ଘ) ନରସିଂହ ଦେବ

୫. ଓଡ଼ିଶାକୁ ଇଂରେଜମାନେ କେବେ ଅଧିକାର କରିଥିଲେ ?
(କ) ୧୫୬୮ (ଖ) ୧୬୦୦
(ଗ) ୧୭୮୫ (ଘ) ୧୮୦୩

୬. ନୀଳମଣୀ ବିଦ୍ୟାରତ୍ନଙ୍କଦ୍ୱାରା ବାମଣ୍ଡାରୁ କେଉଁ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା ?
(କ) ସମ୍ବଲପୁର ହିତୈଷିଣୀ (ଖ) ସମ୍ବାଦବାହିକା
(ଗ) ବୋଧଦାୟିନୀ (ଘ) ଉତ୍କଳ ଦୀପିକା

୭. କତା ଶିଳ୍ପ ପାଇଁ କେଉଁ ସ୍ଥାନ ପ୍ରସିଦ୍ଧ ଅଟେ ?
(କ) ସାକ୍ଷୀଗୋପାଳ (ଖ)ପିପିଲି
(ଗ) ଘଟଗାଁ (ଘ) ଜଗସିଂହପୁର

୮. ରାଜ୍ୟର ପ୍ରଥମ ମହିଳା ବାରିଷ୍ଟର କିଏ ?
(କ) ଉର୍ମିଳା ରାୟ (ଖ) ସରସ୍ୱତୀ ରାୟ
(ଗ) ସାବିତ୍ରୀ ରଥ (ଘ) ସଂଯୁକ୍ତା ପଣ୍ଡା

୯. ମାଲକାନଗିରି ସ୍ୱତନ୍ତ୍ର ଜିଲ୍ଲା ହେବା ଆଗରୁ କେଉଁ ଜିଲ୍ଲାରେ ଥିଲା ?
(କ) କଟକ (ଖ) କୋରାପୁଟ
(ଗ) ରାୟଗଡ଼ା (ଘ) କଳାହାଣ୍ଡି

୧୦. ରାଜ୍ୟର ଘରୋଇ ଲ୍ୟାବ୍‌ରେ କରୋନା ଚିହ୍ନଟ ପାଇଁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟର ମୂଲ୍ୟ ରାଜ୍ୟ ସରକାର କେତେ ସ୍ଥିର କରିଛନ୍ତି ?
(କ) ୫୦ ଟଙ୍କା (ଖ) ୩୦ ଟଙ୍କା
(ଗ) ୧୦୦ ଟଙ୍କା (ଘ) ୨୦୦ ଟଙ୍କା

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଗୋଟିଏ ଧାଡ଼ିର ଡାହାଣପଟ ଶେଷରୁ ନବମ ସ୍ଥାନରେ ରାମ ଏବଂ ବାମପଟର ଶେଷରୁ ଦଶମ ସ୍ଥାନରେ ହରି ଅଛି । ଯଦି ଉଭୟ ନିଜ ଭିତରେ ତାଙ୍କର ସ୍ଥାନ ପରିବର୍ତ୍ତନ କରିବେ ତେବେ ରାମ ଡାହାଣ ପଟରୁ ୧୭ ତମ ସ୍ଥାନ ଏବଂ ହରି ବାମପଟରୁ ୧୮ତମ ସ୍ଥାନରେ ରହିବେ । ତେବେ ସେ ଧାଡ଼ିରେ କେତୋଟି ପିଲା ଥିଲେ ?
(କ) ୨୪ (ଖ) ୨୫ (ଗ) ୨୬ (ଘ) ୨୭

୨. ପ୍ରଶ୍ନବାଚକ ଚିହ୍ନଟି କ'ଣ ?
ନ୍ୟାୟାଳୟ : ନ୍ୟାୟ :: ବିଦ୍ୟାଳୟ : ??
(କ) ଶିକ୍ଷା (ଖ) ଅଜ୍ଞତା (ଗ) ଛାତ୍ର (ଘ) ଶିକ୍ଷକ


୩. ସୁଧୀର ଆନନ୍ଦକୁ କହିଲା - ଗତକାଲି ମୁଁ ମୋର ଜେଜେମା'ଙ୍କର ଝିଅର ଏକମାତ୍ର ଭାଇଙ୍କୁ ଏକ ଖେଳରେ ହରାଇଦେଲି । ସଂପର୍କରେ ସେ ଲୋକଟିର ସୁଧୀର ସହ ସଂପର୍କ କ'ଣ ?
(କ) ଶଶୁର (ଖ) ମାମୁଁ (ଗ) ବାପା (ଘ) ପୁଅ

୪. ନିମ୍ନଲିଖିତ ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଟି ଭିନ୍ନ ଅଟେ ?
୬, ୭, ୯, ୧୨....
(କ) ୬ (ଖ) ୭ (ଗ) ୯ (ଘ) ୧୨

୫. ଉକ୍ତ ମେଟ୍ରିକ୍ସରେ ପ୍ରଶ୍ନବାଚକ ଚିହ୍ନଟିର ସଂଖ୍ୟା କେତେ ?
(କ) ୨୫ (ଖ) ୨୭ (ଗ) ୩୨ (ଘ) ୩୭

| | | |
|---|---|---|
| ୫୧ | ୧୧ | ୬୧ |
| ୬୪ | ୩୦ | ୩୭ |
| ୩୫ | ? | ୪୩ |

୬. ଗୋଟିଏ ଘଣ୍ଟାକୁ ଏପରି ସ୍ଥାନରେ ରଖାଯାଇଛି ଯେ, ମଧ୍ୟାହ୍ନରେ ଏହାର ମିନିଟ୍ କଣ୍ଟା ଉତ୍ତର ପୂର୍ବ ଦିଗକୁ ଅଛି । ତେବେ ଦିନ ୧ ଘଣ୍ଟା ୩୦ ମିନିଟ୍‌ରେ ଘଣ୍ଟା କଣ୍ଟା କେଉଁ ଦିଗକୁ ରହିଥିବ ?
(କ) ଉତ୍ତର (ଖ) ଦକ୍ଷିଣ (ଗ) ପୂର୍ବ (ଘ) ପଶ୍ଚିମ

୭. କେଉଁ ଭେନ୍ ଡାଇଗ୍ରାମ ଝରକା, ରୁମ୍ ଏବଂ କାନ୍ଥକୁ ବୁଝାଉଛି ?
(କ)  (ଖ)  (ଗ)  (ଘ) 

୮. ପ୍ରଶ୍ନବାଚକ ଚିହ୍ନଟି କେତେ ?
୧, ୩, ୪, ୮, ୧୫, ୨୭, ???
(କ) ୩୫ (ଖ) ୪୦ (ଗ) ୪୫ (ଘ) ୫୦

୯. ନିମ୍ନଲିଖିତ ସିରିଜ୍‌ରେ କେଉଁଟି ଭୁଲ୍ ଅଟେ ?
୧, ୫, ୯, ୧୬, ୨୫, ୩୭, ୪୯
(କ) ୩୭ (ଖ) ୨୫ (ଗ) ୧୫ (ଘ) ୯

୧୦. ଅର୍ଥପୂର୍ଣ୍ଣ ଭାବ କ୍ରମାନୁସାରେ ଚିହ୍ନଟ କର ?
(୧)ଜିଲ୍ଲା,(୨)ଗ୍ରାମ,(୩)ରାଜ୍ୟ,(୪)ସହର,(୫)ପଞ୍ଚାୟତ ସମିତି
(କ)୨,୪,୧,୫,୩ (ଖ) ୨,୧,୪,୫,୩
(ଗ) ୫,୩,୨,୧,୪ (ଘ) ୨,୫,୪,୧,୩

**ଉତ୍ତର**

**୧.(କ) ଯାଜପୁର, ୨.(ଖ) ନନ୍ଦନକାନନ,୩.(ଖ) ୭୬୦ ଟି,୪.(କ) ମୁକୁନ୍ଦଦେବ, ୫.(ଘ)୧୮୦୩, ୬. (କ)ସମ୍ବଲପୁରହିତୈଷିଣୀ, ୭.(କ)ସାକ୍ଷୀଗୋପାଳ, ୮.(କ) ଉର୍ମିଳା ରାୟ ,୯.(ଖ) କୋରାପୁଟ, ୧୦.(ଗ) ୧୦୦ ଟଙ୍କା ।**

୧.(ଗ)୨୬,୨.(କ)ଶିକ୍ଷା,୩.(ଗ)ବାପା,୪.(ଖ)୭,୫.(ଖ)୨୭, ୬.(ଗ)ପୂର୍ବ, ୭.(ଖ) ,୮.(ଘ)୫୦,୯.(ଗ)୧୫,୧୦.(ଘ)୨,୫,୪,୧,୩।

ମନୁଷ୍ୟ ଯାହା କରୁଛି ସବୁ ଇଶ୍ୱରଙ୍କ ଉଦ୍ଦେଶ୍ୟରେ କରିବା ଦରକାର ।
ତାହାହେଲେ ଇନ୍ଦ୍ରିୟଗଣ ଆକର୍ଷଣ ମୋହରେ ପଡ଼ି କରୁଥିବା ନାନା ଅପକର୍ମ ନିୟନ୍ତ୍ରିତ ହୋଇଯିବ ।

## (୧୦) ଇତିହାସ

୧. ଖ୍ରୀଷ୍ଟିଆନ ଅବ୍ଦ କେବେ ଆରମ୍ଭ ହୋଇଥିଲା ?

(କ) ୦ ଖ୍ରୀ.ଅ (ଖ) ୧ ଖ୍ରୀ.ଅ

(ଗ) ୫୮ ଖ୍ରୀ.ଅ (ଘ) ୭୮ ଖ୍ରୀ.ଅ

୨. କାହାକୁ ଛତ୍ରପତି ଶିବାଜୀ ଅନୁସରଣ କରୁଥିଲେ ?

(କ) ରାମଦାସ (ଖ) କବୀର

(ଗ) ରାମାନୁଜ (ଘ) ରାମାନନ୍ଦ

୩. ହରପ୍ପା କେଉଁ ନଦୀକୂଳରେ ଅବସ୍ଥିତ ଥିଲା ?

(କ) ବୀର୍ (ଖ) ରାବି

(ଗ) ସତଲେଜ (ଘ) ଯମୁନା

୪. ଆଲେକଜାଣ୍ଡରଙ୍କର ମୃତ୍ୟୁ କେଉଁଠାରେ ହୋଇଥିଲା ?

(କ) ଅବନ୍ତୀ (ଖ) ବେବିଲୋନ

(ଗ) ରାଜଗ୍ରୀହ (ଘ) ତକ୍ଷଶିଳା

୫. ବିରବଲ୍ କେଉଁ ସମ୍ରାଟଙ୍କ ସଭା ମଣ୍ଡନ କରିଥିଲେ ?

(କ) ଆକବର (ଖ) ବାବର

(ଗ) ଶାହାଜାହାନ (ଘ) ହୁମାୟୁନ

୬. ପଞ୍ଚତନ୍ତ୍ର ଲେଖକ କିଏ ?

(କ) କାଳିଦାସ (ଖ) ବିଶ୍ୱାମିତ୍ର

(ଗ) ବିଷ୍ଣୁଶର୍ମା (ଘ) ବିଶ୍ୱକର୍ମା

୭. ଗୁପ୍ତ ରାଜବଂଶର ପ୍ରତିଷ୍ଠାତା କିଏ ?

(କ) କୁମାରଗୁପ୍ତ (ଖ) ଶ୍ରୀଗୁପ୍ତ

(ଗ) ଚନ୍ଦ୍ରଗୁପ୍ତ - ୧ (ଘ) ଚନ୍ଦ୍ରଗୁପ୍ତ - ୨

୮. ପ୍ରସିଦ୍ଧ ବୁଦ୍ଧ ଦର୍ଶନବିତ୍ କିଏ ?

(କ) ଅଶ୍ୱଘୋଷ (ଖ) ପ୍ରସବ

(ଗ) ନାଗାର୍ଜୁନ (ଘ) ବସୁମିତ୍ର

୯. ଅଶ୍ୱଘୋଷ କ'ଣ ରଚନା କରିଥିଲେ ?

(କ) ତ୍ରିପିଟକ (ଖ) ମାଧମିକ ସୂତ୍ର

(ଗ) ମହାବିଭାଷ (ଘ) ବୁଦ୍ଧଚରିତ

୧୦ କାହାକୁ ଭାରତର ସେକ୍ସପିଅର ଆଖ୍ୟା ଦିଆଯାଇଛି ?

(କ) କାଳୀଦାସ (ଖ) ଧନ୍ୱନ୍ତରୀ

(ଗ) ଭାବଭୂତି (ଘ) ଜୟଦେବ

## (୧୧) ବାଣିଜ୍ୟ

୧. କେଉଁ ତାରିଖଠାରୁ ସବୁ ଚରିଚକିଆ ଗାଡ଼ିପାଇଁ ଫାସ୍‌ଟାଗ୍ ବାଧ୍ୟତାମୂଳକ ହୋଇଛି ?

(କ) ୧ ଜାନୁଆରୀ, ୨୧ (ଖ)୧ ଫେବୃଆରୀ,୨୧

(ଗ) ୧ ମାର୍ଚ୍ଚ, ୨୧ (ଘ) ୧ ଅପ୍ରେଲ, ୨୧

୨. ଆମାଜନ୍ ଡଟ୍ ଇନ୍‌ରେ ୨୦୧୯ ବର୍ଷ କୋଟିପତି ବିକ୍ରେତାଙ୍କ ସଂଖ୍ୟାରେ କେତେ ପ୍ରତିଶତ ବୃଦ୍ଧି କରାଯାଇଛି ?

(କ) ୧୨% (ଖ) ୨୯% (ଗ) ୨୫% (ଘ) ୫୦%

୩. ଯେଉଁ ସଂସ୍ଥାଗୁଡ଼ିକର ମାସିକ କାରବାର ପରିମାଣ ୫୦ ଲକ୍ଷ ଟଙ୍କାରୁ ଅଧିକ, ସେମାନଙ୍କୁ ଅତି କମ୍‌ରେ କେତେ ପ୍ରତିଶତ ନଗଦ ରାଶିରେ ପଇଠ କରିବାକୁ କୁହାଯାଇଛି ?

(କ) ୨% (ଖ) ୩% (ଗ) ୧% (ଘ) ୫%

୪. ଆଇଫୋନ୍ ନିର୍ମାଣ କରୁଥିବା ଆମେରିକୀୟ ସଂସ୍ଥା "ଆପଲ୍" କେଉଁ ମସିହାରେ ଇଲେକ୍ଟ୍ରିକ କାର ଉତ୍ପାଦନ କରିବାକୁ ଯୋଜନା କରିଛି ?

(କ) ୨୦୨୪ (ଖ) ୨୦୩୦

(ଗ) ୨୦୨୧ (ଘ) ୨୦୩୨

୫. କେଉଁ ମସିହାରେ ପଞ୍ଚମ ପିଢ଼ି (୫ ଜି) ମୋବାଇଲ୍ ଫୋନ୍ ସେବା ରିଲାଏନ୍ସ ଜିଓ ଇନଫୋକସ୍ ଆରମ୍ଭ କରିବାକୁ ଯାଉଛି ?

(କ) ୨୦୩୫ (ଖ) ୨୦୩୦

(ଗ) ୨୦୨୧ (ଘ)୨୦୨୫

୬. ରିଜର୍ଭ ବ୍ୟାଙ୍କ କେଉଁ ଲୋନ୍ "ଆପ୍" କୁ ନେଇ ସତର୍କତା ଜାରିକରିଛି ?

(କ) ଇନଷ୍ଟାଣ୍ଟ ଲୋନ୍ ଆପ୍ (ଖ)ଇନଷ୍ଟାଣ୍ଟ ବ୍ୟାଙ୍କ ଆପ୍

(ଗ) ମାଇଁ ଲୋନ୍ ଆପ୍ (ଘ) କୌଣସିଟି ନୁହେଁ

୭. ଓଲା ବିଶ୍ୱର ସବୁଠାରୁ ବଡ଼ ସ୍କୁଟର ଫାକ୍ଟରୀ କରିବାପାଇଁ କେଉଁ ସରକାରଙ୍କ ସହିତ ଚୁକ୍ତିବଦ୍ଧ ହୋଇଛି ?

(କ) କେରଳ (ଖ) ତାମିଲନାଡୁ

(ଗ) ତେଲେଙ୍ଗାନା (ଘ) ଆନ୍ଧ୍ରପ୍ରଦେଶ

୮. ପୋଷ୍ଟ ଅଫିସ୍ ସେଭିଂଗସ୍ ଜମା ଖାତାରେ ସର୍ବନିମ୍ନ କେତେଟଙ୍କା ଜମା ରଖିବା ବାଧ୍ୟତାମୂଳକ ?

(କ) ଟ. ୧୦୦୦ (ଖ) ଟ.୨୦୦୦

(ଗ) ଟ. ୫୦୦ (ଘ) ଟ. ୨୦୦

୯. ଓ୍ୱାନ୍ ନେସନ୍ ଓ୍ୱାନ୍ କାର୍ଡ଼ ଜରିଆରେ ପୂର୍ବରୁ କଣ୍ଟାକ୍ଟଲେସ୍ ଡ଼େବିଟ୍/କ୍ରେଡ଼ିଟ୍‌କାର୍ଡ଼ ପେମେଣ୍ଟ ସୀମା ଟ.୨୦୦୦ ରୁ କେତେ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?

(କ) ଟ.୩୦୦୦ (ଖ) ଟ.୪୦୦୦

(ଗ) ଟ.୫୦୦୦ (ଘ) ଟ.୧୦,୦୦୦

୧୦. ଏବେ କିଣା ପାଣି ତିଆରି କରୁଥିବା କଂପାନୀ ଏକଲିଟର ପାଣି ବୋତଲରେ କେତେ ମିଲିଗ୍ରାମଗ କ୍ୟାଲସିୟମ୍ ଓ ୧୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ୍ ମିଶାଇବେ ?

(କ) ୧୦ ମି.ଗ୍ରା. (ଖ) ୨୦ ମି.ଗ୍ରା.

(ଗ) ୩୦ ମି.ଗ୍ରା (ଘ) ୩୫ ମି.ଗ୍ରା

**ଉତ୍ତର**

୧.(ଖ)୧ଖ୍ରୀ.ଅ, ୨.(କ)ରାମଦାସ,୩.(ଖ)ରାବି,୪.(ଖ)ବେବିଲୋନ, ୫.(କ)ଆକବର, ୬.(ଗ)ବିଷ୍ଣୁଶର୍ମା,୭.,(ଖ)ଶ୍ରୀଗୁପ୍ତ, ୮.(ଗ) ନାଗାର୍ଜୁନ, 9.(N)aêPeŹ,10.(K)Kûkbû ।

୧.(କ)୧ ଜାନୁଆରୀ,୨୧, ୨.(ଖ)୨୯%, ୩.(ଗ)୧%, ୪.(କ)୨୦୨୪, ୫.(ଗ)୨୦୨୧, ୬.(କ)ଇନଷ୍ଟାଣ୍ଟ ଲୋନ୍ ଆପ୍, ୭.(ଖ)ତାମିଲନାଡୁ,୮.(ଗ)ଟ.୫୦୦, ୯.(ଗ)ଟ.୫୦୦୦, ୧୦.(ଖ)୨୦ ମି.ଗ୍ରା. ।

## (୧୨) ଅର୍ଥନୀତି

୧. ଆଗାମୀ ତିନିମାସ ଧରି ଇକ୍ୟୁଇଟି ଓ ଡ଼େଟ୍‌ଦ୍ୱାରା ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ କେତେ ହଜାର କୋଟି ଟଙ୍କାର ପୁଂଜି ସଂଗ୍ରହ କରିବେ ?

(କ) ୨୦ ହଜାର (ଖ) ୨୫ ହଜାର
(ଗ) ୩୦ ହଜାର (ଘ) ୪୦ ହଜାର

୨. କେନ୍ଦ୍ର ସରକାର ପେନ୍‌ସନ୍ ଭୋଗୀମାନଙ୍କୁ ଲାଇଭ୍ ସାର୍ଟିଫିକେଟ୍ ପ୍ରଦାନ କରିବାପାଇଁ ସମୟସୀମା କେତେ ରଖିଛନ୍ତି ?

(କ) ଜାନୁଆରୀ ୨୮, ୨୦୨୧ (ଖ) ଫେବୃଆରୀ ୨୮, ୨୦୨୧
(ଗ) ମାର୍ଚ୍ଚ ୨୮, ୨୦୨୧ (ଘ) ଅପ୍ରେଲ ୧, ୨୦୨୧

୩. ଭାରତୀୟ ରିଜର୍ଭ ବ୍ୟାଙ୍କ ନୂଆବର୍ଷରେ କଣ୍ଟାକ୍ଟଲେସ୍ - କ୍ରେଡ଼ିଟ୍‌କାର୍ଡ଼ ଏବଂ ବିନା ପିନ୍‌ରେ ଇଉ.ପି.ଆଇ ନେଣଦେଣ ସୀମାକୁ ୨୦୦୦ ରୁ କେତେଟଙ୍କାକୁ ବୃଦ୍ଧି କରିଛନ୍ତି ?

(କ) ୫୦୦୦ ଟଙ୍କା (ଖ) ୧୫,୦୦୦ ଟଙ୍କା
(ଗ) ୪୦୦୦ ଟଙ୍କା (ଘ) ୨୦୦୦ ଟଙ୍କା

୪. ଆର୍ଥିକ ବର୍ଷ ୨୦୧୯ - ୨୦ ଲାଗି କର୍ମଚାରୀମାନଙ୍କ ପ୍ରୋଭିଡ଼େଣ୍ଟ ପଣ୍ଡରେ ଡିସେମ୍ବର ସୁଦ୍ଧା କେତେ ପ୍ରତିଶତ ସୁଧ ସ୍ଥିର କରାଯିବ ?

(କ) ୯.୧% (ଖ) ୮.୫% (ଗ) ୭.୫% (ଘ) ୮.୦%

୫. ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫିତି ୯ ମାସରେ (ନଭେମ୍ବର ମାସରେ) କେତେ ପ୍ରତିଶତକୁ ଛୁଇଁଛି ?

(କ) ୨.୧% (ଖ) ୧.୭% (ଗ) ୧.୫୫% (ଘ) ୨.୨୬%

୬. କେଉଁଠାରେ ରିଜର୍ଭ ବ୍ୟାଙ୍କ୍ ଏକ ସ୍ୱୟଂକ୍ରିୟ ବ୍ୟାଙ୍କ ନୋଟ୍ ପ୍ରୋସେସିଂ ସେଣ୍ଟର ସ୍ଥାପନ କରିବାକୁ ସ୍ଥିରକରିଛି ?

(କ) କଟକ (ଖ) ଜୟପୁର
(ଗ) ଇନ୍ଦୋର (ଘ) କାଶ୍ମୀର

୭. ସାରାଦେଶରେ ରିଜର୍ଭ ବ୍ୟାଙ୍କର ନୋଟ ପ୍ରିଣ୍ଟିଂ ପ୍ରେସ୍ କେତୋଟି ଅଛି ?

(କ) ୪ଟି (ଖ) ୨ଟି (ଗ) ୫ଟି (ଘ) ୭ଟି

୮. ଦେଶରେ ଖୁଚୁରା ମୁଦ୍ରାସ୍ଫିତି ନଭେମ୍ବର ମାସରେ କେତେ ସ୍ତରକୁ ଖସିଛି ?

(କ) ୫.୫ (ଖ) ୬.୯୩ (ଗ) ୬.୩ (ଘ) ୭.୨

୯.କେବେଠାରୁ ରିଅଲ୍ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ (RTGS) ସେବା ୨୪ ଘଣ୍ଟିଆ ହୋଇଯାଇଛି ?

(କ) ଡିସେମ୍ବର ୧୪ ରୁ (ଖ) ନଭେମ୍ବର ୨୮ ରୁ
(ଗ) ଅକ୍ଟୋବର ୧୦ ରୁ (ଘ) ଅଗଷ୍ଟ ୯ ରୁ

୧୦. ସାମଗ୍ରୀ ଓ ସେବା ଟିକସ (GST) ବ୍ୟବସ୍ଥାରେ ୬ ମାସରୁ ଉର୍ଦ୍ଧ୍ୱ ସମୟଧରି ରିଟର୍ଣ୍ଣ ଫାଇଲ ଦାଖଲ କରିନଥିବା କେତେଲକ୍ଷ ସଂସ୍ଥା ପଂଜିକରଣ ହରାଇଛନ୍ତି ?

(କ) ୧.୭ (ଖ) ୧.୬ (ଗ) ୨.୧ (ଘ) ୩.୨

## (୧୩) କ୍ରୀଡ଼ା

୧. ଆଇ.ସି.ସି. ଦ୍ୱାରା ଏବେ ଘୋଷିତ ହୋଇଥିବା ଦଶକର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର କିଏ ଜିତିଛନ୍ତି ?

(କ) ମହେନ୍ଦ୍ର ସିଂହ ଧୋନୀ (ଖ) ବିରାଟ କୋହଲୀ
(ଗ) ଷ୍ଟିଭେନ୍ ସ୍ମିଥ୍ (ଘ) ରୋହିତ ଶର୍ମା

୨. ଆଇ.ସି.ସି. ଦ୍ୱାରା ଦଶକର ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଏଲିସ୍ ପେରୀ କେଉଁ ଦେଶର ଖେଳାଳି ?

(କ) ଅଷ୍ଟ୍ରେଲିଆ (ଖ) ନ୍ୟୁଜିଲାଣ୍ଡ (ଗ)ଇଂଲାଣ୍ଡ (ଘ) ଦକ୍ଷିଣ ଆଫ୍ରିକା

୩. ଆଇ.ସି.ସି. ଦ୍ୱାରା ଦଶକର ଶ୍ରେଷ୍ଠ ଟି-ଟ୍ୱେଣ୍ଟି କ୍ରକେଟର ବିବେଚିତ ହୋଇଥିବା ତାରକାଙ୍କ ନାମ କଣ ?

(କ) ବିରାଟ କୋହଲୀ (ଖ) ଶକିବ ଉଲ୍ ହସନ୍
(ଗ) କ୍ରିସ୍ ଗେଲ୍ (ଘ) ରଶିଦ୍ ଖାନ୍

୪. ଆଇ.ସି.ସି. ଦ୍ୱାରା ଗତ ଦଶକର ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର କାହାଙ୍କୁ ମିଳିଛି ?

(କ) ଜୋ ରୁଟ୍ (ଖ) ମହେନ୍ଦ୍ର ସିଂହ ଧୋନୀ
(ଗ) ଏ.ବି. ଡିଭିଲିୟର୍ସ (ଘ) ଆଫଗାନିସ୍ତାନ୍ କ୍ରିକେଟ୍ ଟିମ୍

୫. ଫିଫା ଦ୍ୱାରା ପ୍ରଦାନ କରାଯାଉଥିବା ୨୦୨୦ର ଶ୍ରେଷ୍ଠ ଫୁଟବଲ ତାରକା ପୁରସ୍କାର କିଏ ଜିତିଛନ୍ତି ?

(କ) ଲିଓନେଲ୍ ମେସି (ଖ) କ୍ରିଷ୍ଟିଆନୋ ରୋନାଲଡ଼ୋ
(ଗ) ରବର୍ଟ ଲେୱାଣ୍ଡୋସ୍କି (ଘ) ଲୁକା ମୋଡରିଚ୍

୬. ଫିଫା ଦ୍ୱାରା ୨୦୨୦ର ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର ପାଇଁ କିଏ ଯୋଗ୍ୟ ବିବେଚିତ ହୋଇଛନ୍ତି ?

(କ) ୟର୍ଗେନ୍ କ୍ଲୋପ୍ (ଖ) ୟୋଆକ୍ୱିମ୍ ଲୋ
(ଗ) ପେପ୍ ଗ୍ୱାଡିଓଲା (ଘ) ଲୁଇ ଏନ୍‌ରିକେ

୭. ଫିଫା ଦ୍ୱାରା ୨୦୨୦ର ଶ୍ରେଷ୍ଠ ମହିଳା ଫୁଟବଲର ବିବେଚିତ ହୋଇଥିବା ତାରକାଙ୍କ ନାମ କଣ ?

(କ) ସାରିନା ଉଇଗ୍‌ମ୍ୟାନ୍ (ଖ) ଲୁସି ବ୍ରୋଞ୍ଜ୍
(ଗ) ମେଗାନ୍ ରାପିନୋଏ (ଘ) ମିଲ୍ଲି ବ୍ରାଇଟ୍

୮. ଭାରତର ୬୬ତମ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଥିବା ଆକାଶ ଗଣେଶନ୍ କେଉଁ ରାଜ୍ୟର ବାସିନ୍ଦା ?

(କ) ତେଲେଙ୍ଗାନା (ଖ) କର୍ଣ୍ଣାଟକ (ଗ) କେରଳ (ଘ) ତାମିଲନାଡୁ

୯. ନିକଟରେ ଭାରତର ୬୭ତମ ଚେସ୍ ଗ୍ରାଣ୍ଡମାଷ୍ଟର୍ ହୋଇଥିବା ଲିଓନ୍ ମେଣ୍ଡୋଙ୍କା କେଉଁ ରାଜ୍ୟର ବାସିନ୍ଦା ?

(କ) କେରଳ (ଖ) ମେଘାଳୟ (ଗ) ଗୋଆ (ଘ) ମିଜୋରାମ

୧୦) ଗତ ୩୧ ତାରଖରେ ମୃତ୍ୟୁବରଣ କରିଥିବା ପ୍ରସିଦ୍ଧ ହକି ତାରକା ମାଇକେଲ କିଣ୍ଡୋ କେଉଁ ଅଲିମ୍ପିକ୍‌ରେ ବ୍ରୋଞ୍ଜପଦକ ଜିତିଥିଲେ ?

(କ) ୧୯୬୮ (ଖ) ୧୯୭୨ (ଗ) ୧୯୭୬ (ଘ) ୧୯୮୦

**ଉତ୍ତର**

୧.(ଖ)୨୫ ହଜାର,୨.(ଖ) ଫେବୃଆରୀ ୨୮, ୨୦୨୧,୩.(କ) ୫୦୦୦ ଟଙ୍କା ,୪.(ଖ)୮.୫%,୫.(ଗ)୧.୫୫%,୬.(ଗ) ଇନ୍ଦୋର,୭.(କ)୪ଟି,୮.(ଖ)୬.୯୩,୯.(କ)ଡିସେମ୍ବର ୧୪ ରୁ,୧୦.(ଖ)୧.୬।

୧.(ଖ) ବିରାଟ କୋହଲୀ, ୨.ଅଷ୍ଟ୍ରେଲିଆ, ୩. (ଘ) ରଶିଦ୍ ଖାନ୍, ୪.(ଖ) ମହେନ୍ଦ୍ର ସିଂହ ଧୋନୀ, ୫.(ଗ) ରବର୍ଟ ଲେୱାଣ୍ଡୋସ୍କି, ୬.(କ) ୟର୍ଗେନ୍ କ୍ଲୋପ୍, ୭.(ଖ) ଲୁସି ବ୍ରୋଞ୍ଜ୍ ୮. (ଘ) ତାମିଲନାଡୁ, ୯.(ଗ) ଗୋଆ, ୧୦.(ଖ) ୧୯୭୨।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ହିନ୍ଦୀ ଭାଷାରେ ରଚିତ ଉର୍ବଶୀ, କୁରୁକ୍ଷେତ୍ର, ରଶ୍ମିରଥୀ ଆଦି କାବ୍ୟ ଗ୍ରନ୍ଥର ରଚୟିତା କିଏ ?

(କ) ମୈଥିଳୀଶରଣ ଗୁପ୍ତ (ଖ) ଜୟଶଙ୍କର ପ୍ରସାଦ

(ଗ) ସୁମିତ୍ରାନନ୍ଦନ ପନ୍ତ (ଘ) ରାମଧାରୀ ସିଂହ ଦିନକର

୨. ଇଲିୟାଡ୍ ଏବଂ ଓଡ଼େସୀ କେଉଁ ଭାଷାରେ ରଚିତ ଦୁଇଟି ବିଶ୍ୱପ୍ରସିଦ୍ଧ ମହାକାବ୍ୟ ?

(କ) ଲାଟିନ୍ (ଖ) ଇଂଲିଶ୍ (ଗ) ଗ୍ରୀକ୍ (ଘ) ରସିଆନ୍

୩. ବିଶ୍ୱପ୍ରସିଦ୍ଧ ଭାଷାବିଦ୍ ତଥା ବିଦ୍ୱାନ ମାକ୍ସ ମୁଲାର୍ କେଉଁ ଦେଶର ବ୍ୟକ୍ତି ଥିଲେ ?

(କ) ଇଟାଲୀ (ଖ) ବ୍ରିଟେନ (ଗ) ଜର୍ମାନୀ (ଘ) ଫ୍ରାନ୍ସ

୪. କେଉଁ ମହାନ ବ୍ୟକ୍ତିଙ୍କ ଜନ୍ମ ଦିବସକୁ ଆମ ଦେଶରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ ?

(କ) ଭଗତ ସିଂହ (ଖ) ସ୍ୱାମୀ ବିବେକାନନ୍ଦ

(ଗ) ଶ୍ରୀ ଅରବିନ୍ଦ (ଘ) ରମଣ ମହର୍ଷି

୫. ଭାରତ ରତ୍ନ ସମ୍ମାନ ଲାଭ କରିଥିବା ସଂଗୀତଜ୍ଞ ପଣ୍ଡିତ ରବିଶଙ୍କର ମୁଖ୍ୟତଃ କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧ ଥିଲେ ?

(କ) ସିତାର (ଖ) ବୀଣା (ଗ) ସରୋଦ୍ (ଘ) ବେହେଲା

୬. ଚୀନ୍ ଦେଶରେ ପ୍ରଚଳିତ ତାଓ ଧର୍ମକୁ କିଏ ପ୍ରତିଷ୍ଠା କରିଥିଲେ ?

(କ) ହୁଏନ୍ ସାଙ୍ଗ (ଖ) କନ୍‌ଫୁସିୟସ୍

(ଗ) ଲାଓତ୍ ସେ (ଘ) କୁଓ ତାଓ

୭. ଦକ୍ଷିଣ ଭାରତର ପ୍ରସିଦ୍ଧ ବୃହଦେଶ୍ୱର ମନ୍ଦିର ତାମିଲନାଡୁ ରାଜ୍ୟର କେଉଁଠାରେ ଅବସ୍ଥିତ ?

(କ) ମଦୁରାଇ (ଖ) ତାଞ୍ଜାବୁର

(ଗ) ରାମେଶ୍ୱରମ୍ (ଘ) ତିରୁଚିରାପଲ୍ଲୀ

୮. ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର, ସିଦ୍ଧେଶ୍ୱର, ଭାସ୍କରେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?

(କ) ଖାଜୁରାହୋ (ଖ) ତିରୁଅନନ୍ତପୁରମ

(ଗ) ମହୀଶୂର (ଘ) ଭୁବନେଶ୍ୱର

୯. ଆର୍ଯ୍ୟ ସମାଜର ପ୍ରତିଷ୍ଠାତା କିଏ ?

(କ) ରାଜା ରାମମୋହନ ରାୟ (ଖ) କେଶବ ଚନ୍ଦ୍ର ସେନ

(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଘ) ମହାଦେବ ଗୋବିନ୍ଦ ରାନାଡେ

୧୦) ମକର ସଂକ୍ରାନ୍ତି ଅବସରରେ ପଞ୍ଜାବରେ କେଉଁ ପର୍ବ ପାଳନ କରାଯାଏ ?

(କ) ଲୋହଡ଼ି (ଖ) ଓଣମ୍ (ଗ) ପୋଙ୍ଗଲ୍ (ଘ) ବିହୁ

## (୧୫) ଭୂଗୋଳ

୧. ହିମାଳୟ ପର୍ବତମାଳାର ୨୫୮୦ ମିଟରରୁ ୩୬୦୦ ମିଟର ଉଚ୍ଚତା ମଧ୍ୟରେ ଦେଖାଯାଉଥିବା ସରଳବର୍ଗୀୟ ଅରଣ୍ୟକୁ କ'ଣ କୁହାଯାଏ ?

(କ) ମୌସୁମୀ (ଖ) ଜୁଆରିଆ (ଗ) ପାର୍ବତ୍ୟ (ଘ) ଆଲ୍‌ପୀୟ

୨. ଭାରତର ସମୁଦାୟ ଆୟତନର ଶତକଡ଼ା ପ୍ରାୟ କେତେ ଭାଗରେ ପଟୁ ମୃତ୍ତିକା ଦେଖାଯାଏ ?

(କ) ୪୩ (ଖ) ୪୫ (ଗ) ୫୫ (ଘ) ୫୭

୩. କେଉଁ ମୃତ୍ତିକାଟି ରୂପାନ୍ତରିତ ଶିଳାରୁ ସୃଷ୍ଟି ?

(କ) ଅରଣ୍ୟ (ଖ) ଲୋହିତ (ଗ) ରେଗୁର (ଘ) ଲାଟେରାଇଟ୍

୪. ଶିଳ୍ପକ୍ଷେତ୍ରରେ ବିନିଯୋଗ ପରିମାଣ ଦୃଷ୍ଟିରୁ କେଉଁ ଖଣିଜପିଣ୍ଡ ସର୍ବାଗ୍ରେ ରହିଛି ?

(କ) ମାଗ୍ନେଟାଇଟ୍ (ଖ) ହେମାଟାଇଟ୍

(ଗ) ଲିମୋନାଇଟ୍ (ଘ) ସିଡ଼େରାଇଟ୍

୫. ଗିରିଡ଼ିହ କୋଇଲା ଖଣି ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?

(କ) ଝାଡ଼ଖଣ୍ଡ (ଖ) ମହାରାଷ୍ଟ୍ର (ଗ) ମଧ୍ୟପ୍ରଦେଶ (ଘ) କର୍ଣ୍ଣାଟକ

୬. ଭାରତର କେଉଁ ରାଜ୍ୟରେ ସର୍ବାଧିକ କୃଷି ଭୂମି ଅଛି ?

(କ) ଜାମ୍ମୁ-କାଶ୍ମୀର (ଖ) ଗୁଜୁରାଟ

(ଗ) ଓଡ଼ିଶା (ଘ) ପଞ୍ଜାବ

୭.କେଉଁଟି କ୍ଷୁଦ୍ର ସୁନ୍ଦର ବନ ଅଞ୍ଚଳର ମୁଖ୍ୟ ବୃକ୍ଷ ?

(କ) ତାଳ (ଖ) ଖଜୁରୀ (ଗ) ହେନ୍ତାଳ (ଘ) ଝାଉଁ

୮. ଲୋହିତ ମୃତ୍ତିକାରେ କେଉଁ ଖଣିଜ ପଦାର୍ଥ ଅଧିକ ଥାଏ ?

(କ) ଲୌହ (ଖ) ଚୂନ (ଗ) ଫସଫରିକ୍ ଅମ୍ଳ (ଘ) ଜୈବାଂଶ

୯. ନିମ୍ନୋକ୍ତ କେଉଁ ମୃତ୍ତିକାଟିର ଉତ୍ତାପ ଓ ଜଳଧାରଣ କ୍ଷମତା ଅଧିକ ?

(କ) କୃଷ୍ଣକାର୍ପାସ୍ (ଖ) ଲାଟେରାଇଟ୍

(ଗ) ଲୋହିତ (ଘ) ପଟୁ

୧୦. ଭୂ-ପୃଷ୍ଠର କୌଣସି ଅଞ୍ଚଳର ପ୍ରାକୃତିକ ଉଦ୍ଭିଦ, ପ୍ରାଣୀ ଅନ୍ୟାନ୍ୟ ଜୀବଜନ୍ତୁ ଓ ପରିସଂସ୍ଥାର ସମଷ୍ଟିକୁ କ'ଣ କୁହାଯାଏ ?

(କ) ଜୈବ ପିରାମିଡ଼୍ (ଖ) ଜୈବ ବିବିଧତା

(ଗ) ଜୈବ ବିବର୍ତ୍ତନ (ଘ) ଜାତି ବିବିଧତା

**ଉତ୍ତର**

୧.(ଘ) ରାମଧାରୀ ସିଂହ ଦିନକର, ୨.(ଗ) ଗ୍ରୀକ୍, ୩.(ଗ) ଜର୍ମାନୀ, ୪.(ଖ) ସ୍ୱାମୀ ବିବେକାନନ୍ଦ, ୫.(କ) ସିତାର, ୬.(ଗ) ଲାଓତ୍‌ସେ, ୭.(ଖ) ତାଞ୍ଜାବୁର, ୮.(ଘ) ଭୁବନେଶ୍ୱର, ୯.(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ୧୦.(କ) ଲୋହଡ଼ି

୧.(ଗ)ପାର୍ବତ୍ୟ,୨.(କ)୪୩,୩.(ଖ)ଲୋହିତ,୪.(ଗ)ଲିମୋନାଇଟ୍, ୫.(କ)ଝାଡ଼ଖଣ୍ଡ,୬.(ଖ)ଗୁଜୁରାଟ,୭.(ଗ)ହେନ୍ତାଳ,୮.(କ)ଲୌହ, ୯.(କ)କୃଷ୍ଣକାର୍ପାସ୍,୧୦.(ଖ)ଜୈବ ବିବିଧତା ।

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କେଉଁ ବିଲ୍‌ଟି ରାଷ୍ଟ୍ରପତିଙ୍କର ପୂର୍ବ ସ୍ୱୀକୃତି ପରେ ସଂସଦରେ ଉପସ୍ଥାପନ କରାଯାଇଥାଏ ?
(କ) ସଂବିଧାନ ସଂଶୋଧନ ବିଲ୍ (ଖ) ନୂତନ ରାଜ୍ୟଗଠନ ବିଲ୍
(ଗ) କୃଷି ବିଲ୍ (ଘ) ଅର୍ଥ ବିଲ୍

୨. ଯଦି କୌଣସି ସଂସଦ ଅଥବା ରାଜ୍ୟ ବିଧାନସଭା ସଦସ୍ୟ ବିନାନୁମତିରେ କେତେଦିନ ଅନୁପସ୍ଥିତ ରହିଲେ ତାହାର ଆସନଟି ଖାଲିହୋଇ ରହିବ ?
(କ)୩୦ ଦିନ (ଖ) ୬୦ ଦିନ (ଗ) ୯୦ ଦିନ (ଘ) ୧୨୦ ଦିନ

୩. ଭୋଟର ତାଲିକା ପ୍ରସ୍ତୁତ କରିବାରେ ଦାୟିତ୍ୱଟି କାହା ଉପରେ ନ୍ୟସ୍ତ ?
(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି
(ଗ) ନିର୍ବାଚନ କମିଶନ (ଘ) ଅର୍ଥ କମିଶନ

୪. ୭୩ ତମ ସଂବିଧାନ ସଂଶୋଧନ ଆଇନ ଅନୁସାରେ କୌଣସି ପଞ୍ଚାୟତ ଭଂଗ ହେଲେ କେତେ ମାସ ମଧ୍ୟରେ ପଞ୍ଚାୟତର ନିର୍ବାଚନ କରିବାକୁ ପଡ଼ିଥାଏ ?
(କ) ୨ ମାସ (ଖ) ୪ ମାସ (ଗ) ୬ ମାସ (ଘ) ୮ ମାସ

୫. ଭାରତରେ କାର୍ଯ୍ୟପାଳିକାର ବାସ୍ତବ ଦାୟିତ୍ୱଗୁଡ଼ିକ କାହା ଉପରେ ନ୍ୟସ୍ତ କରାଯାଇଛି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଅମଲାତନ୍ତ୍ର (ଘ) ପ୍ରଧାନମନ୍ତ୍ରୀଙ୍କ ସହିତ ମନ୍ତ୍ରୀମଣ୍ଡଳ

୬. ଜାତୀୟ ପତାକାର ଲମ୍ବ ଓ ଓସାରର ଅନୁପାତ କେତେ ?
(କ) ୩:୧ (ଖ) ୩:୨ (ଗ) ୩:୩ (ଘ) ୩:୪

୭. ଭାରତରେ ହିନ୍ଦୀଭାଷା ତଳକୁ କେଉଁ ଭାଷାରେ ସର୍ବାଧିକ ଲୋକ କଥାବାର୍ତ୍ତା କରନ୍ତି ?
(କ) ତାମିଲ (ଖ) ବଙ୍ଗଳା (ଗ) ଉର୍ଦ୍ଦୁ (ଘ) ତେଲୁଗୁ

୮. ମିଳିତ ଜାତିସଂଘର ସେକ୍ରେଟାରୀ ଜେନେରାଲ କାହାଦ୍ୱାରା ନିଯୁକ୍ତି ପାଇଥାନ୍ତି ?
(କ) ସିକ୍ୟୁରିଟି କାଉନ୍‌ସିଲ ଦ୍ୱାରା ଅନୁମୋଦିତ (ଖ) ସିକ୍ୟୁରିଟି କାଉନ୍‌ସିଲ ଜାତିସଂଘର ସାଧାରଣ ଅଧିବେଶନ ଦ୍ୱାରା
(ଗ) ବିଶ୍ୱବ୍ୟାଙ୍କ୍ (ଘ) ୟୁ.ଏନ୍.ଇ.ଏସ୍.କୋ (ୟୁନେସ୍କୋ)

୯. ରାମକୃଷ୍ଣ ମିଶନ୍‌ର ପ୍ରତିଷ୍ଠାତା କିଏ ?
(କ) ରାଜା ରାମମୋହନ ରାୟ (ଖ) ସ୍ୱାମୀ ବିବେକାନନ୍ଦ
(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଘ) ରାମକୃଷ୍ଣ ପରମହଂସ

୧୦. ୟୁ.ଏନ୍.ଇ.ଏସ୍.କୋ (ୟୁନେସ୍କୋ) ର ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ?
(କ) ଜେନିଭା (ଖ) ମୋନ୍‌ଟ୍ରେଲ
(ଗ) ପାରିସ୍ (ଗ) ରୋମ

## (୧୭) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁ ଡିଭାଇସ୍‌ଟି ଇନ୍‌ଫରମେସନ୍‌କୁ ଡିଜିଟାଲ ଫର୍ମରେ ପରିବର୍ତ୍ତନ କରିଥାଏ ?
(କ) ଲାଇଟ୍ ପେନ୍ (ଖ) ମର୍ଡ଼ଣ୍ଡ
(ଗ) ମାଉସ୍ (ଘ) ଡିଜିଟାଇଜର୍

୨. ମାଇକ୍ରୋପ୍ରୋସେସର କିଏ ଉଦ୍ଭାବନ କରିଥିଲେ ?
(କ)ଜୋସେଫ୍ ଜାକ୍‌ୱାର୍ଡ଼ (ଖ) ହରମାନ୍ ଏଚ୍ ଗୋଲ୍ଡଷ୍ଟେନ୍
(ଗ) ମାର୍ସିଆନ୍ ଇ. ହଫ୍ (ଘ) ଜୋନାଥ୍ ସ୍ମିଥ୍

୩. ALU କେଉଁ କାର୍ଯ୍ୟଟି କରିଥାଏ ?
(କ) ଲଗାରିଦମ୍ (ଖ) ଆଲ୍‌ଗୋରିଦମ୍
(ଗ) ଏରିଥ୍‌ମେଟିକ୍ (ଘ) ଏ.ଏସ୍.ସି.ଏଲ୍.ଏଲ୍

୪. ସିପିୟର୍ ଚିପ୍‌ଟି କେଉଁଟି ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ?
(କ) ଗୋଲ୍ଡ଼ (ଖ) ସିଲିକା
(ଗ) କପର (ଘ) ଆଇରନ

୫. ପାଲ୍‌ମଟପ୍ କଂପୁଟରକୁ କ'ଣ କୁହାଯାଏ ?
(କ) ପରସ୍‌ନାଲ କମ୍ପ୍ୟୁଟର (ଖ) ହ୍ୟାଣ୍ଡହେଲ୍ଡ କମ୍ପ୍ୟୁଟର
(ଗ) ନୋଟ୍‌ବୁକ୍ କମ୍ପ୍ୟୁଟର (ଘ) ଟାବଲେଟ୍ ପି.ସି

୬. ପ୍ରତ୍ୟେକ କଂପୁଟରରେ କେଉଁଟି ନିହାତି ଆବଶ୍ୟକ ?
(କ) ଭାଇରସ୍ ନିରୀକ୍ଷଣ ପୋଗ୍ରାମ୍ (ଖ) ପ୍ରିଣ୍ଟର
(ଗ) ଅପରେଟିଂ ସିଷ୍ଟମ୍ (ଘ) ୱାର୍ଡ଼ ପ୍ରୋସେସିଂ ସଫ୍ଟୱୟାର୍

୭. କମ୍ପ୍ୟୁଟର ତଥ୍ୟ ସଂଗ୍ରହ କରିଥାଏ, ଯାହାର ଅର୍ଥ ସେଗୁଡ଼ିକ ବ୍ୟବହାରକାରୀ ତଥ୍ୟକୁ କ'ଣ କରିଥାଏ ?
(କ) ଇନ୍‌ପୁଟ୍ (ଖ) ଆଉଟ୍‌ପୁଟ୍
(ଗ) ପ୍ରେଜେଣ୍ଟ (ଘ) ଷ୍ଟୋର୍

୮. କମ୍ପ୍ୟୁଟର କେଉଁ ମସିହାରେ ଇନ୍‌ଟେଟ ୩୨ - ବିଟ୍ ୩୮୬ ଡିଏକ୍ସ ସିପିୟୁ ପ୍ରଥମଥର ପାଇଁ ଆରମ୍ଭ କରିଥିଲା ?
(କ) ୧୯୮୩ (ଖ) ୧୯୮୫
(ଗ) ୧୯୮୮ (ଘ) ୧୯୮୯

୯. କମ୍ପ୍ୟୁଟରରେ ଆଉଟ୍‌ପୁଟ୍ ଦେଖିବାପାଇଁ କେଉଁଟି ଆବଶ୍ୟକ ?
(କ) ସ୍କାନର (ଖ) କି-ବୋର୍ଡ଼
(ଗ) ମାଉସ୍ (ଘ) ମନିଟର

୧୦. କମ୍ପ୍ୟୁଟରର ଏରର୍ (Error) କୁ କ'ଣ କୁହାଯାଏ ?
(କ) ଷ୍ଟୋରେଜ୍ ଡିଭାଇସ (ଖ) ସି.ପି.ୟୁ
(ଗ) ଚିପ୍ (ଘ) ବଗ୍ (Bug)

**ଉତ୍ତର**

୧.(ଘ)ଅର୍ଥବିଲ୍, ୨.(ଖ)୬୦ଦିନ, ୩.(ଗ)ନିର୍ବାଚନକମିଶନ, ୪.(ଗ)୬ମାସ, ୫.(ଘ)ପ୍ରଧାନମନ୍ତ୍ରୀଙ୍କ ସହିତ ମନ୍ତ୍ରୀମଣ୍ଡଳ, ୬.(ଖ)୩:୨, ୭.(ଖ)ବଙ୍ଗଳା, ୮.(କ) ସିକ୍ୟୁରିଟି କାଉନ୍‌ସିଲ ଦ୍ୱାରା ଅନୁମୋଦିତ ଜାତିସଂଘର ସାଧାରଣ ଅଧିବେଶନ ଦ୍ୱାରା, ୯.(ଖ) ସ୍ୱାମୀ ବିବେକାନନ୍ଦ, ୧୦.(ଗ) ପାରିସ୍

୧.(ଘ)ଡିଜିଟାଇଜର, ୨.(ଗ)ମାର୍ସିଆନ ଇ. ହଫ୍, ୩.(ଗ) ଏରିଥ୍‌ମେଟିକ୍, ୪.(ଖ)ସିଲିକା, ୫.(ଖ)ହ୍ୟାଣ୍ଡହେଲ୍ଡ କମ୍ପ୍ୟୁଟର, ୬.(ଗ)ଅପରେଟିଂସିଷ୍ଟମ୍, ୭.(କ)ଇନ୍‌ପୁଟ୍, ୮.(ଖ)୧୯୮୫, ୯.(ଘ) ମନିଟର, ୧୦.(ଘ) ବଗ୍ (Bug) ।

ସୁଖ ଓ ଦୁଃଖ ଦୁଇଟିଯାକ ମାନବକୁ ବିଶ୍ୱପିତାଙ୍କର ଦାନବୋଲି ଭାବିବା ଉଚିତ୍ ।
ସୁଖରେ ଅତ୍ୟନ୍ତ ଅଧୀର ଓ ଦୁଃଖରେ କାତର ହୁଅନାହିଁ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ୪୪ ମିଟର ଦୀର୍ଘ ତାରରୁ ସାତ ସେ.ମି ବ୍ୟାସାର୍ଦ୍ଧ ବିଶିଷ୍ଟ କେତୋଟି ବୃତ୍ତ ତିଆରି କରାଯାଇପାରିବ ?
(କ) ୧୦୦ ଟି (ଖ) ୧୦ ଟି (ଗ) ୪୦ ଟି (ଘ) ୧ ଟି

୨. ଗୋଟିଏ ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ ଏହାର ଉଚ୍ଚତା ସଂଗେ ସମାନ। ଏକ ଗୋଲକ ବ୍ୟାସାର୍ଦ୍ଧ ଉକ୍ତ ସିଲିଣ୍ଡରର ବ୍ୟାସାର୍ଦ୍ଧ ସଂଗେ ସମାନ ହେଲେ, ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ ଏବଂ ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ କେତେ ?
(କ) ୧:୧ (ଖ) ୨:୧ (ଗ) ୧:୩ (ଘ) ୪:୩

୩. ଗୋଟିଏ ବୃତ୍ତର ପରିଧି ଯେତିକି ସେଣ୍ଟିମିଟର ଏହାର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି, ତେବେ ବୃତ୍ତର ବ୍ୟାସ କେତେ ସେ.ମି ?
(କ) ୪ (ଖ) ୩ (ଗ) ୨ (ଘ) ୧

୪. ଘ^୨ - ଘ - ୨ = ୦, ଦୁଇଘାତ ସମୀକରଣର ପ୍ରଭେଦଟି କେତେ ?
(କ) ୧ (ଖ) ୨ (ଗ) ୮ (ଘ) ୯

୫. ଗୋଟିଏ ସଂଖ୍ୟା ଓ ତାହାର ବ୍ୟୁତକ୍ରମର ଅନ୍ତର ୨ ଅଟେ। ସଂଖ୍ୟାଟିକୁ ଘ କୁ ନେଇ ଗୋଟିଏ ଦୁଇଘାତ ସମୀକରଣ ଗଠନ କଲରେ ସମୀକରଣଟି କେତେ ହେବ ?
(କ) ଘ^୨ - ୨ଘ - ୧ = ୦ (ଖ) ଘ^୨ + ୨ଘ - ୧ = ୦
(ଗ) ଘ^୨ - ୨ଘ + ୧ = ୦ (ଘ) ଘ^୨ + ୨ଘ + ୧ = ୦

୬. ଗୋଟିଏ ପାତ୍ରରେ ୫ଟି ନାଲି, ୬ଟି ସବୁଜ ଓ ୪ଟି ନୀଳ ମାର୍ବଲ ଅଛି । ପାତ୍ରରୁ ଯଦୃଚ୍ଛା ଗୋଟିଏ ନାଲ ମାର୍ବଲ ବାହାର କରିବାର ସଂଭାବ୍ୟତା କେତେ ?
(କ) ୧/୩ (ଖ) ୧/୫ (ଗ) ୧/୨ (ଘ) ୧/୬

୭. ୩, ୫, ୭, ୩, ୮, ୫, ୮, ୭ ଲବ୍ଧାଙ୍କମାନଙ୍କର ଗରିଷ୍ଠକ କେତେ ?
(କ) ୩ (ଖ) ଗରିଷ୍ଠକ ନାହିଁ
(ଗ) ୭ (ଘ) ୫

୮. ଗୋଟିଏ ତଥ୍ୟାବଳୀର ମଧ୍ୟମା ୫୨, ମାଧ୍ୟମାନ ୫୩, ତେବେ ତଥ୍ୟାବଳୀର ଗରିଷ୍ଠକ କେତେ ?
(କ) ୫୦ (ଖ) ୫୧ (ଗ) ୫୨ (ଘ) ୫୩

୯. ପ୍ରଥମ ଦଶଗୋଟି ଧନାତ୍ମକ ଯୁଗ୍ମସଂଖ୍ୟାର ମଧ୍ୟମା କେତେ ?
(କ) ୧୦ (ଖ) ୧୦.୫ (ଗ) ୧୧ (ଘ) ୧୧.୫

୧୦. (-୧, -୧) ବିନ୍ଦୁଟି ଗ୍ରାଫ୍ କାଗଜର କେଉଁ ପାଦରେ ଅବସ୍ଥିତ ?
(କ) ୧ମ (ଖ) ୨ୟ (ଗ) ୩ୟ (ଘ) ୪ର୍ଥ

## (୧୯) ସାଧାରଣ ବିଜ୍ଞାନ

୧. ଜୀବ ବିଜ୍ଞାନ ୨ ଭାଗରେ ବିଭକ୍ତ – ସେ ଦୁଇଟି କ'ଣ ?
(କ) ଜଡ଼ ଓ ଜୀବ ବିଜ୍ଞାନ (ଖ)ପ୍ରାଣୀ ଓ ଜୀବ ବିଜ୍ଞାନ
(ଗ)ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ (ଘ)ପଦାର୍ଥ ଓ ରସାୟନ ବିଜ୍ଞାନ

୨. ବିଜ୍ଞାନର ଅନୁଶୀଳନରେ ଆମେ ସର୍ବତ୍ର କାହାର ଅବସ୍ଥିତି ବିଭିନ୍ନ ଅବସ୍ଥାରେ ଜାଣିବାକୁ ପାଉ ?
(କ) ଈଶ୍ୱର (ଖ) ଜ୍ଞାନ
(ଗ) ଶକ୍ତି (ଘ) ପଞ୍ଚଭୂତ

୩. କାହାର ଆପେଣ୍ଡିକ୍ସ ଏକ ଅବଶେଷାଙ୍ଗ ?
(କ) ବାଘ (ଖ) ଭାଲୁ
(ଗ) ସିଂହ (ଘ) ମଣିଷ

୪. କେଉଁ ଶକ୍ତିଟି ନବୀକରଣ ଯୋଗ୍ୟ ନୁହେଁ ?
(କ) ଭୂତାପଜ (ଖ) ସମୁଦ୍ର ତରଙ୍ଗ
(ଗ) ନାଭିକୀୟ (ଘ) କୋଇଲା

୫. ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ଉପାଦାନ କ'ଣ ?
(କ) ମିଥେନ୍ (ଖ) ଅମ୍ଳଜାନ
(ଗ) ଅଙ୍ଗାରକାମ୍ଳ (ଘ) ଯବକ୍ଷାରଜାନ

୬. କେଉଁଟି ଚଳରେଣୁ ଦ୍ୱାରା ବଂଶ ବୃଦ୍ଧି କରେ ?
(କ) ଇଷ୍ଟ (ଖ) ବିଜାଣୁ
(ଗ) ପେନିସିଲିୟମ୍ (ଘ) ଇଉଲୋଥ୍ରିକ୍ସ

୭. କେଉଁ ପ୍ରାଣୀର ଦୁଇଟି ମୂତ୍ରାଶୟ ଶରୀର ଭିତରେ ଥାଏ ?
(କ) ମଣିଷ (ଖ) ବାଘ
(ଗ) ମାଙ୍କଡ଼ (ଘ) ହାତୀ

୮. କେଉଁ ପ୍ରକାରର କୋଇଲାରୁ ଅଧିକ ଶକ୍ତି ମିଳିଥାଏ ?
(କ) ବିଟୁମିନ୍‌ସ (ଖ) ଆଂଥ୍ରାସାଇଟ୍
(ଗ) ଲିଗ୍‌ନାଇଟ୍ (ଘ) ପିଟ୍

୯. ଫୁସ୍‌ଫୁସ୍ ଶିରା ହୃତପିଣ୍ଡର କେଉଁ ଅଂଶ ସହ ସଂଯୁକ୍ତ ?
(କ) ଦକ୍ଷିଣ ଅଳିନ୍ଦ (ଖ) ବାମ ଅଳିନ୍ଦ
(ଗ) ଦକ୍ଷିଣ ନିଳୟ (ଘ) ବାମ ନିଳୟ

୧୦. କେଉଁଟି ଅଗ୍ର ମସ୍ତିଷ୍କର ଅଂଶ ନୁହେଁ ?
(କ) ଘ୍ରାଣପାଳି (ଖ) ପ୍ର.ମସ୍ତିଷ୍କ
(ଗ) ଅନୁମସ୍ତିଷ୍କ (ଘ) ପଶ୍ଚ ଅଗ୍ର ମସ୍ତିଷ୍କ

**ଉତ୍ତର**

୧.(କ)୧୦୦ ଟି, ୨.(ଖ)୨:୧, ୩.(କ)୪, ୪.(ଘ)୯, ୫.(କ) $x^2 - 2x - 1 = 0$, ୬.(କ) ୧/୩, ୭.(ଖ) ଗରିଷ୍ଠକ ନାହିଁ, ୮.(କ) ୫୦, ୯.(ଗ)୧୧, ୧୦.(ଗ)୩ୟ ।

୧.(ଗ)ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ, ୨.(ଗ)ଶକ୍ତି, ୩.(ଘ)ମଣିଷ, ୪.(ଘ)କୋଇଲା, ୫.(କ)ମିଥେନ୍, ୬.(ଘ) ଇଉଲୋଥ୍ରିକ୍ସ, ୭.(ଘ) ହାତୀ, ୮.(ଖ)ଆଂଥ୍ରାସାଇଟ୍, ୯.(ଘ)ବାମ ନିଳୟ, ୧୦.(ଗ) ଅନୁମସ୍ତିଷ୍କ ।

ମନୁଷ୍ୟ ଯେତେବେଳେ ଭଲମନ୍ଦ, ସୁଖ ଦୁଃଖ, ଅନ୍ଧାର ଆଲୋକର ଭେଦ ଭୁଲିଯାଏ ଏବଂ ଭଗବତ ଉଦ୍ଦେଶ୍ୟରେ କର୍ତ୍ତବ୍ୟ କରିଥିଲେ ସେତେବେଳେ ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ।

## (୨୦) କଳାହାଣ୍ଡି ଜିଲ୍ଲା




୧. ଜିଲ୍ଲାର ନାମ - କଳାହାଣ୍ଡି

୨. ଗଠନ - ୧ ଜାନୁୟାରୀ, ୧୯୪୯

୩. କ୍ଷେତ୍ରଫଳ - ୭୯୨୦ ବର୍ଗ.କି.ମି

୪. ଜନସଂଖ୍ୟା - ସମୁଦାୟ -୧୫୭୩୦୪୫

(କ) ପୁରୁଷ - ୭୮୫୧୭୯

(ଖ) ମହିଳା - ୭୮୭୮୭୫

୫. ଉପଖଣ୍ଡ - ୦୨(ଭବାନୀପାଟଣା ଓ ଧର୍ମଗଡ଼)

୬. ତହସିଲ - ୧୩

୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ(ବ୍ଲକ୍)- ୧୩

୮. ଗ୍ରାମ ପଞ୍ଚାୟତ - ୨୭୩

୯. ଗ୍ରାମ - ୨୨୫୩

୧୦. ଥାନା - ୧୫

୧୧. ପୌରସଂସ୍ଥା (ମ୍ୟୁନିସିପାଲିଟି) - ୦୧

୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୦୨

୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୭୭.ଲାଞ୍ଜିଗଡ଼ (ST), ୭୮. ଜୁନାଗଡ଼, ୭୯.ଧର୍ମଗଡ଼, ୮୦.ଭବାନୀପାଟଣା (SC), ୮୧.ନରଲା

୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୧୪୧୧୧ (୯୪୭)

୧୫. ସାକ୍ଷରତା ହାର - ୬୦.୨୨%

୧୬. ପୁରୁଷ ସାକ୍ଷରତା ହାର - ୭୩.୩୪%

୧୭. ମହିଳା ସାକ୍ଷରତା ହାର - ୪୭.୨୭%

୧୮. ଜନସଂଖ୍ୟା ବୃଦ୍ଧି ହାର - ୧୭.୭୯%

୧୯. ଜନସଂଖ୍ୟା ଘନତ୍ୱ - ୧୯୯ ପ୍ରତି ବର୍ଗ କି.ମି

୨୦. ମହିଳା ସଂଖ୍ୟା - ୧୦୦୩ (୧୦୦୦ ପୁରୁଷରେ)

୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୪୯

୨୨. ନିଆଁଲିଭା କେନ୍ଦ୍ର - ୩

୨୩. ଲୋକସଭା ଆସନ ସଂଖ୍ୟା - ୧

୨୪. ଜଙ୍ଗଲ ଜମି - ୨୫୩୮.୦୧ ବର୍ଗ କି.ମି

୨୫. ହାରାହାରି ତାପମାତ୍ରା - ସର୍ବନିମ୍ନ ୮.୦°- ସର୍ବୋଚ୍ଚ ୪୯.୦°

୨୬. ସାଧାରଣ ବୃଷ୍ଟିପାତ - ୧୩୩୦.୫ ମି.ମି.

୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୦୮

୨୮.ପର୍ଯ୍ୟଟନସ୍ଥଳୀ - ଭବାନୀପାଟଣା, ଆମାଥଗଡ଼, ଅମ୍ପାନୀ ପର୍ବତ ଓ ଜଙ୍ଗଲ, ଅସୁରଗଡ଼, ବେଲଖଣ୍ଡି ଧବଳେଶ୍ୱର ମନ୍ଦିର, ଧର୍ମଗଡ଼, ଗୁଡ଼ହାଣ୍ଡି, କୁସୁରଲା ନୀଳକଣ୍ଠେଶ୍ୱର ମନ୍ଦିର, ଫୁର୍ଲି ଝରଣା

## ପର୍ବପର୍ବାଣୀ

### ଜାନୁଆରୀ ୨୦୨୧

| | |
|---|---|
| ତା.୧ | ଇଂରାଜୀ ନୂତନ ବର୍ଷ ସନ ୨୦୨୧ ମସିହା ପ୍ରବେଶ |
| ତା.୯ | ସଫଳା ଏକାଦଶୀ ଓ ହଳ ନିଷେଧ |
| ତା.୧୧ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ତା.୧୨ | ଗୁହିଶାଂ ବକୁଳ ଲାଗି ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି |
| ତା.୧୩ | ଅମାବାସ୍ୟା, ଶ୍ରୀମନ୍ଦିରେ ବକୁଳ ଲାଗି, ନବାଙ୍କ ବେଢ଼ା, ଶରଣ ଆରମ୍ଭ ଓ ମାସାନ୍ତ |
| ତା.୧୪ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା ଓ ହଳ ନିଷେଧ |
| ତା.୧୭ | ଶରଣ ଶେଷ |
| ତା.୨୩ | ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା |
| ତା.୨୪ | ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ ଓ ହଳ ନିଷେଧ |
| ତା.୨୬ | ୭୨ ତମ ସାଧାରଣତନ୍ତ୍ର ଦିବସ |
| ତା.୨୭ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ତା.୨୮ | ଦେବାଭିଷେକ ପୂର୍ଣ୍ଣିମା, ରାଜାଭିଷେକ, ପୁଷ୍ୟାଭିଷେକ ଓ ଚନ୍ଦ୍ରପୂଜା |
| ତା.୨୯ | ମାଘ ବ୍ରତାରମ୍ଭ |

### ଫେବ୍ରୁଆରୀ ୨୦୨୧

| | |
|---|---|
| ତା.୧ | ସଙ୍କଟ ଚତୁର୍ଥୀ ବ୍ରତ |
| ତା.୭ | ଷଟ୍‌ତିଳା ଏକାଦଶୀ ଓ ଓଳାଶୁଣି ଗୁମ୍ଫା ମେଳା |
| ତା.୯ | ଶରଣ ଆରମ୍ଭ |
| ତା.୧୦ | ରଟନ୍ତୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା |
| ତା.୧୧ | ତ୍ରିବେଣୀ ଅମାବାସ୍ୟା, ମା' ବିରଳା ଦେବୀଙ୍କ ଜନ୍ମୋତ୍ସବ, ଚନ୍ଦ୍ରକ୍ଷୟ, ନିଶିପାଳନ, ହ.ନି ଓ ମାସାନ୍ତ |
| ତା.୧୨ | କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ |
| ତା.୧୩ | ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ ଓ ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ତା.୧୪ | ଶରଣ ଶେଷ |
| ତା.୧୫ | ବରଦା ଚତୁର୍ଥୀ |
| ତା.୧୬ | ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା ଓ ଶ୍ରୀ ମନ୍ଦିରେ ବସନ୍ତୋତ୍ସବ |
| ତା.୧୯ | ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ସ୍ନାନ |
| ତା.୨୦ | ଭୀଷ୍ମାଷ୍ଟମୀ |
| ତା.୨୩ | ଭୈମୀ ଏକାଦଶୀ, ବ୍ୟାସ ସରୋବର ମେଳା ଓ ହ.ନି |
| ତା.୨୪ | ବରାଗ ଦ୍ୱାଦଶୀ |
| ତା.୨୫ | ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ତା.୨୬ | ଅଗ୍ନ୍ୟୁତ୍ସବ, ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା |
| ତା.୨୭ | ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ ଓ ଗଜ ଉଦ୍ଧାରଣ ବେଶ |


## ବିଭିନ୍ନ ଦିବସ ପାଳନ

### ଜାନୁଆରୀ ୨୦୨୧

| | |
|---|---|
| ତା ୧ - | ବିଶ୍ୱ ପରିବାର ଦିବସ, ବିଶ୍ୱ ଶାନ୍ତି ଦିବସ, |
| ତା ୩ - | ନିରବତା ଦିବସ |
| ତା.୬ | ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ. |
| ତା ୯ - | ପ୍ରବାସୀ ଭାରତୀୟ ଦିବସ |
| ତା ୧୦- | ବିଶ୍ୱ ହସ ଦିବସ |
| ତା ୧୨- | ଜାତୀୟ ଯୁବ ସଂକଳ୍ପ ଦିବସ ବିବେକାନନ୍ଦ ଜୟନ୍ତୀ |
| ତା ୧୫- | ସେନା ଦିବସ |
| ତା ୨୩- | ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ |
| ତା ୨୫- | ଜାତୀୟ ଭୋଟର ଦିବସ ପର୍ଯ୍ୟଟନ ଦିବସ |
| ତା ୨୬- | ସାଧାରଣତନ୍ତ୍ର ଦିବସ |

### ଫେବ୍ରୁଆରୀ ୨୦୨୧

| | |
|---|---|
| ତା ୦୨ | - ବିଶ୍ୱ ଆର୍ଦ୍ରତା ଦିବସ, |
| ତା ୦୪ | - ବିଶ୍ୱ କ୍ୟାନସର ଦିବସ, |
| ତା ୧୩ | - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ |
| ତା ୧୪ | - ଭାଲେଣ୍ଟାଇନ୍ ଦିବସ, |
| ତା ୨୦ | - ବିଶ୍ୱ ସାମାଜିକ ନ୍ୟାୟ ଦିବସ, |
| ତା ୨୧ | - ଅନ୍ତର୍ଜାତିକ ମାତୃଭାଷା ଦିବସ, |
| ତା ୨୨ | - ଅନ୍ତର୍ଜାତିକ ସ୍କାଉଟ ଦିବସ, |
| ତା ୨୪ | - ସେଣ୍ଟ୍ରାଲ ଏକସାଇଜ୍ ଦିବସ, |
| ତା ୨୮ | - ଜାତୀୟ ବିଜ୍ଞାନ ଦିବସ, |













ଆମରିସତ୍ୟ
AMARISATYA

୨୦୨୦

ସଂଖ୍ୟା












RNI Regn. No. - ODIODI/2010/35051

Volume-11 I Issue No. - 6 I Monthly I December-2020 I RNI Regn. No. ODIODI/2010/35051 I Page-52




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From To.

M-1/5, M.P.H.B. Colony
Post- P.N. College,
Dist-Khurda, Pin-752057